ନଟ ସମ୍ରାଟ

ବି. ବା. ଶିରବାଡ଼କର

Digitized by srujanika@gmail.com

ଅନ୍ତର୍ଭାରତୀୟ ପୁସ୍ତକମାଳା

ନଟ ସମ୍ରାଟ

ବି. ବା ଶିରବାଡ଼କର

ଅନୁବାଦ

ଗୋପାଳ ଛୋଟରାୟ

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

ISBN-81-237-0447-X

1994 (ଶକାବ୍ଦ 1915)

© ବି.ବା. ଶିରବାଡ଼କର, 1976

ଓଡ଼ିଆ ଅନୁବାଦ © ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, 1994

ଟ. 25.00

Marathi original: Natsamrat.

Oriya translation: Natsamrat

ନିର୍ଦ୍ଦେଶକ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ଏ–5, ଗ୍ରୀନ୍ ପାର୍କ,
ନୂଆ ଦିଲ୍ଲୀ - 110 016 କର୍ତ୍ତୃକ ପ୍ରକାଶିତ ।

Digitized by srujanika@gmail.com

ଭୂମିକା

ମରାଠୀ ସାହିତ୍ୟର ଇତିହାସ ଜ୍ଞାନେଶ୍ୱର-ପୂର୍ବ-କାଳରୁ ଉପଲବ୍ଧ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଇଂରେଜ ଶାସନ କାଳ ପର୍ଯ୍ୟନ୍ତ ସାହିତ୍ୟର ଇତିହାସରେ ଗୋଟିଏ ହେଲେ ନାଟକର ଉଲ୍ଲେଖ ନାହିଁ । ଏହି ସବୁ ସାହିତ୍ୟ ପ୍ରାୟ ଭାଷାନ୍ତରିତ ହୋଇଛି ଓ ଜ୍ଞାନେଶ୍ୱରଙ୍କଠାରୁ ଆରମ୍ଭ କରି ମୁକ୍ତେଶ୍ୱରଙ୍କ ପର୍ଯ୍ୟନ୍ତ ଅନେକ ପ୍ରତିଭାବାନ ସାହିତ୍ୟକାରଙ୍କ କୃତିରେ ଏହି ସାହିତ୍ୟ ସମୃଦ୍ଧ । ଏହି ସାହିତ୍ୟରେ ଅନେକ 'ଗୀତା-ଭାଷ୍ୟ' ରହିଛି । 'ସ୍ୱୟଂବର' ଗୁଡ଼ିକ ତ ଅଗଣନୀୟ । ଆର୍ଯ୍ୟ ମହାକାବ୍ୟଗୁଡ଼ିକର କଥା ଉପରେ ଆଧାରିତ କାବ୍ୟ ରଚନା ଏଥିରେ ବିପୁଳ ମାତ୍ରାରେ ମିଳେ । କିନ୍ତୁ ନୂତନ ନାଟକ ଲେଖିବାର ପ୍ରେରଣା ତ ଦୂରର କଥା, 'ଶାକୁନ୍ତଳ-ଉତ୍ତର ରାମଚରିତ' ପରି ଅଭିଜାତ ନାଟ୍ୟରଚନାକୁ ଅନୁବାଦ କରିବାର ପ୍ରେରଣାର ମଧ୍ୟ ଏଥିରେ ସର୍ବଥା ଅଭାବ ରହିଛି । 'କାବ୍ୟେଷୁ ନାଟକ ରମ୍ୟମ୍' ତଥା 'ନବରସାଂମାଝାରୀ ଶୃଙ୍ଗାର'କୁ ହାସ୍ୟରସକୁଶଳ ମାନୁଥିବା ଏହି 'ସୁସଂସ୍କୃତ' ସାହିତ୍ୟକାରମାନଙ୍କୁ କବିକୁଳଗୁରୁ କାଳିଦାସଙ୍କର 'ଶାକୁନ୍ତଳମ୍' ମଧ୍ୟ ଅନୁବାଦ କରିବାକୁ ହୁଏତ ପ୍ରେରଣା ମିଳିନାହିଁ । ଆଉ ପ୍ରାୟ ଶହେ ପଚିଶ ବର୍ଷ ପୂର୍ବେ 'ଅସଂସ୍କୃତ' ମରାଠୀ ନାଟକ 'ସୀତା ସ୍ୱୟମ୍ବର' (ଅର୍ଥାତ୍ ପୁଣି କେବଳ ସ୍ୱୟମ୍ବର) ରଂଗଭୂମି ଉପରେ ଅବତୀର୍ଣ୍ଣ ହେବାର ଉଲ୍ଲେଖ, ମରାଠୀ ସାହିତ୍ୟର ଇତିହାସରେ ନିଶ୍ଚିତ ଭାବେ କରାଯାଇଛି ।

ଆଜି ଆମେ ଯାହାକୁ ମରାଠୀ ନାଟକ ବୋଲି କହୁଛୁ, ତାହା ସଂସ୍କୃତ ନାଟକର ଉତ୍ତର ଦାନ ହେଲେ ମଧ୍ୟ, ତାହା ନାଟକୀୟ ଭାବେ ପାଶ୍ଚାତ୍ୟ ନାଟକ ଦ୍ୱାରା ପ୍ରଭାବିତ । ଯାହାକୁ ପ୍ରକୃତ ମରାଠୀ ନାଟକ ବୋଲି ଧରାଯାଏ, ତାହା ପ୍ରାୟ ଶହେ ବର୍ଷ ପୁରୁଣା । ଏହି ଶହେ ବର୍ଷର ପୂର୍ବାର୍ଦ୍ଧର ନାଟକ ଉପରେ ଶେକ୍ସପିୟରଙ୍କ ପ୍ରଭାବ ଓ ଉତ୍ତରାର୍ଦ୍ଧର ନାଟକଗୁଡ଼ିକ ଉପରେ ଇବସନ୍‌ଙ୍କ ପ୍ରଭାବ ପରିଲକ୍ଷିତ । କିର୍ଲୋସ୍କରଙ୍କ ଦ୍ୱାରା ପ୍ରବର୍ତ୍ତିତ ସଂଗୀତ-ନାଟକ ଏହି ଶହେ ବର୍ଷର ପୂର୍ବାର୍ଦ୍ଧରେ ଅତ୍ୟନ୍ତ ଲୋକପ୍ରିୟ ଥିଲା । ଆଉ ଉତ୍ତରାର୍ଦ୍ଧରେ ଯଦିଓ ଏହି ସଂଗୀତ-ନାଟକର ପ୍ରବାହ କ୍ଷୀଣ ହେବା ଦୃଷ୍ଟିଗୋଚର ହୋଇଥିଲା, ତଥାପି ଏହା ଅବାଧ ଓ

Digitized by srujanika@gmail.com

ଅଖଣ୍ଡ ଥିଲା । ପୁନର୍ବାର ଏହି ନାଟକ ଗୁଡିକର ବିଷୟବସ୍ତୁ ସାଧାରଣତଃ ପୌରାଣିକ ଓ କେବେ କେମିତି ଐତିହାସିକ ମଧ୍ୟ । କିର୍ଲୋସ୍କାରଙ୍କ ପ୍ରଥମ ଲୋକପ୍ରିୟ ନାଟକ ଥିଲା 'ଶାକୁନ୍ତଳ' । ତାଙ୍କର ଦ୍ୱିତୀୟ ନାଟକ ଥିଲା 'ସୌଭଦ୍ର', ଯାହାକି ଚିରକାଳ ଲୋକପ୍ରିୟ ହୋଇ ରହିଥିଲା । କୋଲ୍ହଟକରଙ୍କ ପରି ବିରଳ ନାଟକକାରଙ୍କର ନାଟ୍ୟ–ବସ୍ତୁ (ମୂକନାୟକ – ବୀରତନୟ ସଦୃଶ) କାଳ୍ପନିକ ବୋଲି ପ୍ରତୀତ ହେଲେ ମଧ୍ୟ ସେହି ନାଟ୍ୟ–ବସ୍ତୁ ଉପରେ ସମକାଳୀନ ପ୍ରଶ୍ନଗୁଡିକର ପ୍ରକ୍ଷେପଣ ସହଜ ଓ ସ୍ପଷ୍ଟଭାବେ ଆନନ୍ଦଦାୟକ ।

ପୂର୍ବାର୍ଦ୍ଧ ଶତାବ୍ଦୀର ଏହି ନାଟକ ପ୍ରବୃତ୍ତି ଦୃଷ୍ଟିରୁ ରୋମାଣ୍ଟିକର । ଏହି ସମୟର ଅନ୍ୟ ତିନିଜଣ ପ୍ରମୁଖ ନାଟକକାର ହେଲେ ଦେବଲ, ଖାଡିଲକର ଓ ଗଡକରୀ । ଏମାନଙ୍କ ମଧ୍ୟରୁ ଦେବଲ ନାଟ୍ୟାନୁବାଦରେ ନିପୁଣ ଓ ତାଙ୍କର 'ମୃଚ୍ଛକଟିକ' ପରି 'ଅଥେଲୋ'ର ନାଟ୍ୟାନୁବାଦ ମଧ୍ୟ ଏକ ସମୟରେ ମରାଠୀ ରଙ୍ଗଭୂମି ଉପରେ ପ୍ରଭାବ ବିସ୍ତାର କରିଥିଲା । କିନ୍ତୁ ଦେବଲଙ୍କର ଯେଉଁ ଦୁଇଟି ନାଟକ ଏକ ବିଶେଷ ଦୃଷ୍ଟିରୁ ଇତିହାସ ସୃଷ୍ଟି କରିଛି, ତନ୍ମଧ୍ୟରୁ ଗୋଟିଏ ହେଉଛି 'ଶାରଦା' ଓ ଅନ୍ୟଟି 'ସଂଶୟ କଲ୍ଲୋଳ' । 'ଶାରଦା' ମରାଠୀ ଭାଷାରେ ପ୍ରଥମ ମହତ୍ତ୍ୱପୂର୍ଣ୍ଣ ସାମାଜିକ ନାଟକ ଥିଲା ଓ ତାର ବିଷୟବସ୍ତୁ ଥିଲା ଜରଠ କୁମାରୀ–ବିବାହ । ଗତ ଶତାବ୍ଦୀର ଶେଷ ଦଶକର ଅନ୍ତକାଳରେ ଅର୍ଥାତ୍ ରୋମାଣ୍ଟିକ ନାଟକର କାଳଖଣ୍ଡରେ ଏହି ନାଟକ ପ୍ରଥମ ଥର ପାଇଁ ଅଭିନୀତ ହୋଇଥିଲା ଓ ଏହି ନାଟକ ପ୍ରଥମ ଥର ପାଇଁ ମରାଠୀ ନାଟକକୁ ଯଥାର୍ଥବାଦ ସହ ପରିଚିତ କରାଇଥିଲା । 'ସଂଶୟ କଲ୍ଲୋଳ' ଅନୁବାଦିତ ନାଟ୍ୟବସ୍ତୁ ହୋଇଥିଲେ ମଧ୍ୟ, ତାହା ନାଟକ ପରଂପରାର ଏକ ଅପ୍ରତିଭ ହାସ୍ୟୋଦ୍ଦୀପକ କମେଡି । କାଳକ୍ରମେ ତତ୍କାଳୀନ ସାମାଜିକ ସମସ୍ୟାର ମୂଲ୍ୟ ନିର୍ଦ୍ଧାରଣ କରୁଥିବା 'ଶାରଦା' ନାଟକର ପ୍ରାୟୋଗିକ ଲୋକପ୍ରିୟତା ଯଦିଓ ପରବର୍ତ୍ତୀ ସମୟରେ ଅବ୍ୟାହତ ରହିଥିଲା, 'ସଂଶୟ କଲ୍ଲୋଳ'ର ଲୋକପ୍ରିୟତା ଏବେ ମଧ୍ୟ ଅବ୍ୟାହତ ରହିଛି । ଏହାର କାରଣ ହେଉଛି ଏହି ନାଟକ କାଳାତୀତ ଅହଂ ଭାବର ହାସ୍ୟାତ୍ମକ ଗୋଲକଧନ୍ଦା ପ୍ରସ୍ତୁତ କରୁଛି । 'ଶାରଦା'ର ପ୍ରବୃତ୍ତି କରୁଣ ଓ ଗମ୍ଭୀର ହୋଇଥିବା ସ୍ଥଳେ 'ସଂଶୟ କଲ୍ଲୋଳ'ର ଭାବ ନରମ ଓ ମନୋରଂଜକ । କିନ୍ତୁ ଉଭୟ ନାଟକର ଲୋକପ୍ରିୟତାର ରହସ୍ୟ (ସୌଭଦ୍ର ପରି) ହେଉଛି ନାଟ୍ୟୋଚିତ ସଂଗୀତ ।

ଖାଡିଲକରଙ୍କ ଅଧିକାଂଶ ନାଟକ ହେଉଛି ପୌରାଣିକ ଓ ଐତିହାସିକ । କିନ୍ତୁ ତାଙ୍କର ସବୁ ନାଟକ ପ୍ରାୟ ତତ୍କାଳୀନ ରାଜନୈତିକ ସନ୍ଦର୍ଭ ଉପରେ ଆଧାରିତ । ବରଂ ତାଙ୍କର

Digitized by srujanika@gmail.com

ନାଟକଗୁଡିକୁ ତତ୍କାଳୀନ ରାଜନୈତିକ ରୂପକ ମଧ୍ୟ କୁହାଯାଇପାରେ । ଏପରି ନାଟକଗୁଡିକ ମଧ୍ୟରେ ତାଙ୍କର ଅଗ୍ରଗଣ୍ୟ ଗଦ୍ୟ–ନାଟକ ହେଉଛି 'କୀଚକ–ବଧ' ତଥା 'ଭାଉବନ୍ଦକୀ' । ପରବର୍ତ୍ତୀ କାଳରେ ଖାଡିଲକରର ବାଳ–ଗନ୍ଧର୍ବଙ୍କ ଲାଗି ବିଶେଷ ରୂପେ ଯେଉଁ ସଂଗୀତ–ନାଟକ ଲେଖିଥିଲେ, ସେଥିରୁ ସବୁଠୁ ଅଧିକ ଲୋକପ୍ରିୟ ହେଉଛି 'ମାନାପମାନ', 'ବିଦ୍ୟାହରଣ' ଓ 'ସ୍ୱୟମ୍ବର' । ପ୍ରଚଳିତ ରାଜନୀତି ସହ ଆଦୌ ସମ୍ବନ୍ଧ ରଖୁ ନଥିବା ଖାଡିଲକରଙ୍କର ଏକମାତ୍ର ଓ ସର୍ବପ୍ରଥମ ନାଟକ ହେଉଛି 'ସବାଇ ମାଧବରାଓ୍ୱାଚା ମୃତ୍ୟୁ' । ଏହି ମହତ୍ତ୍ୱାକାଂକ୍ଷୀ ଐତିହାସିକ ନାଟକରେ ନାଟକକାର ଶେକ୍ସପୀୟରଙ୍କ 'ହ୍ୟାମଲେଟ' ତଥା ୟାଗୋଙ୍କ ଅଭରାମର ଚରିତ୍ରକୁ ଏକତ୍ର ପ୍ରସ୍ତୁତ କରିବାର କୌତୁହଳଜନକ ପ୍ରୟତ୍ନ କରିଛନ୍ତି । ଖାଡିଳକର – ବାଳଗନ୍ଧର୍ବଙ୍କ ସମୟକୁ ମରାଠୀ ନାଟକର ସ୍ୱର୍ଣ୍ଣଯୁଗ ବୋଲି ଧରାଯାଏ ।

ଗଡକରୀ ନାଟକ ହେଉଛି ମରାଠୀ ରଙ୍ଗଭୂମିର ଏକ ଅଲୌକିକ ବିଭାସ । ଏହି ପ୍ରତିଭାବାନ ଓ କଳ୍ପନାଯୁକ୍ତ କବି ଯେ କାଳାନ୍ତରରେ ମରାଠୀ ନାଟକ ପ୍ରତି ଦୃଷ୍ଟି ଦେଲେ – ତାହା ମରାଠୀ ନାଟ୍ୟଜଗତର ସୌଭାଗ୍ୟ । ଗଡକରୀଙ୍କ ନାଟକ ଅତି ଅଳ୍ପ ସଂଖ୍ୟକ ହେଲେ ମଧ୍ୟ ବହୁଗୁଣ ସମନ୍ବିତ । ତାଙ୍କର ସବୁ ନାଟକ କାବ୍ୟଗୁଣରେ ଓତଃପ୍ରୋତ ଭାବେ ଅଳଂକୃତ । 'ପ୍ରେମ–ସଂନ୍ୟାସ'ରୁ ଆରମ୍ଭ କରି 'ରାଜ–ସଂନ୍ୟାସ' ଯାଏଁ ତାଙ୍କ ନାଟକଗୁଡିକ ଆକାର ଦୃଷ୍ଟିରୁ ସୀମିତ ହେଲେ ମଧ୍ୟ ସେଗୁଡିକର ନାଟ୍ୟଗୁଣତା ମର୍ଯ୍ୟାଦାତୀତ । ଗଡକରୀଙ୍କ ସମକାଳୀନ ସବୁ ନାଟକକାରଙ୍କ ନାଟକଗୁଡିକ ସଂଗୀତମୟ ହେବା ସତ୍ତ୍ୱେ ନାଟକକାରମାନେ ଗଦ୍ୟ ପ୍ରକୃତିର । କିନ୍ତୁ ଗଡକରୀଙ୍କ ପ୍ରକୃତି କାବ୍ୟାତ୍ମକ । ତାଙ୍କ କାବ୍ୟ–ନାଟକର ବିଶେଷତା ହେଉଛି – ତାଙ୍କ ଅଭିବ୍ୟକ୍ତିର ଶୈଳୀ କାବ୍ୟାତ୍ମକ ହେଲେ ମଧ୍ୟ ସେଥିରେ ନାଟକର ଅଭିପ୍ରାୟ ଭରି ରହିଛି । ଗଡକରୀଙ୍କ କାବ୍ୟ–ନାଟକରେ ଗୁନ୍ଥା ହୋଇଥିବା ବିନୋଦ ମଧ୍ୟ ଏହି ଲେଖକଙ୍କ ପ୍ରତିଭାର ଏକ ସୁଖଦ ଆବିଷ୍କାର । କାବ୍ୟ ଓ ବିନୋଦ ପରସ୍ପର ବିରୋଧୀ ଲେଖନ–ପ୍ରବୃତ୍ତି ବୋଲି କୁହାଯାଏ । କାରଣ କାବ୍ୟ ଜୀବନର ସୁସଂଗତିର ମୂଲ୍ୟ ନିରୂପଣ କରୁଥିବା ସ୍ଥଳେ ବିନୋଦ ଜୀବନର ବିସଂଗତିର ମୂଲ୍ୟ ନିର୍ଦ୍ଧାରଣ କରେ । ଆଉ ସେଥିପାଇଁ ଗୋଟିଏ ବ୍ୟକ୍ତିତ୍ୱରେ ଏହି ଦୁଇଟି ସ୍ଥାନ ପାଇବା ଏକ ଦୁର୍ଲଭ ମଣିକାଞ୍ଚନ ଯୋଗ । ଏହି ପ୍ରତିଭାଶାଳୀ ଲେଖକଙ୍କ ନାଟ୍ୟ–ବ୍ୟକ୍ତିତ୍ୱରେ କାବ୍ୟ ଓ ବିନୋଦ – ଉଭୟ ସମନ୍ବିତ ହୋଇଛି । ଦୁର୍ଭାଗ୍ୟବଶତଃ ଏହି ମହାନ ନାଟକକାରଙ୍କୁ ନିଜର ନାଟ୍ୟ ସର୍ଜନା ପ୍ରଗତି

Digitized by srujanika@gmail.com

କାଳରେ ମୃତ୍ୟୁ ଗ୍ରାସ ନ କରିଥିଲେ ଆଜି ମରାଠୀ ନାଟକର ଇତିହାସ ଆହୁରି ଅଧିକ ଉଜ୍ଜ୍ୱଳ ହୋଇଥାନ୍ତା ।

ବାସ୍ତବରେ ବରେରକର ଏହି କୋହ୍ଲଟକର – ଦେବଲ – ଖାଡିଲକର – ଗଡକରୀ ପିଢୀର ଜଣେ ଅଗ୍ରଗଣ୍ୟ ନାଟକକାର ଥିଲେ । କିନ୍ତୁ ସୌଭାଗ୍ୟବଶତଃ ସେ ଦୀର୍ଘ ଆୟୁ ସଙ୍ଗେ ସଙ୍ଗେ ଅଖିଳ ଭାରତୀୟ ମାନ–ସମ୍ମାନର ଅଧିକାରୀ ହୋଇଥିବା ଦୃଷ୍ଟିରୁ ସେ ଆଜି ମଧ୍ୟ ନିଜ ସ୍ଥାନରେ ଅଧିଷ୍ଠିତ ହୋଇ ରହିଛନ୍ତି । କିନ୍ତୁ ତାଙ୍କର ନାଟ୍ୟ ରଚନା ଚଳିତ ଶତାବ୍ଦୀର ପ୍ରଥମ ଦଶକରେ ଆରମ୍ଭ ହୋଇଥିଲା ବୋଲି କହିଲେ କାହାରି ବିଶ୍ୱାସ ହେବ ନାହିଁ । ବରେରକରଙ୍କର ପ୍ରାୟ ସବୁ ନାଟକ ସାମାଜିକ ଓ ସମକାଳୀନ ଘଟଣା ସହ ସଂପୃକ୍ତ । 'ସେତ୍ରେଚେ ଗୁଲାମ'ରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରୁ ଆରମ୍ଭ କରି ସିଙ୍ଗାପୁରରେ ସୁଭାଷ ବାବୁଙ୍କ 'ଦିଲ୍ଲୀ ଚଲୋ' ଆହ୍ୱାନ ଯାଏଁ ଏହି ଦେଶରେ ଯେଉଁ ସବୁ ନାନାବିଧ ରାଜନୀତିକ ତଥା ସାମାଜିକ ଘଟଣା ଘଟିଛି, ସେ ସବୁ ପ୍ରମୁଖ ଘଟଣାର ସ୍ୱର ବରେର୍କରଙ୍କ ନାଟକରେ ସତତ ଶୁଣିବାକୁ ମିଳେ । ପରିଣାମ ସ୍ୱରୂପ ବରେର୍କରଙ୍କ ନାଟକ, ଘଟଣାକାଳରେ ବିଲକ୍ଷଣ ପ୍ରଭାବଶାଳୀ ରହେ ଓ ଘଟଣୋତ୍ତର କାଳରେ ସେହି ପ୍ରଭାବ ନିଷ୍ପ୍ରଭ ହୋଇଯାଏ । 'ଉତ୍ତର ରାମଚରିତ' ଉପରେ ଆଧାରିତ 'ଭୂମିକନ୍ୟା ସୀତା' ତାଙ୍କର ଏପରି ଏକ ନାଟକ ଯାହା ହୁଏତ ସମୟ ମଧ୍ୟରେ ସୀମିତ ନ ଥିଲା । ଅନ୍ୟଥା ତାଙ୍କ ନାଟକଗୁଡିକର ଭବିଷ୍ୟତ ଠିକ୍ ପ୍ରଚାର ସାହିତ୍ୟ ପରି ।

ବରେରକରଙ୍କ ପରି ଆଉ ଜଣେ ନାଟକକାର ଅଛନ୍ତି, ମାଧବ ନାରାୟଣ ଯୋଷୀ । 'ବିନୋଦ'ରୁ ଆରମ୍ଭ କରି 'ବଶୀକରଣ' ଯାଏଁ ତାଙ୍କର ଅନେକ ବ୍ୟଙ୍ଗ–ବିନୋଦ ପ୍ରମୁଖ ନାଟକ ଅଛି ଯାହା ତାଙ୍କ ସମୟରେ ଯଥେଷ୍ଟ ଲୋକପ୍ରିୟ ହୋଇଥିଲା । କିନ୍ତୁ 'ମ୍ୟୁନିସିପାଲିଟି'କୁ ହିଁ ନାୟିକା କରି, ସେହି ନାମରେ ଲିଖିତ ତାଙ୍କ ନାଟକ, ଅତୀତରେ ଯେତିକି ଲୋକପ୍ରିୟ ଥିଲା ଆଜି ମଧ୍ୟ ସେତିକି ରହିଛି ଓ ଭବିଷ୍ୟତରେ ଲୋକତାନ୍ତ୍ରିକ ସଂସ୍ଥାକୁ ଅନାବୃତ୍ତ କରୁଥିବା ବ୍ୟଙ୍ଗାତ୍ମକ ନାଟକ ହୋଇ ରହିବ ।

୧୯୩୦ ମସିହା ପାଖାପାଖି ଶେକ୍ସପୀୟରଙ୍କ ଦ୍ୱାରା ପ୍ରଭାବିତ ମରାଠୀ ନାଟକର ତଥାକଥିତ ସୁବର୍ଣ୍ଣଯୁଗର ସମାପ୍ତି ଘଟିଲା । ଶେକ୍ସପୀୟରଙ୍କର ଯେଉଁ ପ୍ରଭାବ ମରାଠୀ ନାଟକରେ ଦେଖାଯାଏ ତାହା କେବଳ ନାଟ୍ୟ ରଚନାରେ ହିଁ ଅଭିଲକ୍ଷିତ ହୁଏ । ଏହି ନାଟ୍ୟ ରଚନାର

Digitized by srujanika@gmail.com

ବିଶେଷତା ହେଉଛି ଅନେକ ଦୃଶ୍ୟ ଥିବା ଗୋଟିଏ ଅଂକ, ସ୍ୱଗତର ବିପୁଳତା ଓ ଗୋଟିଏ କଥାବସ୍ତୁରେ ଅନେକ ତଥା ସେଥିରେ କେବଳ ଗୋଟିଏ ବିନୋଦାର୍ଥ କଥନିକା । କିନ୍ତୁ ଶେକ୍ସପୀୟରୀ ସାହିତ୍ୟର ମହତ୍ତର ପ୍ରକୃତ ତଥ୍ୟ – ଗଭୀର ମନୋବିଶ୍ଳେଷଣ, ଚିତ୍ର–ବିଚିତ୍ର ଚରିତ୍ର ଚିତ୍ରଣ ତଥା ମର୍ମଜ୍ଞ ଜୀବନ–ଦର୍ଶନ ମରାଠୀ ନାଟକରେ ବହୁତ କମ୍ ଦୃଷ୍ଟିଗୋଚର ହୁଏ । କିନ୍ତୁ ଏ କଥା ମଧ୍ୟ ସତ୍ୟ ଯେ ସାରା ଦୁନିଆର ନାଟକର ଆଧୁନିକ ସନ୍ଦର୍ଭରେ ଏହାଠାରୁ ଭିନ୍ନ ବସ୍ତୁସ୍ଥିତି ଅଧିକ ପରିମାଣରେ ଦେଖାଯାଏ ନାହିଁ । ଆଉ ଅନ୍ୟ ଭାରତୀୟ ଭାଷାର ସନ୍ଦର୍ଭରେ ମରାଠୀ ନାଟକର ସ୍ୱତ୍ୱ–ସଂପନ୍ନତା ଯେ ପରିଲକ୍ଷିତ ହୁଏ, ତାହା ମାନିବାକୁ ହେବ ।

ମରାଠୀ ନାଟକର ପୂର୍ବକାଳରେ ଶେକ୍ସପୀୟର ଓ ଉତ୍ତରକାଳରେ ଇବସନଙ୍କ ଅନେକ ନାଟ୍ୟାନୁବାଦ ମରାଠୀ ନାଟକ ପାଇଁ ପ୍ରେରଣାର ମାଧ୍ୟମ ଥିଲା । ଖାଲି ସେତିକି ନୁହେଁ, ଏକଥା କହିବା ମଧ୍ୟ ଅସଙ୍ଗତ ହେବ ନାହିଁ ଯେ ଏହି ନାଟ୍ୟାନୁବାଦର ପରିଣାମ ସ୍ୱରୂପ ମରାଠୀ ଭାଷାରେ ସ୍ୱତନ୍ତ୍ର ନାଟକ ଲେଖାହେଲା । ମଧ୍ୟବର୍ତ୍ତୀ କାଳରେ ନିଶ୍ଚେଷ୍ଟ ଓ ମରଣାସନ୍ନ ହୋଇ ପଡିଥିବା ମରାଠୀ ନାଟକକୁ ବର୍ଟକଙ୍କ 'ଆଂଧଲ୍ୟାଂଚୀ ଶାଳା' ନାମକ ଇବସନ ପ୍ରଭାବିତ ନାଟକ ପୁନର୍ଜୀବିତ କଲା । ଏହି ନାଟକ ପ୍ରଥମ ଥର ପାଇଁ ମରାଠୀ ନାଟକକୁ ଏକ ନୂତନ ଅର୍ବାଚୀନ ନାଟକର ରୂପ ଦେଲା । ପ୍ରଚଳିତ ବର୍ତ୍ତମାନ ଯଥାର୍ଥବାଦର ସମସ୍ୟା, ସ୍ୱାଭାବିକ ସଂବାଦ ଶୈଳୀ, ତଥ୍ୟ ଅନୁକୂଳ ନେପଥ୍ୟରେ ହାତଗଣତି ଦୁଇ ତିନିଟି ଭାବପୂର୍ଣ୍ଣ ଗୀତ ଓ ପାର୍ଶ୍ୱସଂଗୀତର ଯୋଜନା ତଥା ସ୍ତ୍ରୀ ପାତ୍ର ଗୁଡିକ ପାଇଁ ସୁଶିକ୍ଷିତା କୁଳାଙ୍ଗନାଙ୍କ ଚୟନ ଆଦି ଅନେକ ନବନାଟ୍ୟ ବିଶେଷତା ଗୁଡିକର ଶ୍ରୀଗଣେଶ "ଆଂଧଲ୍ୟାଂଚୀ ଶାଳା" ନାଟକରେ ହୋଇଥିଲା । ତଥାପି ଏହି ସମୟରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ଏକ ସର୍ବଥା ନୂତନ ବସ୍ତୁନିଷ୍ଠ ନାଟ୍ୟଶୈଳୀର ପ୍ରବର୍ତ୍ତନ । ଏହି ନାଟକକୁ ପ୍ରୟୋଗାତ୍ମକ ଭାବେ ପ୍ରସ୍ତୁତ କରିଥିବା ନାଟ୍ୟସଂସ୍ଥା 'ନାଟ୍ୟ ମନ୍ୱନ୍ତର'ର ନାମକୁ ମଧ୍ୟ ଏହି ନାଟକ ସାର୍ଥକ କରିଥିଲା ।

1930 ମସିହା ପରବର୍ତ୍ତୀ ମରାଠୀ ନାଟକ ସାଧାରଣତଃ ଇବସନଙ୍କ ଦ୍ୱାରା ପ୍ରଭାବିତ । କିନ୍ତୁ ଶେକ୍ସପୀୟରଙ୍କ ପରି ଇବସନ୍ ପ୍ରଭାବ ମଧ୍ୟ ନାଟ୍ୟରଚନା ମଧ୍ୟରେ ସୀମିତ । ଗୋଟିଏ ଦୃଶ୍ୟରେ ଗୋଟିଏ ଅଙ୍କ ଥିବା ତିନୋଟି ଅଙ୍କ, ସ୍ୱଗତର ଉଚ୍ଚାଟନ ତଥା ସୁଗଠିତ ଏକସୂତ୍ରୀ କଥନିକା – ଏହି ତିନୋଟି କ୍ଷେତ୍ରରେ ମରାଠୀ ନାଟକ ଉପରେ ଇବସନ୍‌ଙ୍କ ପ୍ରଭାବ ଦୃଷ୍ଟିଗୋଚର ହୁଏ । କିନ୍ତୁ ବର୍ତ୍ତମାନ ଜୀବନାନୁଭବର ଇବସନ୍‌ଙ୍କ ପ୍ରଣୀତ ପ୍ରାମାଣିକ

Digitized by srujanika@gmail.com

ସଂଶୋଧନ ବିଶ୍ଳେଷଣ ଉତ୍ତରକାଳୀନ ମରାଠୀ ନାଟକରେ ପରିଲକ୍ଷିତ ହୁଏ ନାହିଁ । ଖାଲି ସେତିକି ନୁହେଁ, ଇବସନ୍ ଯେଉଁ ଭାବାବିବଶ କୃତକ ନାଟକକୁ ନିଷେଧପୂର୍ବକ ବହିଷ୍କାର କରିଥିଲେ, ସେହି ନାଟକ ତାଙ୍କର ରଚନାଶୈଳୀରେ ସୁସଜ୍ଜିତ ହୋଇ ବ୍ୟବସାୟିକ ରଙ୍ଗମଞ୍ଚ ଉପରେ ସଫଳତାର ସହିତ ଅଭିନୀତ ହେଲା । ଆଉ ଏହି ଧରଣର ନାଟକର ଲୋକପ୍ରିୟତା ଆଜି ମଧ୍ୟ ଅବ୍ୟାହତ ରହିଛି । ଆଶ୍ଚର୍ଯ୍ୟର କଥା ହେଉଛି ଯେ ମଧ୍ୟକାଳର ଦୁଇଜଣ ନାଟକକାର ଅତ୍ରେ ଓ ରାଙ୍ଗଣେକର ଇବସନ୍‌ଙ୍କ 'ଡଲସ୍ ହାଉସ୍'ର ନୋରା ଚରିତ୍ରକୁ ବିକୃତ ନାଟ୍ୟ ପ୍ରରୂପରେ ମରାଠୀ ରଙ୍ଗମଞ୍ଚ ଉପରେ ପ୍ରସ୍ତୁତ କଲେ । ନୋରାର ଅସାଧାରଣ ବ୍ୟକ୍ତିତ୍ୱକୁ ସେମାନେ ପୂର୍ଣ୍ଣଭାବେ ମଧ୍ୟ ବୁଝିପାରି ନ ଥିଲେ । ରାଙ୍ଗଣେକର 'କୁଳବଧୂ'ରେ ପାରିବାରିକ ବିନୋଦୀ ନାଟକର ଏକ ବିଶେଷ ଲୋକପ୍ରିୟ ଢାଞ୍ଚା ପ୍ରସ୍ତୁତ କରିଥିଲେ ଓ ଅତ୍ରେ 'ଲଗ୍ନାଚୀ ବେଡୀ' ପରି ପ୍ରହସନପୂର୍ଣ୍ଣ କମେଡୀ ମରାଠୀ ରଙ୍ଗମଞ୍ଚ ଉପରେ ପ୍ରସ୍ତୁତ କଲେ । 'ତୋ ମୀ ନବ୍ହେଚ', 'ଡା. ଲାଗୁ' ପରି ଅତ୍ରେଙ୍କର ରହସ୍ୟମୟ ନାଟକ, ଯେଉଁଥିରେ କି ନାଟ୍ୟବସ୍ତୁ ନଗଣ୍ୟ ଥିଲା, ବିଶେଷ ରୂପେ ଲୋକପ୍ରିୟ ହୋଇଥିଲା ।

କିନ୍ତୁ ଏହି ସମୟରେ ବ୍ୟବସାୟିକ ରଙ୍ଗମଞ୍ଚ ଉପରେ ପ୍ରୟୋଗଶୀଳ ରଙ୍ଗମଞ୍ଚର ପ୍ରଭାବ ପଡିଥିବା ପରି ଅନୁଭୂତ ହେଉଥିଲା । ପରବର୍ତ୍ତୀ କାଳରେ କାନେଟକରଙ୍କ ପରି କୌଣସି ମହତ୍ତ୍ୱପୂର୍ଣ୍ଣ ପ୍ରାୟୋଗିକ ନାଟକକାର ସତ୍ତ୍ୱ ବିଶେଷକୁ କିଛି ପରିମାଣରେ ବଜାୟ ରଖି ମଧ୍ୟ ବ୍ୟବସାୟିକ ଦୃଷ୍ଟିକୋଣରୁ ଏକ ପ୍ରକାର ଆପୋଷ ବୁଝାମଣାରେ ପହୁଞ୍ଚିଥିବା ପରି ପ୍ରତୀତ ହୋଇଥାଏ । 'ହିମାଳୟାଚୀ ସାବଲୀ' ପରି ଚରିତ୍ର ପ୍ରଧାନ ନାଟକ ମରାଠୀ ନାଟକକୁ ନୂତନ ଦିଗ୍‌ଦର୍ଶନ କରାଇବା ପରି ଆଜି ପ୍ରତୀତ ହେଉଥିଲେ ମଧ୍ୟ 'ପ୍ରେମା ତୁଝା ରଂଗ କସା ?' ପରି କମେଡି ହିଁ ନିରନ୍ତର ଲୋକପ୍ରିୟ ହୋଇ ରହିବ ବୋଲି ମନେ ହୋଇଥାଏ । ଅଥବା ବିଜୟ ତେନ୍ଦୁଲକରଙ୍କ ପରି ଅଖିଳ ଭାରତୀୟ ଖ୍ୟାତିପ୍ରାପ୍ତ କୌଣସି ଏକାକୀ ନାଟ୍ୟକାରଙ୍କର ବ୍ୟବସାୟିକ ରଙ୍ଗମଞ୍ଚରେ 'ଶାନ୍ତା' ! କୋର୍ଟ୍ ଚାଲୁ ଆହେ' କିମ୍ବା 'ଘାଶୀରାମ କୋତଓ୍ୱାଲ୍' ପରି ପ୍ରୟୋଗଶୀଳ ନାଟକର ଗୋଲକଧନ୍ଦା ଶୃଙ୍ଖଳାବଦ୍ଧ ହେବା ପରି ଜଣା ପଡୁଛି । ଆଜିକାଲି ପ୍ରୟୋଗଶାଳୀ ରଙ୍ଗମଞ୍ଚ ତ ନିଜର ରଙ୍ଗମଞ୍ଚ ଅପେକ୍ଷା ଇବସନ୍‌ଙ୍କୁ ମଧ୍ୟ ବଳି ପଡିଛି । ବର୍ତ୍ତମାନର ପ୍ରୟୋଗଶୀଳ ରଙ୍ଗମଞ୍ଚ ପିରେନ୍ଦେଲରୁ ଆୟୋନେସ୍କୋ ବ୍ରେଖଟ୍ ଯାଏଁ ଅନେକ ପାଶ୍ଚାତ୍ୟ ତଥା ବାଦଲ ସରକାର, ଗିରିଶ କର୍ନାଡ ପ୍ରଭୃତି ଭାରତୀୟ ନାଟ୍ୟକାରଙ୍କ ଋଣ ସ୍ୱୀକାର କରୁଥିବାର ଦେଖା ଯାଉଛି ।

Digitized by srujanika@gmail.com

ଏକ ପକ୍ଷରେ କାନେଟକରଙ୍କ (ଉଦାହରଣ ସ୍ୱରୂପ, 'ରାୟଗଡାଲା ଜେହ୍ୱା ଜାଗ ଯେତେ' ପରି) ଐତିହାସିକ ନାଟକର ଏକ ସଂସ୍ମରଣୀୟ ବିଶେଷତା, ଶିବାଜୀ ମହାରାଜଙ୍କ ପରି ଅଲୌକିକ ବିଭୂତିରେ ଲୌକିକ ବ୍ୟକ୍ତିତ୍ୱର ଅନ୍ୱେଷଣ ଘଟୁଥିବା ବେଳେ ଅପର ପକ୍ଷେ ଶିରବାଡକରଙ୍କ 'ନଟ ସମ୍ରାଟ' ନାଟକ ଲୌକିକ ବ୍ୟକ୍ତିତ୍ୱର ଅଲୌକିକ ବ୍ୟକ୍ତିତ୍ୱର ଅନ୍ୱେଷଣ କକ୍ଷେ ଅଭିପ୍ରେତ । ମରାଠୀ ନାଟକର ବୈଭବଶାଳୀ ସାଂସ୍କୃତିକ ପରମ୍ପରାର ଶିରବାଡକର ଜଣେ ପ୍ରଭାବଶାଳୀ ନାଟ୍ୟକାର । ଗଡକରୀ ଯେପରି ପ୍ରଥମେ କବି 'ଗୋବିନ୍ଦାଗ୍ରଜ' ଓ ପରେ ନାଟ୍ୟକାର ହେଲେ, ଠିକ୍ ସେପରି ଶିରବାଡକର ମଧ୍ୟ ପ୍ରଥମେ କବି 'କୁସୁମାଗ୍ରଜ' ଓ ପରେ ନାଟ୍ୟକାର ହେଲେ । ଏହି ଦୁଇଜଣ ମହାନ୍ କବି ସାଳଂକୃତ ଭାଷା–ଶିଳ୍ପର ଉଦ୍‌ଗାତା । ଉଭୟଙ୍କର ପ୍ରବୃତ୍ତି ରୋମାଣ୍ଟିକ ଓ ଉଭୟେ ପରଂପରାପ୍ରାପ୍ତ ସତ୍ତ୍ୱର ଶ୍ରଦ୍ଧାବାନ ପୂଜାରୀ । ପରିଣାମ ସ୍ୱରୂପ ଦୁହିଁଙ୍କ ସାହିତ୍ୟର ଗୁଣଧର୍ମରେ ବହୁତ ସାଧର୍ମ୍ୟ ତଥା ସମାନତା ରହିଛି ।

'ନଟ ସମ୍ରାଟ' ନାଟକର ଭୂମିକାରେ ନାଟ୍ୟକାର ସ୍ୱୟଂ କହିଛନ୍ତି ଯେ 'କିଙ୍ଗ ଲୀୟର'ଙ୍କୁ ଖୋଜୁ ଖୋଜୁ ତାଙ୍କୁ 'ନଟ ସମ୍ରାଟ' ମିଳିଲା । ଶିରବାଡକରଙ୍କ ଶେକ୍ସପୀୟରଙ୍କ ସମ୍ବନ୍ଧରେ ଅଧ୍ୟୟନ ସର୍ବଶ୍ରୁତ । ତାଙ୍କ ଦ୍ୱାରା କରାଯାଇଥିବା 'ମ୍ୟାକବେଥ–ଅଥେଲୋ'ର ନାଟ୍ୟାନୁବାଦ ଆଦର୍ଶ ବୋଲି ଧରାଯାଏ । ତାଙ୍କ ଦ୍ୱାରା ରଚିତ 'କୌନ୍ତେୟ', 'ଯଯାତୀ', 'ଦେବଯାନୀ' ପରି ପୌରାଣିକ ତଥା 'ଦୁସରା ପେଶୱା', 'ବୀଜ ଢୁଣାଳୀ ଧରତିଲା' ପରି ଐତିହାସିକ ନାଟକ ଅଧ୍ୟୟନୀୟ ନାଟକ ସଂହିତା ମଧ୍ୟରେ ଅନ୍ତର୍ଭୁକ୍ତ । କିନ୍ତୁ ଏହି ନାଟ୍ୟକାରଙ୍କୁ 'ନଟ ସମ୍ରାଟ' ଯୋଗୁଁ ପ୍ରକୃତ ଲୋକପ୍ରିୟତା ମିଳିଲା । ଏହି ଲୋକମାନ୍ୟତା ସହିତ ସାହିତ୍ୟ ଏକାଡେମୀ 'ନଟ ସମ୍ରାଟ'କୁ ପୁରସ୍କାର ପ୍ରଦାନ କରି ଗୌରବାନ୍ୱିତ କରିବା ସଙ୍ଗେ ସଙ୍ଗେ ରାଜମାନ୍ୟତା ପ୍ରଦାନ କରିଛି ।

'କିଙ୍ଗ୍ ଲୀୟର'ର ଅନ୍ୱେଷଣ ହେତୁ 'ନଟ ସମ୍ରାଟ'ରେ ପ୍ରାପ୍ତିର ଫଳସ୍ୱରୂପ ଏହି ଦୁଇଟି ନାଟକର ବିଷୟବସ୍ତୁର ସାମ୍ୟ ରହିବା ଅପରିହାର୍ଯ୍ୟ । 'ନଟ ସମ୍ରାଟ'ରେ 'କିଙ୍ଗ୍ ଲୀୟର'ର କାଡଲିୟା ଚରିତ୍ର ନାହିଁ । ଅର୍ଥାତ୍ ପିତୃଭକ୍ତ ଓ ସତ୍ ପ୍ରବୃତ୍ତ ଶାଳୀନ ସୁକନ୍ୟା ନାହିଁ । ତା ଛଡା 'ଲୀୟର'ର ଦୁଇଜଣ କୃତଘ୍ନ କନ୍ୟା ପରିବର୍ତ୍ତେ 'ନଟ ସମ୍ରାଟ'ରେ ଗୋଟିଏ କନ୍ୟା ଓ ଗୋଟିଏ ପୁତ୍ରର ଯୋଜନା ରହିଛି । କିନ୍ତୁ ଏହି ଦୁଇଜଣ ସନ୍ତାନ ଦୁରାଚାରୀ ଲୀୟର କନ୍ୟାଙ୍କ ପରି ଦୁଷ୍ଟ ପ୍ରକୃତିର ନୁହନ୍ତି, ତଥା 'କିଙ୍ଗ୍ ଲୀୟର'ରେ ରାଜକନ୍ୟା କାଡଲିୟା ଥିଲେ ମଧ୍ୟ କେହି ପତିବ୍ରତା ରାଜପତ୍ନୀ ନାହାନ୍ତି । 'ନଟ ସମ୍ରାଟ'ରେ ଯାହା ସବୁଠୁ ବେଶୀ ହୃଦୟସ୍ପର୍ଶୀ ପ୍ରସଙ୍ଗ,

Digitized by srujanika@gmail.com

ତାହା ହେଉଛି ପତି ପତ୍ନୀ ମଧ୍ୟରେ ସ୍ନେହସିକ୍ତ ଆତ୍ମୀୟତା । ତା' ଛଡା 'ନଟ ସମ୍ରାଟ' ଗଣପତରାଓ ବେଲଓ୍ବଲକର ଜଣେ ସାମାନ୍ୟ ବ୍ୟକ୍ତି ହୋଇଥିବା ସ୍ଥଳେ ଲୀଅର ହେଉଛନ୍ତି ଜନ୍ମଜାତ ରାଜା । ଏହିପରି ରାଜପଦର ଶୈଳଶିଖରରୁ ଲୀଅରଙ୍କ ଅଧଃପତନ ଅଧିକ ଧ୍ୟାନାକର୍ଷକ ହୋଇଥିବାରୁ ଅଧିକ ମନବୋଧକ ଅଟେ । କିନ୍ତୁ ବୃଦ୍ଧାବସ୍ଥାରେ ନିଜର କେତେକ ବିକ୍ଷିପ୍ତ ସ୍ୱଭାବର ଫଳସ୍ୱରୂପ ନିଜ ସନ୍ତାନର ସାହାଯ୍ୟ ହରାଇଥିବା ଜଣେ ଅସାମାନ୍ୟ ନଟର ସାଧାରଣ ବ୍ୟକ୍ତିତ୍ୱର ଦୁଃଖପ୍ରଦ କାହାଣୀ ହିଁ 'ନଟ ସମ୍ରାଟ' ନାଟକର ବିଷୟବସ୍ତୁ । ସେଇଥିପାଇଁ ହୁଏତ ଏଇ 'ନଟ ସମ୍ରାଟ' ଟ୍ରାଜେଡି ଜନସାଧାରଣର ଅନ୍ତଃକରଣରେ ଅତ୍ୟନ୍ତ ଗଭୀର ପ୍ରଭାବ ପକାଏ । 'କିଙ୍ଗ୍ ଲୀଅର'ରେ ପାତ୍ର ଅସଂଖ୍ୟ ଓ ସେମାନଙ୍କର ପରସ୍ପର ସମ୍ବନ୍ଧ ହେତୁ ଅନେକ ଜଟିଳ ଘଟଣା ଉଦ୍‌ଭୂତ ହୋଇଛି । ସେଥିପାଇଁ ଏକାଧିକ କଥାବସ୍ତୁ ଥିବା ହେତୁ 'କିଙ୍ଗ ଲୀଅର'ର ବିଷୟବସ୍ତୁ ଜଟିଳ ହୋଇ ପଡିଛି ଓ 'ନଟ ସମ୍ରାଟ'ର କଥାବସ୍ତୁ ଅତ୍ୟନ୍ତ ସହଜ ଓ ଏକଲକ୍ଷ୍ୟ । ଯାହା ହେଉ ନା କାହିଁକି, 'ନଟ ସମ୍ରାଟ'ର ଅସୀମ ଲୋକପ୍ରିୟତାର ମର୍ମସ୍ଥଳ ହେଉଛି ତାର ଭାରତୀୟ ଭାଷାଶୈଳୀ – ଏପରି ମନୋଜ୍ଞ ଭାବଶୈଳୀ ଯାହାକୁ ଅନୁବାଦ ଦ୍ୱାରା ବୋଧଗମ୍ୟ କରାଇବା ପ୍ରାୟ ଅସମ୍ଭବ । ଆଜିର ବିଦ୍ୟମାନ ମରାଠୀ ନାଟ୍ୟକାରଙ୍କ ମଧ୍ୟରେ କାବ୍ୟପ୍ରବୃତ୍ତ ନାଟ୍ୟକାର ରୂପେ ଏହି ମହାନ୍ ନାଟ୍ୟକାରଙ୍କ ସ୍ଥାନ ଅନନ୍ୟ ଓ ଅସାଧାରଣ ।

ଶିରବାଡକରଙ୍କର ନାଟ୍ୟକାର ରୂପେ ଖ୍ୟାତି ହେଉଛି ପରବର୍ତ୍ତୀ ଘଟଣା, କିନ୍ତୁ କବି 'କୁସୁମାଗ୍ରଜ' ରୂପେ ତାଙ୍କର ଖ୍ୟାତି ବହୁ ପୁରାତନ ।

ଆଶା କରୁଛି ଅଖିଳ ଭାରତୀୟ ଖ୍ୟାତି ପ୍ରାପ୍ତ ମରାଠୀ ନାଟକ 'ନଟ ସମ୍ରାଟ' ମରାଠୀ ବ୍ୟତୀତ ଅନ୍ୟ ଭାରତୀୟ ଭାଷାଭାଷୀଙ୍କୁ ଆଧୁନିକ ମରାଠୀ ନାଟ୍ୟ ସମ୍ବନ୍ଧରେ ଯଥୋଚିତ ଭାବେ ପରିଚିତ କରାଇବାରେ ସଫଳ ହୋଇପାରିବ ।

ମାଧବ ମନୋହର

Digitized by srujanika@gmail.com

ଚରିତ୍ରଃ

ଅପ୍ପା

କାବେରୀ

ନନ୍ଦା

ନଲୁ

ଶାରଦା

ବିଠୋବା

ରାଜା

ସୁଧାକର

ସୁହାସିନୀ

କଲବଣକର

ଶ୍ରୀମତୀ କଲବଣକର

ଆଶାରାମ

ଅନ୍ୟ ପାତ୍ର

Digitized by srujanika@gmail.com

ପ୍ରଥମ ଅଙ୍କ

[ପରଦା ଉଠିବା ବେଳକୁ ମନ୍ଦସ୍ୱର ତଥା ମନ୍ଦଲୟରେ ମିଳିତ ବାଦ୍ୟ ସଂଗୀତ ଶୁଣାଯାଉଥାଏ। ମଞ୍ଚର ପଶ୍ଚାତ୍ ଭାଗରେ ଗାଢ଼ ନୀଳ ରଙ୍ଗର ଏକ ପରଦା। ମଞ୍ଚର ମଧ୍ୟ ଦେଶରେ ସାଧାରଣ ହାତବାଲା ଏକ ଚୌକି ପଡ଼ିଛି। ଚୌକି ଉପରେ ଜଣେ ବୃଦ୍ଧ ବସିଛନ୍ତି। ପ୍ରକୃତରେ, ଏମିତି ବସିବା ଅବସ୍ଥାରେ ସେ ଶୋଇପଡ଼ିଛନ୍ତି।

ବୃଦ୍ଧଙ୍କର ପରିଧାନ-ଧୋତି, କମିଜ୍, ପୁରୁଣା ଫେସନ୍‌ର ଲମ୍ବା ଢ଼ିଲା କୋଟ। କାନ ଉପରେ ମଫଲର୍ ଗୁଡ଼ାହୋଇଛି। ଚୌକି ହାତ ଉପରେ ଡ଼ାହାଣ ହାତ ରଖି ବାଁ ହାତରେ ଗାଲ ଭରାଦେଇ ସେ ଝୁକି ବସିଛନ୍ତି। ତାଙ୍କର ବେକ କେତେବେଳେ ଆଗକୁ ତ କେତେବେଳେ ପଛକୁ ଝୁକିପଡୁଚି। ଗୋଟେ ବଙ୍କାଟଙ୍କା ଛଡ଼ି ହାତରେ ଝୁଲୁଛି। ଚୌକିର ଚାରିପାଖରେ ସ୍ୱପ୍ନ ସୃଷ୍ଟିକାରୀ ଆଲୋକ ଖେଳିଯାଉଚି....। ବାଦ୍ୟଯନ୍ତ୍ରର ଲୟ ବଢ଼ିବାକୁ ଲାଗିଲା। ସ୍ୱର ମଧ୍ୟ ଉଚ୍ଚରୁ ଉଚ୍ଚତର ହୋଇ ଶେଷକୁ ଏକ କଲ୍ଲୋଳ ସୃଷ୍ଟିକରି ହଠାତ୍ ବନ୍ଦ ହୋଇଗଲା, ଯେପରିକି ବାଦ୍ୟଯନ୍ତ୍ର ତା'ର ସବୁ ଅକସ୍ମାତ୍ ଛିଡ଼ିଗଲା।

ବୃଦ୍ଧ ଚମକିଉଠି ଚୌକିରେ ସିଧାହୋଇ ବସିଲେ। ନିମୀଳିତ ଚକ୍ଷୁରେ ଦୁଇପାଖକୁ ଚାହିଁ, କୋଟ୍ ପକେଟ୍‌ରୁ ଚଷମା ବାହାରକଲେ। ଧୋତି କାନିରେ ଚଷମା ପୋଛି ଆଖିରେ ପିନ୍ଧିଲେ। ତା'ପରେ ସେ ଦର୍ଶକମାନଙ୍କ ଦିଗକୁ ଦୃଷ୍ଟି ପ୍ରସାରଣ କଲେ। ବେଶ୍ ପର୍ଯ୍ୟବେକ୍ଷଣ ଦୃଷ୍ଟିରେ ପ୍ରେକ୍ଷାଗୃହକୁ ନିରୀକ୍ଷଣ କଲେ ଓ ମୁହଁରେ ଟିକିଏ ହସ ଫୁଟାଇ ଦର୍ଶକମାନଙ୍କୁ ନମସ୍କାର କରିବା ପରେ ସେମାନଙ୍କୁ ସମ୍ବୋଧନ କରି ବକ୍ତବ୍ୟ ଆରମ୍ଭକଲେ।]

କ୍ଷମାକରନ୍ତୁ,- ମୋତେ କ୍ଷମା କରନ୍ତୁ, ରସଗ୍ରାହୀ ଦର୍ଶକବୃନ୍ଦ। ମୁଁ ବୁଝି ପାରୁଚି, ଆପଣମାନେ ବହୁ ସମୟ ହେଲା ଅପେକ୍ଷା କରି ରହିଚନ୍ତି। ମୋର କିଛି ଉପାୟ ନଥିଲା ତଥାପି ମୁଁ କ୍ଷମା ଚାହୁଁଛି। ସମୟର ବନ୍ଧନ ନାଟକ ପରି ଆମମାନଙ୍କର ଶରୀର ଭିତରେ ମିଶିଯାଇଚି। ଆପଣମାନେ ଜାଣିଥିବେ ଆମ କମ୍ପାନୀର ନିୟମ ଥିଲା ଠିକ୍ ନ'ଟା ବେଳେ ତୃତୀୟ ଘଣ୍ଟି ବାଜିବ। ଏକୋଇଶ ବର୍ଷକାଳ ଆମ କମ୍ପାନୀର ନାଟକ ଅଭିନୟ

Digitized by srujanika@gmail.com

ପରଦା ଠିକ୍ ଆଠଟାବାଜି ଷାଠିଏ ମିନିଟ୍‌ରେ ଉଠିଆସିଚି। ଉପରକୁ ଉଠିଲାବେଳେ ନାଟକର ପରଦା କେବେହେଲେ ଘଡ଼ିରେ ଏକଷଠି ମିନିଟ୍ ବାଜିବା ଦେଖିନାହିଁ। (ମନକୁ ମନ) ମୋ ଘଣ୍ଟା କୁଆଡ଼େ ଗଲା? (ପକେଟ୍ ଅଣ୍ଡାଳି ଗୋଟିଏ ସୁନା ରିଷ୍ଟ ୱାଚ୍ ବାହାରକଲେ) ହାମ୍‌ଲେଟ୍ ଭୂମିକାରେ ମୋର ଅଭିନୟ ପାଇଁ ନାଗପୁରରେ ଯେତେବେଳେ ମୋତେ ସମ୍ମାନିତ କରାଗଲା- ଶ୍ରୀ ଗଣପତ୍ ରାୟ ଯୋଷୀ ମୋତେ ଏ ଘଣ୍ଟାଟି ପିନ୍ଧାଇ ଦେଇଥିଲେ। ଏ ଘଣ୍ଟା ସବୁବେଳେ ମୋ ପାଖେ ପାଖେ ରହିଥାଏ। କେଜାଣି କାହିଁକି ମୋ ମନରେ ଗୋଟେ ଦିବ୍ୟ ଧାରଣା ରହିଚି ଯେ, ଯେପର୍ଯ୍ୟନ୍ତ ଏ ଘଡ଼ିଟି ଚାଲୁଥିବ ସେପର୍ଯ୍ୟନ୍ତ ଅନ୍ୟସବୁ ଠିକ୍ ଚାଲୁଥିବ। (ଘଣ୍ଟାଦେଖି) ମାନୁଚି, ପନ୍ଦର ମିନିଟ୍ ଡ଼େରି ହୋଇଗଲାଣି। (ଘଣ୍ଟା ପକେଟ୍‌ରେ ରଖି) କ'ଣ ଆଉ କରିବି? ମୋର ବିଶ୍ୱାସ ଏପର୍ଯ୍ୟନ୍ତ ଆପଣମାନେ ଯେମିତି ମୋତେ ଚଳାଇ ଆସିଛନ୍ତି, ଆଜି ଠିକ୍ ସେମିତି ଚଳାଇ ନେବେ।

ରସଗ୍ରାହୀ ବନ୍ଧୁଗଣ- ନା, ଆମ ନାରାୟଣ ରାଓଜୀଙ୍କ ପରି ମୁଁ ମଧ ଆପଣମାନଙ୍କୁ ମାତାପିତା, ଅନ୍ନଦାତା ପ୍ରଭୃତି କହି ସମ୍ବୋଧନ କରିବି ନାହିଁ। ଆମ ପ୍ରିୟ ପୁରୁଷ, ରାଓଜୀ ମରାଠୀ ରଙ୍ଗମଞ୍ଚରେ ଏକ ବିସ୍ମୟ ଥିଲେ– ରଙ୍ଗମଞ୍ଚର ପାଦପ୍ରଦୀପ ସମ୍ମୁଖରେ ସେ ଏକ ଇନ୍ଦ୍ରଧନୁ ପରି ପ୍ରତିଭାତ ହେଉଥିଲେ। ସୁନ୍ଦର ସୁମାର୍ଜିତ ସ୍ୱର ଆଉ ସଙ୍ଗୀତମୟ ପ୍ରକାଶ। କିନ୍ତୁ ମୁଁ? ମୁଁ ହେଉଚି, ପାହାଡ଼ ଉପର ଚଟାଣ ପରି ଅସମତଳ ଆଉ ବର୍ଷା ଆକାଶର ସେଇ ଗର୍ଜିଲା ମେଘ। ଏସବୁ ମୁଁ ଯାହା କହୁଚି ଆପଣମାନେ ଭାବୁଥିବେ ଏସବୁ ମୋର ଧୃଷ୍ଟତା। ହୁଏତ ଆପଣ ଏସବୁ ପ୍ରଶ୍ନ କରି ନପାରନ୍ତି।.... କ୍ଷମା କରନ୍ତୁ, ମୋର ଅତି ବିନମ୍ର ଭାବ ମୋତେ ଶୋଭାପାଉ ନାହିଁ ବୋଲି ମୋ ନିଜ ପକ୍ଷରୁ ମୁଁ ନିଜେ କହୁଚି। ମୋ ପ୍ରତି ଆପଣମାନଙ୍କର ଅସୀମ ସ୍ନେହ ରହିଚି- କିନ୍ତୁ ଏ ସ୍ନେହ, ଏ ପ୍ରେମ କ'ଣ ଆପଣମାନେ ମୋତେ ଭିକ୍ଷା ଦେଇଛନ୍ତି? ନା! ଏ ସ୍ନେହ ମୋର ପ୍ରାପ୍ୟ। ଚାଳିଶ ବର୍ଷ ହୋଇଗଲା, ପ୍ରତିଦିନ ରାତିରେ ମୋର ଜୀବନ ପ୍ରାଣ ଉତ୍ସର୍ଗ କରି ଆପଣମାନଙ୍କର ଏ ପ୍ରେମ ମୁଁ ପାଇପାରିଛି। ଲୋକେ କହନ୍ତି, "ଗଣପତ ରାଓ ବେଲ୍‌ବଲ୍ କର୍" ଭାରି ଅହଂକାରୀ ବ୍ୟକ୍ତି। ବେଶ୍ ତ କୁହନ୍ତୁ। ମୋର ପନ୍ଦର ବର୍ଷ ବୟସରେ, ମୋ ଘରର ଚାରିକାନ୍ଥ ଭୁଷୁଡ଼ି ପଡ଼ିଲା। ମଥା ଉପରେ ଖୋଲା ଆକାଶ। ସୀମାହୀନ ମରୁଭୂମିରେ ବୁଲୁଥାଏ। ପାଦ ତଳେ ଜଳନ୍ତା ବାଲି- ଉପରେ ମୁଣ୍ଡଫଟା ଖରା। କିନ୍ତୁ ମେଷ ପାଳକ ପରି,

Digitized by srujanika@gmail.com

ସବୁବେଳେ କିଏ ଯେମିତି ମୋତେ ଶୂନ୍ୟରୁ ଡ଼ାକୁଥାଏ। କେତେବେଳେ ମିଠା କୋମଳ ଡ଼ାକ, କେତେବେଳେ କଡ଼ା କର୍କଶ ଡ଼ାକ। ମୋର ଏ ଦୀର୍ଘ ଜୀବନଯାତ୍ରାରେ ମୁଁ ଜାଣିନାହିଁ, ମୁଁ କେମିତି ବଞ୍ଚିରହିବି, ବଞ୍ଚିରହିଲି କେବଳ ରଙ୍ଗମଞ୍ଚପାଇଁ। ଚାଳିଶ ବର୍ଷ ପୂର୍ବେ ରାଜଭୃତ୍ୟ ଭୂମିକାରେ ସିନ୍ଧିଆ ଢ଼ଙ୍ଗରେ ପଗଡ଼ି ପିନ୍ଧି, ମୁଁ ପ୍ରଥମେ ରଙ୍ଗମଞ୍ଚରେ ପ୍ରବେଶ କରିଥିଲି। ଏହାପରେ ଯାହା ଯାହା ଘଟିଲା ସେସବୁ ଏଠି କହିବା ଦରକାର ନାହିଁ- ସବୁ ମଧ୍ୟ ମୋର ସ୍ମରଣ ନାହିଁ। କେବଳ ଏତିକି କହୁଛି ଯେ, ମୁଁ କୂଳରେ ଲାଗିଗଲି......। ଗଣପତ ରାଓଙ୍କଠାରୁ ପ୍ରଶଂସା ପାଇଲି, ଲୋକମାନଙ୍କ ଆଶୀର୍ବାଦ ମିଳିଲା- ଆଉ ମିଳିଲା ଆପଣମାନଙ୍କ ସ୍ନେହ- ଆଉ ପ୍ରେମ। ରଙ୍ଗମଞ୍ଚର ଜଣେ ନଟ- ଜଣେ ଅଭିନେତାର ଯାହାଯାହା ପ୍ରାପ୍ୟ, ସେସବୁ ଆପଣମାନଙ୍କର ଏଇ ଗଣପତ ରାଓ ବେଲ୍‌ବଲ୍‌କର ପାଇସାରିଚି। ଏଇ ସନ୍ତୋଷ, ଏଇ ଆତ୍ମପ୍ରସାଦ ଲାଭରେ ଯଦି ମୋତେ ଅହମିକା ସ୍ପର୍ଶ କରିଥାଏ, ତେବେ ସେଥିପାଇଁ ଆପଣମାନେ ମୋତେ କ୍ଷମା କରିବେ।

ଏକଥା ସତ ଯେ ଏମିତି ବୁଢ଼ା ବୟସରେ ଲୋକମାନଙ୍କର ଅହଂକାର ଟିକେ ବଢ଼ିଯାଇଥାଏ। ତା'ଦ୍ୱାରା ଟିକେ ବୟସର ରିକ୍ତତା କିଛି କମିଗଲା ପରି ମନେହୁଏ। ଏଇ ପଥରିଦିନ କଥା କହୁଚି। ବସ୍‌ରେ ଯିବି- ଲମ୍ବା କ୍ୟୁ ଲାଗିଥାଏ-ସବା ଶେଷରେ ମୁଁ। ଗୋଟିଏ ବିପଟୀ ସ୍ତ୍ରୀ ପରି ବସ୍ ହଲିଢୁଲି ଆସିଲା। କ୍ୟୁରେ ଠିଆ ହେଇହେଇ ମୋର ପାଦ ବସିଗଲାଣି। ବସ୍ ରହିଲା। କିନ୍ତୁ ହତଭାଗା ପାଦ ମୋର ଭୂଇଁରୁ ଉଠୁନାହିଁ। ହାତରେ ଝୁଲା ଧରି- ପାଦ ଘୋଷାରି ଘୋଷାରି ମୁଁ ଆଗକୁ ବଢ଼ିଲି। କିନ୍ତୁ ମୋ ପାଇଁ ବସ୍ କାହିଁକି ଅଟକିବ? ମୋ ବୁଢ଼ା ବୟସକୁ ପରିହାସ କରି ବସ୍‌ଟା ବେପରୁଆ ହୋଇ ନିଜ ଢ଼ଙ୍ଗରେ ଚାଲିଗଲା। "ଟାଇମ୍ ଆଣ୍ଡ ଟାଇଡ୍ ୱେଟ୍ ଫର୍ ନୋ ବଡ଼ି"- ବସ୍ ଠିକ୍ ଟାଇମ୍‌ରେ ଗଲା। କିନ୍ତୁ ଏଇଠି ଗୋଟିଏ ମଜା ଘଟଣା ଘଟିଲା। ଖଟ୍ କରି ବ୍ରେକ୍ ମାରିବାର ଶବ୍ଦ ହେଲା- ବସ୍ ରହିଲା। ଯେମିତି ବିନା କାରଣରେ ମୋ ଆଡ଼କୁ ବିଷ ଦୃଷ୍ଟିରେ ଚାହିଁ କଣ୍ଡକ୍ଟର ବସ୍‌ରୁ ଓହ୍ଲେଇପଡ଼ିଲା, ଆଉ ମୋ ଆଡ଼କୁ ଦୌଡ଼ି ଦୌଡ଼ି ଆସିଲା। ଭାବିଲି, ହୁଏତ ଅଜାଣତରେ କିଛି ଦୋଷ କରିଛି, ମୋତେ ଧରି ଥାନାକୁ ନେଇଯିବ। କିନ୍ତୁ ବନ୍ଧୁଗଣ ସେ କଣ୍ଡକ୍ଟର ମୋ ହାତଧରି, ମୋ ଝୁଲା ଧରିନେଇ ମୋତେ ବସ୍‌ରେ ବସେଇଲା। ଆଉ କହିଲା, "ମୋତେ କ୍ଷମା କରନ୍ତୁ, ଆପଣ ଅପ୍ପା ସାହେବ ବେଲ୍‌ବଲ୍‌କର। ମୁଁ ହଠାତ୍ ଚିହ୍ନିପାରିଲି ନାହିଁ।" .....ମୋ ପ୍ରିୟ ଭାଇ ଭଉଣୀମାନେ

Digitized by srujanika@gmail.com

ମୋ' ନିଜକୁ ଆପଣମାନଙ୍କ ପାଦ ତଳେ ଲୀନ କରିଦେଇଛି। ଅସହାୟ ନୁହେଁ, ଲୀନ ହୋଇଯାଇଛି। ଏଇଠି ମୁଁ ଦେଖୁଛି, ମୋର କାଶୀ ଆଉ ବୃନ୍ଦାବନ। ଆପଣମାନେ ହିଁ ମୋତେ ଉପରକୁ ଉଠେଇଛନ୍ତି- ମୋ ମନ ପ୍ରାଣରେ ସନ୍ତୋଷ ଭରି ଦେଇଛନ୍ତି। ଆଜିଠୁଁ ଆପଣମାନେ ମୋ'ପ୍ରତି ଆପଣମାନଙ୍କର ପ୍ରେମର ପରାକାଷ୍ଠା ଦେଖେଇଛନ୍ତି। ମୋତେ ସମାଧି ଭିତରୁ ଉଠେଇ ଆଣିଲା ପରି ଆଣି ମୋତେ ସମ୍ମାନିତ କରିଛନ୍ତି। ଗଳାରେ ମୋର ବିରାଟ ଫୁଲମାଳ ପିନ୍ଧାଇଛନ୍ତି। ନଟ ସମ୍ରାଟ ଉପାଧିରେ ଭୂଷିତ କରିଛନ୍ତି। ଚାଳିଶ ହଜାର ଟଙ୍କାର ଥଳି ଭେଟି ଦେଇଛନ୍ତି। ପ୍ରତିଷ୍ଠିତ ମହାନ୍ ନାଟ୍ୟକାରମାନଙ୍କର ଭାଷା ମୋ'ଗଣ୍ଠାଘରେ ପୂର୍ଣ୍ଣ ରହିଛି। ନାଟକର ଭାଷା- ପାହାଡ଼ପରି, ସାଗରପରି, ଅଗ୍ନିପରି- ପୁଣି ଇନ୍ଦ୍ରଧନୁ ପରି ରଙ୍ଗବେରଙ୍ଗ- ଫୁଲପରି କୋମଳ- କିନ୍ତୁ ସେସବୁ ଏସମୟରେ ନିଷ୍ଫଳ ହୋଇଯାଇଛି। ମୋ ଭିତରର ଅକୁହା ଭାଷାକୁ ଆପଣମାନେ ବୁଝନ୍ତୁ- ଗ୍ରହଣ କରନ୍ତୁ- ଏତିକି ମାତ୍ର ମୋର ପ୍ରାର୍ଥନା।

ସଫଳ ଆଉ ସନ୍ତୋଷପୂର୍ଣ୍ଣ ବୃଦ୍ଧାବସ୍ଥା, ଗୁଲବକାବଲିର ସୁଗନ୍ଧ ଫୁଲ ସହିତ ସମାନ ବୋଲି କୁହାଯାଏ। ମୁଁ ଆଜି ସେହି ଅବସ୍ଥାରେ ପହଞ୍ଚିଛି। ନିଜର ଦୁଇ ଝିଅର ଅସାମାନ୍ୟ ରୂପରେ ସାରା ସଂସାର ଯେତେବେଳେ ଓଲଟପାଲଟ ହୋଇଗଲା ସେତେବେଳେ କିଙ୍ଗ୍ ଲିୟର୍ କ'ଣ କହିଥିଲେ ଜାଣନ୍ତି ? (ଚୌକିରୁ ଉଠି ଲିୟର୍ ଭୂମିକା ଅଭିନୟ କଲେ)

ହେ ସ୍ୱର୍ଗୀୟ ଶକ୍ତିବୃନ୍ଦ,
ମୋତେ ଅଭେଦ୍ୟ
ଶିଳାସ୍ତର ଦିଅ
ମୋର ସହନ ଶକ୍ତି ପାଇଁ
ମୁଁ ସାମର୍ଥ୍ୟ ଚାହେଁ
କେବଳ ସହନ ଶକ୍ତି ପାଇଁ
ବୟସ ଆଉ ବ୍ୟଥାରେ ଜର୍ଜ୍ଜରିତ ଏଇ ବୃଦ୍ଧ
ଏଠି ଉପସ୍ଥିତ ଦେବବୃନ୍ଦ।
ତୁମମାନଙ୍କ ଦ୍ୱାରଦେଶରେ ତାର ଏହା ଦାବୀ- ମୋର ଆକ୍ରୋଶ
ତାକୁ କେବଳ ସହନଶୀଳତାକୁ ହିଁ ଦାନ ଦିଅ।
ଯଦି ତୁମେ କୃତଘ୍ନତାର ବିଷ ଭରିଦେଇଥାଅ
ଏଇ ତରୁଣୀମାନଙ୍କ ହୃଦୟରେ
ତା'ହେଲେ ମୋତେ ଉପହାସ କର ନାହିଁ।

Digitized by srujanika@gmail.com

ମତେ ଅସହାୟ କରିଦିଅ ସେମାନଙ୍କ ସମ୍ମୁଖରେ।
ଉଚ୍ଛ୍ୱସିତ କ୍ରୋଧରେ ମୋର ଅନ୍ତଃକରଣକୁ ପ୍ରଜ୍ୱଳିତ କରିଦିଅ।
ଜାହାରି ଦୃଷ୍ଟିରେ ମୋର ପୌରୁଷକୁ ଲାଞ୍ଛିତ କରନାହିଁ।
ତମ ଦୁହିଁଙ୍କ ଉପରେ
ମୁଁ ଏପରି ଭୟଙ୍କର ପ୍ରତିଶୋଧ ନେବି, ଯେ ପୃଥିବୀ ପ୍ରକମ୍ପିତ
ହୋଇ ଉଠିବ। ମୋର ସେଇ କୃତ୍ୟରେ
ଯାହା ଏପର୍ଯ୍ୟନ୍ତ ମୋତେ ବିଦିତ ନୁହେଁ।
ତୁମେ ଭାବୁଛ ଯେ ମୁଁ ରୋଦନ କରିବି ?
କାରଣ ଥିଲେ ସୁଦ୍ଧା, ନା
ମୁଁ ରୋଦନ କରିବିନାହିଁ।
ମୋ ହୃଦୟ ଖଣ୍ଡ ଖଣ୍ଡ ହୋଇଯାଉ ପଛେ
ମୋ ନୟନରୁ, ଅଶ୍ରୁ ନିର୍ଗତ ହେବା ପୂର୍ବରୁ
ବିଦୂଷକ ? ମୁଁ ହୋଇଯିବି ଭ୍ରମିଷ୍ଟ।

(ଅଭିନୟ ଶେଷରେ କ୍ଳାନ୍ତ ହେଲାପରି ଚୌକି ବାଡ଼ା ଧରି କିଛି ସମୟ ଠିଆହେଲେ। ତା'ପରେ ଚୌକିରେ ବସି କିଛିକ୍ଷଣ ମନକୁ ମନ ହସିଲା ପରେ ପୁଣି ଦର୍ଶକମାନଙ୍କୁ ସମ୍ବୋଧନ କରି କହିଲେ।)

ଥରେ ମୁଁ ବାସୁଦେବ ରାଓ କେଲ୍‌କର୍‌ଙ୍କୁ କହିଥିଲି– ବାସୁଦେବ ହେଉଛନ୍ତି ସେକ୍ସପିୟର ନାଟକର ଜଣେ ସ୍ୱୀକୃତିପ୍ରାପ୍ତ ପାଠକ ଆଉ ପ୍ରଶଂସକ- ମୁଁ ତାଙ୍କୁ କହିଲି, ପ୍ରଫେସର୍ ସାହେବ, ଆପଣଙ୍କର ଏଇ ସେକ୍ସପିୟର ନାଟ୍ୟକାର ନୁହଁନ୍ତି, ସେ ହେଉଛନ୍ତି କେବଳ ଦୁଃଖ ରୋପଣକାରୀ ଏକ ସୈତାନ୍। ବାସୁଦେବ ରାଓ କେବଳ ଟିକେ ହସିଦେଇ କହିଥିଲେ- ଠିକ୍ ସମୟରେ ସବୁ ଜଣାପଡ଼ିଯିବ। ହଁ, ଠିକ୍ ସମୟରେ ସବୁ ଜଣାପଡ଼ିଗଲା। ମଞ୍ଚରେ ମୁଁ ସେକ୍ସପିୟର ନାଟକ ଅଭିନୟ କଲାବେଳେ ମୋ ଆଖିଆଗରେ କେତେ ବୃଦ୍ଧ ଚେହେରା, କେତେ ଉଦାସ ଚେହେରା ଭାସିଯାଉଥିଲେ। ସେମାନେ କିନ୍ତୁ କାନ୍ଦୁନଥିଲେ। କାନ୍ଦୁଥିଲେ ଯୁବକମାନେ। ସେମାନେ ତାଙ୍କ ନିଜନିଜ ଜାଗାରେ ଯେମିତି ଫାଟିପଡୁଥିଲେ। ଆଉ ସେହି ଫଟା ଦୃଷ୍ଟିରୁ ଭୟର ଜାଲସବୁ ବାହାରିଆସି ମଞ୍ଚରେ ମୋ' ଦେହଭିତରେ ପ୍ରବେଶ କରିବାର ଚେଷ୍ଟା କରୁଥିଲେ। ଏ କିଛି ସହଜ କାମ ନୁହେଁ, ଏ କାମ ସଇତାନ୍‌ର ନୁହେଁ କି ଭଗବାନ୍‌ଙ୍କର ନୁହେଁ। ଏ କୃତି କେବଳ ନାଟ୍ୟକାରର। (ଟିକିଏ ହସି) ବନ୍ଧୁଗଣ, ଗୋଟିଏ ସତକଥା କହୁଛି। ଦୁଃଖର ବୋଝପରି ସୁଖର ବୋଝଟିକୁ ମଧ ବୃଦ୍ଧ ମସ୍ତିଷ୍କ ସହ୍ୟକରି ପାରେନି। ସେଥିପାଇଁ

Digitized by srujanika@gmail.com

•ମୁଁ ସ୍ଥିର କରିଛି, ମୋର ଯାହା କିଛି ସୁଖ, ମୋର ସର୍ବସ୍ୱ- ଏସବୁକୁ ମୋର ଦୁଇ ସନ୍ତାନଙ୍କ ଭିତରେ ବାଣ୍ଟିଦେବି। ହଁ, ମୋର ଯାହା କିଛି ସମ୍ପତ୍ତି, ମୋର ସମ୍ମାନ, ଆଜି ଯେଉଁ ଥଳି ମୁଁ ଭେଟି ପାଇଛି, ସେ ସବୁକୁ ମୁଁ ବାଣ୍ଟିଦେବି।

(ଅନ୍ୟଦିଗକୁ ମୁହଁ କରି ଅନ୍ୟ କାହା ସହିତ କଥା ହେବା ଭଙ୍ଗୀରେ)

ନା ଓକିଲ ସାହେବ, ଏଥିରେ ସନ୍ଦେହ କରିବାର କିଛି ନାହିଁ। ମୋର ପିଲାମାନେ ଏକାବେଳକେ ସାଧାସିଧା, ଭଦ୍ର ଆଉ ସ୍ନେହୀ। (ଖୁବ୍ ବଡ଼ପାଟିରେ) ମୁଁ ଯାହା କହୁଛି ଏଥିରେ ତିଳେମାତ୍ର ଏପାଖ ସେପାଖ ନାହିଁ। ମୁଁ ଚାହେଁ ମୋର ଇଚ୍ଛା ଅନୁସାରେ ଏସବୁ କାମ ହେବ। (ଦର୍ଶକମାନଙ୍କ ଆଡ଼କୁ ମୁହଁ ଫେରାଇ) ଏଇସବୁ ଓକିଲମାନେ ହେଉଛନ୍ତି ସନ୍ଦେହ ନଗରୀର ଅଧିବାସୀ। ମୋର ପିଲା ଦୁହେଁ ହେଉଛନ୍ତି ଲଳିତ ଲବଙ୍ଗଲତାର ଫୁଲ- ଫୁଲପରି ମୁଁ ସେମାନଙ୍କୁ ପାଳିଛି ପୋଷିଛି। ସେମାନଙ୍କ ପାଇଁ ମୁଁ ଯାହା କରିଛି , ସେ କଥା ବାପ ହୋଇ ନିଜ ମୁହଁରେ କହିବା ଅସୁନ୍ଦର; ତଥାପି ମୁଁ ଆପଣମାନଙ୍କୁ କହୁଛି, ଟଙ୍କା ପଇସାରେ ସେମାନଙ୍କୁ ଯାହାକୁହନ୍ତି ଗାଧୋଇ ଦେଇଛି......। ବୟସ ମୋର ଅଧା ବିତିଗଲା ବେଳକୁ ପାଞ୍ଚ ପଇସା ରୋଜଗାର ହେଲା, ଆଉ ସେତିକିବେଳେ ସେମାନେ ଜନ୍ମ ହେଲେ..... ମୋ ସ୍ତ୍ରୀ ମୁଁ ତାଙ୍କୁ ସର୍କାର ବୋଲି କୁହେ। ମୋତେ ଷାଠିଏ ବର୍ଷ ପୂରିଗଲାପରେ ବି ମୁଁ ମଞ୍ଚରେ ଅଭିନୟ ସାରି ଘରକୁ ଯାଏ। ସେତେବେଳକୁ ପ୍ରାୟ ସକାଳ ହୋଇ ଆସୁଥାଏ। ମୋର ରାତ୍ରି ଭୋଜନ ମୁଁ ସେଇ ସକାଳେ ହିଁ ଖାଏ। ଆଉ ମୋ ସ୍ତ୍ରୀ ମୁଁ ଖାଇ ସାରିବା ପରେ ଖାଇବସେ। ତା'ର ପୂଜା, ବ୍ରତ, ଉପାସନା ଏତେ ବେଶୀଯେ, ସେ କେମିତି ବଞ୍ଚି ରହିଛି ଭାବି ମୁଁ ଆଶ୍ଚର୍ଯ୍ୟ ହୁଏ। ବିବାହ ବେଦୀରେ ଏମିତି ଏକ ସ୍ତ୍ରୀରତ୍ନ ଲାଭ କରିବା ମହା ଭାଗ୍ୟର କଥା। (ଭିତର ଆଡ଼କୁ ମୁହଁକରି ଡ଼ାକିଲେ) ନନ୍ଦା- ନନ୍ଦା।

ନନ୍ଦା- (ଭିତରୁ) ଯାଉଛି ବାପା।

ଅପ୍ପା- ଭାଗ୍ୟକୁ ବୋହୂ ଆଉ ଜ୍ୱାଇଁ ଏମିତି ମିଳିଛନ୍ତି, ଯେମିତି କି ସେ ଦୁହେଁ ଏଇଠି ଆମରିଘରେ ଜନ୍ମ ହେଇଛନ୍ତି। ସେମାନେ ସମସ୍ତେ ଏକାଠି ହେଇଗଲେ ଯେମିତିକି ଇନ୍ଦ୍ର ସଭାର ଦୃଶ୍ୟ ପରି ଦେଖାଯାଏ।

(ନନ୍ଦା ଆସିଲା। ଇଏ ସମସ୍ତ ଘଟଣା ଏକ ସ୍ମୃତିକଥା ହୋଇଥିବାରୁ ଅନ୍ୟ ସବୁ ପାତ୍ର ପାତ୍ରୀଙ୍କ ବ୍ୟବହାର କିଛିଟା ଅସ୍ୱାଭାବିକ- ଏପରିକି କାଷ୍ଠ ପିତୁଳା ପରି ବୋଧହୁଏ। ନନ୍ଦା ଆସି ସ୍ମିତ ବଦନରେ ଇଷତ୍ ବେକଭାଙ୍ଗି ଠିଆ ହେଲା।)

Digitized by srujanika@gmail.com

ଅପ୍ପା- ମୋ ପୁଅ- ନନ୍ଦା, ଏମ୍.ଏ- ଏମ୍.ଏ।

ନନ୍ଦା- ନାଇଁ ବାପା, ଏମ୍.କମ୍.।

ଅପ୍ପା- ଏମ୍.କମ୍! ଆଉ, ତୋର ଏ ବୋକା ବାପାଟା ଏମ୍.କମ୍. ବୋଲି ଡ଼ିଗ୍ରୀ ଅଛି ବୋଲି ଜାଣିନି। (ଦର୍ଶକ ମାନଙ୍କ ପ୍ରତି) ଏମ୍.କମ୍. ପାଶ୍ କଲା- ଆଉ କମ୍ପାନୀ ଅଫିସରେ ଯେତେବେଳେ ଯାଇ ଶ୍ରୀ ଗଣେଶ ଆରମ୍ଭ କଲା, ସେତେବେଳଯାଏ ନିଜ ଜାମାରେ ମୁହଁ ପୋଛୁଥିଲା। ଏବେ ପୁରା ସାହାବ ହୋଇଗଲାଣି। ଫୋର୍ଟ ଇଲାକାରେ ଗୋଟାଏ ବଡ଼ କମ୍ପାନୀରେ ଅଫିସର। ନନ୍ଦା, ତୋ କମ୍ପାନୀ ନାଁ କ'ଣଟି?

ନନ୍ଦା- ଫିଲ୍ଡ଼ ଓ୍ୟାର୍କର୍, କରନଭସ୍କି, ତେଜ୍‌ପାଲ ଏଣ୍ଡ କୋ।

ଅପ୍ପା- ବୁଝିଲି, ବୁଝିଲି। ଏସବୁ କଥାବାର୍ତ୍ତା ତ ଆଉ ମନେ ରହୁନାହିଁ। ହଜାର ବାର୍ ମନେପକେଇ ଦେଲେ ବି ମୁଣ୍ଡ ଭିତରଟା ଯୋଉ ଫାଙ୍କାକୁ ସେଇ ଫାଙ୍କା। ନନ୍ଦା ବର୍ତ୍ତମାନ ସେଇ ଏଣ୍ଡ କୋ- ଏଣ୍ଡ କୋ କମ୍ପାନୀର ମ୍ୟାନେଜର। ଏଇ କିଛିଦିନ ତଳେ କମ୍ପାନୀ କାମରେ ଚୀନ୍ ଯାଇ ବୁଲିଆସିଚି।

ନନ୍ଦା- ଚୀନ୍ ନୁହେଁ ବାପା, ମାଲେସିୟା।

ଅପ୍ପା- ହେଲାବାବୁ ହେଲା। ବଙ୍ଗଳା ଦେଶ ସୀମାନ୍ତ ସେ ପାଖରେ ସମସ୍ତଙ୍କର ଦେହର ରଙ୍ଗ ହଳଦିଆ ଆଉ ନାକ ଚେପ୍‌ଟା। ତୁ କମ୍ପାନୀ କାମରେ ବିଦେଶ ଗଲୁ, ସେଥିରେ କମ୍ପାନୀର କ'ଣ ଲାଭ ହେଲା ସେ କଥା ଭଗବାନ୍ ଜାଣନ୍ତି। କିନ୍ତୁ ନନ୍ଦା ମାଲେସିୟାରୁ ଫେରି ଆସିବା ପରେ ଇନ୍‌କ୍ରିମେଣ୍ଟ ପରେ ଇନ୍‌କ୍ରିମେଣ୍ଟ ପାଉଛି। ବଡ଼ ହେଉଛି ଠିକ୍, କିନ୍ତୁ ମତିଗତି କୋଉଠି ବିଗିଡ଼ି ନାହିଁ- ବଡ଼ପଣ ନାହିଁ। ଏବେବି ତ କଥାକଥାକେ ମୋର ପାଦ ଛୁଉଁଛି। (ନନ୍ଦା ନଇଁପଡ଼ି ପାଦ ଛୁଇଁଲା।)

ଅପ୍ପା- ଆରେ ଥାଉ, ଥାଉ। ପଣ୍ଡରୀର ବିଠୋବାଙ୍କ ପାଦ ଘସି ହୋଇଗଲା ପରି ମୋ ପାଦ ଘସିହେଇଯାଇ ପତଳା ହେଇଯିବ। ମୁଁ ତତେ ଏବେଠୁ କହିରଖୁଚି ନନ୍ଦା, ମୁଁ ଆଜି ଅଛି- କାଲି ନଥିବି। କିନ୍ତୁ କାହାରି ନା କାହାରି ତୋର ଏ ପାଦ ଛୁଇଁବା ଅଭ୍ୟାସ ତୁ ଛାଡ଼ିବୁନି। ନମସ୍କାର କରିବା ପାଇଁ ଯାହାକୁ ସ୍ଥାନ କି ପାତ୍ର ମିଳେ ନାହିଁ, ତାକୁ ହତଭାଗ୍ୟ ବୋଲି ମୁଁ କହିବି। ପୁଣି ସ୍ଥାନ-ପାତ୍ର ଥାଉଥାଉ ନମସ୍କାର କରିବାକୁ ଯାହାର ସାହସ ହୁଏନାହିଁ, ସେ ଆହୁରି ବେଶୀ ହତଭାଗ୍ୟ। ବୁଝିଲୁ ନନ୍ଦା ବାଜିମାରି ଅମୃତ ଭାଣ୍ଡ ଜିତିବା ଯାହା, ଏ କାମଟି ହେଲା ସେଇଆ। ଗୋଟିଏ କଥା କହୁଛି ଶୁଣ – ପୁନା କିର୍ଲୋସ୍କର ଥିଏଟରରେ ଆମ କମ୍ପାନୀର ନାଟକ "କାଞ୍ଚନଗଡ଼ର ମୋହନା"ର ସେଦିନ ପ୍ରଥମ

Digitized by srujanika@gmail.com

ଅଭିନୟ। ମୁଁ ଅଭିନେତା। ମଥାରେ ମୋର ପୁନାର ପଗଡ଼ି, ଅବସ୍ଥା ଏମିତି ଯେ, ଗୋଟାଏ ଅସୁର ସାଙ୍ଗରେ ମୋର ବଳ ପରୀକ୍ଷା କରିବା ପାଇଁ ପଛେଇବି ନାହିଁ। କିନ୍ତୁ ମଞ୍ଚ ଉପରେ ପୁନାର ଦର୍ଶକମାନଙ୍କ ସାମନାରେ ଠିଆ ହେବାପାଇଁ ପାଦ ଥରୁଥାଏ। ଯୋତା ପିନ୍ଧିବାରେ କୋଉଠି ଯଦି କିଛି ଭୁଲ୍‌ଭାଲ୍ ରହିଯାଇଥାଏ, ବୋକାଙ୍କ ଭଳି ତାଙ୍କୁ ଚାହିଁରହୁଥାଏ। ପରଦା ଉଠିବା ବେଳ ହେଇଆସିଲା। ସେହି ସଙ୍ଗେ ସଙ୍ଗେ ଭୟରେ ମୋ ଗୋଡ଼ ହାତ ଥରିଉଠିଲା। ମନେହେଲା ମୋ ଉପରେ ପୂରା ଆକାଶଟା ଯେପରି ଭାଙ୍ଗିପଡ଼ିବ। ସେଦିନ ପୁଣି ମୋ ଜୀବନର ସବୁଠୁବଳି ଗୋଟାଏ ବଡ଼ ଚରିତ୍ରର ଅଭିନୟ ମୁଁ କରୁଥାଏ। ଏତିକିବେଳେ କାକା ସାହେବ ମଞ୍ଚ ଭିତରକୁ ଆସିଲେ। ମୁଁ ସାଙ୍ଗେ ସାଙ୍ଗେ ଯାଇ ତାଙ୍କ ପାଦଧୂଳି ନେଲି। ବେଶ୍ ଧୀର ଗଳାରେ ସେ ମୋତେ ଆର୍ଶୀବାଦ କଲେ। କିନ୍ତୁ ତାଙ୍କର ସେଇ ଧୀର ଗଳା ଶିବାଜୀଙ୍କ ଡ଼ମ୍ବରୁ ପରି ଡ଼ିବିଡ଼ିବି ସ୍ୱରରେ ମତେ ଚତୁର୍ଦ୍ଦିଗରୁ ଶୁଣାଗଲା। ମୋର ସବୁ ଦୁର୍ବଳତା କୁଆଡ଼େ ଉଭେଇଗଲା। ମନେହେଲା ମୁଁ ଅମୃତ ପାନ କରିଛି। ଭିତରୁ ମୋର ଶକ୍ତିର ଉଚ୍ଛ୍ୱାସ ଉଠିଆସୁଥାଏ। ଷ୍ଟେଜ ଉପରେ ପାଦ ଦେବାମାତ୍ରେ ହିଁ ଆକାଶରୁ ଗୋଟିଏ ଗୋଟିଏ ଉଜଳ ତାରକା ତୋଳି ଆଣି ଦର୍ଶକମାନଙ୍କ କୋଳକୁ ଫିଙ୍ଗିବାକୁ ଲାଗିଲି। ନାଟକର ପ୍ରତାପ ରାଓ ହଜାର ହଜାର ଦର୍ଶକଙ୍କ ହୃଦୟ ଭିତରେ ମଜ୍ଜିଗଲା। ଜନ୍ମ ହେଲା ଏକ ନଟର। ଅପ୍ପା ବେଲ୍‌ବଲ୍‌କର ନିଜର ପ୍ରଦୀପ ଶିଖା ଲାଗକଲା, ଅନୁରକ୍ତମାନଙ୍କ ମେଳରୁ ଏହି କଳାକାର ଯାଇ ରାଜସଭାରେ ଉପସ୍ଥିତ ହେଲା। .....ଏହାହିଁ ହେଲା ନମସ୍କାରର ପୁରସ୍କାର।

(ନନ୍ଦା ପୁଣି ମଥା ନୁଆଁଇ ନମସ୍କାର କଲା)

ଅପ୍ପା- ଥାଉ ବାପ, ଥାଉ। ନମସ୍କାର କଥା କହିଲି ବୋଲି ତୁ ଯେ ନମସ୍କାର ହିଁ କରିଚାଲିଥିବୁ ଏଇଟା ଠିକ୍ ନୁହେଁ। କଥାର ମର୍ମ ହେଲା ଯେ, ଯେଉଁଠି ନମସ୍କାର କରିବା ଆବଶ୍ୟକ, ସେଠି କେବେହେଲେ ଲଜ୍ୟା ବା ସଂକୋଚ ବୋଧ କରିବୁ ନାହିଁ। ବାକି ଯାହା ସବୁ କହିଲି ସେଥିପ୍ରତି ବିଶେଷ ଧ୍ୟାନ ଦେବା ଦରକାର ନାହିଁ। ଆମେ କଳାର ଗୋଷ୍ଠୀ ହେଲୁ ଏକ ଭିନ୍ନ ଗୋଷ୍ଠୀ। ଆମର କର୍ମ ମଧ୍ୟ ଭିନ୍ନ। ପ୍ରତି ଅଭିନୟ ରାତ୍ରିରେ ଆମକୁ ପରୀକ୍ଷା ଦେବାକୁ ପଡ଼ିଥାଏ। ସବୁବେଳେ ଚାପ ଆଉ ଚାପ। ସେଥିପାଇଁ ଆମ ପୃଥିବୀରେ ନମସ୍କାର, ଆର୍ଶୀବାଦ, ତାବିଜ, ଡ଼େଉଁରିଆ ଆଉ ପୂଜାପାଠ ଇତ୍ୟାଦି ବିନା ଆମେ ପାଦେ ଆଗେଇପାରୁନାହୁଁ। (ଦର୍ଶକମାନଙ୍କ ପ୍ରତି) ବଂଧୁଗଣ ଦେଖିଲେ ତ ଏଇ ମୋର ସୁପୁତ୍ର

Digitized by srujanika@gmail.com

ନନ୍ଦା, ଆଉ (ଡ଼ାକିଲେ) ବୋହୂ- ଏ ବୋହୂ (ଆସିଲା ଶାରଦା– ନନ୍ଦାର ତରୁଣୀ ସ୍ତ୍ରୀ) ଆଉ ଇଏ ହେଲା ନନ୍ଦାର ସ୍ତ୍ରୀ ଶାରଦା, ମୋର ବୋହୂ- ଭାରି ଭଲ ଝିଅଟିଏ, ବେଶ୍ ସ୍ନେହୀ ଆଉ ଉଦାର। (ଶାରଦା ପ୍ରଣାମ କଲା।) ଅହ୍ୟସୁଲକ୍ଷଣୀ ହୋଇଥା ମା'। (ହସହସ ମୁହଁରେ) ମତେ କେମିତି ଦୁଇ ତିନୋଟି ନାତି ନାତୁଣୀ ଦେ, ତା ନହେଲେ ମୋ ପାଟିଲା ନିଶ କିଏ ଉପାଡ଼ିବ....... ଏଇ ଦେଖ୍ ଲାଜରେ ଝାଉଁଳିପଡ଼ୁଛି। (ଦର୍ଶକମାନଙ୍କୁ) ତା' ସ୍ୱାମୀ ନୁହେଁ, ଏ ଶାରଦା ନାଁ ମୁଁ ଦେଇଛି। ମୁଁ ଜାଣେ ଏ ନାଁ ତା'ର ପସନ୍ଦ ନୁହେଁ। ହେଲେ ବିଚାରି କରିବ କ'ଣ? ଆଲ୍ଲାଉଦ୍ଦିନର ଦ୍ୱୀପରୁ ରାକ୍ଷସର ଆବିର୍ଭାବ ହେଲାପରି, ଏ ଦିହିଁଙ୍କ ମଝିରେ ଦୁର୍ଦ୍ଧଷ ଅସୁର ଆସି ଠିଆହେଲେ, ତାର ମୁକ୍ତି ଯିବାର ବାଟ କାହିଁ?

ଶାରଦା- (ଶାନ୍ତ ଗଳା ଓ ସ୍ମିତ ବଦନରେ) ନାହିଁ ନାହିଁ ବାପା, ଏକଥା କୁହନ୍ତୁନି। ଆପଣମାନଙ୍କର ପସନ୍ଦ ତ ମୋ ପସନ୍ଦ।

ଅପ୍ପା- (ଦର୍ଶକମାନଙ୍କୁ) ଦେଖିଲେ ତ, ଠିକ୍ ଯେମିତି ମହାବଳେଶ୍ୱରର ମହୁଫେଣା! କଥାକଥାକେ ମିଠା ଝରାଇ ସମସ୍ତଙ୍କୁ ବାନ୍ଧି ରଖିବ। (ନନ୍ଦାକୁ) ଆଉ ସେ କୁଆଡ଼େ ଗଲା? (ଡ଼ାକିଲେ) ନଲୁ– ନଲୁ– ଆଜି ମୋ ଜୀବନର ସବୁଠୁ ବଡ଼ ଆନନ୍ଦ ଦିନରେ, ମୁଁ ଚାହୁଁଛି ମୋ ନିଜର ସମସ୍ତେ ମୋ ପାଖରେ ଆସି ଠୁଳହୁଅନ୍ତୁ। (ବଡ଼ ପାଟିରେ) ଆଲୋ ହେ ନଲୁ– ଏ ଝିଅ (କ୍ଷିପ୍ରଗତିରେ ନଲୁ ଆସିଲା) କ'ଣ ମା, କ'ଣ କରୁଥିଲୁ?

ନଲୁ- ବୋଉ ପାଖରେ ଥିଲି।

ଅପ୍ପା- (ଦର୍ଶକମାନଙ୍କୁ) ମୋ ଝିଅ ନଲୁ, ନିକଟରେ ବିଭା ହେଇଛି। ଆମ ଘରକୁ ଆସିଲେ ତା ନାଁ ନଲୁ। ଆଉ ଶଶୁର ଘରେ ଶ୍ରୀମତୀ କାଳିନ୍ଦୀ କାର୍ଲେକାର। କେୟାର ଅଫ୍ ସୁଧାକର କାର୍ଲେକାର, ଡ଼େପୁଟି ଇଂଜିନିୟର, ନାସିକ୍ ଡ଼ିଭିଜନ୍।

ନଲୁ- (ପ୍ରଣାମ କରୁକରୁ) ପ୍ରଣାମ କରୁଛି ବାପା।

ଅପ୍ପା- ଅଷ୍ଟପୁତ୍ରା.....

ନଲୁ- ନାହିଁ ବାପା ନାହିଁ।

ଅପ୍ପା- ବୁଝିଲି, ବୁଝିଲି। ମୁଁ ଭୁଲିଯାଇଥିଲି – ପୂର୍ବେ ଏ ବିଭାଘର ନିୟମାବଳୀ ସ୍ୱର୍ଗରୁ ଆସୁଥିଲା, ଏବେ ଦିଲ୍ଲୀରୁ ଆସୁଛି। ଅଷ୍ଟପୁତ୍ର ମା' ହେବାକୁ ମନା କରିଦେଲୁ। ଭଲ କଥା। ମୁଁ ଆର୍ଶୀବାଦ କରୁଛି, ତୋ ମନ କାମନା ପୂର୍ଣ୍ଣ ହେଉ। (ଦର୍ଶକମାନଙ୍କୁ) ଝିଅ ମୋର ବି.ଏ. ପାଶ୍। ସବୁବେଳେ ସବୁ ପରୀକ୍ଷାରେ ଫାଷ୍ଟ କ୍ଲାସ ପାଇଆସିଛି। ପୁଣି ଜଣେ

Digitized by srujanika@gmail.com

ଖୁବ୍ ବଡ଼ ଇଂଜିନିୟର ସାଥିରେ ତାର ବାହାଘର ହେଇଛି। ସେଥିରେ ବି, ମାନେ ବିବାହ ପରୀକ୍ଷାରେ ଫାଷ୍ଟକ୍ଲାସ ପାଇଲା। ନାସିକ୍‌ରେ ଗୋଟେ ଖୁବ୍ ବଡ଼ ବନ୍ଧ କାମ ଚାଲିଛି, ତୋଇଁ, ସୁଧାକର ସେଇଠି ଇଂଜିନିୟର। (ସୁଧାକର ଆସିଲା) ଆସ ସୁଧାକର, ଆସ। (ସୁଧାକର ପ୍ରଣାମ କଲା) ଶୁଣିଲି ଗୋଟାଏ କ'ଣ ଟ୍ରେନିଂ ପାଇଁ ତୁମର ଜର୍ମାନୀ ଯିବାର କଥା ?

ସୁଧାକର- ଯିବାରତ କଥା- ଦେଖାଯାଉ କ'ଣ ହେଉଛି।

ଅପ୍ପା- ହେବ, ହେବ- ସବୁ ଠିକ୍ ହେଇଯିବ। ତୁମେ ଜର୍ମାନୀ ଯିବ, ଆଉ ଏ ଦୁହେଁ ବମ୍ବେରେ ନିଜର ଫ୍ଲାଟ୍ କିଣିବେ। ଏବେ ମୁଁ ତମମାନଙ୍କୁ କିଛି ମୋ କଥା କହିବାକୁ ଚାହେଁ। ଆରେ, ମୋ ଲକ୍ଷ୍ମୀରାଣୀ କାହାନ୍ତି ? (ବଡ଼ପାଟିରେ) ସର୍କାର, ଓ ସର୍କାର (ଦର୍ଶକମାନଙ୍କୁ) ଆପଣମାନେ କ'ଣ ଭାବୁଛନ୍ତି ? ନାଇଁ..... ମୋ ସ୍ତ୍ରୀଙ୍କ ନାଁ ସର୍କାର ନୁହେଁ, ତାଙ୍କ ନାଁ କାବେରୀ। ମୁଁ କିନ୍ତୁ ତାଙ୍କୁ ସର୍କାର ବୋଲି ଡ଼ାକେ (ପୁଣି ଡ଼ାକିଲେ) ସର୍କାର.......

ନନ୍ଦା- (ଡ଼ାକିଲା) ବୋଉ -ବୋଉ।

ନଲୁ- (ଡ଼ାକିଲା) ଏ ବୋଉ........

କାବେରୀ- (ଭିତରୁ) ଯାଉଚି..... ଯାଉଚି।

ଅପ୍ପା- (ଭିତରକୁ ଲକ୍ଷ୍ୟକରି) ତୁମେ କ'ଣ ଜଣେ ସୂତ୍ରଧରର ସ୍ତ୍ରୀ ହୋଇଛ ଯେ, ଭିତରୁ ବାହାରିବା ପାଇଁ ଏତେ ଡେ଼ରି କରୁଛ ?
(କାବେରୀ ଆସିଲେ। ହାତରେ ଗୋଟିଏ ଲୁହା ଖଡ଼ିକା।)

କାବେରୀ- କ'ଣ କହୁଚ ? ତେଣେ ଚୂଲିରେ ତାଉଆ ବସାଇବାକୁ ଯାଉଥିଲି।

ଅପ୍ପା- ଏ ଘରକୁ ଆସିବା ଦିନଠୁ ତମେ ଏମିତି ତାଉଆ ବସେଇ ଆସିଛ। ଚୂଲି ଜଳୁଛି, ତା' ସଙ୍ଗେସଙ୍ଗେ ତମେ ବି ଜଳି ଆସିଛ। ହେଲେ ତମ କାମ ବନ୍ଦ ହେଇନି। ଆଜି ଟିକିଏ ଡ଼ାକିଲି ବୋଲି.......

କାବେରୀ- କି କଥା ଯେ ତୁମେ କୁହ। ଏମିତି କି କାମ ଅଛି ? ଜାଣିଚତ ଆଜି ଚାରିଜଣ ଲୋକ ଖାଇବାକୁ ଆସୁଛନ୍ତି। ରନ୍ଧାବଢ଼ା ହେବ.......

ନନ୍ଦା- ରୋଷେଇଆତ ସବୁ କରିବ ବୋଉ- ତୁ କାହିଁକି ମିଛଟାରେ.........

ଅପ୍ପା- ଶୁଣ୍ ନନ୍ଦା, ଯେତେବେଳଯାଏ ଏସବୁ କାମ ସେ ନିଜେ ନକରିଚି, ସେତେବେଳଯାଏ ତୋ ବୋଉପରି ଗୃହିଣୀ କେବେ ସନ୍ତୁଷ୍ଟ ହୋଇପାରିବ ନାହିଁ। ଏଠି ରୋଷେଇଆ ହେଲା କେବଳ ପ୍ରମ୍ପଟର୍, କୋଉଠି ଟିକିଏ ଅଟକି ଗଲେ ରାହା ଦେଖେଇ ଦବାର କଥା।..... ହଁ ସରକାର, ପାଞ୍ଚମିନିଟ୍– ପାଞ୍ଚମିନିଟ୍ ଏଇଠି ରୁହ। ଆଜି ପର୍ଯ୍ୟନ୍ତ ମୋର କୋଉ କାମରେ ମୁଁ ତୁମର ସମ୍ମତି ନେଇ ନାହିଁ। କିନ୍ତୁ ଆଜି ନେବି। ଗୋଟିଏ ନୂଆ ମଞ୍ଚର

Digitized by srujanika@gmail.com

ଚୋକି ତା'ଉପରେ କଳସ ଥାପିବା ଯାହା, ମୋ ପାଇଁ ଆଜି ଦିନଟି ଠିକ୍ ସେଇଆ। କାମସବୁ ଶେଷ ହେଇଯାଇଛି। ଏଥିପାଇଁ ଅବଶ୍ୟ ମନରେ ଦୁଃଖ। ସେଇ ସଙ୍ଗେ ସଙ୍ଗେ ମନରେ ସାନ୍ତ୍ୱନା ଯେ ମନ୍ଦିର କାମ ସମ୍ପୂର୍ଣ୍ଣ ହେଇଯାଇଛି। ଆଜୀବନ ତୁମେ ମୋର ପାଖେପାଖେ ରହିଛ, ଅନ୍ୟ କଥାରେ ତୁମେ ମୋର ଅଂଶୀଦାର। କିନ୍ତୁ ମୋ ଜୀବନରେ ମୁଁ ଯାହା ପୁରସ୍କାର ପାଇଛି, ତା'ର ଅଧା ଭାଗ ତୁମେ ମୋଠୁ କେବେ ଦାବୀ କରିନ। ଆମ ଜୀବନରେ ଆମେ ଯୋଉ ଘାତ ପ୍ରତିଘାତ ପାଇଛୁ ତୁମେ ଜୋର୍‌କରି ମୋ ସହିତ କେବଳ ସେଇ ଆଘାତର ଭାଗୀଦାର ହେଇଚ। ଅନ୍ୟ ପାଇଁ ତୁମେ ଜୀବନସାରା ଜଳିଚ, ଆଉ ଜଳିଚ ପୁଣି ହସିହସି। ହଁ- ନାହିଁ, ଏ ଦୁଇଟାର ପ୍ରଭେଦ ତୁମ ପାଇଁ ଏକାବେଳେକେ ଅର୍ଥହୀନ ହୋଇ ରହିଚି। ତୁମର ପସନ୍ଦ ନାହିଁ କି ନାପସନ୍ଦ ନାହିଁ।

କାବେରୀ- କ'ଣ ହେଉଚି ତମର? କାହିଁକି ଆଜି ଏସବୁ କଥା କହୁଚ? ମୋର ପସନ୍ଦ ଅପସନ୍ଦ ନାହିଁ ବୋଲି କୋଉ ମହାଭାରତ ଅଶୁଦ୍ଧ ହେଇଗଲା। ମୁଁ ଯାହା ଚାହିଁଥିଲି ସେସବୁ ମୁଁ ପାଇଛି- ମନଭରି ପାଇଛି। ଯାହା ପାଇନାହିଁ ତାକୁ ଚାହିଁଥାନ୍ତି କାହିଁକି? ସେ କଥାତ ମୋ ମନ ଭିତରେ କେବେ ଉଠିନି।

ଅପ୍ପା- ସାବାସ୍। ଆଜି ପ୍ରଥମେ ତୁମେ ଏତେ ସବୁକଥା ମୁହଁ ଖୋଲି ମୋ ସାମ୍ନାରେ କହିଲ। ଜଣେ ନାଟ୍ୟକାର କହୁଥିଲେ– ବୟସ ବଢ଼ିବା ସଙ୍ଗେସଙ୍ଗେ ପୁରୁଷର ପେଟ ଓ ସ୍ତ୍ରୀଲୋକର ଜିଭ ବଢ଼ିଚାଲେ। ଭଲ କଥା.... (ପୁଅଝିଅ ଇତ୍ୟାଦିଙ୍କୁ ଲକ୍ଷ୍ୟକରି) ତମମାନଙ୍କୁ କହୁଛି, ମୁଁ ବୁଢ଼ା ହେଇଗଲିଣି। ଜୀବନର ଦ୍ୱିତୀୟ ଅଙ୍କ ଶେଷହେଇଗଲା। ବର୍ତ୍ତମାନ ତୃତୀୟ ଅଙ୍କର ଆରମ୍ଭ ହେଲା।

ନଲୁ- ବାପା!

ଅପ୍ପା- କିଏ ଜାଣେ ନାଟ୍ୟକାର ଭଗବାନ୍ ମୋ ଜୀବନ ନାଟକର କେବେ କି ସମାପ୍ତି ଘଟାଇବେ, ନଲୁ, ନନ୍ଦା ମୋ ନିଜକୁ ମୁଁ କୃତାର୍ଥ ମନେକରୁଛି। ମୋର ନାଟକ, ଆଉ ନାଟ୍ୟକାରମାନଙ୍କଠାରୁ ମୁଁ ଏହି ଶିକ୍ଷା ପାଇଛି ଯେ, ଜୀବନର ସବୁ ଦୁଃଖ ନିଜ ପାଖରେ ରଖ– ସୁଖତକ ଅନ୍ୟମାନଙ୍କୁ ବାଣ୍ଟିଦିଅ। କେହି ଜଣେ କହିଛନ୍ତି – ଚନ୍ଦ୍ର ତା'ର କଳଙ୍କ ନିଜ ପାଖରେ ରଖେ, ଆଉ ତା'ର ଉଜ୍ଜଳ ଆଲୋକକୁ ଜଗତସାରା ବାଣ୍ଟିଦିଏ। ମୁଁ ବାଣ୍ଟିଲା ଭଳି ଉଜ୍ଜଳ ଆଲୋକ ମୋ ପାଖରେ କିଛି ନଥିଲା। ଆଜି ମୋ ପାଖରେ ଯାହା ଅଛି, ମୁଁ ବାଣ୍ଟିଦେଇ ବୋଝଶୂନ୍ୟ ହେବି। ମୋର ଅତି ପ୍ରିୟ କେତୋଟି ସଂସ୍ଥାକୁ ମୁଁ ଦଶହଜାର ଟଙ୍କା ଦାନ କରିଦେଇଛି।

Digitized by srujanika@gmail.com

ବାକୀ ସମ୍ପତ୍ତି ଭିତରେ ଅଛି ମୋର ଏଇ ଚାଳିଶ ହଜାର ଟଙ୍କା। ମୁଁ ଚାହେଁ ମୋର ପୁଅଝିଅ ଦୁହିଁଙ୍କ ଭିତରେ, ଏ ଟଙ୍କାକୁ ମୁଁ ସମାନ ସମାନ ବାଣ୍ଟିଦେବି।

ନନ୍ଦା ଓ ନଲୁ- ବାପା!

କାବେରୀ- ହଇଓ, ଏଇ କଥା ଶୁଣେଇବ ବୋଲି ମତେ ଏଠିକି ଡାକିଥିଲ। ମୁଁ ଯାଉଛି ଭାତ ବସେଇବି।

ଅପ୍ପା- ରୁହ! ତମେ ଏଥିରେ ରାଜିତ?

କାବେରୀ- କି କଥା ଯେ ତମେ କୁହ! ରାଜି ନ ହେବି କାହିଁକି? କେବେ ତୁମର କୋଉ କଥାରେ ମୁଁ ଅରାଜି ହେଉଚି।

ନଲୁ- (ବାପା ଆଣ୍ଠୁକୁ ଧରି ବସିପଡ଼ି) ଏବେକି ନିଷ୍ପତ୍ତି ତମେ କରୁଚ ବାପା? କ'ଣ ଦରକାର ଥିଲା ଆଜି ଏସବୁର ନିଷ୍ପତ୍ତି କରିବାକୁ? ନାହିଁ ବାପା, ଆମେ ଆଉ କିଛି ଚାହୁଁନାହୁଁ। ଆମେ କେବଳ ତମକୁ ଚାହୁଁ– ଚାହୁଁ ତୁମର ସ୍ନେହ– ଚାହୁଁ ତମର ଏଇ ସ୍ନେହ ବୋଳା ହାତ– ଆଉ କିଛି ଚାହୁଁନାହୁଁ। (ଆଖିରୁ ଲୁହ ପୋଛି ପୋଛି ଉଠିଗଲା)

ନନ୍ଦା- ନଲୁ ଠିକ୍ କହିଛି ବାପା, ପ୍ରକୃତରେ ଆମେ ଆଉକିଛି ଚାହୁଁନାହୁଁ। ମୁଁ– ମୁଁ ମୋ ମନକଥା ତମକୁ ଠିକ୍ କଥାରେ ବୁଝେଇପାରୁନି। ଏବେ ଯେମିତି ଗୋଟାଏ କିଛି ବିଚିତ୍ର ଘଟଣା ଘଟିଯାଉଛି। ମୁଁ ନିୟମ କରି କହୁଚି ବାପା.........

ଅପ୍ପା- (କ୍ରୋଧାନ୍ୱିତ ଅବସ୍ଥାରେ ଚଉକିରୁ ଉଠି, ବଡ଼ପାଟିରେ) ଶୁଣ୍ ନନ୍ଦା, ଶୁଣ୍ ନଲୁ, ମୁଁ ମୋର ଚୂଡ଼ାନ୍ତ ନିଷ୍ପତ୍ତି କରିସାରିଛି। ତମେମାନେତ ଜାଣିଥିବ ଏଇ ଅପ୍ପା ବେଲ୍‌ବଲ୍‌କର ଥରେ ଯେଉଁ ନିଷ୍ପତ୍ତି କରେ, ସେ ନିଷ୍ପତ୍ତି ପାଣିରେ ଗାର ନୁହେଁ ପଥରରେ ଗାର। ମୁଁ ତ ମୋ ନିଷ୍ପତ୍ତି କଥା ତୁମ ଦୁହିଁଙ୍କୁ ପଚାରି ନଥିଲି– ପଚାରିଥିଲି ମୋ ସରକାରଙ୍କୁ। ମୋଠୁ କେବଳ ପାଇବାର ଅଧିକାର ତମ ଦୁହିଁଙ୍କର ଅଛି– ମାତ୍ର ସେ ବିଷୟରେ ଆଲୋଚନା କରିବାର ଅଧିକାର ତମର ନାହିଁ। (ଏହାପରେ ତାଙ୍କର ସ୍ୱର ଏକାବେଳେକେ କୋମଳ ହୋଇଗଲା। ପୁଅଝିଅ ଦୁହିଁଙ୍କୁ ଆଦର କରିଆଣି, ନିଜର ଦୁଇ ପାଖରେ ଠିଆ କରାଇ ସ୍ନେହପୂର୍ଣ୍ଣ ଗଳାରେ କହିଲେ) ତମ ଦୁହିଁଙ୍କୁ କହୁଛି। ତମ ବୋଉ ଏକାବେଳେକେ ଠିକ୍ କଥା କହିଛି। ହାଣ୍ଡିଭାତ କେବଳ ଥାଳୀରେ ବଢ଼ାହେଉଛି। ଏଥିପାଇଁ ଏତେ ଚିନ୍ତା କରିବାର କ'ଣ ଅଛି? ତମେ ଦୁହେଁତ ହେଉଛ ମୋର ସବୁଠାରୁ ବଡ଼ ସମ୍ପତ୍ତି। (ଦର୍ଶକମାନଙ୍କୁ) ବନ୍ଧୁଗଣ, ମୋ କଥା ବିଶ୍ୱାସ କରନ୍ତୁ। ମୋ ଜୀବନରେ ଟଙ୍କା ପଇସାର ମୋହ କେବେ ନଥିଲା–

Digitized by srujanika@gmail.com

ସେଥିପ୍ରତି ମୋର ଖାତିର ବି ନଥିଲା। ମୁଁ ଟଙ୍କା ପଇସାର ପୃଥିବୀରେ ବାସ କରିନାହିଁ। ମୁଁ ଅନ୍ୟ ପୃଥିବୀର ଅଧିବାସୀ। ଲେଖକର ପ୍ରତିଭାରେ ସ୍ନାତ, ମୋର ଜୀବନ ରଙ୍ଗମଞ୍ଚର ଅନ୍ତରାଳରେ, ସୂର୍ଯ୍ୟଚନ୍ଦ୍ରଙ୍କ କିରଣ ନୁହେଁ– ପାଦ ପ୍ରଦୀପର ଆଲୋକରେ ବିକଶିତ ହେଉଛି। ମୋର ଏହି ନୀତି– ଏଇ ସଂସ୍କାରକୁ ଟଙ୍କା ପଇସାର ହିସାବ କେବେ ସ୍ପର୍ଶ କରିନାହିଁ। ଟଙ୍କା ପଇସା ଯେତେବେଳେ ହାତକୁ ଆସୁଥିଲା, ହସ୍ତା ନକ୍ଷତ୍ରର ବର୍ଷାପରି ମୋ ଉପରେ ବର୍ଷିଯାଉଥିଲା। ନାଟକର ନିଶାରେ ମୁଁ ଏମିତି ନିମଜ୍ଜିତ ହେଇଯାଉଥିଲି ଯେ, ରଙ୍ଗମଞ୍ଚରେ କେତେବେଳେ ରାଜବାଟୀର ଦୃଶ୍ୟପଟ୍ଟ ଅପସରିଯାଇ ଅରଣ୍ୟର ଦୃଶ୍ୟ ଖଞ୍ଜାହେଉଥିଲା, ତାହା ମୁଁ ଜାଣିପାରୁ ନଥିଲି। ଏକଥା ଠିକ୍ ଯେ, ଆମ ଅଭିନେତାଙ୍କ ଭକ୍ତମାନେ ନିଜେ ଅଭିନେତା ପରି ପାଗଳ। ସେମାନେ ମୋର ଜମାଖର୍ଚ୍ଚ ଆଉ ହିସାବପତ୍ର ସବୁ ବୁଝୁଥିଲେ....... ତା'ପରେ ପିଲାମାନେ ହଷ୍ଟେଲରେ ରହିଲେ– ମୁଁ ରହିଲି ଗାଁ'ରେ। ବରଗଛ ତଳେ ଚଉତରା ଉପରେ ବସି ମୁଁ ସେଇ ବରଗଛ ଆଉ ହନୁମାନଜୀଙ୍କ ମୂର୍ତ୍ତି ସହିତ କଥାବାର୍ତ୍ତା କରୁଥିଲି। ରଙ୍ଗମଞ୍ଚ ଭାଙ୍ଗିପଡ଼ିଥିଲା– ନଟ ଜୀବନ ସମାପ୍ତ ହୋଇଯାଇଥିଲା- ସବୁକିଛି ନିଃଶେଷ ହୋଇଯାଇଥିଲା। ତଥାପି– ତଥାପି ମୁଁ ସୁଖୀ ଥିଲି। ପଲ୍ଲୀ ଆକାଶର ମୁକ୍ତ ପବନ, ସ୍ନେହୀ, ମିଷ୍ଟଭାଷୀ ଗ୍ରାମର ଲୋକେ– ଉର୍ବର ଜମିର ବାତ୍ସଲ୍ୟଭରା ମମତା– ଏସବୁର ମେଳରେ ମୁଁ ସୁଖୀ ଥିଲି। କିନ୍ତୁ ଏ କଥା ମୁଁ ଭୁଲି ପାରୁ ନଥିଲି ଯେ, ମୁଁ ହେଉଛି ଗୋଟେ ଭଗ୍ନ ଅଟାଳିକାର ପଥର ଖଣ୍ଡ ମାତ୍ର। (ରଙ୍ଗମଞ୍ଚର ଚତୁର୍ଦ୍ଦିଗକୁ ଚାହିଁ) ଓ ଡ଼ାକ୍ତରବାବୁ, ଡ଼କ୍ଟର ସାହେବ! କାଇଁ ସେ କ'ଣ ମିଳିବେ? ସବୁଦିନେ ତାଙ୍କର ଏଇ ଢଙ୍ଗ। ଆରେ ବାବୁ, କାମ ବେଳେ କାମ କର– ଆମ କଥା ନହେଲା ନାହିଁ, ତମ ନିଜକଥା ତମ ଘରସଂସାର କଥାକୁ ଟିକେ ଧ୍ୟାନ ଦିଅ। (ପୁଣିଥରେ ଏଣେତେଣେ ଚାହିଁ) ନାଃ, ସେ ମିଳିବେନି। ଛାଡ଼। ହଁ କ'ଣ ମୁଁ କହୁଥିଲି?..... ହଁ, ମୁଁ ପୁଣିଥରେ ରଙ୍ଗମଯର ପାଦପ୍ରଦୀପ ସମ୍ମୁଖକୁ ଆସିଲି। ଏ ବୟସରେ ମୋର ଯାହା ନ କରିବା କଥା ତାହା କଲି। ଚିରାଫଟା ଶାଲୁ ଫିକା ପଡ଼ିଯାଇଥିଲା ତାକୁ ସିଲେଇ କରି ରଖିଥିଲି– ଦର୍ଶକମାନଙ୍କୁ ଦେଖେଇଲି। ଦର୍ଶକମାନେ ପ୍ରଶଂସାକଲେ। ବାସ୍ (ଟିକିଏ ରହି) ଭଲ ହେଲା ମୋ ପୁଅ ଝୁଅ ଦି'ଜଣଙ୍କ ଭରସାରେ ମୁଁ ସବୁଦିନ ପାଇଁ ରଙ୍ଗମଞ୍ଚରୁ ରିଟାୟାର୍ ହେଇଗଲି। ମୋ ଗାଁ ଦ୍ୱାର-ବାଡ଼ିରେ ଯୋଉ ଜମିତକ ଥିଲା ବିକିଦେଇଛି। ଟଙ୍କା ପାଇଗଲିଣି। ଏତକ କାମ ବି ସେଇ ଡ଼ାକ୍ତରଦ୍ୱାରା ପୂରଣ ହେଲା। ସିଏ ନଥିଲେ ସେ ଜମିରୁ

Digitized by srujanika@gmail.com

କାଣି କଉଡ଼ିଟିଏ ବି ପାଇ ନଥାନ୍ତି। ଆଜି ଏଇଠି ଆପଣମାନଙ୍କ ସମ୍ମୁଖରେ ପୁଅଝିଅ ଦି'ଜଣଙ୍କ ଅଂଶ ବାଣ୍ଟିଦଉଚି। ନନ୍ଦା ତୁ ଦାଦର ଆଉ ପାର୍ଲେ ଭିତରେ ଗୋଟାଏ ଭଲ ଫ୍ଲାଟ ଠିକ୍ କର ଆଉ ସୁଧାକରବାବୁ ତୁମେ ଜର୍ମାନୀ ଯିବାପାଇଁ ତମର ପାସପୋର୍ଟ ଆଉ ଭିସା ବ୍ୟବସ୍ଥା କର। ଏଇ ଚେକ୍ ନିଅ ନନ୍ଦା। ତମ ଦି'ଜଣଙ୍କର ଟଙ୍କା, ଅଧେ ତୋର ଅଧେ ତୋ ଭଉଣୀର। ବାକି ଯାହା ସମ୍ପତ୍ତି ରହିଲା ଆଜି ସନ୍ଧ୍ୟାରେ ଓକିଲ ଆସି ସେ କାଗଜପତ୍ରସବୁ ଠିକ୍ କରିବେ। (କିଛିକ୍ଷଣ ପାଇଁ ଆଖିମୁଦି ବସି ଏକଥା ଆରମ୍ଭ କଲେ।) ଭାରି ଭଲ ଲାଗୁଛି ଆଜି ମତେ। ନନ୍ଦା, ନଳୁ ଏ ପର୍ଯ୍ୟନ୍ତ ଯାହା ମୋର ଥିଲା ସେ ସବୁ ବିଷୟ ସମ୍ପତ୍ତି ଆଜିଠୁ ତମର ହେଇଗଲା। ଆମେ ଦୁହେଁ- ବାପା ବୋଉ ତମର ହେଇଗଲୁ ସବୁଦିନ ପାଇଁ। ଏଣିକି ଆମେ ଦୁହେଁ ନନ୍ଦାର ଦାଦର କି ପାର୍ଲେରେ ନୂଆ ଘରେ ରହିବୁ। କିଛିଦିନ ନୈନୁର ପାହାଡ଼ ଉପର ସେଇ ବଙ୍ଗଳା ଘରେ ରହିବୁ।

ନଳୁ- (ହତାଶ ହେଲାପରି) ନାଇଁ ବାପା, ବମ୍ୱେ ନୁହେଁ ତମେ ଦୁହେଁ ସବୁଦିନେ ଆମରିପାଖରେ ରୁହ।

ନନ୍ଦା- (ଆଖି ପୋଛି) ଭାରି ବୁଦ୍ଧି ତୋର ଦେଖୁଚି। ସେ କଥା ହେଇ ପାରିବନି। କେବେ କେମିତି ପର୍ବପର୍ବାଣୀ ବେଳେ ତୋ ପାଖରେ ରହିପାରନ୍ତି। ବାକି ସବୁଦିନେ ବାପା ବୋଉ ମୋ ପାଖରେ ରହିବେ।

ଅପ୍ପା- (ଦର୍ଶକମାନଙ୍କୁ) ଦେଖୁଛନ୍ତି ତ ? ଆପଣମାନଙ୍କ ଅଭିନେତା ଏଇ ବେଲ୍‌ବଲଙ୍କରେ ସେ କେମିତି ନିଶ୍ଚିନ୍ତ ହେଇଯାଉଛି।...... ମୁଁ ଆଉ ନଟ ନୁହେଁ, କେବଳ ବାପ ରୂପରେ ହିଁ ରହିଗଲି। ଭାଇ ଭଉଣୀ ଦୁହିଁଙ୍କର ମୋ ପ୍ରତି ସେମାନଙ୍କର ସ୍ନେହ ଆଉ ଆଦରର ଏଇ ଯୋଉ କଳହ, ମୁଁ ସେଥିରେ ବାନ୍ଧିହେଇ ପଡ଼ିଲିଣି। (ନନ୍ଦା ଓ ନଳୁକୁ ଚାହିଁ) ଶୁଣ, ତମେ ଦୁହେଁ ଏ ଯାହାସବୁ କହିଲ, ସେସବୁ ବଦଳରେ ମୁଁ ଗୋଟିଏ ଭିକ୍ଷା ତମକୁ ମାଗୁଛି- ଦେଇ ପାରିବ ?

ନନ୍ଦା- ଭିକ୍ଷା କ'ଣ କହୁଛ ବାପା ? ଆମକୁ ଆଦେଶ ଦିଅ।

ଅପ୍ପା- ମୁଁ ଏଇ ଭିକ୍ଷା ଚାହୁଁଚି ଯେ, ତମେ ଦୁହେଁ ମତେ ଗୋଟିଏ ଗୋଟିଏ ନାତି ଉପହାର ଦିଅ। ତା'ପରେ ତମେ ତମ ମନଇଚ୍ଛା ଫାମିଲି ପ୍ଲାନିଙ୍ଗ୍ କରୁଥାଅ। (ଏଥିରେ ନଳୁ ଓ ଶାରଦା ମୁହଁ ତଳକୁ କରି ଧୀରେ ଧୀରେ ଘରୁ ବାହାରିଗଲେ। ନନ୍ଦା ମଧ ମୁହଁ ତଳକୁ କରି ଠିଆ ହୋଇଥାଏ।)

ନନ୍ଦା- ମୁଁ ଯାଉଚି ବାପା। (ଚାଲିଗଲା)

କାବେରୀ- ତମର ଏ କି ବୁଦ୍ଧି କହିଲ ? ପିଲାମାନଙ୍କୁ ଏମିତି କଥା କହିଲ; ସେମାନେ ଚାପାହସ ହସି ମୁହଁ ତଳକୁ କରି ଚାଲିଗଲେ। (ନିଜେ ଯିବାକୁ ବାହାରିଲା)

Digitized by srujanika@gmail.com

ଅପ୍ପା- ତମେ କୁଆଡ଼େ ଯାଉଚ ରୁହ। (ହାତଧରି ଅଟକାଇଲେ)

କାବେରୀ- ଇଏ କ'ଣ ହଉଚି? ପିଲାଗୁଡ଼ା ମୁରୁକେଇ ମୁରୁକେଇ ହସୁଛନ୍ତି- ମୋର ତେଣେ ରୋଷେଇ କାମ।

ଅପ୍ପା- (ବଡ଼ ପାଟିରେ) ଆରେ ନଲୁ, ଶାରଦା, ବୋଉ ତମର ଟିକିଏ ପଛରେ ଯାଉଛି, ତମେ ଟିକେ ରୋଷେଇଘର ଦେଖିବଟି।

କାବେରୀ- ଛି, ଛି,- ଏ କଥା ତମେ ଝୁଅ ବୋହୁଙ୍କୁ କହୁଚ- କ'ଣ ସିଏ ବୁଝିବେ।

ଅପ୍ପା- ଠିକ୍ ବୁଝିବେ। ପ୍ରେମ କରିବାର ଠିକା କେବଳ ଯୁବକ ଯୁବତୀମାନେ ନେଇ ନାହାନ୍ତି। ଆମର ବି ସେ ଅଧିକାର ଅଛି। ସେମାନେ ଯେତେ ହସିବା କଥା ହସନ୍ତୁ- ଖୁସୀ ହୁଅନ୍ତୁ, କିନ୍ତୁ ତମେ ଏଠି ମୋ ପାଖରେ ରୁହ।

କାବେରୀ- କ'ଣ ହେଉଚି ତମର ଆଜି? ଏ ବୟସରେ କ'ଣ ତମକୁ ଏସବୁ ଭଲ ଲାଗୁଚି?

ଅପ୍ପା- ଲେକ୍‌ଚର ନଦେଇ ତମେ ଏଠିକି ଆସ, ମୋ ପାଖକୁ।

କାବେରୀ- ତେଣେ ମୋର ଦୁନିଆ ଯାକର କାମ ପଡ଼ିଚି।

ଅପ୍ପା- (ଜୋର୍‌ଗଳାରେ) ଆସ ଏଠିକି।

କାବେରୀ- (ପାଖକୁ ଆସି) କ'ଣ- କ'ଣ କହୁଛ?

ଅପ୍ପା- (ଗର୍ବରସହ) ଏଇ ଦେଖ।

କାବେରୀ- କ'ଣ?

ଅପ୍ପା- ଏଇ ଚନ୍ଦ୍ରହାର। ଦେଖୁଚ, ତମରିପେଇଁ ଆଣିଛି। ସମାରୋହ ପରେ ମୁଁ ସେଇଠୁ ଗହଣା ଦୋକାନକୁ ଯାଇ ଆଣିଲି। ସେଇଥିପାଇଁ ଡ଼େରି ହେଇଗଲା। ଦେଖ......

କାବେରୀ- (ନିଜ ଖୁସୀକୁ ଢାଙ୍କି ରଖିବାର ଚେଷ୍ଟାକରି) ଏ ଦିନେ ମୁଁ କ'ଣ ଚନ୍ଦ୍ରହାର ପିନ୍ଧିବି। ଏ ସବୁ ପିଲାମାନଙ୍କୁ ଶୋଭାପାଏ। ତାଙ୍କ ପାଇଁ ସିନା ଆଣିଥାନ୍ତ।

ଅପ୍ପା- ସେମାନଙ୍କୁ ଯାହା ଦବାର କଥା ଦେଇଚି। ଏ ଚନ୍ଦ୍ରହାର ତମରିପାଇଁ ଆଣିଚି।

କାବେରୀ- ଜୀବନ ସାରା ମତେ ତମେ କ'ଣ ନ ଦେଇଚ ଯେ-

ଅପ୍ପା- ଜୀବନସାରା ମୁଁ ତୁମକୁ କିଛି ଦେଇନି। ଏ ଘରର ଗୃହିଣୀ ହେଇ ତୁମେ ଯେଉଁ ଆସ୍ଥାନ, ଯେଉଁ ପୋଜିସନରେ ଥିଲ; ସେଇ ପୋଜିସନ ତମକୁ ଦେଇଚି। ଜୀବନରେ ମୁଁ ଏ ପ୍ରଥମ ଥର ତମପାଇଁ ଏଇଟି ଆଣିଚି। ଆଜି ସେମିତି ତମ ପାଇଁ ମୁଁ ବଜାରକୁ ଗଲି। ମୋ ଭାଗ୍ୟ ଜଣେ ଜଣାଶୁଣା ଦୋକାନୀ ମିଳିଗଲା, ତା'ନହେଲେ ଠକି ଯାଇଥାନ୍ତି। କୁହ କେମିତି ହେଇଚି?

Digitized by srujanika@gmail.com

କାବେରୀ- କହିବି ଆଉ କଣ ? ଇଏତ ପକ୍‌କା ଜିନିଷ। ଦାମ୍ ତ କାହିଁରେ କେତେ ହେଇଥିବ।

ଅପ୍ପା- କହିଲ ଦେଖି କେତେ ହେଇଥିବ ?

କାବେରୀ- ମୁଁ କି ଜାଣେ ? ମୁଁ ସିନା ତେଲ ଲୁଣ ଦାମ୍ କଥା କହିବି।

ଅପ୍ପା- ଦି' ହଜାର ଟଙ୍କା

କାବେରୀ- ମୁଁ ସେଇଆ ଭାବୁଥିଲି। ଏ ଦି'ହଜାର ଟଙ୍କା ହାର ମୁଁ ବେକରେ ପିନ୍ଧିବି ! ଲୋକେ କହିବେ; ବୁଢ଼ୀ ଦିନକୁ ଦିନ ଟୋକି ହେଇଯାଉଛି।

ଅପ୍ପା- ଆରେ ଯିଏ ଯାହା କହିବାର କହୁ, ତମେ ହାରଟା ପିନ୍ଧିବଟି।..... ଆଚ୍ଛା ରୁହ ରୁହ, ମୁଁ ନ ହେଲେ ପିନ୍ଧେଇ ଦଉଚି।

କାବେରୀ- ଆରେ ନା ନା, ଝିଅ, ଜୁଆଁଇ, ପୁଅ ବୋହୂ ସମସ୍ତେ ଅଛନ୍ତି; କିଏ କାଳେ ଘର ଭିତରକୁ ପଶିଆସିବ।

ଅପ୍ପା- ଆସନ୍ତୁ। ତାଙ୍କ କଥା କିଏ ପଚାରେ, ମୁଁ ତାଙ୍କ ବାପକୁ ବି ଡ଼ରେ ନାହିଁ।

କାବେରୀ- ଶୁଣ। ମୁଁ କହୁଚି......

ଅପ୍ପା- (ବଢ଼ପାଟିରେ) କିଛି ଶୁଣିବିନି। (ହାର ପିନ୍ଧେଇଦେଇ) ଆହାହା କଣ ଦିଶୁଛ ତୁମେ।

କାବେରୀ- (ଖୁସିହେଲେବି ଅଡୁଆରେ ପଡ଼ିଯାଇ) ମୁଁ କ'ଣ କରିବି କହିଲ ? ମତେ ଭାରି ଅଡୁଆରେ ତମେ ପକାଉଚ।

ଅପ୍ପା- ହାରଟା ମନକୁ ପାଇଚି ତ।

କାବେରୀ- ଏଇ ସବୁକଥା ତୁଣ୍ଡ ଖୋଲି ନ କହିଲେ କ'ଣ ଚଳିବନି ?

ଅପ୍ପା- (ଖୁସିରେ) ବେଶ୍ ବେଶ୍ ମୁଁ ସବୁ ବୁଝିଲି। ତମେ ଏବେ ଯାଅ।..... ହଁ ଶୁଣ, ମତେ କହିବଟି ମୁଁ ଏଇ ଯୋଉ ବଣ୍ଟୁଆରା କଲି, ତମ ମନକୁ ପାଉଚିତ ?

କାବେରୀ- କି କଥା ଯେ ତୁମେ କୁହ ? ଯାହା ଦେଲ ନିଜ ପିଲାଙ୍କୁ ତ ଦେଲ, ହେଲେ.....

ଅପ୍ପା- ଆଉ ପୁଣି କ'ଣ ?

କାବେରୀ- ଏତେ ଚଞ୍ଚଳ ଏ ଭାଗବଣ୍ଟା କରିବାର କି ଦରକାର ଥିଲା ? ବୟସ ବଢ଼ି ଯାଉଛି, ନିଜ କଥା ଭାବିବନି ? କଥାରେ ଅଛି ନିଜ ଖାଇବା ଥାଳୀ ପଛେ କାହା ପତରରେ ପରସିଦେବ, ନିଜ ଆସନ ଖଣ୍ଡକ କାହାକୁ ଦେଇ ଦବନି।

Digitized by srujanika@gmail.com

ଅପ୍ପା- (ଈଷତ୍ ହସି, ଚଉକି ପରେ ବସି) ତମେ ପାଗଳ ହେଲ। ତମେ କ'ଣ ଭାବୁଚ, ପିଲାମାନଙ୍କୁ ତାଙ୍କର ଅଂଶ ଦେଇଦେଲି ବୋଲି ସେମାନେ କ'ଣ ମତେ ଘରୁ ବାହାର କରିଦେବେ? (ହସିହସି) ହେଲା ଏବେ ବାହାର କରିଦିଅନ୍ତୁ। ପଣ୍ଡରପୁରର ଢବେରୀବାବା ମୋର ଜଣାଶୁଣା। ତାଙ୍କୁ ଯାଇ କହିବି– ବାପମା ନଥିବା ଅନାଥ ଶିଶୁମାନଙ୍କ ପାଇଁ ସେ ଯେମିତି ଆଶ୍ରମ ଖୋଲିଛନ୍ତି, ସେମିତି ପୁଅଝିଅ ଘରୁ ବାହାର କରି ଦେଇଥିବା ବାପ ମା'ଙ୍କ ପାଇଁ ସେ ଗୋଟିଏ ଆଶ୍ରମ ଖୋଲନ୍ତୁ। ଆମେ ସେଇଠି ଯାଇ ରହିବା।

କାବେରୀ- ହଉ ହେଲା, ମୁଁ ଯାଉଚି। ହଁ, ତମ ଟନିକ୍ ନେଇ ଆସେ–

ଅପ୍ପା- ବୁଝିଲ, ମଣିଷର ପ୍ରେମଠୁ ବଳି ବଡ଼ ଟନିକ୍ ଆଉ କିଛି ଦୁନିଆରେ ନାହିଁ। ମୁଁ ଆଜି ଏଠି ଟନିକ୍‌ର ପାରାବାରରେ ଭାସୁଛି। ଟନିକ୍ ଫନିକ୍ ନୁହେଁ, କେବଳ ତମ ହାତ ତିଆରି କପେ ଚା'– ଫାଷ୍ଟ କ୍ଲାସ। (କାବେରୀ ଭିତରକୁ ଚାଲିଗଲେଣି। ଅପ୍ପାଙ୍କର କଥା ଚାଲିଛି।) ତମ ହାତ ତିଆରି- ଫାଷ୍ଟ କ୍ଲାସ- କପେ ଚା। (ମଞ୍ଚ କ୍ରମେ ଅନ୍ଧକାର ହୋଇଗଲା। କିଛିକ୍ଷଣ ନିସ୍ତବ୍ଧତା। ତାପରେ.....)

ଅପ୍ପା- (ସେଇ ଅନ୍ଧାରରେ) ଚା- ମୋ ଚା। ଆରେ କିଏ ଅଛ ମୋ ପାଇଁ ଚା ଆଣ। ସର୍କାର, ଶାରଦା, ଆସାରାମ, ଆରେ ଘରେ କଣ କେହି ନାହାନ୍ତି? ସର୍କାର?

(ମଞ୍ଚ ଆଲୋକିତ ହୋଇ ଆସୁଚି। ପଛପଟର ନୀଳ ପରଦାକୁ ହଟେଇ ଦିଆଯାଉଚି। ରଙ୍ଗମଞ୍ଚରେ ବାସ୍ତବିକତାର ରୂପ ଫେରି ଆସିଚି।

ଅପ୍ପା ପୂର୍ବପରି ସେମିତି ଚଉକିରେ ବସି ଉପରୋକ୍ତ ପାଟି କରୁଥିଲେ। ବର୍ତ୍ତମାନ ଏ ଘରଟି ଗୋଟିଏ ସୁସଜ୍ଜିତ କୋଠରୀ। ଜିନିଷପତ୍ରସବୁ ଏଣେ ତେଣେ ରହିଚି।..... ବର୍ତ୍ତମାନ ମଞ୍ଚ ସଂପୂର୍ଣ୍ଣ ଆଲୋକିତ ହେଲା- ଜଣେ ଚାକର ଚା ନେଇ ଆସିଲା)

ଚାକର- (ଚା'ଦେଇ) ଚା' ନିଅନ୍ତୁ। ମା କହିଛନ୍ତି, ଏଠି ଏମିତି ବଡ଼ପାଟି କରନ୍ତୁ ନାହିଁ।

ଅପ୍ପା- (ଚା' ଖାଉଖାଉ) କଣ ହେଲା ପାଟି କରିବିନେଇ? ସର୍କାର କାହିଁ ଗଲେ–

ଚାକର- (ଜିନିଷପତ୍ର ଠିକ୍‌ଠାକ୍ କରୁଥାଏ) ବଡ଼ ମା ବଜାରକୁ ଯାଇଛନ୍ତି। (ଗୁଣୁଗୁଣୁ ହୋଇ) ଭଏ ସବୁବେଳେ ସବୁକଥାରେ ବଡ଼ ମା'ଙ୍କୁ ଖୋଜିହେଉଛନ୍ତି।

ଅପ୍ପା- କ'ଣ ସେମିତି ଗୁଣୁଗୁଣୁ ହଉଚୁ?

Digitized by srujanika@gmail.com

ଚାକର- କିଛି ନାହିଁ। ଚଞ୍ଚଳ ଚା ଖାଇ ନିଅନ୍ତୁ। ସାହେବଙ୍କ ଆସିବା ବେଳ ହେଇଗଲାଣି, ତାଙ୍କ ଚା ପାଣି ଚଥା ମୁଁ ପୁଛିବି।

ଅପ୍ପା- (ଚା ଢକଢ଼କ ପିଇ) ହଁ, ହଁ ମୋର ସରିଲା। ନନ୍ଦାର ଆସିବା ବେଳ ହେଇଗଲାଣି। କେତେଦିନୁ ତାକୁ ଦେଖିନି, ତା ଦିହ ମୁଣ୍ଡ ଠିକ୍ ଅଛିତ?

ଚାକର- ଏକଦମ୍ ଫାଷ୍ଟକ୍ଲାସ (ଚା'ପ୍ଲେଟ୍ ନେଇ ଯାଉଥିଲା)

ଅପ୍ପା- ଝୁଅ ସ୍କୁଲରୁ ଆସିଲାଣି?

ଚାକର- ଏଇ ସାଙ୍ଗେ ସାଙ୍ଗେ ତ ଆସିଲେ।

ଅପ୍ପା- ତାକୁ କହ।

ଚାକର- ଆଜ୍ଞା। (ଭିତରକୁ ଚାଲିଗଲା)
(ଭିତରୁ ଜେଜେ ଜେଜେ କହି ସାନଝୁଅ ଆସି କବାଟ ପାଖରେ ଠିଆହେଲା।)

ଅପ୍ପା- ମୋ ସୁନାଟା, ମୋ କୁନମୁନି। (ବାଡ଼ିଧରି କଷ୍ଟରେ, ଅଧା ଉଠାହେଇ) ଆଲୋ ବିଜୁଳୀ, ମୋ ପାଖକୁ ଆ।

ଝୁଅ- (କବାଟ ପାଖରେ ଠିଆ ହେଇ ରୁଷିବା ଭଙ୍ଗୀରେ) ନାହିଁ ମୁଁ ଯିବିନାହିଁ-ମୋଟେ ଯିବିନାହିଁ।

ଅପ୍ପା- ଖେଳୁଚୁ ମୋ ସାଙ୍ଗରେ, ଏଁ। ଅଧବାଟରେ ଆସି ଅଟକି, ତୁ କ'ଣ ମାନଭଞ୍ଜନ ନାଟକର ଅଭିମାନିନୀ ରାଧା ହେଇଗଲୁ? ହଉ, କହିଲୁ ମତେ କାହିଁକି ଆସିବୁନି?

ଝୁଅ- କିଛି ନାଇଁ- ଖାଲି ଏମିତି।

ଅପ୍ପା- (ଚଉକିରେ ବସି) ଖାଲି ଏମିତି?

ଝୁଅ- ହଁ, ଖାଲି ଏମିତି। (ଦଉଡ଼ି ଦଉଡ଼ି ଆସି ଅପ୍ପାଙ୍କ ବେକରେ ଝୁଲିପଡ଼ି) କେମିତି ଠକି ଦେଲି?

ଅପ୍ପା- (ହସି) ବଦମାସ୍।

ଝୁଅ- ଜାଣିଚ ଜେଜେ, ଆଜି ଆମ ସ୍କୁଲରେ ନା ଭାରି ମଜାହେଲା।

ଅପ୍ପା- କଣ କି ମଜା? ତମ ମାଷ୍ଟ୍ରାଣୀ କାହା ସାଙ୍ଗରେ ପଳେଇଲା?

ଝୁଅ- ଧେତ୍, ଏଗୁରା କଣ କହୁଚ? ଆମ ଦିଦିଙ୍କି ମାଷ୍ଟ୍ରାଣୀ କହିବନି। ଆମ ଦିଦି ନା ଭାରି ଭଲ ଦିଦି।

ଅପ୍ପା- ହେଲା ଯେ, ହେଲେ ମା କୁନ୍‌ମୁନି ମଜାକଥାଟା କଣ ହେଲା କହ?

ଝୁଅ- ମୋ ନା କୁନ୍‌ମୁନି ନୁହେଁ।

ଅପ୍ପା- ଆଉ କଣ ଚୁନ୍‌ଚୁନି?

ଝୁଅ- ନାଇଁ ଚୁନ୍‌ଚୁନି ନୁହେଁ।

ଅପ୍ପା- ଆଉ କଣ ତେବେ କୁହ?

ଝୁଅ- ମୁଁ ତ କହିଚି? ତମେ ଭୁଲିଯାଉଚ କାହିଁକି। ରୁହ, ମୁଁ ତମ ହାତ ପାପୁଲିରେ ଲେଖି ଦଉଚି। (ନିଜ ଆଙ୍ଗୁଠିରେ ତାଙ୍କ ପାପୁଲିରେ ଲେଖିଲା)

Digitized by srujanika@gmail.com

ଅପା- ବୁଝିଲି ବୁଝିଲି ସୁହାସିନୀ। ହୁଁ ତା'ହେଲେ ସୁହାସିନୀ ଦେବୀ ?.....

ସୁହାସ- (ଜେଜେ ପାଖରେ ଗେଲହେଇ) ନାଇଁ ନାଇଁ ଜେଜେ, ତମେ ମତେ ସେଇ କୁନ୍‌ମୁନି ନାଁରେ ଡ଼ାକ, ହେଲେ ଏ କୁନ୍‌ମୁନି କଥା ଆଉ କାହାକୁ କହିବନି,ହେଲା ?

ଅପା- ହଁ ହେଲା, କହିବିନି। ତୋ ସ୍କୁଲରେ ମଜାକଥା କଣ କହ ?

ସୁହାସ- ଏମିତି ମଜା କଥା ତମେ କୋଉଠି ଶୁଣି ନଥିବ। ହେଲେ, ତମେ ଆଗେ ମୋର ଗୋଟାଏ କଥା ଶୁଣ।

ଅପା- ହଉ ଶୁଣା କଣ ଶୁଣୋଉଚୁ।

ସୁହାସ- ଶୁଣେଇବି ତ। ତା ଆଗରୁ ଜେଜେ ତମ ନାଟକରେ ତମେ ସେଇ ଯୋଉ ଖୁବ୍ ଜୋର୍‌ରେ ପାଟିକର, ତମର ସେଇ ଜୋର୍‌ପାଟି ଟିକିଏ ଶୁଣାଅ। ସେ ପାଟି ଶୁଣିବାକୁ ମତେ ଭାରି ଭଲଲାଗେ।

ଅପା- ଆଲୋ ସୁହାସ, ନାଟକରେ କାହାକୁ ଗାଳିମନ୍ଦ ଦେଲେ ସେମିତି ବଡ଼ପାଟି କରିବାକୁ ପଡ଼େ। ଏବେ ତ ମୁଁ ନାଟକ କରୁନି, ଏଠି ଆଉ କେହି ନାହାନ୍ତି, ଏକା ତୁ ଅଛୁ। ତତେ ଗାଳି ଦେବି।

ସୁହାସ- ଦଉନ, ଦିଅ- ଖୁବ୍ ଗାଳିଦିଅ।

ଅପା- ମୋ କୁନ୍‌ମୁନିଟା ମୋ ଗାଳି ଶୁଣି ତୁ ମୋ ଉପରେ ରାଗିବୁ ନାଇଁତ।

ସୁହାସ- ନାଇଁ ମୋଟେ ରାଗିବି ନାଇଁ, ଦିଅ ଗାଳି ଦିଅ।

ଅପା- ହଁ ଦେବି ଯେ; ତା ଆଗରୁ ତୁ ମତେ ତୋ ସ୍କୁଲ ମଜା କଥା ଶୁଣା, ତାପରେ ମୁଁ ତତେ ମୋ ବଡ଼ପାଟି ଶୁଣେଇବି।

ସୁହାସ- ନାଇଁ ଜେଜେ ଆଗେ ତମେ।

ଅପା- ନାଇଁ କୁନ୍‌ମୁନି ଆଗେ ତୁ।

ସୁହାସ- ହଉ କହୁଚି।

ଅପା- ହଁ, କହ।

ସୁହାସ- ଆଜି ଆମ ସ୍କୁଲକୁ ଜଣେ ଭିଜିଟରେ ଆସିଥିଲେ। ଭିଜିଟର୍ କଣ ବୁଝୁଛ ଜେଜେ ?

ଅପା- ହଁ ବୁଝିଚି, ତୁ କହ।

ସୁହାସ- ସେ କୁଆଡ଼େ ଜଣେ ବହୁତ ବଡ଼ ମଣିଷ।

ଅପା- ବଡ଼ ମଣିଷମାନେ ? ଖୁବ୍ ଡ଼େଙ୍ଗା ଖୁବ୍ ମୋଟା, ଏଇଆତ ?

ସୁହାସ- ତେମେ ଏମିତି କହିଲେ ଜେଜେ......। ବଡ଼ ମଣିଷମାନେ..... ?

ଅପା- (ହସି) ବୁଝିଲି, ଖୁବ୍ ନାମଜାଦା ଲୋକ। ସମସ୍ତେ ତାଙ୍କୁ ଖାତିର କରନ୍ତି।

ସୁହାସ- ଠିକ୍ ସେଇଆ। ମୁଁ ଯେମିତି, ମୋ କବିତା ପଢ଼ି ଶୁଣେଇଲି, ମତେ ସେ ଆସି ପଚାରିଲେ, ତମ ନାଁ କଣ ?

Digitized by srujanika@gmail.com

ଅପ୍ପା- ତୁ ସେଇଠି କହିଥିବୁ, ମୋ ନାଁ ଜୁନ୍‌ମୁନି।

ସୁହାସ- ହେଭ୍, ତମେ ଏମିତି ମଝିରେ ଗୋଳମାଳ କରନା। ମୁଁ କହିଲି ମୋ ନା ସୁହାସିନୀ ବେଲବଲ୍‌କର। ସିଏ ସେଠୁ କହିଲେ- କୋଉ ବେଲ୍‌ବଲକର? ଯେଉଁ ବେଲ୍‌ବଲ୍‌କର ରଙ୍ଗମଞ୍ଚରେ.......। ମୁଁ କହିଲି- ମୋ ବାପାଙ୍କ ବାପା ମୋ ଜେଜେ ଥେଟର୍‌ରେ ବହୁତ ବଡ଼ ଅଭିନେତା ଥିଲେ। ମୁଁ ଯେମିତି ଜେଜେ ଏତିକି କହିଚି— ସିଏ ଚମ୍‌କିରି ଉଠିଆସି ମୋତେ କହିଲେ ତୁ ଗଣପତି ରାଓଙ୍କ ନାତୁଣୀ? ମୁଁ ଭାରି ଫୁର୍ତ୍ତି ମନରେ କହିଲି, ହଁ, ମୁଁ ତାଙ୍କ ନାତୁଣୀ। ସେଇଠୁ ଜେଜେ, ସେ ଅନେକ ବେଳଯାଏ ମୋ ଆଡ଼କୁ ଏମିତି ଚାହିଁ ରହିଲେ। ସେଇଠୁ କହିଲେ- ଝିଅ, ତୁ ଭାରି ଭାଗ୍ୟବତୀ। ଗଣପତି ରାଓଙ୍କ ନାତୁଣୀତୁ, ତାଙ୍କୁ ମୋ ନମସ୍କାର କହିଦବୁ।

ଅପ୍ପା- ବୁଝିଲି ଯେ ସେ ଲୋକଟି କିଏ?

ସୁହାସ- ତାଙ୍କ ନାଁଟା ମୋର ମନେପଡୁନାହିଁ ଜେଜେ। ହେଲେ ସମସ୍ତେ କହୁଥାନ୍ତି ସେ ଜଣେ ଭାରି ବିଖ୍ୟାତ ଲୋକ। ମତେ ସେଇଠୁ କହିଲେ- ପିଲାଦିନେ ମୁଁ ତୋ ଜେଜେଙ୍କଠୁ ଅଟୋଗ୍ରାଫ୍ ଆଣି ଏପର୍ଯ୍ୟନ୍ତ ତାକୁ ସାଇତି ରଖିଛି। ଆଉ ଜେଜେ ଯେମିତି ସେ ଚାଲିଯାଇଛନ୍ତି, ସବୁ ଝିଅମାନେ ମୋତେ ଘେରିଯାଇ, ଖୁସୀରେ ମୋ ପିଠିରେ ଦୁମ୍‌ଦୁମ୍ ବସେଇ ମୋ ନାକଟାଣି କାନଟାଣି ମତେ ହଇରାଣ କରିଦେଲେ। ଏଇଟା କ'ଣ ମଜାକଥା ନୁହେଁ ଜେଜେ?

ଅପ୍ପା- ଓଃ, ଖୁବ୍ ମଜାକଥା। କିନ୍ତୁ ତୋ ମାଷ୍ଟ୍ରାଣୀ ଯଦି କୁଆଡ଼େ ପଳେଇଥାନ୍ତେ, ମତେ ସେଇଟା ଆହୁରି ମଜା ଲାଗିଥାନ୍ତା।

ସୁହାସ- (ରାଗିଲାପରି) ଛିଃ, ପୁଣି ସେଇକଥା। (ଟିକିଏ ପରେ ଉତ୍ସାହର ସହିତ, ଜେଜେ ତମେ ମତେ ତମ ଅଟୋଗ୍ରାଫ୍ ଦିଅ।

ଅପ୍ପା- ମୁଁ ଅଟୋଗ୍ରାଫ୍ ଦେବି।

ସୁହାସ- ହଁ, ତମଠୁ ଅଟୋଗ୍ରାଫ୍ ନନେଇ ମୁଁ ଛାଡ଼ିବିନି।

ଅପ୍ପା- ଆଁଲୋ; ରାଣୀ ଅଟୋଗ୍ରାଫ୍ ଦେବାକୁ ମୁଁ କିଏ? ମୁଁ ଜଣ କୃଷ୍ଣଜୀ ପ୍ରଭାକର ଖାଡ଼ିଲକର ହେଇଚି ନା ରାମ ଗଣେଶ ଗଡ଼କରୀ ହେଇଚି, ଯେ ମୁଁ ଅଟୋଗ୍ରାଫ୍ ଦେବି? ବୁଝିଲୁ ସୁନା ଖଡ଼ିଙ୍କା, ନଟ ନୁହନ୍ତି, ନାଟ୍ୟକାରମାନେ ଅଟୋଗ୍ରାଫ୍ ଦିଅନ୍ତି। ଆମେ ଅଭିନେତାମାନେ ହେଲୁ ଶ୍ରମିକ, ନାଟ୍ୟକାରମାନଙ୍କଠୁ ଆଣି ଦର୍ଶକମାନଙ୍କ ଆଗରେ ପହଞ୍ଚେଇବୁ।

ସୁହାସ- ତାହେଲେ ତାଙ୍କୁ କେମିତି ଦେଇ? ସେ କଣ ମିଛ କହୁଛନ୍ତି?

ଅପ୍ପା- ସେତେବେଳେ ମୁଁ ଗୋଟାଏ ଗଧ ଥିଲି। ବର୍ତ୍ତମାନ ଅପେକ୍ଷା ଆହୁରି

Digitized by srujanika@gmail.com

ମୋଟା ବୁଢ଼ିଆ ଗଧ। କେହି ସ୍କୁଲ କଲେଜ ପିଲା ଆଖି ମୁହଁରେ ଟିକିଏ ବିନୟଭାବ ନେଇ ଆସି ପହଁଞ୍ଚିଗଲେ- ମୁଁ ତରଳି ଯାଉଥିଲି।

ସୁହାସ- ମୁଁ ଏସବୁ କିଛି ଜାଣିନି। ମୋତେ ଅଟୋଗ୍ରାଫ୍ ଦେବାକୁ ହେବ। ସେମାନଙ୍କୁ ସବୁ ଦେଉଚ, ଆଉ ମତେ ମନାକରିଦେଉଚ।

ଅପ୍ପା- ଆଲୋ ଚଣ୍ଡି, ମୁଁ ଆଉ ହାତରେ ଲେଖିପାରୁନି। ହାତ ଥରୁଚି, 'କ' ଲେଖିଲା ବେଳକୁ 'ଖ'ଲେଖି ହେଇଯାଉଛି। ସୁହାସ ଲେଖିଲା ବେଳକୁ ଯଦି ସୁଭାସ ଲେଖି ହେଇଯିବ, ତୁ କଣ.....।

ସୁହାସ- ଥାଉ ଲେଖିବା ଦରକାର ନାହିଁ। ତେମେ ଡ଼ାକ ମୁଁ ଶୁଣିବି।

ଅପ୍ପା- ମୁଁ ଖାଲି କହିବି।

ସୁହାସ- ହଁ, ନ କହିଲେ ମୋଟେ ମୁଁ ତମପାଖକୁ ଆସିବିନାଇଁ- ଆସିଲେ ବି ତମ ସାଙ୍ଗରେ କଥା କହିବି ନାଇଁ। ଭାରି ଭଲକଥା ଏକା କହିବ।

ଅପ୍ପା- ଆଚ୍ଛା, ରାଜି। ତେବେ ମୋ କଥା ମୁଁ କହିସାରିଲାପରେ ମୁଁ ତୋତେ ଯାହା ମାଗିବି, ତୁ ମତେ ଦବୁ ?

ସୁହାସ- ଦେବି।

ଅପ୍ପା- ତା ହେଲେ ଶୁଣ୍,

ସ୍ୱର କହୁଛି ସାଙ୍ଗ ଦେ
ଖରାବେଳେ ଏ ବୃଦ୍ଧକୁ ତୁ
ଗଗନ କହୁଛି ଛାୟା ଦେ
କୁଡ଼ିଆ ବାସୀ ବୃଦ୍ଧକୁ ତୁ
କେଶର କହୁଛି ପର ଦେ
ମୋ ଭଳି ଗୋଟିଏ ଜେଜେକୁ ତୁ

ଦୀପକହୁଛି ବତୀ ଦେ
ଖାଲିତୋର ଏ ହାତ ଦେ।
ଧରଣୀ କହୁଛି ଜଳ ଦେ
ଖାଲି ତୋ କଣ୍ଠରେ ଗୀତ ଦେ।
ଚଢ଼େଇ କହୁଛି ନୀଡ଼ ଦେ
ଟିକିଏ ମିଠା ପ୍ରେମ ଦେ।

ସୁହାସ- (ହସି ହସି ଏଣେ ତେଣେ ଦୌଡ଼ି) ଦେବି ନାଇଁ ଦେବି ନାଇଁ।

ଅପ୍ପା- ଆଲୋ ଚଣ୍ଡି, ମୁଁ କହୁଚି ମତେ ଦେ।

ସୁହାସ- (ଟିକିଏ ଦୂରରେ ଠିଆହେଇ) ନାଇଁ, ତେମେ ଆଗ ଜୋର୍‌ରେ ପାଟିକର।

ଅପ୍ପା- ନାଇଁ ତୁ ମତେ ଆଗ ଦେ।

ସୁହାସ- ନାଇଁ ତମେ ଆଗ ପାଟିକର।

ଅପ୍ପା- ତୁ ରହ ଟୋକି.....(ଦୁହେଁ ଦୌଡ଼ା ଦୌଡ଼ି କରୁଥାନ୍ତି, ସେଇ ସଙ୍ଗେ ସଙ୍ଗେ ଅପ୍ପା ଖୁବ୍ ଜୋର୍‌ରେ ପାଟିକରି କହୁଥାନ୍ତି), ବଦମାସ୍, ନିର୍ଲଜି ମତେ ଠକୁଚୁ- ରହ, ମୁଁ ତୋ ମଜା ବାହାର କରିଦଉଚି।

(ଦୁହିଁଙ୍କର ଖୁବ୍ ପାଟିତୁଣ୍ଡ ଚାଲିଥାଏ। ଏତିକିବେଳେ ଶାରଦା ହଠାତ୍ ଅତି କ୍ରୋଧାନ୍ୱିତା ହେଇ ପଶିଆସିଲା)

Digitized by srujanika@gmail.com

ଶାରଦା- (ଖୁବ୍ ବଡ଼ ପାଟିରେ) ଇଯେ କଣ ଚାଲିଚି ? ଛୁଆଟାକୁ କାହିଁକି ଏମିତି ଗାଳି ଦେଉଚ ?

(ସୁହାସ ଗୋଟେ ଜାଗାରେ ଡ଼ରରେ ଜାକିଜୁକି ହେଇ ଠିଆହେଇଚି। ଅପ୍ପା କିଛି ବୁଝିନପାରି ନିର୍ବୋଧଙ୍କ ଭଳି ଚାହିଁ ରହିଥାନ୍ତି।)

ଶାରଦା- ମୋ ଝୁଅକୁ କ'ଣ ମୁଁ କୋଉଠୁ ଗୋଟେଇ ଆଣିଚି, ତାକୁ ପାଜି ବଦମାସ୍ କହିବ ?

ଅପ୍ପା- (ଥତମତ ହେଇ) ଏଁ....... ନାଇଁ ବୋହୁ ମୁଁ......

ଶାରଦା- କେତେଥର ମୁଁ ଆପଣଙ୍କୁ କହିଲିଣି ଯେ ଦିନରାତି ଚବିଶ ଘଣ୍ଟା ଏଠି ଏମିତି ପାଟିତୁଣ୍ଡ କରନ୍ତୁ ନାହିଁ- କାହାକୁ ଗାଳିମନ୍ଦ ଦିଅନ୍ତୁ ନାହିଁ। ପାରୁଛନ୍ତି ତ ଭଲକଥା କୁହନ୍ତୁ, ତା ନହେଲେ ଚୁପ୍ ରୁହନ୍ତୁ।

ସୁହାସ- (ବ୍ୟସ୍ତହେଇ) ନାଇଁ ମା, ଜେଜେ ମତେ ଗାଳି ଦେଇ ନାହାନ୍ତି। ବଡ଼ପାଟିରେ କଥା କହିବାକୁ ମୁଁ ତାଙ୍କୁ କହିଥିଲି।

ଶାରଦା- ତୁନି ହ, ଜେଜେ ଜେଜେ ହେଇ ତୁ ନଷ୍ଟ ହବାକୁ ବସିଲୁଣି। କେତେଥର ତତେ ମନାକରିଚି, ତୁ ଏଘରକୁ ଆସିବୁନି। ମରିବାକୁ ଜାଗା ପାଉନୁ ବୋଲି ଏ ଘରକୁ ଆସୁଚୁ ?

ସୁହାସ- (ଡ଼ରିଡ଼ରି)ଜେଜେଙ୍କ ଘରକୁ ଆଉ ଆସିବିନି !

ଶାରଦା- ନା, ଶୁଣ୍ ମୁଁ ତତେ କହିଦେଉଚି, ଯଦି ଆଉଥରେ ଏଘରକୁ ଆସିବୁ ତେବେ ତୋ ହାତଗୋଡ଼ ଭାଙ୍ଗି ଚୂନା କରିଦେବି। ମତେ କହୁଚୁ କଣ ନା ଜେଜେଙ୍କୁ ବଡ଼ପାଟିରେ କଥା କହିବାକୁ ତୁ କହିଥିଲୁ ! ଏ ପାଟି ଚିତ୍କାର ଶୁଣିଶୁଣି ମୋ କାନ ଫାଟିଗଲାଣି। ମାସ ମାସ ବର୍ଷବର୍ଷ ଏ ପାଟି ଶୁଣି ଦିନ ରାତି ମୋ ମୁଣ୍ଡ ବଥାଉଚି। ମୁଣ୍ଡ ଫାଟିଗଲାପରି ଲାଗୁଚି। ଡ଼ାକ୍ତର କହିଛନ୍ତି, ଟିକିଏ ଶାନ୍ତିରେ ଚୁପ୍‌ଚାପ୍ ରହି ଟିକିଏ ଆରାମ କରିବାପାଇଁ, ଆଉ ଏଠି ମୋର ଏଇ ଶାନ୍ତି, ଏଇ ଆରାମ ଚାଲିଚି। ଏଇଟା ମୋ ପାଇଁ ଘରନୁହେଁ ବନବାସ। ଯେତେବେଳେ ଯାହା ମନକୁ ଆସିଲା ଗୁରାଏ ଗପୁଛନ୍ତି ପାଟି କରୁଛନ୍ତି। ପୁଣି ମନ ହେଲାତ ଗର୍ଜନ ତର୍ଜନ କରି ନାଟକର ଡ଼ାଏଲଗ୍‌ସବୁ କହୁଛନ୍ତି। ଏ କାନ କେତେ ଶୁଣିବ ? ଏଇଟା ଗୋଟାଏ ଭଦ୍ର ଲୋକର ଘର, ହେଲେ ଏଠି ନା ଶିଷ୍ଟାଚାର ଅଛି ନା ସୌଜନ୍ୟ ଅଛି ନା ସଭ୍ୟତା ଅଛି ! ବେଳେବେଳେ ତ ମନେହୁଏ, ଏଇଟା ଗୋଟେ କାହାରି ଘର ନୁହେଁ। ଫଂଛାଏ ବାରବୁଲା ଥିଏଟର ବାଲାଙ୍କ ଧର୍ମଶାଳା। ନିଜକଥା ନ ଭାବିଲ ନାଇଁ କିନ୍ତୁ ଏଇଟା ଗୋଟାଏ ଭଦ୍ର ପଡ଼ା– ପାଖପଡ଼ିଶାରେ ଯୋଉମାନେ ଅଛନ୍ତି, ସେମାନେ ସମସ୍ତେ ଶିକ୍ଷିତ ଭଦ୍ର– ସେମାନଙ୍କ ସହିତ ଚଳିବାକୁ ହେଲେ କିମିତି

Digitized by srujanika@gmail.com

ଇଜତ ମହତ ରଖିବାକୁ ହବ, ସେକଥା ଚିନ୍ତା କରିବନି? ନା, ଆଉ ଏଗୁରା ସହି ହେବନି। ଇଏ ଆଜି ଅଫିସରୁ ଫେରନ୍ତୁ, ମୁଁ ତାଙ୍କୁ ସଫା ସଫା ପଚାରିବି ଏ ଘରେ ଏଣିକି ମୁଁ ରହିବି ନା ତାଙ୍କ ବାପା ରହିବେ।

ସୁହାସ- (କାନ୍ଦି) ମା, ତମେ ମୋତେ ଗାଳିଦିଅ, ମାର, ପିଟ ଯାହାକର, ଜେଜେଙ୍କୁ କିଛି କୁହନାହିଁ, ତାଙ୍କ ଉପରେ ରାଗନାହିଁ।

ଶାରଦା- ଚୁପ୍, ଭାରି କଥା କହି ଶିଖିଲୁଣି। ମୁଁ କଣ ଜାଣିନେଇଁ, ଇଏ ଜାଣିଶୁଣି ତତେ ମୋ ଠାରୁ ଛଡ଼େଇ ନଉଛନ୍ତି।

ଅପ୍ପା- (କ୍ଷୀଣ କଣ୍ଠରେ) ତୋଠୁଁ ତୋ ଝିଅକୁ ମୁଁ ଛଡ଼େଇ ନେଉଛି? ମୁଁ.......

ଶାରଦା- ହଁ, ଆପଣ! ମୁଁ ସବୁ ଜାଣେ, ଶୁଣେ, ବୁଝେ। (ଝିଅକୁ ଟାଣିଆଣି) ଆ, ଆଉ ଥରେ ଏଘରକୁ ଆସିଚୁତ ମତେ ଚିହ୍ନିବୁ ମୁଁ କିଏ?

(ଶାରଦା ସୁହାସକୁ ନେଇ ଚାଲିଗଲା। ଗଲାବେଳେ ସୁହାସ କାନ୍ଦିକାନ୍ଦି ଜେଜେ ଜେଜେ ବୋଲି କହି ଯାଉଥାଏ। ମଞ୍ଚର ଆଲୋକ କମ୍ ହୋଇଆସୁଥାଏ। ସୁହାସର କାନ୍ଦ ଓ ଚିତ୍କାରରୁ ବିଭିନ୍ନ ସ୍ୱରର ତରଙ୍ଗ ଉଠୁଥାଏ। ସେହି ସଙ୍ଗେ ସଙ୍ଗେ "ଜେଜେ କୁଆଡ଼େ ଗଲ"....." ଜେଜେ ମୁଁ ମରିଗଲି" ....."ଜେଜେ ଜେଜେ"....... ଏ ସବୁ କରୁଣ ଚିତ୍କାର ଯେପରି ସବୁ ଦିଗରୁ ଶୁଣାଯାଉଥାଏ। ଏ ଚିତ୍କାର ସହି ନପାରି ଅପ୍ପା କୌଣସି ମତେ ନିଜକୁ ସମ୍ଭାଳି ଚଉକି ଉପରେ ବସିପଡ଼ିଲେ। ସବୁଶବ୍ଦ ଉଭେଇଯାଇଛି, ଚଉକି ଉପରେ ପଡ଼ିଥିବା ଆଲୋକ ରଶ୍ମି ବ୍ୟତୀତ ମଞ୍ଚର ଅନ୍ୟତ୍ର ଘନ ଅନ୍ଧକାରରେ ବୁଡ଼ିରହିଚି। କିଛି ସମୟ ପରେ ଅପ୍ପା ଘରଆଡୁ ଯେଉଁ ଦରଜାବାଟେ ସୁହାସିନୀ ଓ ଶାରଦା ଯାଇଥିଲେ, ସେଇ ଆଡ଼କୁ ଚାହିଁ କଥା ଆରମ୍ଭ କଲେ।)

ଅପ୍ପା- ଭଲ ହେଲା, ସେ ପାଖ ଦରଜା ସେମାନେ ବନ୍ଦ କରି ଦେଇଛନ୍ତି। ସେ ଝିଅଟା ଆଉ ଏଠିକି ଆସିପାରିବ ନାହିଁ। କିଏ ଜାଣେ, ସେ ଆଉ ବଞ୍ଚିଚି କି ନାଇଁ। ମଝିରେ ମଝିରେ ତା ଜେଜେ ଜେଜେ ଡ଼ାକ କୋଉଠୁ ଶୁଭୁଚି? ମୋ ହୃଦୟ ବର୍ତ୍ତମାନ ପାଷାଣ ପରି କଠିନ ହୋଇଗଲାଣି। ମୋ ପାଖରୁ ସ୍ନେହ ଆଉ କରୁଣାର ସବୁ ସ୍ରୋତ ଶୁଖିଗଲାଣି। ଓଃ, ଏପାଖରୁ ଏଇ ଜେଜେ ଡ଼ାକ ଶୁଣାଯାଉଛି ମୋ ସାମ୍ନାରୁ ଶୁଣାଯାଉଛି। ଏ ପୃଥିବୀର ଗର୍ଭରୁ ଶୁଣାଯାଉଛି!..... ଆରେ କିଏ କୋଉଠି ଅଛ, ଢେଣ୍ଟୁରା ପିଟି ଜଣେଇଦିଅ ଯେ ଗଣପତି ରାଓ ବେଲବଲକର ମରିଗଲାଣି। ତା ପାଇଁ ଶୋକସଭା କର- ତାର ଶୁଦ୍ଧିକ୍ରିୟା କରି, ତାର ଜୟଜୟକାର କର। ସାରା ପୁନା ସହର, ସାରା ମହାରାଷ୍ଟ୍ରରେ ତାର ଶୁଦ୍ଧିକ୍ରିୟା ପାଳନକର ଯେ ସେ ଶବ୍ଦରେ ତାର ମୃତ କାନର ଶ୍ରବଣ ଶକ୍ତି ଲୋପ ପାଇଯାଉ—

Digitized by srujanika@gmail.com

ସେ ଆଉ କେବେ କେବେ ଡ଼ାକ ଶୁଣି ନ ପାରୁ। (ଅତି କ୍ଷୀଣ ସ୍ୱରରେ) ଏ ମୋର କଣ ହେଇଗଲା ? ମୁଁ ଆଉ ହଲଚଲ ହେଇପାରୁନି। କିଏ ଅଛ, ମତେ ତା ପାଖକୁ ନେଇଚାଲ। ମତେ ନେଇଚାଲ।

(ଆଖି ବନ୍ଦକରି ଚଉକି ଉପରେ ଢଳିପଡ଼ିଲେ। ମଞ୍ଚ ଅନ୍ଧକାର। ଧୀରେଧୀରେ ପୁଣି ମଞ୍ଚ ଆଲୋକିତ ହେଲା। ଦେଖାଗଲା ଅପ୍ପା ପୂର୍ବଭଳି ଆଖିବୁଜି ସେମିତି ବସିଛନ୍ତି। ଗୋଟାଏ ପାଖରେ ନନ୍ଦା ଓ ଶାରଦା ଓ ଅନ୍ୟପାଖରେ କାବେରୀ ଠିଆ ହୋଇ ସ୍ଥିର ଦୃଷ୍ଟିରେ ଚାହିଁ ରହିଛନ୍ତି)

ନନ୍ଦା- ବାପା, ଶୁଣୁଚ ବାପା ମୁଁ କଣ କହୁଚି ?

ଅପ୍ପା- (ଆଖିଖୋଲି ଧୀର ଗଳାରେ) ହଁ ଶୁଣୁଚି।

ଶାରଦା- ଏଇ ପାଞ୍ଚମିନିଟ୍ ଆଗରୁ ପରା ବଡ଼ପାଟି କରି ବେବିକୁ ଗାଳି ଦଉଥିଲେ। ଆମେ ଏବେ ଆସିଲାରୁ ଆଖି ବନ୍ଦ କରିଦେଇଛନ୍ତି। ସବୁବେଳେ ଏଇ ନବରଙ୍ଗ ଚାଲିଚି।

ଅପ୍ପା- ନାଇଁଲୋ ମା ମୁଁ ସବୁ ଶୁଣୁଚି, କଣ ତମର କହିବାର ଅଛି କୁହ ?

ନନ୍ଦା- (ଗଳା ଖଙ୍କାରି ଓ ସାହସ ସଞ୍ଚୟ କରି) ଆମେ ଏଇଆ କହୁଛୁ ବାପା, ଯେ, ମଣିଷର ସହନ ଶକ୍ତିର ଗୋଟେ ସୀମା ଅଛି, ତାଠାରୁ ସେ ବେଶୀ କିଛି ସହିପାରିବନି।

ଅପ୍ପା- ଠିକ୍ ତ।

ନନ୍ଦା- ତମେ ବୁଝିପାରିବନି, ତମକୁ ଏସବୁ କଥା କହିବା ପାଇଁ ମତେ କେତେ ଦୁଃଖ ଲାଗୁଚି।

ଅପ୍ପା- ଜାଣେ।

ନନ୍ଦା- ଏ ଫ୍ଲାଟରେ ଆମେ ଆସି ରହିବାର ବାରବର୍ଷ ହେଇଗଲା। ଏ ବାରବର୍ଷର ପ୍ରତ୍ୟେକଟି ଦିନ ସାକ୍ଷୀ ଦବ ଯେ ଆମେ ତମ ଭଲପାଇଁ, ତମ ମଙ୍ଗଳ ପାଇଁ, ତମେ କେମିତି ଶାନ୍ତିରେ ଓ ସୁସ୍ଥ ଅବସ୍ଥାରେ ରହିବ, ସେଥିପାଇଁ ଆମ କର୍ତ୍ତବ୍ୟରେ ଆମେ ଟିକିଏ ଅବହେଳା କରିନୁ। ହୁଏତ ଆମ ପକ୍ଷରୁ କେତେବେଳେ କ'ଣ ଟିକିଏ ଭୁଲ୍ ହେଇଥାଇପାରେ, କିନ୍ତୁ ଆମେ ତମ ପାଇଁ.....

ଅପ୍ପା- ବୁଝୁଚି, ସବୁ ବୁଝୁଚି।.... ସର୍କାର ପାଣି ପିଇବି।

ନନ୍ଦା- ମୁଁ ଦଉଚି।

ଅପ୍ପା- ନାଇଁ, ସର୍କାର ଦେବେ। (କାବେରୀ କାଠ ପିତୁଳାପରି ସୁରାଇରୁ ଗ୍ଲାସେ ପାଣି ଭର୍ତ୍ତିକରି ଆଣି ଅପ୍ପାଙ୍କୁ ଦେଲେ।)

ଅପ୍ପା- (ପାଣି ପିଇସାରି) ହୁଁ, କ୍ଲୋରଫର୍ମ ଦିଆ ହେଇଗଲା, ଏବେ ଅପରେସନ୍ ଆରମ୍ଭ ହବତ ?

Digitized by srujanika@gmail.com

ନନ୍ଦା- ମତେ ଆଉ କିଛି କୁହନ୍ତୁନି। ମୋ ସ୍ତ୍ରୀ ଯଦି ଆପଣଙ୍କୁ କିଛି ଅପମାନ ଦେଇଥାଏ.....

ଅପ୍ପା- ସେଥିପାଇଁ ତୁ କିଛି କରିପାରିବୁନି। ତମ ପରି ସ୍ୱାମୀମାନେ ହେଉଛନ୍ତି, ସ୍ତ୍ରୀମାନଙ୍କର ଲେଡ଼ିଜ୍ ହାଣ୍ଡକର୍‌ଚିପ୍— ଅତର୍ ଲଗା ରୁମାଲ। ତୁ କଣ କରିପାରିବୁ? ତୁ ସେ ରୁମାଲରେ କେବଳ ସ୍ତ୍ରୀ ମୁହଁରୁ ଝାଳ ପୋଛିବୁ। ରୁମାଲ..... (ଚିତ୍କାର କରି) ରୁମାଲ। ବୁଝିଲ ସର୍କାର, ଏଇଟା କିଛି ଗୋଟେ ଏଣ୍ଡୁତେଣ୍ଡୁ ରୁମାଲ ନୁହେଁ, ମିଶରର ଜଣେ ଗୁଣିଆ ତା ନିଜ ହାତରେ ଏ ରୁମାଲ ତିଆରି କରିଥିଲା। ମୋ ବୋଉ ତା ଆଖିବୁଜିବା ଆଗରୁ ସେ ରୁମାଲଟା ମୋ ହାତରେ ଦେଇ ମତେ କହିଥିଲା—

(ଅପ୍ପା କଥା କହୁକହୁ ଚଉକି ବାଡ଼କୁ ଢଳିପଡ଼ିଲେ। କାବେରୀ ଆସି ଚଉକି ପଛରେ ଠିଆ ହେଇଗଲେ।)

କାବେରୀ- ନନ୍ଦା!

ନନ୍ଦା- ତୁ ବି କଣ ବାପାଙ୍କ ପଟ ନଉଚୁ ବୋଉ? ତୋ ବୋହୂ ଏମିତି କିଛି କରିଚି, ଯାହା ତାର ନ କହିବାର କଥା? କି ଏମିତି କିଛି କହିଛି ଯାହା ତାର ନ କରିବାର କଥା? କିନ୍ତୁ ଏ କଥା ବାପା ନ ବୁଝିଲେ ବି ତୋର ବୁଝିବା ଉଚିତ୍। ରକ୍ତ ମାଂସର ମଣିଷ ହେଲ କିଏ କେତେ ସହିବ? ମାନିଲି ଏଇଟା ତମମାନଙ୍କର ଦୋଷ ନୁହେଁ। ତମ ବୟସର ଦୋଷ। କିନ୍ତୁ ତାରତ ଗୋଟେ ସୀମା ଅଛି। ସେ କଥା କଣ ତମକୁ ମୁହଁ ଖୋଲି କହିବାକୁ ପଡ଼ିବ!

ଅପ୍ପା- ହୁଁ, ମୋ'ର ସୀମା!

ନନ୍ଦା- ହଁ ବାପା ତମରି ସୀମା କଥା ମୁଁ କହୁଚି। ଏଠି ତମର 'ଅଧିକାର ଯେତେ ଯାହା ହଉନା କାହିଁକି, ଏଇଟା ଗୋଟାଏ ଘର। ଆମର ରହିବା ଘର; ଏଠି ତମର ବୁଝିବା ଉଚିତ୍ ଯେ ଗୋଟେ ଶିକ୍ଷିତ ସଭ୍ୟ ପଡ଼ାଭିତରେ ଆମେ ଶିକ୍ଷିତ ସଭ୍ୟ ଲୋକ ଘରକରି ରହିଛୁ।

ଅପ୍ପା- (କ୍ଷୀଣ ସ୍ୱରରେ) କିନ୍ତୁ ମୁଁ କରିଚି କ'ଣ? ତୁମ ଶିକ୍ଷା ସଭ୍ୟତା ଆଉ ସଂସ୍କୃତିରେ କଳଙ୍କ ଲଗାଇଲା ଭଳି କି କାମ ମୁଁ କରିଚି କହ?

ଶାରଦା- ମୁଁ ସେ କଥା କହୁଚି।

ନନ୍ଦା- ତମେ ଟିକେ ଚୁପ୍ ଶାରୀ।

ଶାରଦା- କାହିଁକି, କାହିଁକି ରହିବି? ସ୍ତ୍ରୀ ଲୋକମାନଙ୍କର ଅଶାର ଖୋସା ରୁମାଲ ବୋଲି କହି ସେ ତମର ଅପମାନ କରିବେ- ତମେ ଚୁପ୍‌ହେଇ ସହିବ! ଦିନେ ଅଧେ ନୁହେଁ ସବୁଦିନେ ଏଇ ଘଟଣା ଘଟୁଛି। କିଛି ନଥିବ ଅତି ସାଧାସିଧା କଥାରୁ ଅଳୁଆ ବାହାର କରି ସମସ୍ତଙ୍କ ଉପରେ ପାଟି

Digitized by srujanika@gmail.com

କରିବେ ସମସ୍ତଙ୍କୁ ଦୋଷ ଦେବେ। କେତେବେଳେ କାହା ଗଳାରେ ଛୁରୀ ଚାଳିବ, ସେକଥା ସେଇ ଜାଣନ୍ତି। କି ପାଟି କି ଚିତ୍କାର। ତମେ କୁହ ଏକଥା କିଏ କେତେଦିନ ସହିବ। କାହିଁକି ସହିବ? ବପ୍ପାରେ ଆମକୁ କୋଡ଼ିଏ ହଜାରେ ଟଙ୍କାର ଗୋଟେ ଜମି ପ୍ଲଟ୍ ଦେଇଛନ୍ତି ବୋଲି ଯଦି ସେ ଆମକୁ ଏମିତି ହୀନ କରି ରଖିବେ, ଏମିତି ଅପମାନ ଦଉଥିବେ, ତାହେଲେ ମୁଁ ଯାଉଚି ବପ୍ପାର କୋଉ ସ୍ଲମ୍‌ରେ ପଳାମାରି ରହିବି। (ଶୁଁ ଶୁଁ ହେଇ କାନ୍ଦିଲା)

ନନ୍ଦା- (ଶାରଦା ପିଠିରେ ହାତ ରଖି) ଶାରୀ!

ଶାରଦା- ନାଇଁ, ମୁଁ ଆଉ ଏତେ କଷ୍ଟ ସହିପାରିବି ନାହିଁ। ତମ ମନରେ କାଳେ ଦୁଃଖ ହବ, ସେଥିପାଇଁ ଗଲା ଦଶବର୍ଷ ହେଲା ମୁଁ ପାଟି ବୁଜି ରହୁଥିଲି— କିଛି କହୁ ନଥିଲି। ମନ ଭିତରେ କେତେ ଆଶା ଆକାଂକ୍ଷା ନେଇ ମୁଁ ଏ ଘରକୁ ଆସିଥିଲି। ହେଲେ ଏ ଦଶବର୍ଷ ହେଇଗଲା, ସବୁଦିନେ ମୋ ଚଲାବାଟରେ କଣ୍ଟା ବିଛେଇ ଦିଆହେଉଛି। ନିଜର ମନ ବୋଲି କିଛି ଗୋଟାଏ ନାହିଁ। ଘରେ ଶାନ୍ତି ନାହିଁ— ଗୋଟାଏ ଗୃହସ୍ଥ ଘରର ଘର ସଂସାରବୋଲି କିଛି ନାହିଁ। ନିଜ ମନକୁ ଛୁଇଁଲାଭଳି କିଛି ଗୋଟାଏ କାମ କରିବାକୁ ଯିବତ ଇଏ ଆସି ସେଥିରୁ ସବୁ ଅଡୁଆ ବାହାର କରିବେ। ଖାଲି ଯାଙ୍କରିପାଇଁ ଏ ଘରେ ଆଉ କୁଣିଆ ମଇତ୍ରଙ୍କ ଚର୍ଚ୍ଚା କରିହଉନି। କେତେ ବଡ଼ବଡ଼ ଲୋକ ଏଠିକୁ ଆସୁଛନ୍ତି, ଖାସ୍ ଯାଙ୍କରି ପାଇଁ ତାଙ୍କ ମୁହଁ ଫିକା ପଡ଼ିଯାଉଛି— ମାନେ ମାନେ ଫେରିଯାଉଛନ୍ତି। ଯିଏ ପ୍ରକୃତରେ ଭଦ୍ରଲୋକ ସଭ୍ୟଲୋକ ସେମାନେ ଏ ଘରକୁ ଆସିବାକୁ ଡ଼ରିଲେଣି। ଏ ଘର ତେବେ ହେଇଥିଲା କାହିଁକି? ଏ ବୁଢ଼ାଦିନେ ଏଠି ବସି ନିଆଁ ଭାଟି ଜାଳିବେ, ଆଉ ସେଇ ଭାଟିରେ ଆମ ଜୀବନର ଗୋଟିଏ ଗୋଟିଏ ଦିନ ଭସ୍ମ ହଉଥିବ। କଣ ଏଇଥିପାଇଁ? ହଜାରଥର ତାଙ୍କୁ କହିଲିଣି ଯେ ତମ ଏ ଘରଭିତରୁ ତମେ ଆଉ କୁଆଡ଼େ ଯାଅନାଇଁ। ଶୁଣିଲେ ମୋ କଥା? କିଛି ଗୋଟାଏ ବାହାନା କରି ବାହାରେ ଯାଇ ବୁଲି ଆସିବେ— ଆଉ ସବୁଆଡ଼େ ନିଆଁ ଜାଳିଦେବେ। ଯାଙ୍କରି ଜ୍ୱଳାରୁ ଘରେ ଚାକରବାକର ବି ଠିକ୍‌ରେ ରହିପାରୁ ନାହାଁନ୍ତି। ଏ ଘର କାମ କରିବ କିଏ? ହଁ, ମାନିଲି, ଶାଶୁ ଯାହା ପାରୁଛନ୍ତି ଘର କାମ କରୁଛନ୍ତି। ହେଲେ ଯାଙ୍କରି ବଦ୍‌ଗୁଣରୁ ଗୋଟାଏ କାମରୁ ଦଶଟା ଖିଅ ବାହରୁଚି— ସବୁ କାମ ସେଇଠି ବନ୍ଦ। ସକାଳୁ ସଞ୍ଜଯାଏ ଚାକରାଣୀ ପରି ଖଟୁଥିବି— ସମସ୍ତଙ୍କ ସେବା କରୁଥିବି— ଗାଳିମନ୍ଦ ସହୁଥିବି। ରୋଗ ବେମାରି ହେଲେ ବି ପଦେ କହିବାକୁ ସାହାଭରସା କେହିନାହିଁ। (ନନ୍ଦାକୁ) ତମେ

Digitized by srujanika@gmail.com

ବଡ଼ ଚାକିରି କରିଚ, ବେଶୀ ଦରମା ପାଉଚ, ସେଥିରେ ମୋର କି ଦୁଃଖଟା ଯାଉଛି ? ତେମେ ତ ମୋ ପରି ଘରେ ରହୁନ। ବାହାରେ ଦିନ କଟୁଛି, ମୋ ଦୁଃଖ ତେମେ କଣ ବୁଝିବ ? ଯେମିତି ଗୋଟାଏ ଜନ୍ତୁ ନୁହେଁ, ମୋ ଉପରେ ସାତ ଜନ୍ତୁର ଦାଉ ସାଧିବା ପାଇଁ ମୋ ଝିଅଟାକୁ ମୋ ପାଖରୁ ଟାଣି ନେଉଛନ୍ତି।

(ଶାରଦା କାନ୍ଦିବାକୁ ଲାଗିଲା)

ନନ୍ଦା- ଏ କଣ ଶାରୀ ? ତମେ କାନ୍ଦନାହିଁ, ତମ ଦେହ ଭଲ ନାହିଁ।

ଶାରଦା- ମରିଗଲେ ଅବା ଏଥିରୁ ମୁଁ ଛୁଟି ପାଆନ୍ତି।

ନନ୍ଦା- (ଦୃଢ଼ କଣ୍ଠରେ) ଶୁଣ ବାପା, ଶୁଣ ବୋଉ। ମୁଁ ସବୁଦିନେ କହିଆସିଛି ଆଉ ଆଜିବି କହୁଛି, ତମେ ଦୁହେଁ ଏ ଘରେ ରୁହ— ଭଲରେ ରୁହ। ରାଗରେ, କ୍ରୋଧରେ ତମ ବୋହୂ ଯଦି ତମକୁ ଏପାଖ ସେପାଖ କିଛି କହିଥାଏ, ସେ ଭୁଲ୍ ମୁଁ ମାଗିନେଉଛି। କିନ୍ତୁ ଗୋଟାଏ କଥା ମୁଁ ତମକୁ ଖୋଲାଖୋଲି କହିଦଉଚି ଯେ ଶାରଦା ହେଉଛି ଏ ଘରେ ଘରଣୀ— ଏ କୋଠାବାଡ଼ିର ମାଲିକ୍। ଏ ପର୍ଯ୍ୟନ୍ତ ଯାହା ହବାର ହେଇଯାଇଛି। କିନ୍ତୁ ଯା'ପରେ ତମ ମାନଙ୍କ ବିରୁଦ୍ଧରେ ଯେମିତି ପଦେ କଥା ନଶୁଣେ। ଏ କଥା ଠିକ୍ ଯେ, ବର୍ତ୍ତମାନ ଆମେ ଅଲଗା ଅଲଗା ବାଟରେ ଚାଲିଚୁ। ତମେ ବୁଢ଼ା ହେଇଗଲଣି— ଆମେ ଯୁବକ— ନବ ଯୁବକ। ତମେ ମୋର ବାପମାଆ— ମୁଁ ତମର ପୁଅ। ସେହି ହିସାବରେ ମୁଁ ମୋର କର୍ତ୍ତବ୍ୟ ଠିକ୍ ପାଳନ କରିବି। କିନ୍ତୁ ବାପା, ତମର ଅଧିକାର ନାହିଁ ଯେ ତମେ ବିଚାର ବିବେଚନା ନକରି ଅସନା ଅପରିଷ୍କାର ପାଦରେ ଘରଭିତରକୁ ପଶିଆସି ଦୁଇ ହଜାର ଟଙ୍କା ଗାଲିଚାକୁ ମଇଳା କରିବ। ତମ ପାଦଛୁଇଁ ମୁଁ ଦିନକୁ ଶହେଥର ପ୍ରଣାମ କରିବା ପାଇଁ ପ୍ରସ୍ତୁତ, କିନ୍ତୁ ମୋର ଏ ଘର, ଏ ଘରକରଣା ଆଉ ଏ ଘରର ଗୃହିଣୀ ଶାରଦାକୁ ତମର ବଦ୍‌ଖିଆଲ ପାଇଁ ତମ ପାଦତଳେ ମୁଁ ବଳୀ ଦେଇ ପାରିବି ନାହିଁ। (ଘଡ଼ିଦେଖି ଡାକିଲା) ଆସାରାମ୍! ଆସାରାମ୍!

(ଚାକର ଆସାରାମ୍ ଆସିଗଲା)

ନନ୍ଦା- ଆସାରାମ୍, ଡ୍ରାଇଭରକୁ କୁହ ଗାଡ଼ିବାହାର କରିବ— ଆମେ ଡେକପାଇ୍ ସାହେବଙ୍କ ଘରକୁ ଯିବୁ। ଶାରୀ ଆମେ ଏଇ ଦଶମିନିଟ୍ ଭିତରେ ବାହାରିବା। ତମେ ରେଡ଼ି ହୁଅ। (ପ୍ରସ୍ଥାନ)

ଶାରଦା- ମୋର ଦି'ମିନିଟ୍‌ରେ କାମ......। ଆସାରାମ୍ ଯାଙ୍କ ସାମ୍ନାରେ ମୁଁ ତମକୁ କହିଯାଉଛି— ଆମେ ଚାଲିଗଲା ପରେ ବୁଢ଼ାସ ଯେମିତି ଏ ଘରକୁ

Digitized by srujanika@gmail.com

ଆଉ ନ ଆସେ। ଯଦି ସେ ଜିଦ୍‌ଧରି ବସେ ତା'ହେଲେ ଏ କବାଟର ଉପର ଜଞ୍ଜିରଟା ଦେଇଦେବ। ବୁଝିଲ ତ ?

ଆସାରାମ୍- ଆଜ୍ଞା।

(ଶାରଦା ଭିତରକୁ ଗଲା। ପଛେ ପଛେ ଆସାରାମ୍ ମଧ୍ୟ ଗଲା। ମଞ୍ଚରୁ ଆଲୋକ ପ୍ରଭା କମିଆସୁଥାଏ।

କାବେରୀ ଯେମିତି ହତବାକ୍ ହୋଇ ଠିଆହୋଇଛନ୍ତି। ସେ ଭିତରକୁ ଗଲା ପରେ ମଞ୍ଚ ସଂପୂର୍ଣ୍ଣ ଅନ୍ଧକାର ହୋଇଗଲା। କେବଳ ଅପ୍ପାଙ୍କ ଉପରେ କିଛି ଆଲୋକପାତ ହେଉଛି। ପାର୍ଶ୍ୱ ସଂଗୀତ ଭିତରୁ ଶୁଣାଯାଉଥାଏ– "ଆମେ ଯୁବକ"- ଏକଥା ଶୁଣି ଅପ୍ପା ଯେପରି ସେଇ ଚଞ୍ଚକିରେ ଜାଗ୍ରତ ହୋଇ ଉଠିଲେ। ଆଉ ଏ ଶବ୍ଦ ଯେଉଁ ଦିଗରୁ ଆସୁଥିଲା ସେଇ ଆଡ଼କୁ ଚାହିଁ ରହିଲେ।)

ଅପ୍ପା- ହଁ.... ହଁ....ହଁ।
ତୁମେ ନବ ଯୁବକ।
ତୁମେ ସମସ୍ତଙ୍କୁ ସମ୍ଭୋଗ କରିପାର।
ତୁମର କିଛି ବାଛ ବିଚାର ନାହିଁ।
କିନ୍ତୁ ଜାଣ ?
ଡ୍ରାମରା ଜାଉ ବି ନବଯୁବକ।
ଗୃଧ୍ର ବି ନବଯୁବକ।
ଗଧ ବି ନବଯୁବକ।
ଆଉ ଘୁଷୁରି ବି।
ନର୍ଦ୍ଦମର ଘୃଣ୍ୟ କୀଟ ବି।
ସଂଗମ କରିପାର ସେହିମାନଙ୍କ ସହିତ
ଯେଉଁମାନେ ତମର ପ୍ରଣୟିନୀ।
ନର୍ଦ୍ଦମାର କୀଟ ପରି।
ଆମର ଜାତି ବଢ଼ି
ପୁଣି ସେଇ ନର୍ଦ୍ଦମାର କୀଟପରି ମରିଯାଆନ୍ତି।
ଏହି ଦେହ ଭୋଗର ପଙ୍କମାଟିରୁ ଉଠି ଠିଆହେଉଛି
ଜଣେ ବ୍ୟକ୍ତି- ଆମ ସମସ୍ତଙ୍କ ପିତା।
ସେ ନିଜ ଶରୀରକୁ କ୍ଷତବିକ୍ଷତ କରିଦେଉଛି।
ଆଉ ଆକାଶର ତାରାମାନଙ୍କୁ ଲକ୍ଷ୍ୟ କରି
ନିଜର ରକ୍ତ ଛିଟା ନିକ୍ଷେପ କରି କହି ଉଠିଚି– କିଏ ଅଛି ?
ଶୂନ୍ୟରୁ ଉତ୍ତର ଭାସିଆସିଚି– ମୁଁ ଅଛି ଆଉ ମୋ ଭିତରେ ତମେ ଅଛ।

Digitized by srujanika@gmail.com

ଏଇ ଆଶ୍ୱାସନାର ସୋମରସ ପାନକରି
ସୂର୍ଯ୍ୟଙ୍କ ରଥଚକ୍ର ଉପରେ ସୂକ୍ଷ୍ମ ସୂତ୍ରରେ ନିର୍ମାଣ କଲା
ଏକ ନୂତନ ବିଶ୍ୱ।
ଯେଉଁଠି ବାନର ମାନବର ରୂପନେଲା।
ଅକ୍ଷରରୁ ହେଲା ମନ୍ତ୍ର
ସ୍ୱରରୁ ସଂଗୀତ
ଆଉ ପାଶବିକ ଜୀବନର ଚଟାଣ ଉପରେ
ନିର୍ମିତ ହେଲା, ଏକ ବିରାଟ ସୁଦୃଶ୍ୟ ଦେବାଳୟ,
ଯେଉଁଠି ମନୁଷ୍ୟ ଈଶ୍ୱରଙ୍କୁ ପାଇଲା ନାହିଁ
ଆଉ ଆଳୟ ଶୂନ୍ୟ ଈଶ୍ୱର
ବାସଟିଏ ପାଇଲେ ନାହିଁ।
ଏଇ ଯୋଉ ପିତା
ତାକୁ ତୁମେ ବିନା ଦ୍ୱିଧାରେ ଭୁଲିଯାଅ,
ଭୁଲି ନ ଯାଇ ତାକୁ ଯଦି ଭୁଲେଇ ଦବାର ଚେଷ୍ଟାକର
ତାହେଲେ ସେଇ ମୁଣ୍ଡିଆ ପାହାଡ଼ରେ
ଡେଣାମେଲେଇ ବସିଚି ଯେଉଁ ଶକୁନି
ଗୋଟାଏ ମୁହୂର୍ତ୍ତରେ ସେ କେବଳ ତୁମକୁ ନୁହେଁ
ସମଗ୍ର ମାନବ ଜାତିକୁ ଖାଇଯିବ।

(ପାର୍ଶ୍ୱସଂଗୀତ। ମଞ୍ଚ ଅନ୍ଧକାର ହୋଇ ପୁଣି ଆଲୋକିତ ହେଲା। କାବେରୀ ଅପ୍ପାଙ୍କ ପାଖରେ ଠିଆ ହୋଇଛନ୍ତି। ଥୁଆ ହେଇଛି ଗୋଟିଏ ଟ୍ରଙ୍କ ଓ ବିଛଣା।)

କାବେରୀ- ଚାଲ— ଉଠ।

ଅପ୍ପା- କୁଆଡ଼େ ?

କାବେରୀ- ଏ ଘର ଛାଡ଼ି ଆମେ ଚାଲିଯିବା ନା—

ଅପ୍ପା- ଏ ଘରଛାଡ଼ି ?

କାବେରୀ- ହଁ।

ଅପ୍ପା- ହେଲେ ଆମେ ଯିବା କୋଉଠିକି ସର୍କାର ? ମୋ ଦେହର ଯୋଉ ଅବସ୍ଥା.....

କାବେରୀ- ମୋ ଉପରେ ତମର ଭରସା ନାଇଁ।

ଅପ୍ପା- ତମ ଉପରେ ଭରସା ଟିକକ ଛଡ଼ା, ଏ ସଂସାରରେ ମୋର ଆଉକିଛି ସମ୍ବଳ ନାହିଁ। କୁହ ଆମେ ଯିବା କୁଆଡ଼େ ?

କାବେରୀ- ଏଠୁ ଆମେ ନଲୁ ଘରକୁ ଯିବା। ରାହୀ ନଗର। କାଲି ସକାଳ ଗାଡ଼ିରେ।

Digitized by srujanika@gmail.com

ଅପ୍ପା- ଆଉ ଆଜି ରାତି ?

କାବେରୀ- ରେଳ ଷ୍ଟେସନରେ ରହିଯିବା। ଷ୍ଟେସନରେ ଯାଗା ନ ପାଇଲେ, ରାସ୍ତାକଡ଼ରେ କୌଣସି ଗଛତଳେ ପଡ଼େ ରହିବା- ହେଲେ ଏ ଘରେ ଆଉ ମୁହୂର୍ତ୍ତେ ନୁହେଁ।

ଅପ୍ପା- କିନ୍ତୁ ସର୍କାର, ମୁଁ ତ ବର୍ତ୍ତମାନ ଦେବାଳିଆ– ମୋ ପାଖରେ ପଇସାଟିଏ ବି ନାହିଁ।

କାବେରୀ- ଗଲା ପଥରିଦିନ ନନ୍ଦା ଯେତେବେଳେ ତମକୁ ପଇସା ଦେବା ମନା କରିଦେଲା ମୁଁ ସାଙ୍ଗେ ସାଙ୍ଗେ ଚନ୍ଦ୍ରହାରଟା ବିକି ପାଖରେ ଟଙ୍କା ଆଣି ରଖିଲି।

ଅପ୍ପା- କୌଣସି ଚନ୍ଦ୍ରହାର ?

କାବେରୀ- ଭୁଲିଗଲଣି ? ସେଇ ଯୋଉଦିନ ତୁମେ ତମର ସବୁ ଟଙ୍କା ପଇସା ନନ୍ଦା ଓ ନଳୁ ଭିତରେ ବାଣ୍ଟିଦେଲ, ଆଉ ମତେ ଆଣି ଚନ୍ଦ୍ରହାରଟି ଦେଲ।

ଅପ୍ପା- କହୁଚ ନଳୁ ଘରକୁ ଯିବା– ନଳୁ ମୋ ଆଦରଣୀୟ ଝିଅ। କିନ୍ତୁ.....

କାବେରୀ- ମୁଁ ଜାଣେ ସିଏ ଏମିତି, ଏମାନଙ୍କ ଭଳି ନୁହେଁ। ତା ପାଖରେ ଯାଇ ରହିବାକୁ ସେ କେତେ ଚିଠି ଲେଖିଲାଣି।

ଅପ୍ପା- ଶୁଣ ସର୍କାର, ପୁଅ ଝିଅ ସମସ୍ତେ ଭଲ– ମନ୍ଦ ହଉଚି ଆମର ଏ ବୁଢ଼ା ବୟସ।

କାବେରୀ- ହେଇଥିବ। ଆମେ ତ ଆଉ ପଛକୁ ଫେରି ଚାହିଁଲେ ଆମ ବୟସ କମିଯିବ ନାହିଁ, କି ଆୟୁଷ ନ ପୁରିଲେ ଆଗକୁ ମାଡ଼ିଚାଲି ମରିପାରିବା ନାହିଁ।....... ଉଠ, ଏ କୋଟ୍ ଏଇଠି ଥାଉ। ଖାଲି ଏ ଟୋପି ଆଉ ଶାଲଟା ଆଣ।(କାନ୍ଧରେ ଶାଲ୍– ମୁଣ୍ଡରେ ଟୋପି, ହାତରେ ବାଡ଼ିଧରି ଅପ୍ପା ଉଠିଲେ।)

ଅପ୍ପା- ଗଲାବେଳେ ସେ ସୁହାସଟାକୁ ଟିକେ ଦେଖିବାକୁ ମନ ଚାହୁଁଛି।

କାବେରୀ- ଆମକୁ ମନା, ଆମେ ତା ସାଙ୍ଗେ ମିଶିପାରିବୁନି। ଆସାରାମ ତାକୁ ଜବତ କରି ରଖିଛି। ଚାଲ, ସେମାନେ କେହି ଆସିବା ଆଗରୁ ଆମେ ଏଠୁ ଚାଲିଯାଇଥିବା।

ଅପ୍ପା- ଭଲକଥା। (ଘର ଭିତରଆଡ଼କୁ ଫେରିଚାହିଁ) ମା'ଲୋ, କୋଉଠି ଆସାରାମ ତତେ ଜବତ କରି ରଖିଛି। ଆମର ସବୁଯାକ ଆଶୀର୍ବାଦ ତୁ ନବୁ। ଆଉ ନନ୍ଦା, ଶାରଦା ତମ ଦୁହିଁଙ୍କୁ ବି ଆଶୀର୍ବାଦ। ତୁମେ ସମସ୍ତେ ଭଲରେ ରୁହ।

(କାବେରୀ ବାକ୍ସ ଓ ବିଛଣାଧରି ବାହାରିଗଲେ। ଅପ୍ପା ବାଡ଼ିରେ ଭରାଦେଇ

Digitized by srujanika@gmail.com

ଦରଜା ପାଖରେ ପହଞ୍ଚି ଟିକିଏ ଠିଆହେଲେ। "ଯାଉଚି ମା..... ଟାଟା" ବାହାରକୁ ଚାଲିଗଲେ। ଭିତରୁ ସୁହାସର ଚିତ୍କାର ଶୁଣାଗଲା "ମତେ ଛାଡ଼ ଆସାରାମ– ଛାଡ଼ କହୁଚି, ଛାଡ଼ ମୁଁ ଯିବି।" ଭିତରୁ ଦଉଡ଼ି ଦଉଡ଼ି ଆସି ମଞ୍ଚରେ ପହଞ୍ଚିଲା।)

ସୁହାସ- (ବଡ଼ପାଟିରେ) ଜେଜେ, ଜେଜେ କାହିଁଗଲେ? ଜେଜେ! ମୁଁ ତମ ସୁହାସ କହୁଚି କୁଆଡ଼େ ଗଲଟମେ! ଜେଜେ.......

(ଏଣେତେଣେ ଦଉଡ଼ି ଶେଷରେ ଝରକାର ରେଲିଂ ଧରି ପାଟି କରୁଥାଏ।)

Digitized by srujanika@gmail.com

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

(ଗୋଟିଏ ଛୋଟ ରେଲ୍‌ୱେ ଷ୍ଟେସନ। ଜନ ସମାଗମ ବିଶେଷ ନାହିଁ। ସମୟ ଦ୍ୱିପ୍ରହର।..... ତୃତୀୟଶ୍ରେଣୀ ବିଶ୍ରାମାଗାର। ଟିକେଟ୍ ଘର। ସାମ୍‌ନାରେ ପଥର କାନ୍ଥ। କାନ୍ଥରେ ଗୋଟିଏ ଝରକା। ଡ଼ାହାଣ ପାଖରେ ପ୍ଲାଟଫର୍ମକୁ ଯିବାପାଇଁ ତୋରଣ। ଝରକା ପାଖରେ ପକ୍‌କା ବେଞ୍ଚରେ କାବେରୀ ବସିଛନ୍ତି। ବେଳେ ବେଳେ ଝରକା ଦେଇ ବାହାରକୁ ଚାହିଁ ଦେଖୁଛନ୍ତି। ପାଖରେ ଟ୍ରଙ୍କ, ବିଛଣା ଓ ଗୋଟିଏ ଲୋଟା ଥୁଆହେଇଛି...... ଅପ୍ପା ସାହେବ ତୋରଣବାଟେ ଆସିଲେ।)

ଅପ୍ପା- ଚାଲିଗଲାଣି।

କାବେରୀ- କୋଉ ଗାଡ଼ି ?

ଅପ୍ପା- ଦିଲ୍ଲୀଗାଡ଼ି- ସିକ୍‌ଷ୍ଟିନ୍ ଅପ୍।

କାବେରୀ- ସିକ୍‌ଷ୍ଟିନ୍ କଣ ?

ଅପ୍ପା- ସିକ୍‌ଷ୍ଟିନ୍ ଅପ....ଅପ୍। ସେଇ କୁଲିତ ମତେ କହିଲା। ତିନିଟା ବତିଶିରେ ଗାଡ଼ି ଆସେ– ଏବେ ଚାରିଟା ବାଜିଗଲାଣି। ପ୍ରାୟ ଅଧଘଣ୍ଟାଏ ଲେଟ୍। ଯୋଉଁ ଗାଡ଼ିରେ ଆମେ ଆସିଲୁ ସେ ଗାଡ଼ି ବି ପନ୍ଦର ମିନିଟ୍ ଲେଟ୍। ଟାଇମ ଟେବୁଲ୍ ବର୍ତ୍ତମାନ ତ ଉପନ୍ୟାସ ହେଇଗଲାଣି। (ବସି) କିନ୍ତୁ କଥା କଣ ! କେହିତ ଆସିଲେ ନାହିଁ।

କାବେରୀ- ନା କେହି ଆସିନାହାନ୍ତି। ହେଲେ, ତମେ ଏମିତି ଘଡ଼ିକି ଘଡ଼ି ପ୍ଲାଟ୍‌ଫର୍ମକୁ ଯାଇ ଗାଡ଼ି ଦେଖୁଚ କାହିଁକି ? ଟିକେ ବସିପଡ଼ୁନ। ଏମିତି ଏପାଖ ସେପାଖ ହଉଚ, ରାତିରେ ଗୋଡ଼ ଘୋଳି ହଉଚି କହିଲେ ମୁଁ ଆଉ ଗୋଡ଼ ମୋଡ଼ିଦେଇ ପାରିବିନି।

ଅପ୍ପା- ଶୁଣ ସର୍କାର, ଷ୍ଟେସନମାନଙ୍କରେ ଏମିତି ଅଟକି ରହିଲେ– ଗାଡ଼ି ଦେଖିବାକୁ ଭାରି ଭଲଲାଗେ। ଏଇ ଏବେ ଯୋଉ ଗାଡ଼ିଟା ଏ ଦରିଦ୍ର ଭିକମଗା ଷ୍ଟେସନରେ ରହିବାର କଥା ନୁହେଁ, କିନ୍ତୁ କଣ ହେଲା କେଜାଣି, ରାଗିମାଗି ରହିଲା ପରି ରହିଲା– ପୁଣି ସେମିତି ରାଗିମାଗି ପଳେଇଲା।..... ହଁ

Digitized by srujanika@gmail.com

ମୁଁ ଭାବୁଚି କେହି ଆସିବେନି– ଆମେ ଖାଲି ବୃଥା ଏଠି ଅପେକ୍ଷାକରି ବସିଥିବା ।

କାବେରୀ- କେମିତି ମ, ଆମେପରା ତାଙ୍କର ଷ୍ଟେସନରୁ ତାର ପଠେଇଚୁ ।

ଅପ୍ପା- ଆରେ ବାବୁ, ତାରଟା ଲୋକର ଘରେଯାଇ ପହଞ୍ଚେ– ତା ମନପର୍ଯ୍ୟନ୍ତ ଯାଏ କି ନାଇଁ କେଜାଣି । ଘର ଦରଜା ସିନା ଖୋଲାଥିବ– ମନ ଦରଜା ଯଦି ବନ୍ଦ ଥିବ, ତାହେଲେ ଗୋଟାଏ ଜାଗାରେ ଶହେଟା ତାର ପଠେଇଲେ ବି କିଛି ଲାଭ ନାହିଁ ।

କାବେରୀ- ନା ନା ଏମିତି କେବେ ହବନି । କୋଉଠି କିଛି ଗଣ୍ଡଗୋଳ ହେଇଛି ।

ଅପ୍ପା- କିଛି ଗଣ୍ଡଗୋଳ କୋଉଠି ହେଇନି ।

କାବେରୀ- କିନ୍ତୁ ନଲୁ କ'ଣ ଏମିତି ଭୁଲ୍ କଥା ଲେଖିବ ? ଆମେ ତା'ଘରକୁ ଯିବାପାଇଁ ତା ଚିଠିରେ ସେ କେତେ ରାଣ ନିୟମ ପକେଇ ଲେଖିଥିଲା । ନହେଲେ କଣ ଏମିତି ଭୁଲ୍‌କଥା, ଏମିତି ମିଛକଥା ଲେଖିବ ? ତମେ ଏଠି ରୁହକି ମୁଁ ଟିକେ ଯାଇ ଦେଖିଆସେ । ଆସିବା ପାଇଁ ଝିଅକୁ ବେଳ ହେଇନଥିବ– ତା' ଘରେ ଏତେ ଚାକର ବାକର ସେ କାହାକୁ ନା କାହାକୁ ନିଶ୍ଚେ ପଠେଇଥିବ । ହଁ, ଶୁଣ ଏ ଖରାରେ ତୁମେ ଆଉ ପ୍ଲାଟ୍‌ଫର୍ମ ଆଡ଼କୁ ଯିବନି । ଏଠି ଜିନଷ ପତ୍ର ରହିଲା ତମେ ବସିଥାଅ । ମୁଁ ଯାଉଛି ।

ଅପ୍ପା- ଟିକେ ଶୁଣ ସର୍କାର ।

କାବେରୀ- କଣ ? ପୁଣି କଣ ?

ଅପ୍ପା- ତୁମେ ମନା କରିଥିଲ ଯେ, ଆଜି ସେ ନିୟମ ଭାଙ୍ଗି ମୁଁ ଖଣ୍ଡେ ସିଗ୍ରେଟ୍ ଟାଣୁଛି ।

କାବେରୀ- ହଉ ହେଲା– ହେଲେ ସେଇ ଖଣ୍ଡିଏ ସିଗ୍ରେଟ୍ ।

ଅପ୍ପା- ହଁ ହଁ ସେଇ ଖଣ୍ଡିଏ ।

(କାବେରୀ ଚାଲିଗଲେ । ଅପ୍ପା ପକେଟ୍‌ରୁ ସିଗ୍ରେଟ୍ ବାହାର କରି ଟାଣିଲେ । କ୍ରମେ ମଞ୍ଚ ଅନ୍ଧକାର ହେଇଆସିଲା । କେବଳ ଅପ୍ପା ଓ ପଛପଟ ଝରକା ଉପରେ ଆଲୋକପାତ ହେଉଥାଏ । ଝରକା ସେ ପାଖରେ ସୁହାସର ମୂର୍ତ୍ତି ଦେଖାଗଲା । ସେ ହସି ହସି ଝରକା ଭିତରେ ହାତ ବଢ଼ାଇ ଅପ୍ପାଙ୍କ କାନ୍ଧ ସ୍ପର୍ଶକଲା । ଅପ୍ପା ଚମକି ଉଠି ଚିତ୍କାର କରିବାକୁ ଲାଗିଲେ)

ଅପ୍ପା- (ଚିତ୍କାର କରି) ବଦ୍‌ମାସ୍– ପାଜି ! ପୁଣି ମୋ ସାଙ୍ଗେ ଥଟ୍ଟା ଖେଳୁଚୁ ? ଏତେକଥା ଘଟିଗଲା ସେଥିରେ ତୋ ମନ ମାନିଲା ନାହିଁ ଯେ, ତୁ ଏଠି ଆସି ହାଜର ହେଲୁଣି ? ଏ ବୁଢ଼ା ଅଭାଗାର ଜୀବନ ସାଙ୍ଗରେ ଖେଳିବାକୁ ତତେ ଲାଜ ମାଡୁନି ! କାହିଁକି ଆସି ଏ ଝରକା ପାଖରେ

Digitized by srujanika@gmail.com

ଠିଆ ହେଉଥିଲୁ ? ହେଲୁ ତ ହେ, ଭିତରକୁ ହାତ ବଢ଼ାଇ ମୋତେ ଡାକୁଥିଲୁ କାହିଁକି ? ମୁଁ ତ ଜାଣି ଗୋଟାଏ ଗଧ। ତୋତେ ଦେଖିଲେ ମୋ ବୁଦ୍ଧିଶୁଦ୍ଧି ସବୁ ଲୋପପାଇଯାଏ। ମୋ ନିଜକୁ ମୁଁ ସମ୍ଭାଳି ପାରେ ନାହିଁ। ତୁ ମୋତେ ଡାକୁଥିଲୁ– ତୋ କଥାରେ ମୁଁ ଦୌଡ଼ିଦୌଡ଼ି ଗଲି, ସେମିତି ଦଉଡ଼ି ଦଉଡ଼ି ଏଇ ଫ୍ରଣ୍ଟିୟର ଅପ୍ ଗାଡ଼ି ଚକା ତଳେ ପଡ଼ିଯାଇଥିଲେ ଭଲ ହେଇଥାନ୍ତା, ନାଇଁ?..... ହଉଲୋ ଚଣ୍ଡୀ ଆଉ ରାଗ୍ ନାହିଁ। ଏ ଚକ୍‌ଲେଟ୍ ନେ। ଯୋଉ ଚକ୍‌ଲେଟ୍ ତତେ ସବୁଠୁ ଭଲଲାଗେ ସେଇ ଚକ୍‌ଲେଟ୍ ତୋ ପାଇଁ ରଖିଛି। (ପକେଟ୍ ଅଣ୍ଡାଳି) ପୁରା ଗୋଟାଏ ପାକେଟ୍। ..... ଏଁ କାଇଁ- କୁଆଡ଼େ ଗଲା !

(ପକେଟ୍ ଅଣ୍ଡାଳୁଥାନ୍ତି। ପୂର୍ବପରି ମଞ୍ଚରେ ପୂର୍ଣ୍ଣ ଆଲୋକ। ଝରକା ସେ ପାଖରେ ସୁହାସର ଛବି ଉଭେଇଗଲାଣି। ତା' ସ୍ଥାନରେ ଜଣେ ଟିକେଟ୍ କଲେକ୍ଟର ଠିଆ ହେଇ ଭିତରକୁ ହାତ ବଢ଼େଇଛି।)

ଅପ୍ପା- ପୁରା ପାକେଟ୍‌ଟା କୋଉଠି ପକେଇଦେଲି !

ଟି.କ- ମୁଁ ଟିକେଟ୍ ମାଗୁଛି ଆଜ୍ଞା, ପାକେଟ୍ ନୁହେଁ।

ଅପ୍ପା- ଓ– ଟିକେଟ୍ ! ହଁ ହଁ ଟିକେଟ୍। ଆପଣ ଟିକେଟ୍ କଲେକ୍ଟର– ଚକଲେଟ୍‌ରେ ଆପଣଙ୍କର କାମ ଚଳିବ ନେଇ, ନା ?

ଟି.କ- ନାଇଁ ସାର୍ ଟିକେଟ୍ ଛଡ଼ା କୋଉଥିରେ ମୋ କାମ ଚଳିବ ନାହିଁ। (ହସି) ଚକଲେଟ୍‌ରେ ବିଲକୁଲ୍ ନୁହେଁ।

ଅପ୍ପା- (ପକେଟ୍ ଖୋଜୁଥାଆନ୍ତି) ଜାଣିଚୁ ମହାଶୟ ଜାଣିଚୁ। ... ଚକ୍‌ଲେଟ୍ ସାଙ୍ଗରେ ଟିକେଟ୍ ବି କଣ ହଜେଇଦେଲି !..... ନାଇଁ (ଟିକେଟ୍ ବାହାରକରି) ଏଇ ନିଅନ୍ତୁ। ଗୋଟାଏ ନୁହେଁ, ଦୁଇଟା।

ଟି.କ- (ଟିକେଟ୍ ଦେଖି) ଓ ଆପଣ ତାହାହେଲେ ଏଠିକି ଆସିଚନ୍ତି – ମୁଁ ଭାବିଲି ଆପଣ କୁଆଡ଼େ ଯିବେ।

ଅପ୍ପା- ହଁ ତ ଆମେ ଯିବୁ। ଏ ଯାଏ କିନ୍ତୁ ଟିକେଟ୍ କାଟିପାରିନୁ। କାଉଣ୍ଟରରେ ଯୋଉ ଭିଡ଼ ହେଇଚି।

ଜଣେ କୁଲି-(ଝରକା ପାଖକୁ ଆସି) ଟିକେଟ୍ ବାବୁ ଆଜ୍ଞା, ଏଇ ବୁଢ଼ାବାବୁ ମତେ ସେତେବେଳେ ପଚାରିଲେ– ଏଇଟା କୋଉ ଗାଡ଼ି ? ମୁଁ କହିଲି ସତୁରୀ ଅପ୍ ଦିଲ୍ଲୀ ଯିବ। ସିଏ ସେମିତି ଗାଡ଼ିକି ଦେଖୁଥାନ୍ତି। ଗାଡ଼ି ଯେମିତି ଷ୍ଟେସନ୍ ଛାଡ଼ିଚି, ଏ ବୁଢ଼ାବାବୁ ଗୋଟାଏ ଝିଅପିଲାକୁ ଦେଖି ଗାଡ଼ି ସାଙ୍ଗେ ସାଙ୍ଗେ ଦୌଡ଼ିଲେ। ଯୋଗକୁ ମୁଁ ଆସୁଥିଲି। ଯାଙ୍କୁ ଦି'ହାତରେ ଜାବୁଡ଼ିଧରି ରୋକିନେଲି। ନହେଲେ ସେଇଠି ଗାଡ଼ିଚାପା ପଡ଼ି.....

ଟି.କ- କଣ ଆଜ୍ଞା, ନିଜର ପିଲାପିଲି କେହି ନାହାଁନ୍ତି ?

Digitized by srujanika@gmail.com

ଅପ୍ପା- ଅଛନ୍ତି ବାବୁ– ସମସ୍ତେ ଅଛନ୍ତି।

ଟି.କ- ଅଛନ୍ତି ତ, ଜୀବନ ପ୍ରତି ଆପଣଙ୍କର ମାୟା ତୁଟିଯାଉଛି କାହିଁକି? କାହିଁକି ଏମିତି ଗାଡ଼ି ସାଙ୍ଗେସାଙ୍ଗେ ଦଉଡୁଥିଲେ?

ଅପ୍ପା- ସେଇ ଟୋକିଟା ପାଇଁ।

ଟି.କ- କାହାପାଇଁ।

ଅପ୍ପା- ଆରେବାବୁ ଆମ ନନ୍ଦାର ସେ ଝିଅଟା ପେଇଁ।

ଟି.କ- ସେ ଝିଅଟା କ'ଣ ଆସିଛି ଏଠିକି?

ଅପ୍ପା- ଛାଡ଼ନ୍ତୁ– ଛାଡ଼ନ୍ତୁ ଆଜ୍ଞା, ମୁଁ ଆପଣଙ୍କୁ କଣ କହିବି– ଆପଣ ମୋ କଥା କଣ ବୁଝିବେ? ..... ହଁ ଟି.ସି. ସାହେବ ସେ ଟାଉନ ନାଁଟା କଣ ତ- ଏଠିକି କେତେ ବାଟ? କି ନଗର ତାକୁ କହନ୍ତିଟି.......

ଟି.କ- ରାହୀନଗର?

ଅପ୍ପା- ହଁ, ସେ ରାହୀନଗର। ସେଇଠି ମୋ ଝିଅ ଜୁଆଁଇ ଅଛନ୍ତି। ମୋ ଜୁଆଁଇ..... କଣ କହିବି ଆପଣଙ୍କୁ? ଆପଣ ଶୁଣିଲେ ହସିବେ। ଏମିତିକା ବିଚିତ୍ର ସାଙ୍ଖ୍ୟା ତାଙ୍କର, ମୋର ମୋଟେ ମନେରହେନି। ସେଇ ନାଁରେ ଗୋଟେ ସର୍କସ ପାର୍ଟି ଥିଲା ନା କଣ?

ଟି.କ- କାର୍ଲେକର? ସୁଧାକର କାର୍ଲେକର?

ଅପ୍ପା- (ଖୁସୀରେ) ହଁ, କାର୍ଲେକର। ଏଇ କାର୍ଲେକର ନାଁଟା ମୋର ମୋଟେ ମନେ ରହେ ନାହିଁ। ସେଇ ମୋ ଜ୍ୱାଇଁ ସୁଧାକର କାର୍ଲେକର।

ଟି.କ- ଆରେ! ସିଏ ବହୁତ ବଡ଼ ଇଂଜିନିୟର। ଏଠି ସମସ୍ତେ ତାଙ୍କୁ ଜାଣନ୍ତି। କ୍ଷମା କରିବେ ସାର୍ ଆପଣ ଟ୍ରେନ୍‌କୁ ଅପେକ୍ଷାକରି ବସିଛନ୍ତି କାହିଁକି? ସିଏତ ଏଠିକି ତାଙ୍କର ଗାଡ଼ି ପଠାଇବାର କଥା। ରାହୀନଗର ତ ଏଠିକି ମୋଟେ ବାର ତେର ମାଇଲ୍ ବାଟ। ବସ୍ ସର୍ଭିସ ଅଛି। ଗୋଟାଏ ବସ୍ ତ ଏବେ ଗଲା। ଆପଣ ସେ ବସରେ ଯାଇପାରିଥାନ୍ତେ।

ଅପ୍ପା- ଆମେ ତ ଏଇଠି ଅପେକ୍ଷା କରି ବସିଚୁ।

ଟି.କ- ଠିକ୍ ଅଛି, ଆପଣ ଏଠି ବସିଥାନ୍ତୁ ମୁଁ ଯାଉଚି ରାହୀନଗର ଅଫିସକୁ ଫୋନ୍ କରିବି।..... କୋଉଠି କିଛି ଅସୁବିଧା ନିଶ୍ଚୟ ହେଇଯାଇଛି।

(ଏତିକି ବେଳେ କାବେରୀ ଓ ବିଠୋବା ଆସିଲେ)

ବିଠୋବା- ଅସୁବିଧା କଥା କାହିଁକି କହୁଛନ୍ତି? ଭୀଷଣ–ଭୟଙ୍କର ଅସୁବିଧା। ଭାବବନ୍ଧନ ନାଟକର ଚରିତ୍ର। ପେଶବାଙ୍କ ଅନ୍ତିମ କାଳରେ ଦ୍ରମ୍ବକ ଜୀ ଡେଙ୍ଗଲେ ଯେତେ ଅସୁବିଧା ସୃଷ୍ଟି କରି ନ ଥିଲେ, ତାହାଠାରୁ ଅଧିକ ଅସୁବିଧା ଗୋଟେ ଘୋଡ଼ା ଗାଡ଼ି, ଆଉ ସେ ଗାଡ଼ିର ଘୋଡ଼ା ମିଶି ସୃଷ୍ଟି କରିଛନ୍ତି। ମୋ ନମସ୍କାର ଗ୍ରହଣ କରନ୍ତୁ ଅପ୍ପା ସାହେବ। (ପାଦ ଛୁଇଁ) ମୁଁ ବିଠୋବା।

Digitized by srujanika@gmail.com

ଅପ୍ପା- ଶତାୟୁ ଭବ। ଆମକୁ ଏଠି ବସାଇ ରଖି ତୁମେ ତମର ନାମ ସାର୍ଥକ କରିଛ।

ଟି.ଢ- ବିଠୋବା ଆପଣ ରାହୀନଗର କାଲେକ୍ଟର ସାହେବଙ୍କ ପାଖରୁ ଆସିଛନ୍ତି ?

ବିଠୋବା- ଆଜ୍ଞା।

ଟି.ଢ- ଭଲ ହେଲା ଆପଣ ଆସିଲେ, ? ଆଉ କିଛି ଅସୁବିଧା ହେବନାହିଁ। (ଅପ୍ପାଙ୍କୁ) ଗୁରୁଜୀ ଆଜ୍ଞା ନମସ୍କାର।

ଅପ୍ପା- ନମସ୍କାର। (ଟି.ଢ ଚାଲିଗଲେ) ସର୍କାର ଏ ଭକ୍ତବତ୍ସଳ ପଣ୍ଡରୀନାଥଙ୍କ ସହିତ ତମର କୋଉଠି ଭେଟହେଲା ?

କାବେରୀ- ଗୋଟାଏ ଚା' ଦୋକାନ ପାଖେ ଠିଆ ଠିଆ ଚା ପିଉଥିଲେ।

ଅପ୍ପା- ହଁ ବିଠୋବା ତମ ଘୋଡ଼ା ଆଉ ଟାଙ୍ଗା ତମକୁ ଅସୁବିଧାରେ ପକେଇଲେ ବୋଲି ସେଇ ଦୁଃଖରେ ତମେ ଠିଆ ଠିଆ ଚା'ପିଉଥିଲ ?

ବିଠୋବା- ଶୁଣନ୍ତୁ ସାହେବ, ଶୁଣନ୍ତୁ ଅପ୍ପା ସାହେବ, ଆଜି ମେମ୍ ସାହେବ ଆମ ସାହେବଙ୍କ ସାଥିରେ ଅଫିସ୍ ଗଲେ।

ଅପ୍ପା- କାହିଁକି ?

ବିଠୋବା- କିଏ ଜଣେ ଫରେନ୍ ସାହେବ ବନ୍ଧକାମ ଦେଖିବାକୁ ଆସିଛନ୍ତି ଯେ ତାଙ୍କୁ ଭେଟିବା ପାଇଁ ଅଫିସ ଗଲେ। ସେଥିପାଇଁ ଜିପ୍‌ରେ ମତେ ଷ୍ଟେସନ୍ ପଠାଇଦେଲେ। ଯୋଗ ଏମିତି ଜିପ୍ ଖରାପ ହୋଇଗଲା— ହୁଙ୍କିଲା ନାହିଁ କି ଚୁଙ୍କିଲା ନାହିଁ। ମୁଁ ସାଙ୍ଗେ ସାଙ୍ଗେ ଗୋଟେ ଟାଙ୍ଗା ଧରିଲି। ଟାଙ୍ଗାଟା ଷ୍ଟାଣ୍ଡରୁ ବାହାରୁ ବାହାରୁ ପନ୍ଦର ମିନିଟ୍ ଡେରି କରିଦେଲା।

ଅପ୍ପା- ସେଇଠୁ ?

ବିଠୋବା- ମାଇଲିଏ ଆସିଚି କି ନାହିଁ ଗୋଟାଏ ଚକ ବାହାରିଗଲା। ଟାଙ୍ଗାବାଲା ସେ ଚକାଟା ଠିକ୍ କଲା।

ଅପ୍ପା- ସେଇଠୁ ଅଧମାଇଲ ପରେ ଆଉଗୋଟେ ଚକ ବାହାରିଗଲା.....।

ବିଠୋବା- ଠିକ୍ କହିଛନ୍ତି ଅପ୍ପାସାହେବ। ସେ ଚକା ଠିକ୍‌ହେଲା, ମୁଁ ଟାଙ୍ଗାରେ ବସିଲି— ଟାଙ୍ଗାବାଲା ଉପରେ ବସିଲା— ଚାବୁକ୍ ପିଟିଲା କିନ୍ତୁ ଘୋଡ଼ା ବି'ଟା ବାନରସେନା ପାଲଟିଯାଇ ପୂରା ସତ୍ୟାଗ୍ରହ ଆରମ୍ଭ କରିଦେଲେ। ଯେତେ ଚାବୁକ୍ ଖାଇଲେ ବି ଟିପେ ବି ଆଗେଇଲେ ନାହିଁ। ଅଧଘଣ୍ଟାଏ ପଇଁଚାଳିଶି ମିନିଟ୍ ବିତିଗଲା। ଏତିକି ବେଳେ ଗୋଟେ ବଳଦଗାଡ଼ି ଆସି ପହଞ୍ଚିଲା। ସେ ବଳଦ ଗାଡ଼ିରେ ଠକର ଠକର ହେଇ ଏ ଷ୍ଟେସନ୍‌ରେ ଆସି ପହଞ୍ଚିଲି। ଗାଡ଼ି ବାଲାକୁ ଚା' ଖୁଆଇ ନିଜେ ଠିଆ ଠିଆ ଚା' ପିଉଥିଲି.....।

କାବେରୀ- ମୋ ପାଖରେ ଧରାପଡ଼ିଗଲେ।

Digitized by srujanika@gmail.com

ଅପ୍ପା- ସାବାସ! ମହାସାଗରର ମହାନ୍ ଯାତ୍ରୀ 'କଲମ୍ବସ୍ ବି ତମର ଏ ବିଜୟ ଯାତ୍ରା ପାଖରେ ହାରମାନିବେ।..... ମତେ ଆଗେ କୁହତ' ତୁମେ କେଉଁ ନାଟକ କମ୍ପାନୀରେ କାମ କରୁଥିଲ ?

ବିଠୋବା- (ନମସ୍କାର କରି) ଜଣେ ନଟ ହିଁ କେବଳ ଆଉ ଜଣେ ନଟକୁ ଚିହ୍ନିପାରେ। ମୁଁ ପ୍ରଥମେ ମହାରାଷ୍ଟ୍ର କମ୍ପାନୀରେ କାମ କରୁଥିଲି।

ଅପ୍ପା- କେଉଁ ବିଭାଗରେ ?

ବିଠୋବା- ରୋଷେଇ ବିଭାଗରେ ଥିଲି ସାହେବ, ତେବେ ମଝିରେ ମଝିରେ ନାଟକ ବିଭାଗରେ କିଛି କିଛି କାମ କରୁଥିଲି। ଆଉ ଯେତେବେଳେ ନାଟକ କମ୍ପାନୀସବୁ ବନ୍ଦ ହେଇଆସିଲା, ମୁଁ ଶ୍ରୀ କପାଳେଶ୍ୱର କମ୍ପାନୀରେ ନାଟକର ହିରୋ ହେଉଥିଲି।..... ଏବେ ରାହୀ ନଗରର ଅଫିସ୍‌ର ସାହେବମାନେ ହାମ୍‌ଲେଟ୍ ନାଟକ କରୁଛନ୍ତି। କମ୍ପିଟିସନ୍, ପ୍ରତିଯୋଗିତା ହେବ। ମୁଁ ଏ ହାମ୍‌ଲେଟ୍ ନାଟକରେ ଭୂତ ମାନେ ହାମଲେଟ୍‌ର ମୃତ ପିତାର ଭୂମିକାରେ ଅଭିନୟ କରୁଚି।

ଅପ୍ପା- ବାଃ! କାଷ୍ଟିଙ୍ଗଟା ଖୁବ୍ ଭଲ ହେଇଚି। କିନ୍ତୁ ହେ ଭୂତ ମହାଭାଗ! ଆମେ ଝୁଅ ଘରେ ପହଞ୍ଚିବୁ କେମିତି ? ମୁଁ ଯାହା ଦେଖୁଛି, ଏଠାକାର ସବୁ ସଞ୍ଚାର ବ୍ୟବସ୍ଥା ଏକାବେଳେକେ ବିପର୍ଯ୍ୟସ୍ତ ହେଇପଡ଼ିଚି। (ବାହାରେ ଗାଡ଼ି ହର୍ଣ୍ଣ ଶୁଣାଗଲା)

ବିଠୋବା- ଏଇ ଆମ ସାହେବଙ୍କ ଗାଡ଼ି ଆସିଗଲା ନା କଣ! ମୁଁ ଦେଖେ।

(ବିଠୋବା ଯିବା ପୂର୍ବରୁ ନଲୁ ଏବଂ ସୁଧାକର ଆସି ପହଞ୍ଚିଗଲେ। ନଲୁ ଆଗେଇଯାଇ କାବେରୀକୁ କୁଣ୍ଢେଇ ଧରିଲା।)

ନଲୁ- ବୋଉ! ବୋଉ! (ଅପ୍ପାଙ୍କୁ ଚାହିଁ) ବାପା- ଏକ୍ସକିଉଜ୍ ମି (ପ୍ରଣାମ କଲା)

ଅପ୍ପା- ହଁ ହଁ ହେଲା ମା ହେଲା। ସୁଖରେ ଘର ସଂସାର କରି ରହ।..... ନଲୁ, ରହିଲୁ ମା ତତେ ଟିକିଏ ଦେଖେ। କଣ ହେଇଚି ତୋର ? ଏମିତି ଶୁଖିଯାଇଚୁ।

ନଲୁ- ନାଇଁ ତ (କାନିରେ ଲୁହ ପୋଛିଲା)।

ଅପ୍ପା- ତୋ ଦେହ କିଛି କିଛି ଖରାପ ଥିଲା ?

ନଲୁ- ନାଇଁ ବାପା ମୋ ଦେହ କିଛି ଖରାପ ହେଇନେଇଁ, ଯାହା ହେଇଚି ସେ କଥା ତମକୁ କହିବି ନାଇଁ ବାପା, କହିଲେ ବି ତମେ ବୁଝି ପାରିବ ନାହିଁ।

ଅପ୍ପା- ମା ନଲୁ ମୁଁ ଥିଏଟର କମ୍ପାନୀରେ କାମ କଲାବେଳେ, କମ୍ପାନୀର ସେଇ ବଖରାଏ ଘର ଭିତରେ ତୁ ଜନ୍ମ ହୋଇ ଗୋଟିଏ ଚାର-ପାଇ ଖଟ

Digitized by srujanika@gmail.com

ଉପରୁ ତୁ ଯେତେବେଳେ ପ୍ରଥମେ ମତେ ଚାହିଁଲୁ, ସେ କଥା ମୁଁ ବୁଝିପାରିଥିଲି। ଏବେ ତ ସେ କାହାଣୀ ପୁରୁଣା ଇତିହାସ ହେଇଗଲାଣି। (ସୁଧାକରକୁ) ହଁ ଜ୍ୱାଇଁ ସାହେବ.......

ସୁଧାକର- ଆଜ୍ଞା।

ଅପ୍ପା- ପାଞ୍ଚ ଛଅ ବର୍ଷ ହେଇଗଲା ତମକୁ ଦେଖିନାହିଁ। ଯେମିତି ଦୋ ଦୋ ଚିହ୍ନା ଲାଗୁଚି।

ସୁଧାକର- କିନ୍ତୁ ଆମେ ଆପଣଙ୍କୁ ଠିକ୍ ଚିହ୍ନିପାରିଛୁ।

ଅପ୍ପା- ଭଲ, ଏଠି ଏତେ ଲୋକଙ୍କ ଆଗରେ ମତେ ଅପଦସ୍ତ ନ କରାଇ ଆଗେ କହିଦବଟି- ଝିଅର ମୋର କଣ ହେଇଚି— କାହିଁକି ସେ ଶୁଖିଯାଇଛି ?

ସୁଧାକର- ଝିଅ ଆପଣଙ୍କର ବର୍ତ୍ତମାନ ଡ଼ାଏଟିଙ୍ଗ୍ କରୁଛନ୍ତି.......।

ଅପ୍ପା- ମାନେ !

ସୁଧାକର- ମାନେ ସିଏ ବର୍ତ୍ତମାନ.......

ନଲୁ- ଓହୋ ସେ ସବୁ କଥା ଏଠି କାହିଁକି ?.... ବିଠୋବା ଜିନିଷ-ପତ୍ର ସବୁ ବାହାରକୁ ନିଅ। ଗାଡ଼ି ପେଟ୍ରୋଲ ନେବାକୁ ଯାଇଛି। ଫେରିଲେ ଜିନିଷପତ୍ର ଗାଡ଼ିରେ ରଖ— ଆଉ ଶଙ୍କରକୁ କହିବ ହର୍ଣ୍ଣ ଦେବ।

ଅପ୍ପା- ଦେଢ଼ଘଣ୍ଟା ଉପରେ ଆମକୁ ଏଠି ବସେଇ ରଖିଲୁ— ଆଉ ଏଠି ପହଞ୍ଚୁ ପହଞ୍ଚୁ ଏତେ ତରବର କାହିଁକି ?

ସୁଧାକର- କ୍ଷମା କରନ୍ତୁ ଅପ୍ପା ସାହେବ।.......

ନଲୁ- ଶୁଣ୍ ବୋଉ, ତମ ଟେଲିଗ୍ରାମ୍ ଆମେ ଆଜି ଦିନ ଦଶଟାବେଳେ ପାଇଲୁ। ବୁଝିଲ ବାପା, ଟେଲିଗ୍ରାମ୍ ପାଇବା ପୂର୍ବରୁ ଗୋଟାଏ ଏନ୍‌ଗେଜ୍‌ମେଣ୍ଟ୍ ଫିକସ୍ ହେଇଯାଇଥିଲା। ରୁଷରୁ ସ୍ପେସାଲିଷ୍ଟ ଆସିଛନ୍ତି— ତାଙ୍କ ସାଙ୍ଗରେ ଚା'। ତେବେ ବି ସେଠୁ ଖୁବ୍ ଚଞ୍ଚଳ ଆମେ ଚାଲିଆସିଛୁ। (ବିଠୋବାକୁ) କହିଲିପରା ଜିନିଷ-ପତ୍ର ବାହାରକୁ ନେଇଯାଅ ? (ବିଠୋବା ବାହାରକୁ ଗଲା) ଘରେ ଆସି ପହଞ୍ଚି ଟାଙ୍ଗା ଆଉ ଜିପ୍ କଥା ଶୁଣିଲୁ। ଏ ବିଠୋବା ଏଡ଼େ ବୋକା, ଗେଷ୍ଟ ହାଉସ୍‌କୁ ଫୋନ୍ କରି ଆମକୁ ଟାଙ୍ଗା ଆଉ ଜିପ୍ ଅସୁବିଧା କଥା ଜଣାଇ ପାରିଲା ନାହିଁ।

ଅପ୍ପା- ବିଠୋବା ହେଉଛି ଜଣେ ନଟ— କଳାକାର , ଥିଏଟର ଆର୍ଟିଷ୍ଟ। ସେଥିପାଇଁ ତ ବୁଦ୍ଧିଟା ବଣୁଆ ବାର୍‌ହାର ବୁଦ୍ଧିପରି ସବୁବେଳେ ଗୋଟାଏ ଆଡ଼କୁ ମାଡ଼ି ଚାଲିଥାଏ।

ନଲୁ- ସିଏ ତା ହେଲେ ତା ନଟ ଜୀବନ କଥା ଏଠି ଆସି ତମ ଆଗରେ ଗପୁଥିଲା ?

ଅପ୍ପା- ବିବାକ୍। ତା ଥିଏଟର୍ କମ୍ପାନୀଠୁ ଆରମ୍ଭ କରି ତମେ ବଡ଼ ବଡ଼

Digitized by srujanika@gmail.com

ଅଫିସରମାନେ ହାମ୍ଲେଟ୍ ନାଟକ କରିବା ପର୍ଯ୍ୟନ୍ତ ସବୁ କାହାଣୀ ମତେ ଶୁଣେଇ ଦେଇଛି। ତୁ ହାମ୍ଲେଟ୍ ନାଟକରେ ପାର୍ଟ କରୁଛୁ ?

ନଲୁ- ନା ! କିନ୍ତୁ ବିଠୋବାର ନାଟକ ସଭକ କାହିଁରେ କ'ଣ ? ତା ସ୍ତ୍ରୀ ବି କିଛି କମ୍ ନୁହେଁ। ହାମ୍ଲେଟ୍ ନାଟକ ପାଇଁ ସମସ୍ତେ ଖୁବ୍ ଉତ୍ସାହରେ ଲାଗିପଡ଼ିଛନ୍ତି। .... କିନ୍ତୁ ବାପା ନାଟକ ଆରମ୍ଭ ପୂର୍ବରୁ ତମକୁ ଯେମିତି ହେଲେ ଆସିବାକୁ ପଡ଼ିବ।

ଅପ୍ପା- ମୁଁ ଆସିବି ? କୋଉଠୁ ଆସିବି ?

ନଲୁ- ବମ୍ବେରୁ।

ଅପ୍ପା- ବମ୍ବେରୁ କୋଉଠୁ କେମିତି ଆସିବି ?

ନଲୁ- ଏମିତି କଣ କହୁଚ ବାପା ? ସେତେବେଳେ ନନ୍ଦା ବି ତା ପିଲାଛୁଆଙ୍କୁ ନେଇ ଏଠିକୁ ଆସିବ।

ଅପ୍ପା- ମୁଁ ତ ବର୍ତ୍ତମାନ ନନ୍ଦା ପାଖକୁ ବମ୍ବେ ଯାଇପାରିବି ନାହିଁ।

ନଲୁ- ସିଏ ପରା ଏଠିକି ଟେଲିଗ୍ରାମ୍ କରିଛି ଯେ; ତେମେ ଆଉ ବୋଉ ପାଞ୍ଚସାତ ଦିନ ରହିଲାପରେ ତମକୁ ଆମେ ବମ୍ବେ ପଠେଇଦବୁ।

ଅପ୍ପା- ନାଇଁ- ଆମେ ବମ୍ବେ ଯିବୁନି।

ନଲୁ- ଯିବନାଇଁ !!

ଅପ୍ପା- ନା, ଆମେ ଏଣିକି ସବୁଦିନ ପାଇଁ ଏଇଠି ତୋ ପାଖରେ ରହିବୁ।

ନଲୁ- (ରହି ରହି) ସବୁଦିନ ପାଇଁ....... ?

ଅପ୍ପା- ଯେତେଦିନ ବଞ୍ଚିବୁ ଏଇଠି ରହିବୁ। ତୁ କ'ଣ ଏଥିପାଇଁ ଚିନ୍ତା କରୁଛୁ ?

ନଲୁ- ତମେ ଏକଥା କହିପାରୁଛ ବାପା, ମୁଁ ଚିନ୍ତା କରିବି !

ଅପ୍ପା- ଏଇତ ! ତୋ ମୁହଁ ଆଖି କହିଦଉଚି।

ନଲୁ- ତମେ କଣ ବୁଝି ପାରୁନ ବାପା ? ତମେ ଏଠି ସବୁଦିନ ରହିଲେ; ତମ ପୁଅ କଣ କହିବ ?

ଅପ୍ପା- ସେ କିଛି କହିବନି। ..... ହଁ ସୁଧାକର ବାବୁ ତମ କ୍ୱାଟର ତ ନିଶ୍ଚେ ବଡ଼ ହେଇଥିବ ?

ସୁଧାକର- ବହୁତ ବଡ଼।

ଅପ୍ପା- ଆଉ ପିଲା ଦୁହେଁ.......

ସୁଧାକର- ସେ ଦୁହେଁ ତ ଘରେ ରହୁ ନାହାଁନ୍ତି। ଲୁଣାବାଲା କନ୍‌ଭେଣ୍ଟ ହଷ୍ଟେଲରେ ରହି ପଢୁଛନ୍ତି।

ଅପ୍ପା- ତା ହେଲେ କୁହ ଯେ ତମ ଘରଟା ଗୋଟେ ପାଚେରୀ ଘେରା ଖୋଲାପଡ଼ିଆ।

ନଲୁ- ଶୁଣ ବାପା, ଏଇ ଯୋଉ ବିଠୋବା, ସେ ଏକା ଦଶଟା ପିଲା ସାଙ୍ଗେ ସମାନ। ସେଥିରୁ ତମକୁ କଣ ମିଳୁଚି ?.... ଏଇ ଏଣ୍ଡୁତେଣ୍ଡୁ କଥାବାର୍ତ୍ତାରେ ମୋ ହାର କଥା ଭୁଲିଗଲିଣି। ହାରଟା କଣ ହେଲା ?

Digitized by srujanika@gmail.com

ସୁଧାକର- (ହାରଟା ଥଳିରୁ ବାହାର କରି) ଏଇ ନିଅ। ଦେଖ କେମିତି ହୁସିଆରରେ ଆଣିଚି- ଏକାବେଳକେ ପ୍ରେସ୍।

(ନଲୁ ହାରନେଇ ଅପ୍ପାଙ୍କ ଗଳାରେ ପିନ୍ଧାଇ ଦେଲା।)

ନଲୁ- ବାପା, ଆମ ବଗିଚାରୁ ବାଛି ବାଛି ଫୁଲ ଆଣି ମୁଁ ନିଜେ ଏ ହାରଟା ତମପାଇଁ ତିଆରି କରିଚି।

ଅପ୍ପା- ହେଲା ଯେ ଏ ଷେସନ୍‌ଟାରେ.....

ନଲୁ- ତମେତ କିଛି ମନେରଖୁନ ବାପା। ଆଜିପରା ତମର ଜନ୍ମଦିନ। ହଁ ବୋଉ ତୋ ପାଇଁ ମୁଁ ଗୋଟେ ଭଲ- ଖୁବ୍‌ଭଲ ଶିଙ୍ଗ ପାନିଆ- ଏମିତି ପାନିଆ ସାରା ମହାରାଷ୍ଟ୍ରରେ ଆଉ କୋଉଠି ମିଳେନାହିଁ। ସେଇ ପାନିଆରୁ ଗୋଟେ କିଣି ରଖିଛି ତୁ ମୁଣ୍ଡ କୁଣ୍ଡେଇବୁ।

କାବେରୀ- ହୁଟ୍! ଏଦିନେ ପୁଣି ମୋର ମୁଣ୍ଡ କୁଣ୍ଡା ହଉଚି।

ଅପ୍ପା- ନାଇଁ ନାଇଁ ସର୍କାର ଆଜି ସେ ସ୍ପେଶାଲ ସିଙ୍ଗ ପାନିଆରେ ମୁଣ୍ଡ କୁଣ୍ଡେଇବ। କାଲି ସିଫୋନ୍ ଶାଢ଼ୀ ପିନ୍ଧିବ ତା'ପରଦିନ ହାତକଟା ବ୍ଲାଉଜ! ତା ନହେଲେ ତମେ ତମର ଏ ଝୁଅଘରେ ରହିପାରିବନି।

ନଲୁ- ଝୁଅ ଘର ନୁହେଁ ବାପା, କୁହ ଆମ ଘର ମାନେ ତମ– ତମ ଘର। ସେଦିନ ତମେ ଆମକୁ ବାପା ଭୁଲ୍ ବୁଝିଥିଲ। ତମେ ଦୁହେଁ ଏଠି ରହିବ, ସବୁଦିନ ରହିବ– ଏଥିରେ ଆମେ କେତେ ଖୁସୀ। ଏଠି ରାହାନଗରରେ ଆମର ଯାହା ଅଛି, ସେ ସବୁ ତମେ ତମର ନିଜର ବୋଲି ଜାଣିବ ବାପା। (ଆଖିରୁ ଲୁହ ପୋଛି) ଏଇ ଗାଡ଼ି ହର୍ଣ୍ଣ ଦେଲାଣି। ପେଟ୍ରୋଲ ପମ୍ପରୁ ଗାଡ଼ି ଫେରି ଆସିଲାଣି। ଉଠ୍ ବୋଉ, ଆସବାପା.... ଆମର ଫିଏଟ୍ ଗାଡ଼ି ବାପା। ମୁଁ ଡ୍ରାଇଭ୍ କରି ଶିଖିଲିଣି। ମୁଁ ତ ଏବେ ଗାଡ଼ି ଡ୍ରାଇଭ କରି ଯିବି। ଦେଖିବ ତମ ନଲୁ କେମିତି ବାହାଦୁର ହେଇଗଲାଣି। (ଯାଉ ଯାଉ) ତମକୁ ଧରି ଧରି ନେବି ବାପା?

ଅପ୍ପା- ହଁ ମା ମୋ ହାତ ଧର। ମତେ ଟିକିଏ ସାହାରା ଦେ।

ସ୍ୱର କହୁଚି ସାଥି ଦେ,
ଦୀପ କହୁଚି ବତୀ ଦେ,
ଧୂ ଧୂ ଖରାରେ ବୁଢ଼ାଟାକୁ ତୁ
ଖାଲି ଟିକିଏ ହାତ ଦେ।

(ଏଥିରେ ସମସ୍ତେ ହସି ହସି ବାହାରକୁ ଚାଲିଗଲେ।)

Digitized by srujanika@gmail.com

ଦ୍ୱିତୀୟ ଦୃଶ୍ୟ

(ନଳୁ ଓ ସୁଧାକରଙ୍କ ଗୃହର ଡ୍ରଇଂ ରୁମ୍। ବେଶ୍ ଆଧୁନିକ ଢଙ୍ଗରେ ସଜ୍ଜିତ। ବିଠୋବା ଏକା ଏକା ହାମ୍‌ଲେଟ୍ ନାଟକରେ ନିଜ ଭୂମିକାର ରିହରସାଲ୍ ମନକୁ ମନ କରୁଚି। ଡ୍ରଇଂରୁମ୍ ଭିତରେ ଗୋଲାକାର ଭଙ୍ଗୀରେ ବୁଲୁଚି। ମନକୁ ମନ କଣ ସବୁ କହୁଚି। ଟେଲିଫୋନ୍ ଘଣ୍ଟି ବାଜିଲା ବିଠୋବାର ତେଣିକି ଧ୍ୟାନ ନାହିଁ, ଘଣ୍ଟି ବାଜୁଥାଏ। ବିଠୋବା ରିସିଭର ଉଠାଇଲା।)

ବିଠୋବା- ହ୍ୟାଲୋ ! କାର୍ଲେକର ସାହେବଙ୍କ ବଙ୍ଗଳାରୁ କହୁଚି।..... ମୁଁ ହାମ୍‌ଲେଟ୍‌ର ବାପାର ଭୂତ କହୁଚି।- ଏଁ ! ନାଇଁ ନାଇଁ ଭୁଲ୍ ହେଇଗଲା ମୁଁ, ବିଠୋବା କହୁଚି।

ଫୋନ୍ ସ୍ୱର-ବିଠୋବା ମୁଣ୍ଡ ଠିକ୍ ଅଛିତ ?

ବିଠୋବା- କିଏ ? ମେମ୍ ସାହେବ ?

ଫୋନ୍ ସ୍ୱର-ହଁ ମୁଁ କହୁଚି- ମୁଁ କ୍ଲବରୁ କହୁଚି। ଏବେ ଏବେ ୟା'ଙ୍କ ବଡ଼ ସାହେବ କଲବଣକର ସାହେବଙ୍କ ଫୋନ୍ ଆସିଥିଲା.....।

ବିଠୋବା- ଆଚ୍ଛା, ମେମ୍ ସାହେବ।

ଫୋନ୍ ସ୍ୱର-ସିଏ ଆଉ ତାଙ୍କ ମେମ୍ ସାହେବ ଆମ ଘରକୁ ବାହାରିଗଲେଣି। ଏଇ ଦଶବାର ମିନିଟ୍ ଭିତରେ ଆମ କୋଠିରେ ପହଞ୍ଚିଯିବେ।

ବିଠୋବା- ଅତି ଉତ୍ତମ କଥା ମେମ୍ ସାହେବ।

ଫୋନ୍ ସ୍ୱର-ସେମାନେ ବାପାଙ୍କୁ ଭେଟିବାକୁ ଯାଉଛନ୍ତି। ବାପା ଘରେ ଅଛନ୍ତି ତ ?

ବିଠୋବା- ହଁ– ନାଇଁ ଏଇ ପାଖରେ କୋଉଠି ବୁଲାଚଲା କରୁଛନ୍ତି। ଆସିଯିବେ।

ଫୋନ୍ ସ୍ୱର-ଆସିଯିବେ କଥା ନୁହେଁ ବିଠୋବା, ତମେ ସାଙ୍ଗେ ସାଙ୍ଗେ ଯାଇ ଘର ଭିତରକୁ ଡ଼ାକିଆଣ। ଏମାନେ ପହଞ୍ଚିବା ଯାଏ ସେ ଘର ଭିତରେ ବସି ରହିଥିବେ।..... ହଁ, ବୋଉକୁ ଏ ବେଳା ଔଷଧ ଦେଇଚ ?

ବିଠୋବା- ଦେଇଚି ମେମ୍ ସାହେବ।

ଫୋନ୍ ସ୍ୱର-କୁଆଡ଼େ ବୁଲାଚଲା କରିବା ପାଇଁ ଡ଼ାକ୍ତର ସଫା ମନା କରି ଦେଇଛନ୍ତି। ଦେଖିବ ବୋଉ ଯେମିତି ବାହାରକୁ କୁଆଡ଼େ ବୁଲିବାକୁ ନ ଯାଏ।

ବିଠୋବା- ଦେଖିବି ଆଜ୍ଞା।

ଫୋନ୍ ସ୍ୱର-ଆଉ ଶୁଣ, ବୈଠକଖାନାଘରକୁ ସଫା କରି ରଖ। ବାପା କାଳେ ଅଳିଆ କରି ଦେଇଥିବେ।

Digitized by srujanika@gmail.com

ବିଠୋବା- ମୁଁ ସଫା କରିଦେଇଚି ମେମ୍ ସାହେବ।

ଫୋନ ସ୍ୱର-ହଁ, ଆଲମାରୀରେ ଯୋଉ ସ୍କାସ ବୋତଲ ସବୁ ଅଛି......

ବିଠୋବା- କି ବୋତଲ ମେମ୍ ସାହେବ ?

ଫୋନ ସ୍ୱର-ଆରେ; ସ୍କାସ– ସରବତ୍– ବୁଝିଲ ?

ବିଠୋବା- ହଁ ମେମ୍ ସାହେବ, ବୁଝିଲି।

ଫୋନ ସ୍ୱର-ସେଥିରୁ ତିନି ଚାରିଟା ଆଣି ଫ୍ରିଜ୍ ଭିତରେ ରଖିଦିଅ। ଆମେ ଏଇ ସାଙ୍ଗେ ସାଙ୍ଗେ ଯାଇ ପହଞ୍ଚିବୁ।

ବିଠୋବା- ହଉ ମେମ୍ ସାହେବ।

(ବିଠୋବା ଫୋନ୍ ରଖିଦେଲା। ପୁଣି ପୂର୍ବଭଳି ବିଭିନ୍ନ ସ୍ୱରରେ ଭୂତର ଭୂମିକାରେ ଅଭିନୟ କଲା।)

ବିଠୋବା- ଶପଥ ନେ–, ଶପଥ ନେ–, ଶପଥ ନେ–।

ଅପ୍ପା- (ଭିତରକୁ ଆସି ଅଭିନୟ ଭଙ୍ଗୀରେ) ଶାନ୍ତ ହୁଅ, ଶାନ୍ତ ହୁଅ, ହେ ଅଶାନ୍ତ ଭୂତ।

(ଅପ୍ପାଙ୍କ ହାତରେ ଗୋଟାଏ ବେଶ୍ ବଡ଼ ଧରଣର ଠୁଙ୍ଗାରେ ତେଲର ଦାଗ ରହିଚି। କିଛିକ୍ଷଣ ପାଇଁ ଦୁହେଁ ଦୁହିଁଙ୍କୁ କେବଳ ଚାହିଁ ରହିଲେ।)

ବିଠୋବା- (ସାଧାରଣ ଅବସ୍ଥାକୁ ଆସି) ବାଃ। ଗଣପତ ରାଏ ବେଲବଲକର। ପୁରା ସେଇ ଗଣପତି ରାଏ ବେଲବଲକର– ତିରିଶ ବର୍ଷ ତଳର।

ଅପ୍ପା- (ତଳେ ପଡ଼ିଥିବା ହାତବାଡ଼ିକୁ ଉଠାଇ) ବଦ୍‌ମାସ୍, ଏମିତି ଥଟ୍ଟା ପରିହାସ କରି ମତେ ଭୂତ ବନେଇଦବୁ ଭାବିଚୁ ? ତିରିଶ ବର୍ଷ ତଳୁ ପୁଣି ଫେରିଆସିବା ଏତେ ସହଜ କଥା ନୁହେଁ। ଆରେ ବୋକା, ତୁ ଜୀଇଁ ଥାଉ ଥାଉ ଏମିତି ଭୂତ ହେବାର ଏ ସଉକ କାହିଁକି ?

ବିଠୋବା- ଆଜ୍ଞା ଆଜ୍ଞା ଅପ୍ପା ସାହେବ, ଆପଣ ଭୁଲିଯାଉଛନ୍ତି– ମୁଁ ଭୂତ ନୁହେଁ। ହାମ୍‌ଲେଟ୍ ନାଟକରେ ମୁଁ ଭୂତର ରୋଲ କରୁଚି। ସେଇ ରିହରସାଲ କରୁଚି।

ଅପ୍ପା- (ହସିଉଠି) ଓ-ହୋ-ହୋ। ମୁଁ ତାହାହେଲେ ଭୁଲିଯାଇଥିଲି। ହଉ ହେଲା ତମ ରିହରସାଲ ଚାଲୁ। (ଭିତର ଆଡ଼କୁ ଯିବାକୁ ଲାଗିଲେ)

ବିଠୋବା- ଟିକେ ଶୁଣନ୍ତୁ ଅପ୍ପା ସାହେବ। ଏ ରୋଲ୍ କେମିତି ମୁଁ କରିବି, ଟିକିଏ ଖାଲି.......

ଅପ୍ପା- ଆରେ ବାବୁ ସତୁରୀ ପଞ୍ଚସ୍ତରି ବର୍ଷର ଗୋଟାଏ ବୁଢ଼ାକୁ ଆଖି ଆଗରେ ରଖ। ଯିଏ ମଶାଣିକୁ ଗୋଡ଼ କାଢ଼ିଲାଣି ସେଇମାନେ ହିଁ ଭୂତ ହୁଅନ୍ତି। ଏକଥାକୁ ବିଚାର କରି ରିହରସାଲ କରୁଥା।

ବିଠୋବା- ନାହିଁ ଅପ୍ପା ସାହେବ, ଗୋଟାଏ ଭାରି ଅସୁବିଧା ହଉଚି। ଭୂତ କହୁଚି......

Digitized by srujanika@gmail.com

ଅପ୍ପା- (ଫେରିଚାହିଁ) କଣ କହୁଚି ?

ବିଠୋବା- ପ୍ରଥମ ଅଙ୍କ ପଞ୍ଚମ ଦୃଶ୍ୟରେ ଭୂତ କହୁଚି– ସେ ନୀଚ ବ୍ୟଭିଚାରୀ ପଶୁଟା ତା ଶବ୍ଦ ଜାଲର କୁଟିଳ ଫାନ୍ଦରେ ମୋର ନିରୀହା ରାଣୀକୁ ଭୁଲାଇଦେଲା– ଫଳରେ ରାଣୀ ମୋର ଅପକର୍ମରେ ପ୍ରବୃତ୍ତ ହେଲା। ମୁଁ ବୁଝିପାରୁନି ରାଣୀ ମୋର ଏମିତି ନୀଚ କର୍ମ କେମିତି କରିପାରିଲା।...... ମତେ କୁହନ୍ତୁ ଅପ୍ପା ସାହେବ, ଏଇ ଶେଷ ବାକ୍ୟରେ ଠିକ୍ କୋଉ ଶବ୍ଦ ଉପରେ ଷ୍ଟ୍ରେସ୍ ବା ଜୋର୍ ଦିଆଯିବ। 'ନୀଚ' ଉପରେ ନା 'ଏମିତି' ଉପରେ ନା 'କରିପାରିଲା' ଉପରେ ? ଡ୍ରାଇରେକ୍ଟର ସାହେବ, କହୁଛନ୍ତି 'ନୀଚ' ଉପରେ ମୁଁ କହୁଚି 'ଏମିତି' ଉପରେ। ନାଇଁତ 'କରିପାରିଲା' ଉପରେ। ଆପଣ ସାର୍ କୁହନ୍ତୁ, ଠିକ୍ କୋଉ ଶବ୍ଦ ଉପରେ........।

ଅପ୍ପା- ଏ ତିନିଟାଯାକ ଶବ୍ଦ ଉପରେ ଖୁବ୍– ଖୁବ୍ ଯୋର୍ ଦେଇ– ଦେଖ ଯୋଉ ଶବ୍ଦଟା ଯୋର୍ ସମ୍ଭାଳି ନପାରି ଭାଙ୍ଗିଲା ତାକୁ ଛାଡ଼ିଦିଅ। ଯୋଉ ଶବ୍ଦଟା ସମ୍ଭାଳି ନେଲା ତାକୁ ଜାବୁଡ଼ିଧର। ଶେଷ ପର୍ଯ୍ୟନ୍ତ ଜାବୁଡ଼ି ଧରିଥିବ।

ବିଠୋବା- ମୁଁ– ମୁଁ ବୁଝିପାରୁ ନାଇଁ ଆଜ୍ଞା।

ଅପ୍ପା- ବୁଝିପାରୁନ ? ଟିକେ ଭାବିକରି ଦେଖ। ଆଉ ଏ ପକୁଡ଼ି ଠୁଙ୍ଗା ନିଅ ପକୁଡ଼ି ଥଣ୍ଡା ହୋଇଯିବ। ଦୋକାନୀ ସାଙ୍ଗେ ସାଙ୍ଗେ ମୋତେ ଛାଣିକରି ଦେଇଛି।

ବିଠୋବା- ମାଫ୍ କରନ୍ତୁ ଅପ୍ପା ସାହେବ। ବାହାରୁ ଏମିତି ଖାଇବା ଜିନିଷ ଆଣିବାକୁ ମେମ୍ ସାହେବ ମନା କରିଛନ୍ତି।

ଅପ୍ପା- ମନା କରିଛନ୍ତି ତ ? ବେଶ୍ ଏଥିରେ ବି ଭାବିବାର ଅଛି। ଯେ କୌଣସି ଜଟିଳ ସମସ୍ୟା ଦେଖାଦେଲେ ତୁମେ ସେକଥା ଭାବିବ, ଚିନ୍ତା କରିବ, ଏଥିରେ ତମର ଯେତେ ସମୟ ନଷ୍ଟ ହେଲେବି କାହାରିକୁ କୈଫତ୍ ଦେବା ଦରକାର ନାହିଁ। ହଁ, ଏ ପକୁଡ଼ି ଥଣ୍ଡା ହେବା ପୂର୍ବରୁ ସର୍କାରଙ୍କ ପାଖରେ ପହଞ୍ଚାଇଦିଅ। ଆଉ ଏତକ ପକୁଡ଼ି ତମର।

ବିଠୋବା- ନାଇଁ ନାଇଁ ସାହେବ..........

ଅପ୍ପା- ଆରେ ବାବୁ ନିଅ। ଭାବିବା ପାଇଁ ଚିନ୍ତାକରିବା ପାଇଁ ଏ ଜିନିଷ ଖୁବ୍ ଦରକାରୀ।

ବିଠୋବା- ନାଇଁ ସାହେବ..... କଥା କଣ କି ମୋର ଆଜି ବ୍ରତ।

ଅପ୍ପା- ଓ, ଠିକ୍ ଅଛି ତମ ରିହରସାଲ ଏବେ ଚାଲୁ।

ବିଠୋବା- ହଜୁର ଅପ୍ପା ସାହେବ। ଆପଣଙ୍କ ପାଖକୁ ବଡ଼ସାହେବ ଆସୁଛନ୍ତି– ନାଟକ ବିଷୟରେ କଣ କଥାବାର୍ତ୍ତା କରିବେ।

Digitized by srujanika@gmail.com

ଅପ୍ପା- ଆସନ୍ତୁ କଥାବାର୍ତ୍ତା କରନ୍ତୁ। ତାଙ୍କୁ ଦେଖକରି ବି ଆହୁରି ପକୁଡ଼ି ବଞ୍ଚିବ। ଭବାନୀ ବିଳାସ ହୋଟେଲର ସେ ରାମ ଦାସ ଏତେ ଗୁରାଏ ପକୁଡ଼ି ଦେଇଛି! ଭବାନୀଙ୍କ ଚିତ୍ତ ବିନୋଦନ କଥା, ତା ବାପ ଚଉଦ ପୁରୁଷ ଭଲା କେବେ ଶୁଣିଥିବେ!....... କିନ୍ତୁ ଚମତ୍କାର ପକୁଡ଼ି ତିଆରି କରୁଚି। ହୋ ସର୍କାର.......

(ଅପ୍ପା ଭିତରକୁ ଗଲେ। ବିଠୋବାର ରିହରସାଲ ଚାଲିଥାଏ।)

ବିଠୋବା- ଚନ୍ଦ୍ରସେଣା ଏଭଳି ନୀଚକର୍ମ (ଟେଲିଫୋନ୍ ବାଜିଲା- ବିଠୋବା ରିସିଭର ମୁହଁ ପାଖରେ ଧରି) ନାଁ ଚନ୍ଦ୍ରସେଣା..... ହାଲୋ....

ଫୋନ ସ୍ୱର-ଆଜି କେଇ ଗ୍ଲାସ ଭାଙ୍ଗ ପିଇଛ ବିଠୋବା ?

ବିଠୋବା- ନାଇଁ ମେମ୍ ସାହେବ।

ଫୋନ ସ୍ୱର-ବଡ଼ ସାହେବ ପହଞ୍ଚିଲେଣି ?

ବିଠୋବା- ଆଜ୍ଞା ନା।

ଫୋନ୍ ସ୍ୱର-ଆଉ ବାପା ?

ବିଠୋବା- ଆସିଲେଣି।

ଫୋନ ସ୍ୱର-ତାଙ୍କୁ ଘରେ ରହିବାକୁ କହିଛ ତ ?

ବିଠୋବା- କହିଚି ମେମ୍ ସାହେବ।

ଫୋନ୍ ସ୍ୱର-ମିଟିଂ ଏଇ ସରିଲାବୋଲି ଜାଣ। ଆମେ ସାଙ୍ଗେ ସାଙ୍ଗେ ବାହାରିଯିବୁ। ହଁ, ସର୍ବତ ବୋତଲସବୁ ଫ୍ରିଜ୍‌ରେ ରଖି ଦେଇଚ ତ ?

ବିଠୋବା- (ହଡ଼ବଡ଼େଇ) ଫ୍ରି– ଫ୍ରିଜ୍‌ରେ !

ଫୋନ ସ୍ୱର-କଣ; ମୁଁ ସେତେବେଳେ କହିଥିଲି ?

ବିଠୋବା- ଦଉଚି— ଦଉଚି— ଆଜ୍ଞା— ରଖିଦଉଚି।

ଫୋନ ସ୍ୱର-ଗଧ କୋଉଠିକାର। (ଫୋନ୍ ରଖିଦେଲେ)

ବିଠୋବା- (ହଡ଼ବଡ଼େଇ ଯାଇ ଭିତରକୁ ଯାଉ ଯାଉ) ଫ୍ରିଜ୍ ଭିତରେ ସରବତ୍ ବୋତଲ..... ଚନ୍ଦ୍ରସେଣ ଏମିତି ନୀଚକର୍ମ— ଫ୍ରିଜ୍ ଭିତରେ ସେ କଲା କେମିତି ?

(ବିଠୋବା ଭିତରକୁ ଚାଲିଯିବା ପରେ ବାହାର କଲିଂବେଲ୍ ବାଜିଲା- ପୁଣିଥରେ ବାଜିଲା। ଘରଭିତରୁ ହାତରେ ସେଇ ପକୁଡ଼ି ଠୁଙ୍ଗା ଧରି ଅପ୍ପା ଆସିଲେ।)

ଅପ୍ପା- ଯାଉଚି, ଯାଉଚି। (ଅପ୍ପା ଯାଇ ବାହାର ଦରଜା ଖୋଲିଲେ ବଡ଼ ସାହେବ କଲବଣକର ଏବଂ ତାଙ୍କ ସ୍ତ୍ରୀ ଆସିଲେ। ଦୁହେଁ ଅପ୍ପାଙ୍କୁ ନମସ୍କାର କଲେ।)

କଲବଣକର-ମିଷ୍ଟର କାର୍ଲେକର ବୋଧେ ଫେରିନାହାନ୍ତି ?

Digitized by srujanika@gmail.com

ଅପ୍ପା- ନା ତ ! ସେ ବୋଧହୁଏ......

କଲବଣକରଏ କ୍ଲବରୁ ଏଇ ଆସି ପହଞ୍ଚିଯିବେ। କିନ୍ତୁ ଅପ୍ପା ସାହେବ, ଆମେ ଆପଣଙ୍କ ପାଖକୁ ଆସିଚୁ।

ଅପ୍ପା- ଭଲ କଥା, ବସିବା ହୁଅନ୍ତୁ।

କଲବଣକରଇଏ ହେଉଚନ୍ତି ମୋର ସ୍ତ୍ରୀ ଶ୍ରୀମତୀ କଲବଣକର। ଇଏ ମଲ୍ଲିକା ଭୂମିକାରେ ଅଭିନୟ କରୁଛନ୍ତି। ମୁଁ ଚନ୍ଦ୍ରସେଣ, ନାଟକର ଡ଼ାଇରେକ୍ସନ୍ ବି ମୁଁ ଦେଉଛି।

ଅପ୍ପା- ଏଇ ପଥରଦିନ ତ ମୁଁ ଦେଖିଚି। (ବିଠୋବା ଆସି ମୁହଁ ଦେଖାଇଲା) ହୋ ବିଠୋବା ! ତମ ସାହେବଙ୍କ ବଡ଼ ସାହେବ ଆସିଛନ୍ତି– ଦେଖୁଛ ନା ନାହିଁ ? ସେ ପୁଣି ତମ ନାଟକର ଡ଼ାଇରେକ୍ଟର। ତାଙ୍କ ପାଇଁ ଚା ଜଲ୍ଦିଆ........

କଲବଣକରଏବେ ନୁହେଁ ଅପ୍ପା ସାହେବ। ଆମ ହୋଷ୍ଟ କାର୍ଲେକର ଆସିଯାଆନ୍ତୁ। ତୁମେ ଯାଅ ବିଠୋବା।

ବିଠୋବା- ଆଜ୍ଞା ସାହେବ (ଭିତରକୁ ଗଲା)।

କଲବଣକରସେଦିନ ରିହରସାଲ୍ ଆପଣଙ୍କୁ କେମିତି ଲାଗିଲା ? .... ଆଗେ ଆପଣଙ୍କୁ କହି ରଖେ। ମୁଁ ଜଣେ ଇଞ୍ଜିନିୟର କିନ୍ତୁ ନାଟକର ସଉକ ଖୁବ୍ ବେଶୀ। ବମ୍ବେ ଆର୍ଟ ଥିଏଟରରେ ଆମେ ଦୁହେଁ ଅଭିନୟ କରୁଥିଲୁ। ଗତବର୍ଷ କମ୍ପିଟେସନରେ ଇଏ ଫିମେଲ ରୋଲରେ ବେଷ୍ଟ ଆର୍ଟିଷ୍ଟ, ଆଉ ମୁଁ ଡ଼ାଇରେକ୍ସନ ପାଇଁ ବେଷ୍ଟ ପ୍ରାଇଜ୍ ପାଇଥିଲୁ।

ଅପ୍ପା- ସାବାସ୍ କଲବଣକର ସାହେବ, ସାବାସ।

କଲବଣକରହାମ୍‌ଲେଟ୍‌ର ଗୁରୁ ଦାୟିତ୍ୱ ଏବେ ମୁଁ ନିଜେ ବହନ କରିଛି।

ଶ୍ରୀମତୀକଲ-ଏହା ପୂର୍ବରୁବି ତ ଇଏ ହାମ୍‌ଲେଟ୍ ରୋଲ କରିଥିଲେ।

କଲବଣକରହଁ କରିଥିଲି। କିନ୍ତୁ ସେଇଟା ମୂଳ ଇଂରେଜୀ ହାମ୍‌ଲେଟ୍। କିନ୍ତୁ ଏଥର ଆମର ଯୋଉ ହାମ୍‌ଲେଟ୍ ନାଟକ ହେଉଛି, ତାର ପ୍ରୟୋଗ ମୁଁ ସମ୍ପୂର୍ଣ୍ଣ ନୂତନ ଭାବରେ କରୁଛି। ଅଭିନୟ ନୂତନ, ଟ୍ରିଟ୍‌ମେଣ୍ଟ ନୂତନ। ଏହା ପୂର୍ବରୁ ଆମର ଏଠି ବହୁତ ସେକ୍ସପିୟର ନାଟକ ଅଭିନୀତ ହେଇଛି। କିନ୍ତୁ ମୋର ଯାହା ଧାରଣା ଏଠି ପ୍ରକୃତ ସେକସ୍‌ପିୟର କଣ ସେକଥା କେହି ବୁଝିନାହାନ୍ତି।

ଅପ୍ପା- ହଁ ଆଜ୍ଞା ଆପଣ ଠିକ୍ କଥା କହିଛନ୍ତି। ସେକ୍ସପିୟର ନାଟକ କିଛି ସହଜକଥା ନୁହେଁ।

କଲବଣକରଆପଣ ତ ଦି'ଦିନ ରିହରସାଲ ଦେଖିଛନ୍ତି, ଦୁଇଦିନଯାଏ ରିହରସାଲ

Digitized by srujanika@gmail.com

ଶେଷ ହେବା ପୂର୍ବରୁ ଆପଣ ଚାଲିଆସିଛନ୍ତି। ସେଥିପାଇଁ ଆପଣଙ୍କ ସହିତ ମୋର କିଛି କଥାବାର୍ତ୍ତା ହୋଇପାରିନାହିଁ। କୁହନ୍ତୁ ତ ମୋଟାମୋଟି ଆପଣଙ୍କ ଇମ୍ପ୍ରେସନ୍ କଣ ?

ଅପ୍ପା- ଭଲତ! ଖୁବ୍ ଭଲ– ଖୁବ୍ ଭଲ ଚାଲିଛି। ଯାହାକୁ ହିନ୍ଦୀରେ କହନ୍ତି ଲା ଜବାବ୍।

କଲକଣକର ଆପଣତ ନିଜେ ହାମ୍‌ଲେଟ୍ ଭୂମିକାରେ ଅଭିନୟ କରିଛନ୍ତି ?

ଅପ୍ପା- କରିଛି ଆଜ୍ଞା।

କଲବଣକର ଇଫ୍ ୟୁ ଡ଼ୋଣ୍ଟ ମାଇଣ୍ଡ୍– ଆପଣଙ୍କର କିଛି ପରାମର୍ଶ।–

ଅପ୍ପା- ନାହିଁ ସାହେବ! ଜମା ନୁହେଁ– ମୋଟେ ନୁହେଁ। ଏଠି ମୋର ବିଚାର ହେଲା ନଦୀ କିପରି ବହି ଚାଲିବ ସେକଥା ବ୍ରହ୍ମପୁତ୍ର, ଗଙ୍ଗାକୁ ·ଶିକ୍ଷା ଦେବା ଉଚିତ୍ ନୁହେଁ କି ଗଙ୍ଗା ବ୍ରହ୍ମପୁତ୍ରକୁ। ଦୁହେଁ ଗୋଟିଏ ପର୍ବତରୁ ବାହାରିଛନ୍ତି। ଗୋଟିଏ ସମୁଦ୍ରରେ ମିଶିଛନ୍ତି। କିନ୍ତୁ ଦୁହିଁଙ୍କର ଗତିପଥ ଭିନ୍ନ– ସ୍ୱଭାବ ଭିନ୍ନ। ସେଥିପାଇଁ କେହି କାହାକୁ କିଛି ପରାମର୍ଶ ଦେବା ଉଚିତ୍ ନୁହେଁ।

ଶ୍ରୀମତୀକଲ-ଏଏ କି କଥା ଅପ୍ପା ସାହେବ। ସରକାରୀ କମ୍ପିଟେସନ୍ ପାଇଁ ଆମେ ଏ ନାଟକ କରୁଛୁ– ଏକାବେଳେ ଟପ ପ୍ରଡ଼କ୍‌ସନ୍ ହେବା ଉଚିତ୍।

ଅପ୍ପା- ହବ–ହବ, ଆପଣ.... ପକୁଡ଼ି ଖାଇବେ ?

କଲବଣକର ପକୁଡ଼ି ?

ଅପ୍ପା- ହଁ, ଭବାନୀ ବିଳାସ ହୋଟେଲର କାରିଗର ରାମଦାସ ଏ ପକୁଡ଼ି ଛାଣିଚି। ଚମତ୍କାର।

ଶ୍ରୀମତୀକଲ-ଭବାନୀ ବିଳାସର ରାମଦାସ! ଛି! କି ଅପରିଷ୍କାର ଦୋକାନ। ଆଉ ସେ 'ରାମଦାସ' ନିଜେ ଏତେ ଅପରିଷ୍କାର ଯେ; ବର୍ଷକେ ଥରେ ଅଧେ ବି ଗାଧାଏ ନାହିଁ।

ଅପ୍ପା- କେଜାଣି ହୋଇଥିବ। କିନ୍ତୁ ତା ହାତ ତିଆରି ପକୁଡ଼ି ଚମତ୍କାର। (ଠୁଙ୍ଗା ବଢ଼େଇ) ଟିକିଏ.....

କଲବଣକର ଥ୍ୟାଙ୍କ୍ୟୁ! ଆମେ କିଛି ଖାଇବୁନି।..... ମୁଁ ଭାବୁଚି ଅପ୍ପା ସାହେବ ଆମ ରିହରସାଲ ଆପଣଙ୍କୁ ସେମିତି କିଛି ଭଲ ଲାଗିନି।

ଅପ୍ପା- ନା ନା- ଭଲ ନ ଲାଗିବ କାହିଁକି ? ମୁଁ.... ମୁଁ....

ଶ୍ରୀମତୀକଲ-ଆପଣ ବୋଧହୁଏ ଆମ ନୂଆ ଷ୍ଟେଜ୍‌କ୍ରାଫ୍ଟ ଠିକ୍ ବୁଝିପାରି ନାହାନ୍ତି।

ଅପ୍ପା- (ସ୍ପଷ୍ଟ ଗଳାରେ) ଆପଣଙ୍କ ଷ୍ଟେଜ୍‌କ୍ରାଫ୍ଟ! (ନିଜକୁ ସମ୍ଭାଳି) କ୍ଷମା କରିବେ– ସେ ରାମଦାସ ଏ ପକୁଡ଼ିରେ ଟିକେ ବେଶୀ ରାଗ ପକେଇ

Digitized by srujanika@gmail.com

ଦେଇଛି।... ହଁ ଆପଣଙ୍କ ସ୍କ୍ରିପ୍ଟ ସବୁ ଠିକ୍ ଅଛି। ଭୁଲ୍ କେବଳ ଆର୍ଟିଷ୍ଟମାନେ ତାଙ୍କ ଡ଼ାଏଲଗ ଠିକ୍ ଭାବରେ କହି ପାରୁନାହାନ୍ତି। କଣ କହୁଛନ୍ତି କିଛି ବୁଝି ହେଉନାହିଁ। କିଏ ବିଡ଼ି ବିଡ଼ି ହଉଚି କିଏ ଗୁଣୁଗୁଣୁ ହଉଚି- କିଏ କାନପାଖରେ ମୁହଁ ଲଗାଇ କହିଲା ଭଳିଆ କହୁଛି– ପୁଣି କେହି ଖାଲି ଫୁସ୍‌ଫୁସ୍ ହଉଛି। କେହି ଜଣେ ସ୍ପଷ୍ଟ ଗଳାରେ ଠୋଠା କରି କହିପାରୁନି, ଯେମିତି କି ଥିଏଟର ହଲର ସାତ ଆଠ ଶହ ଲୋକ ଠିକ୍ ଶୁଣି ପାରିବେ।

କଲବଣକର-ଏଇଟାହିଁ ତ ନୂଆ ଓ ପୁରୁଣା ଭିତରେ ପ୍ରଭେଦ ଅପ୍ପା ସାହେବ। ମୁଁ ଜାଣିଶୁଣିକରି ସାରା ନାଟକଟାକୁ ସବ୍‌ଡ଼ିୟୁଡ଼୍ ଟୋନ୍‌ରେ ରଖିଚି। ଆଉ ଡ୍ରୋଣ୍ଟ ବିଲିଭ୍ ଇନ୍ ସାଉଟିଂ। ନାଟକ ସେଇ ପୁରୁଣା ଢଙ୍ଗର ମେଲୋ ଡ୍ରାମାଟିକ୍ ହେବା ମୁଁ ଚାହେଁନି।

ଅପ୍ପା- ଭଲକଥା। କିନ୍ତୁ, ଆପଣ ପକୁଡ଼ି ଖାଆନ୍ତୁ– ଖଣ୍ଡେ ଚାଖିକରି ଦେଖନ୍ତୁନା।

ଶ୍ରୀମତୀକଲ-ନା !

ଅପ୍ପା- ନା ! ନାଟକବାଲାଙ୍କର ଏତେ ସବୁ 'ନା ନାହିଁ' ପ୍ରଭୃତି ନିଷେଧ କଥା ରହିବା ଉଚିତ୍ ନୁହେଁ।

କଲବଣକର-ଶୁଣନ୍ତୁ ଅପ୍ପା ସାହେବ। ନାଟକରେ ଆମେସବୁ ସିମ୍ବଲିକ୍ ସେଟ୍ ରଖିବୁ। ଯେମିତି କେବଳ ଗୋଟିଏ ଗଛର ଶାଖା ହେଇଗଲେ ସେଇଟା ଜଙ୍ଗଲ ସେଟ୍ ବୁଝାଇଲା। ଦରବାରମାନେ ଖଣ୍ଡେ ସୁନାରଙ୍ଗର ଚଉକି। ଗୋଟିଏ ଦୀପ ଜଳିଲେ ରାତିକୁ ବୁଝାଇଲା, ଆଉ ଶ୍ମଶାନ ସେଟ୍‌ପାଇଁ ଗୋଟିଏ 'କବର' ଯଥେଷ୍ଟ।

ଶ୍ରୀମତୀକଲ- ପୁଣି ଏ ସବୁକୁ ଅଲଗା ଅଲଗା ଲେଭେଲ୍‌ରେ ଦେଖିବାକୁ ପଡ଼ିବ।

କଲବଣକର-ଧରନ୍ତୁ; ଉପର ଲେଭଲ୍‌ରେ ଗୋଟାଏ ରାଜବାଟୀର ସେଟ୍- ସେଠି କେବଳ ଦୁଆର ମୁହଁରେ ଖାଲି ଗୋଟାଏ ଚୌକାଠ ରହିବ।

ଶ୍ରୀମତୀକଲ- କାନ୍ଥ ନାହିଁକି କବାଟ ନାହିଁ; ବୁଝୁଛନ୍ତି ତ; ଖାଲି ଚୌକାଠ।

କଲବଣକର-ଆଉ ତଳ ଲେଭ୍‌ଲରେ, ଜଙ୍ଗଲ ନହେଲେ ରାସ୍ତା, ଖାଲି ଗୋଟାଏ ଗଛ ନ ହେଲେ ଗୋଟାଏ ବତୀ ଖୁଣ୍ଟ।

ଅପ୍ପା- ବୁଝିଲି। ବିଠୋବା ହୋ ବିଠୋବା (ବିଠୋବା ଆସିଲା) ସାହେବଙ୍କ ପାଇଁ କିଛି ଥଣ୍ଡା ଜିନିଷ ଆଣ। ଭାରି ଗରମ ହେଉଛି।

କଲବଣକର-ରୁହନ୍ତୁ ଅପ୍ପା ସାହେବ, ମିଷ୍ଟର କାର୍ଲେକାର ଆସିଯାଆନ୍ତୁ। ତମେ ଯାଅ ବିଠୋବା।

ବିଠୋବା- ଯାଉଚି ସାହେବ (ଭିତରକୁ ଗଲା)।

କଲବଣକର-ମୁଁ ଚାହେଁ, ନାଟକ ତାର ସେଇ ପୁରୁଣା କାଳିଆ ନାଟକୀୟତାର ଶୃଙ୍ଖଳାରୁ

Digitized by srujanika@gmail.com

ମୁକ୍ତହେଇଆସୁ। ଏଥିପାଇଁ ମୋ ଚେଷ୍ଟା– ମୋ ଉଦ୍ୟମର ଅନ୍ତ ନାହିଁ। ଆମେ ବର୍ତ୍ତମାନ. ନୂଆନୂଆ କଳାକାର ମାନଙ୍କୁ ଏ ଦିଗରେ ଶିକ୍ଷା ଦେବା ଉଚିତ। ସେମାନଙ୍କ ମନରେ ସେଇ ପୁରୁଣା କାଳର ଭୂତ ବସା ବାନ୍ଧି ରହିଯାଇଛି।

ଅପ୍ପା- ହଁ ଆଜ୍ଞା, ଆପଣ ଠିକ୍ କହିଛନ୍ତି। ପ୍ରକୃତରେ ସେ ଭୂତର ଏଇଟା ଗୋଟାଏ ଭାରି ବଦ ଅଭ୍ୟାସ। ଶ୍ମଶାନ ଛାଡ଼ି ଏବେ ଲୋକମାନଙ୍କ ମନ ଭିତରେ ବସା ବାନ୍ଧି ରହିଲାଣି।

କଲବଣକର ଅପ୍ପା ସାହେବ, ଆପଣ ଗଣପତରାଓ ଯୋଶୀଙ୍କ ଅଭିନୟ ଦେଖିଛନ୍ତି ?

ଅପ୍ପା- ହଁ ଆଜ୍ଞା ଦେଖିଚି।

କଲବଣକର କ୍ଷମା କରିବେ– ଗଣପତରାଓ, ବାଳଗନ୍ଧର୍ବ ଆଉ କେଶବ ରାଓ। ଏମାନେ ସମସ୍ତେ ହେଲେ କୋରେ ଲିଜେଣ୍ଡସ। ଏକ ବିକୃତ ମରବିଡ୍ ସମାଧାନ ପାଇଁ ସେମାନେ ଉଦ୍ଦିଷ୍ଟ। ମୁଁ ଗଣପତ ରାଓଙ୍କ ଛବି ଦେଖିଚି। ସେ ଯୋଉସବୁ ଚରିତ୍ରରେ ଅଭିନୟ କରୁଥିଲେ, ସେ ସବୁ ମୁଁ ପଢ଼ିଚି। ଆଇ ଡୋଣ୍ଟ ବିଲିଭ୍ ହି ୱାଜ୍ ଏ ଗ୍ରେଟ୍ ଆକ୍ଟର, ନଟ୍ ଇଭିନ୍ ଏ ଗୁଡ୍ ଆକ୍ଟର । ବଣରେ ଶିକାରୀ ମାନଙ୍କ ଭଳି; ରଙ୍ଗମଞ୍ଚରେ ଚିତ୍କାର କରିବାରେ ପରମ୍ପରା ତାଙ୍କଠାରୁ ଆରମ୍ଭ ହେଇଛି।

ଶ୍ରୀମତୀକଲ- ଆଉ ଷ୍ଟେଜକୁ ଅଭିନୟ କରିବାକୁ ଗଲାବେଳେ, ମଦ ନିଶାରେ ଚୂର୍ ହେଇ ରହୁଥିଲେ। ସବୁ ଭୁଲିଯାଉଥିଲେ। ଉଇଙ୍ଗସ୍ ପାଖରୁ ତାଙ୍କୁ ଚେତାଇ ଦିଆ ହଉଥିଲା ଯେ, ସେ ପ୍ରକୃତରେ କୋଉ ନାଟକର କୋଉ ଭୂମିକାରେ ଅଭିନୟ କରୁଛନ୍ତି।

କଲବଣକର ନାଁ, ମୁଁ କହୁଛି ଯେ ଗଣପତରାଓ ମଦ ପିଉଥିଲେ କି ଗଞ୍ଜେଇ ଟାଣୁଥିଲେ ସେଇଟା ବଡ଼ କଥା ନୁହେଁ। ଆର୍ଟିଷ୍ଟ୍ କଳାକାରମାନେ ଏମିତି ଧରାବନ୍ଧା ନିୟମରେ ବାନ୍ଧିହେଇ ରହିବା ଉଚିତ୍ ନୁହେଁ। କିନ୍ତୁ........

ଅପ୍ପା- (ଉଠି ଠିଆ ହେଇଗଲେ। ପକ୍କୁଡ଼ି ଠୁଙ୍ଗାକୁ ଯୋର୍‌ରେ ତଳେ ଫୋପାଡ଼ି ଦେଲେ ଓ ଚିତ୍କାର କରି କହିବାକୁ ଲାଗିଲେ) ମୁଁ ଖୁବ୍ ଖୁବ୍ ସହିଲିଣି, ଆଉ ନୁହେଁ। ଆପଣ ଏଠୁ ଚାଲିଯାଆନ୍ତୁ। ଏଇ ମୁହୂର୍ତ୍ତରେ ଏଠୁ ଚାଲିଯାଆନ୍ତୁ। ଗଣପତ୍‌ରାଓଙ୍କୁ ନିୟମ କାନୁନ୍‌ରୁ ଆପଣ ମୁକ୍ତ କରିବେ!! ମୁଁ କହୁଚି ଆପଣ ଚାଲିଯାଆନ୍ତୁ।

କଲବଣକର (ଉଠି ଠିଆହେଇ) ଅପ୍ପା ସାହେବ..... ଆପଣ!

(ଅପ୍ପାଙ୍କ କଥା ଶେଷହେବା ପୂର୍ବରୁ ନଲୁ ଓ ସୁଧାକର ଆସି ଦରଜାପାଖରେ ପହଞ୍ଚିଯାଇଥାନ୍ତି। ବିଠୋବା ମଧ୍ୟ ଆସିଯାଇଥାଏ।)

ନଲୁ- (କ୍ଷିପ୍ର ଗତିରେ ଅପ୍ପାଙ୍କ ପାଖକୁ ଯାଇ) ଏସବୁ ତୁମେ କଣ କହିଯାଉଛ ବାପା ?

Digitized by srujanika@gmail.com

ଅପ୍ପା- ମୁଁ ଜାଣେ। ଏଇଟା ମୋ ଘର ନୁହେଁ। ତେବେବି ମୁଁ କହୁଚି, ସେ ଏଠୁ ଚାଲିଯାଆନ୍ତୁ। ମୋ ଆକାଶର ପ୍ରତି କୋଣେକୋଣେ ଗଣପତରାଓଙ୍କ ସ୍ୱର୍ଣ୍ଣାଭ କିରଣ ଲାଗିରହିଛି।...... ତାଙ୍କ ବିଷୟରେ ଏ ଆଲୋଚନା ?

ଶ୍ରୀମତୀକଲ- ଚାଲ, ଆଉ ମୁହୂର୍ତ୍ତେବି ଏଠି ରହିବା କଥା ନୁହେଁ।

ନଲୁ- ମୁଁ ହାତ ଯୋଡ଼ି ପ୍ରାର୍ଥନା କରୁଚି ସାହେବ......।

ସୁଧାକର- ଆପଣ ସାର୍....।

କଲବଣକର-(ଅପ୍ପାଙ୍କୁ ଚାହିଁ) ଓଲଡ୍ ଇଡ଼ିୟଟ୍! ଆଇ ଆମ୍ ନଟ୍ ଗୋଇଙ୍ଗ୍ ଟୁ ଟଲରେଟ୍ ଦିସ୍। ଆସ ରାଗିଣୀ ଆସ।

(ଅଟକେଇ ରଖିବାର ସବୁ ଚେଷ୍ଟା ସତ୍ତ୍ୱେ ସେ ଦୁହେଁ ବାହାରିଗଲେ। ସୁଧାକର ତାଙ୍କ ପଛେ ପଛେ ଗଲା। ନଲୁ କାନ୍ଥକୁ ଆଉଜି ପଥର ମୂର୍ତ୍ତି ପରି ଠିଆହୋଇଥାଏ। ବିଠୋବା ଭିତରକୁ ଗଲା। ଅପ୍ପା ଦୁଃଖରେ ଭାଙ୍ଗିପଡ଼ିଥାନ୍ତି।)

ଅପ୍ପା- ନଲୁ, ମୋର ଭୁଲ୍ ହେଉଚି। ମୁଁ ଏମିତି ବ୍ୟବହାର କରିବା ଠିକ୍ ହେଇନି।

ନଲୁ- ତମେ ଯାଅ ବାପା, ତମ ଘରେ ଯାଇ ଶୋଇପଡ଼।

ଅପ୍ପା- ନାଇଁ ନାଇଁ ମୁଁ ନିଜକୁ ଯେମିତି ମୋ ଭିତରେ ଖୋଜି ପାଉନି। –ମୋର ସେଇ ଘଣ୍ଟା ହଜିଗଲା ଦିନୁ....।

ନଲୁ- (ରୁକ୍ଷ କଣ୍ଠରେ) ମୁଁ କହିଲି ପରା ବାପା; ତମେ ଯାଇ ଚୁପ୍‌ଚାପ୍ ଶୋଇପଡ଼।

ଅପ୍ପା- (ରହି ରହି),..... ଯାଉଛି ମା, ଯାଉଛି।

(ହାତରେ ବାଡ଼ିଧରି, ମୁଣ୍ଡ ତଳକୁ କରି ଅପ୍ପା ଭିତରକୁ ଚାଲିଗଲେ। ନଲୁ ଯାଇ ସୋଫା ଉପରେ ବସିଲା। ସୁଧାକର ବାହାରୁ ଆସିଲା। କବାଟ ବନ୍ଦକରି ଟେବୁଲ ପାଖରେ ଯାଇ ଠିଆହେଲା। କିଛି ମୁହୂର୍ତ୍ତ ଅତୀତ ହେଇଗଲା।)

ନଲୁ- (ଧୀର କଣ୍ଠରେ) ତମେ ମୋ ଉପରେ ରାଗିଚ।

ସୁଧାକର- ନାଇଁତ, ତମ ଉପରେ ରାଗିବି କାହିଁକି ?

ନଲୁ- ମୁଁ ବାପାଙ୍କୁ ଆଣି ଏଠି ରଖିଲି।

ସୁଧାକର- କିଛିତ ଭୁଲ କାମ କରିନ। ୟୁ ହାଭ୍ ଡ଼ନ୍ ଇୟୋର ଡ଼ିଉଟି।

ନଲୁ- କିଏ ଜାଣେ ଏହାର ଫଳ କଣ ହେବ ? ଆମ ଘରକୁ ଆସି, ଏମିତି ଅପମାନ ଭୋଗିଛନ୍ତି ! ଜାଣତ ଭାରି କଡ଼ା ମିଜାଜ ଲୋକ ସିଏ– ଏକଥା ସହଜରେ ଭୁଲି ହୁଏନି।

ସୁଧାକର- ନାଇଁ ନଲୁ; ତମେ କିଛି ଚିନ୍ତା କରନାଇଁ। ହୁଏତ କିଛି ଦିନ ମତେ ଏପାଖ ସେପାଖ ଟିକିଏ ହଇରାଣ କରିପାରନ୍ତି। ମୁଁ ଚଳେଇନେବି। କଲବଣ ସାହେବର ରାଗ କଡ଼ା ମିଜାଜ ମୋର ଦେହସୁଆ ହୋଇଗଲାଣି।

Digitized by srujanika@gmail.com

ନଲୁ- ପ୍ରଥମେ ପ୍ରଥମେ ମୁଁ ଭାବୁଥିଲି, ଭାଇ ଭାଉଜ ଜାଣିଶୁଣି ବାପମାଆଙ୍କୁ ହଇରାଣ କରୁଛନ୍ତି। କିନ୍ତୁ ଏବେ ବୁଝୁଚି ସେଇଟା ମୋର ଭୁଲ୍। ବାପାଙ୍କୁ ଚଳେଇବା କିଛି ସହଜ କଥା ନୁହେଁ। ଭାଇ ଭାଉଜ ଯାହା ଲେଖୁଥିଲେ, ଯେ ବାପାଙ୍କ ପାଇଁ ସେମାନଙ୍କ ଚଳିବା ଦୁଷ୍କର ହେଇପଡୁଛି, କିଛି ଭୁଲ୍ ଲେଖି ନଥିଲେ।

ସୁଧାକର- ଶୁଣ୍ ନଲୁ, ସିଏ ହେଲେ ଏକ ଭିନ୍ନ ସଂସାରର ଲୋକ। ଆମ ସାଙ୍ଗରେ ଆମ ମନ ଜାଣି ଚଳିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ।

ନଲୁ- ଏ ସବୁ ମୁଁ ବୁଝିଲା ପରେ ବି ମୁଁ ତାଙ୍କ ବ୍ୟବହାର ସହିପାରୁ ନାହିଁ। ଭଗବାନ୍ ଜାଣନ୍ତି, ସେ ଆମକୁ କୋଉଠି ନେଇ ପହଞ୍ଚେଇବେ। ମୁଁ ତମକୁ କହିନାହିଁ। ଏଇ ପଅରିଦିନ ବାପା ଖୋଲା ସଡ଼କ ଉପରେ ଠିଆହେଇ ସୁବେଦାର ସାହେବଙ୍କୁ ଦଶଟଙ୍କା ମାଗୁଥିଲେ।

ସୁଧାକର- ଟଙ୍କା ମାଗୁଥିଲେ ?

ନଲୁ- ତାଙ୍କର ଆଜିକାଲି କୋଉ କଥାକୁ ନଜର ରହୁନାଇଁ। ଯାହାକୁ ପାରି ତାକୁ କଣ ନା କଣ ମାଗିଦଉଛନ୍ତି, ସଡ଼କ ଉପରେ ଏଣୁ ତେଣୁ ଲୋକସାଙ୍ଗରେ ଆଡ୍ଡା ଜମାଇ ବସୁଛନ୍ତି– ମନକୁ ଯାହା ଆସିଲା ଯାକୁ ତାକୁ କହିଦଉଛନ୍ତି। ବାଜେ ଥାର୍ଡ଼ କ୍ଲାସ ହୋଟେଲରୁ ଜିନିଷ କିଣି ଘରକୁ ଆଣୁଛନ୍ତି। କୋଉ କଥାରେ କିଛି ଠିକ୍ ଠିକଣା ନାହିଁ। ରକ୍ଷା ହେଇଚି, ସୁଭାସ ଆଉ ଶୁଶୀଲ ଦୁହେଁ କନ୍‌ଭେଣ୍ଟରେ ରହି ପଢୁଛନ୍ତି।

ସୁଧାକର- ଆମେ ଏକଥା ବୁଝିବା ଉଚିତ୍ ନଲୁ, ଯେ ମଣିଷର ବୁଢ଼ା ବୟସର ଅବସ୍ଥା ହେଉଚି ତାର ଆଉ ଏକ ବାଲ୍ୟ ଅବସ୍ଥା।

ନଲୁ- ମାନିଲି, କିନ୍ତୁ ଏଇ ଦ୍ୱିତୀୟ ବାଲ୍ୟ ଅବସ୍ଥାବେଳେ ମା'ଟିଏ କୋଉଠୁ ଆସିବ ? କିଏ ତାଙ୍କୁ ସମ୍ଭାଳିବ ? ଦେଖୁଛତ, ଠୁଙ୍ଗାଏ ବାଜେ ପକୁଡ଼ି ଆଣି ଘରସାରା ପକେଇଛନ୍ତି। ଆଉ ସବୁ କଥା ସେମିତି। ଯେତେବେଳେ ପାଇ ସେତେବେଳେ ଗଳିସାରା ଯାଇ ବୁଲୁଛନ୍ତି। ଘରକୁ ଆସିଲେ କଣ ରକ୍ଷା ଅଛି। କୋଉ ଘରେ ପଶି କଣ କରିବେ, କିଛି ଠିକ୍ ଠିକଣା ନାହିଁ। ମଲ୍ଲୀମା କହୁଥିଲା ଆଲମାରୀ ଭିତରୁ ପଅରିଦିନ ଚନ୍ଦନ କାଠ ହାତୀଟାକୁ କିଏ କୁଆଡ଼େ ନେଇ ଗଲା। ଯେତେ ଖୋଜିଲା ପାଇଲା ନାହିଁ। ଶେଷକୁ ବାପାଙ୍କ ତକିଆ ତଳୁ ମିଳିଲା। ପଚାରିଲାରୁ କହିଲେ ମୋର ହାତୀରେ ଭାରି ସଉକ, ସେଥିପାଇଁ ନେଇଯାଇଥିଲି। ଆଜି ଭାଙ୍ଗିଯାଇଥାନ୍ତା ! .... କଥା ଯେତେବେଳେ ଏଯାଏଁ ଗଲାଣି, ମୁଁ କଣ କରିବି କିଛି ବୁଝିପାରୁନାହିଁ। ତମେ ସିନା ମୁହଁ ଖୋଲି କିଛି କହୁନ, ହେଲେ ମୁଁ ଜାଣୁଚି ତମ ଭିତରେ ଭିତରେ କି କଷ୍ଟ ହେଉଥିବ। କିନ୍ତୁ (ଦୀର୍ଘଶ୍ୱାସ ସହ) ମୁଁ ବା କଣ କରିପାରିବି ? (ଆଖି ପୋଛିଲା)।

Digitized by srujanika@gmail.com

ସୁଧାକର- (ନଲୁ କାନ୍ଧ ଉପରେ ହାତ ରଖି) ଛି ନଲୁ, କଣ ଏମିତି ହେଇଗଲା ଯେ ତମେ ଏମିତି ଭାଙ୍ଗିପଡୁଛ ?

ନଲୁ- (ଦୃଢ଼ କଣ୍ଠରେ) ବାପାଙ୍କର ଏଇସବୁ ଢଙ୍ଗ ଦେଖି ମୁଁ ଗୋଟାଏ କଥା ମନେମନେ ଠିକ୍ କରି ରଖିଚି। ଆଜି ଏ ଘଟଣା ପରେ ମୁଁ ଦେଖୁଛି ଆମର ଆଉ କିଛି ଉପାୟ ନାହିଁ।

ସୁଧାକର- କଣ ? ...... କଣ କହୁଚ ତୁମେ ?

ନଲୁ- ବାପ ବୋଉ ଦୁହେଁ ଯାଇ ଆମ କ୍ୱାର୍ଟର ପଛପଟ ଆଉଟ୍ ହାଉସ୍‌ରେ ରୁହନ୍ତୁ। ସେଠି ଗୋଟାଏ ଘର ଖାଲି ଅଛି।

ସୁଧାକର- କିନ୍ତୁ...... ।

ନଲୁ- ଘରଟା ଖୁବ୍ ଭଲଭାବରେ ମୁଁ ଧୋଇପୋଛି ସଫା କରିଦେବି। ବୋଉତ ଏବେ ସବୁବେଳେ ବିଛଣାରେ ପଡ଼ିରହୁଛି। ଆଉ ଡେରି ନୁହେଁ, ବାପା ବୋଉଙ୍କ ଖଟ ବିଛଣା ମୁଁ ଏଇ ସାଙ୍ଗେ ସାଙ୍ଗେ ଆଉଟ୍ ହାଉସ୍‌କୁ ପଠେଇ ଦଉଚି। ସେମାନଙ୍କର ଖିଆପିଆ ଚା'ପାଣି ସବୁ ସେଇଠି ହେବ। ବିଠୋବା ସବୁ କରିବ। ସେମାନେ ଏ ଘରୁ ଅଲଗା ନରହିଲେ ଆମେ ଚଳିପାରିବୁ ନାହିଁ।

ସୁଧାକର- ସେମାନଙ୍କ ପ୍ରତି ଆମେ ଏତେ କଠୋର ହେଇପାରିବା ?

ନଲୁ- ଆଉତ କିଛି ଉପାୟ ନାହିଁ। ମୁଁ ତ କହୁଛି, ସେମାନଙ୍କ ଦେଖା ଶୁଣା ସବୁ ମୁଁ କରିବି– ଭଲ ମନ୍ଦ ସବୁ ମୁଁ ବୁଝିବି। ସେଥିପାଇଁ ମୁଁ ଯେତେ କଷ୍ଟ ପାଏ ପଛେ, ଆମର ଏ ଘର ସଂସାରକୁ ନଷ୍ଟ କରେଇଦେବି ନାହିଁ। (ବଡ଼ ପାଟିରେ) ବିଠୋବା, ବିଠୋବା (ବିଠୋବା ଆସିଲା) ଶୁଣ, ତମେ ଯାଅ– ଆଉଟ୍ ହାଉସ୍‌ର ସେ ଖାଲି ଘରଟା ଭଲଭାବେ ଧୁଆଧୁଇ କରିଦିଅ। ଆଜିତ ଆଉ ବେଳ ନାହିଁ, କାଲି ସକାଳେ ବାପା ବୋଉଙ୍କ ଜିନିଷସବୁ ସେ ଘରକୁ ନେଇଯିବ, କାଲିଠୁ ବାପା ବୋଉ ସେଇ ଘରେ ରହିବେ।

ବିଠୋବା- ଆଜ୍ଞା।

ନଲୁ- ବାପା ବୋଉଙ୍କ ଖିଆପିଆ, ଚା' ପାଣି ସବୁ ସେଇଠି ହେବ। ଏ ସବୁ ଭାର ତମ ଉପରେ ରହିଲା। ଦେଖ ତମେ ଭଲଭାବେ ମନଧ୍ୟାନଦେଇ ବାପାବୋଉଙ୍କ କଥା ବୁଝିବ। ତାଙ୍କର ଯେମିତି କିଛି ଅସୁବିଧା ନହୁଏ। ମଲ୍ଲୀମାକୁ ବି କହିଦିଅ। ଯା।

ବିଠୋବା- ଆଜ୍ଞା ମେମ୍ ସାହେବ।

ନଲୁ- (କାନ୍ଦିଉଠି) ମୁଁ...... ମୁଁ...

ସୁଧାକର- ନଲୁ ?

Digitized by srujanika@gmail.com

ନଲୁ- ମୁଁ କଣ କରିବି ମତେ କୁହ ? ମୋ ଛାତି ଫାଟିଯାଉଛି। ବାପା ଏକଥା ଶୁଣିଲେ କହିବେ....... କହିବେ, ମୋ ମା'ଟା କାହିଁକି ଆଜି ମୋ ଉପରେ ରାଗିଯାଇଚି ? ହେଲେ ମୋର ଆଉ ଚାରା କଣ ? ଏ ଘରଟା ତ ମୁଁ ପୁଣି ସମ୍ଭାଳିବି। ମୁଁ ଆଖି ଆଗରେ ଦେଖୁଚି, ତମେ କେତେ ପରିଶ୍ରମ କରି, କେତେ ଦାୟିତ୍ୱ ସମ୍ଭାଳି ଏ ଘର ଠିଆ କରେଇଛ ! ଘରେ ଯଦି ସୁଖଶାନ୍ତି ନରହିଲା– ତମେ ଟିକେ ଶାନ୍ତିରେ ନ ରହିନ– ତା' ହେଲେ...... ନାଇଁ ଏ ସବୁ ମତେ କରିବାକୁ ପଡ଼ିବ। ହଁ, ମତେ। (କାନ୍ଦୁଥାଏ)

ସୁଧାକର- ନା, ନଲୁ ତମେ ବ୍ୟସ୍ତ ହୁଅନା, ମୁଁ ଅଛି। ତମେ ଭିତରକୁ ଚାଲ, ଏବେ ଟିକେ ବିଶ୍ରାମ ନିଅ, କାଲି ମୁଁ ସବୁକଥା ବୁଝିବି।

Digitized by srujanika@gmail.com

ଦ୍ବିତୀୟ ଦୃଶ୍ୟ

[ଆଉଟ୍ ହାଉସ୍‌ର ଗୋଟିଏ କୋଠରୀ। ସମୟ ସନ୍ଧ୍ୟା। ସାଦା ଖଟ ଉପରେ କାବେରୀ ଶୋଇଛନ୍ତି। ଅପ୍ପା ଗୋଟେ ପୁରୁଣା ଆରାମ ଚଉକି ଉପରେ ବସି ଜ୍ଞାନେଶ୍ୱରୀ ପୁରାଣର (ବା ଅନ୍ୟ କିଛି ପୁରାଣ)ର ପ୍ରଥମ ଅଧ୍ୟାୟ ବଡ଼ ପାଟିରେ ପଢ଼ି କାବେରୀଙ୍କୁ ଶୁଣାଉଥାନ୍ତି। ଦି'ଚାରିପଦ ପଢ଼ିସାରିଲାପରେ.......]

କାବେରୀ- ଶୁଣୁଚ !

ଅପ୍ପା- କଣ ହେଲା ?

କାବେରୀ- କେତେଟା ବାଜିଚି ?

ଅପ୍ପା- ମୁଁ କି ଜାଣେ ? ଯେବେଠୁ ମୋ ଘଣ୍ଟା ହଜିଲାଣି, ସେଇ ଦିନଠୁ ସମୟ ସାଙ୍ଗରେ ମୋର ଆଉ କିଛି ସମ୍ପର୍କ ନାହିଁ। ଏବେ ଆଉ ଘଣ୍ଟା ମିନିଟ୍ ନୁହେଁ ଦିନ ରାତିର ହିସାବ ରଖିବାକୁ ପଡ଼ିବ। (ପୁଣି ପଢ଼ିବାକୁ ଉଦ୍ୟତ ହେଲେ)

କାବେରୀ- ଶୁଣମ !

ଅପ୍ପା- ପୁଣି କଣ ?

କାବେରୀ- ଏ ପୁରାଣ ପାଠ ଆଜି ଏତିକିରେ ଥାଉ। ମୁଁ କିଛି ବୁଝିପାରୁନି।

ଅପ୍ପା- (ବହି ରଖିଦେଇ) ଭଲ କଥା, ଏ ବୟସରେ ଆମର ସତ୍ ଆଚରଣ ହେବ, ଏଇଥିପାଇଁ ଆମ ବନ୍ଧୁମାନେ ମିଳିମିଶି ଏ ପୁରାଣ ଖଣ୍ଡିକ ଆମକୁ ଉପହାର ଦେଇଥିଲେ। କିନ୍ତୁ ପ୍ରଥମ ଅଧ୍ୟାୟ ଶେଷ ନ ହେଉଣୁ ବିଲେଇ ଛିଙ୍କିଲାଣି। ବେଶ୍, କୁହ କଣ କହୁଚ ?

କାବେରୀ- ମୋ କଥା ଶୁଣି ହସିବ ନାହିଁ ତ ?

ଅପ୍ପା- ନା ହସିବି ନାହିଁ।

କାବେରୀ- ମତେ, ଆଜି ଭାରି ଶାନ୍ତି ଲାଗୁଛି।

ଅପ୍ପା- ଲାଗୁଚି ତ ଏମିତି କହି ହଉଚ କାହିଁକି ? ଏଇ ଚଉକାଠ ସେପାଖରେ କୋଉଠି ସଞ୍ଜବେଳିଆ ଡ଼ାଆଣୀ ବସି ତମ କଥା ଶୁଣୁଥିବ।

କାବେରୀ- ଶୁଣୁ ! ସେମିତି ଏପାଖ ଚଉକାଠ ସେପଟେ, ନିଜେ ଠାକୁରାଣୀ ବସି ମୋ କଥା ଶୁଣୁଥିବେ।

Digitized by srujanika@gmail.com

ଅପ୍ପା- ମତେ ତାହେଲେ ତମେ କହୁଚ ଯେ, ଆମେ ଦୁହେଁ ହାତ ଧରାଧରି ହୋଇ ନନ୍ଦକୁଞ୍ଜ ବଗିଚାକୁ ବୁଲିବାକୁ ଯିବା ?

କାବେରୀ- ହଉ ହେଲା। ତମେ ଯଦି ଏମିତି ଥଟ୍ଟା ପରିହାସ କରିବ, ମୋ ପାଟି ବନ୍ଦ।

ଅପ୍ପା- ଛାଡ଼, ମୁଁ ଏକ ମୂର୍ଖ। (ଉଠି ଠିଆହେଇ) ଏ ବଗିଚା କଥାରେ ମୋର ମନେପଡ଼ିଗଲା। ବୁଝିଲ ସର୍କାର, ଏଇ ଯେତେବେଳେ ମୁଁ ବାହାରୁ ଫେରିଲି ନା, ତମ ପାଇଁ ଗୋଟିଏ ସୁନ୍ଦର ମନୋହର ଜିନିଷ ଆଣିଚି। (କୋଟ୍ ପକେଟ୍ ଅଣ୍ଡାଳିଲେ।)।

କାବେରୀ- କଣ, କି ଜିନିଷ ?

ଅପ୍ପା- ଅନୁମାନ କରି କୁହ।

କାବେରୀ- ପୁଣି ଆଜି ପକୁଡ଼ି ଆଣିନ ତ ? ସେଦିନ ପରି......।

ଅପ୍ପା- ଖାଇବା ଜିନିଷ କିଛି ନୁହେଁ।

କାବେରୀ- ହଁ, ଜାଣିଲି। ଚମ୍ପାଫୁଲ।

ଅପ୍ପା- ସର୍ବଜାଣପରି କହିଦେଲ ! କେମିତି ଜାଣିଲ ?

କାବେରୀ- (ହସି) ଚମ୍ପାଫୁଲକୁ କିଏ ପୁଣି ଲୁଚେଇ ଛପେଇ ରଖିପାରିବ ? ତମେ ଆସିଲା ବେଳଠୁ ଏ ଘରେ ବାସ ଚହଟିଯାଉଛି। ପୁରାଣ ଶୁଣିଲି ବୋଲି ଫୁଲ କଥା କେମିତି ଭୁଲି ହେଇଗଲା।

ଅପ୍ପା- (କାବେରୀଙ୍କ ପାଖକୁ ଯାଇ) ତମ ବେଣୀରେ ଏ ଫୁଲଟି ଖୋସିବି ?

କାବେରୀ- ଛି, ଏଗୁରା କଣ କହୁଚ ? ଦିଅ ଫୁଲଟା ମତେ ଦିଅ। (ଫୁଲନେଇ) ଭାରି ସୁନ୍ଦର, ଭାରି ଭଲଗଛର ଫୁଲ। ବଗିଚାଟା କାହାର ?

ଅପ୍ପା- ବଗିଚା, ଯାହାର ହଉ, ଫୁଲର ମାଲିକ ହେଉଛନ୍ତି ସ୍ୱୟଂ ଭଗବାନ୍। ପ୍ରତ୍ୟେକ ଫୁଲର ପ୍ରତି ପାଖୁଡ଼ାରେ ଭଗବାନଙ୍କର ହସ୍ତାକ୍ଷର ରହିଛି। ଆକାଶର ତାରା ମଣ୍ଡଳ ପରି ଫୁଲ ହେଉଚି ଭଗବାନଙ୍କର ନିଜସ୍ୱ ସମ୍ପତ୍ତି। ଚମ୍ପାଗଛରୁ ଫୁଲ କେଇଟା ତୋଳିଲି ବୋଲି, ବଗିଚାର ମାଲିକ ଯେତେବେଳେ ମୋ ଆଡ଼କୁ ଚମକି ଆସିଲା, ମୁଁ ତାକୁ କହିଲି, ଶୁଣ ଭାଇ, ନିଜ ଘର ଛାତ ଉପରେ କେହି ଯଦି ଠିଆହୋଇ ଗୋଟେ ମିଞ୍ଜିମିଞ୍ଜି ତାରାକୁ ଦେଖିପାରିଲା, ସେ ତାରା ତାର ପୈତୃକ ସମ୍ପତ୍ତି ହେଇଯିବନି।

କାବେରୀ- (ହସି) ସେ କଣ ତମ କଥାକୁ ମାନିଗଲା ?

ଅପ୍ପା- ନା, ମୋ କଥାକୁ ସିଏ ମାନିଲାନି। କିନ୍ତୁ ଏ କଥାକୁ ଠିକ୍ ମାନିଲା ଯେ ମୁଁ ହେଉଛି କାର୍ଲେକାର ସାହେବଙ୍କ ଶ୍ୱଶୁର। ହଁ ଲୋକେ ଏସବୁ ଛୋଟ ଛୋଟ କଥାକୁ ଖାତିରି କରନ୍ତି, ବଡ଼ କଥାକୁ ନୁହେଁ।

Digitized by srujanika@gmail.com

କାବେରୀ- ଛାଡ଼ମ, କଣ ମିଳୁଛି ସେଥିରୁ। ତମେ ଏଠି ବସିବଟି ମୋ ପାଖରେ।
ଅପ୍ପା- (ଖଟ ଉପରେ ବସି) ବସିଲି।
କାବେରୀ- ତିନି ଚାରି ଦିନ ହେଲାଣି, କଥାଟା ମୋ ମନଭିତରେ ଘାଣ୍ଟି ହେଉଚି।
ଅପ୍ପା- କୁହ କି କଥା ?
କାବେରୀ- ମତେ କାହିଁକି ଲାଗୁଚି, ଆମେ ଆଉ ଏଠି ରହିବା ଠିକ୍ ହବନି।
ଅପ୍ପା- ଯିବା କୁଆଡ଼େ ?
କାବେରୀ- ତମ ଗାଁକୁ- ମୋର୍‌ବାଡ଼ି।
ଅପ୍ପା- କାବେରୀ ?
କାବେରୀ- କ'ଣ ?
ଅପ୍ପା- ତମକୁ ଏଠି ଭାରି କଷ୍ଟ ହଉଚି, ନା ?
କାବେରୀ- ମତେ ଆଉ କଣ ପଚାରୁଚ ?
ଅପ୍ପା- ବୁଝିଲି। ଏଇ ଗୋଦାମ ଘରକୁ ଆମ ଜିନିଷପତ୍ର ବୁହାହେଇ ଆସିଲାପରେ, ସବୁକଥା ତମ ଆଖିରେ ସ୍ପଷ୍ଟ ହେଇଗଲା। କିନ୍ତୁ ଝୁଅ ଜ୍ୱାଇଁ ଦୁହେଁ ଖୁବ୍ ଭଲ। ମାନେ ପାଠପଢ଼ି ଖାଲି ଶିକ୍ଷିତ ହେଇନାହାନ୍ତି। ଭଦ୍ର ବ୍ୟବହାର କଣ ଜାଣନ୍ତି। ପେଟ ଭିତରେ ଯାହା ଥାଉନା କାହିଁକି ମୁହଁ, ଖୋଲି ଅଭଦ୍ର ଆଚରଣ କରିନାହାନ୍ତି। ଏ ପରିସ୍ଥିତିରେ ଆମର ଉଚିତ ହଉଚି, ଆମେ ଏମିତି ଚଳିବା, ଯେମିତି ଆମେ ଏସବୁ, କିଛି ଜାଣିନୁ। ଆମର ଉଚିତ୍ ଆମ ହାତ ମୁଠାକୁ ଯାହା ଆସିଲା ଆମେ ତାକୁଇ ଧରି ରହିଯିବା। ଏଥିରେ ଆମର ବିଚାର ବୁଦ୍ଧି ଅଛି ବୋଲି ଜଣାପଡ଼ିବ।
କାବେରୀ- ନାଇଁ ନାଇଁ– ଏଠି ଯୋଉ ଅବସ୍ଥାରେ ମୁଁ ଅଛି ସେଥିରେ ମୋର ବିଚାର ବୁଦ୍ଧି କୁଆଡ଼େ ହଜିଯାଉଛି।
ଅପ୍ପା- ଆଉ ଗାଁକୁ ଗଲେ ହଜିବନି ? ସବୁ ଠିକ୍ ହେଇଯିବ ? ଏମିତି ନାମଜାଦା ଡ଼ାକ୍ତର ତ ଗାଁ'ରେ ମିଳିବେନି।
କାବେରୀ- ନ ମିଳନ୍ତୁ। ହେଲେ ଏଠି ଆଉ ନୁହେଁ, ଏଠିକି ଯେତେବେଳେ ଆମେମାନେ ନୂଆ ନୂଆ ଆସିଲେ, ସେ ଦିନତ ଆଉ ନାହିଁ। ସେଦିନ କୁଆଡ଼େ ଲୁଚିଗଲାଣି। ମନଖୁସିରେ ଏକାଠି ବସିବା ଉଠିବା, ଖାଇବା, ପିଇବା, ଏମିତିକି ଭଲମନ୍ଦରେ ଦି'ଚାରିପଦ କଥାବାର୍ତ୍ତା ହେବାକୁ ବେଳ ନାଇଁ। ହସଖୁସି ନାହିଁକି, ରାଗ ଅଭିମାନ ନାହିଁ। ଚାରିଦିନ ହେଇଗଲା ସେ ଦିହିଁଙ୍କ ମୁହଁ ଟିକେ ମୁଁ ଦେଖି ପାରିଲିନି।
ଅପ୍ପା- ସେମାନଙ୍କର କେତେ କାମ। ଆମ ଦିହିଁଙ୍କ ପରି ତ ବେକାର ହେଇ ବସିନାହାନ୍ତି। ଦେଖୁଚତ, ଝୁଅଟା ତମର ସକାଳୁ ସଞ୍ଜଯାଏ କେମିତି

Digitized by srujanika@gmail.com

ଲୋଟଣି ପାରା ଭଳି ଖଟୁଚି। ବଡ଼ ଇଞ୍ଜିନିୟର ବୋଲି ସୁଧାକର ମୁଣ୍ଡ ଉପରେ ସବୁଯାକ ଦାୟିତ୍ୱ। କାମ ଉପରେ କାମ– ତା ଉପରେ ଅନ୍ୟ ଅଫିସର ଆଉ ଗେଷ୍ଟମାନଙ୍କର ଯିବା ଆସିବା ଲାଗିଚି। ଆମେ କଣ ଏସବୁକୁ ଆଖି ବୁଜିଦେଇ ବସିବା।

କାବେରୀ- ମୁଁ କଣ ସେକଥା ବୁଝି ପାରୁନି? ଭିତରେ ଭିତରେ ଝିଅ ଜ୍ୱାଇଁ ଯାହା ଭାବନ୍ତୁ ପଛେ, ଏବେ ତ ଉପରେ ଉପରେ ଆମେ ଜାଣିବାକୁ ସବୁ ଠିକ୍ ଅଛି। ଏତିକିବେଳେ ଆମେ ସେମାନଙ୍କ ପାଖରୁ ଦୂରେଇଯିବା। ଏଠି ରହି ତାଙ୍କର ଭଲ ଗୁଣ, ଆଉ ମନ୍ଦଗୁଣର ପରୀକ୍ଷା ନେବା ଠିକ୍ ହବନି। ତାଙ୍କ ସାଙ୍ଗରେ ଯଦି ଭଲ ସମ୍ପର୍କ ରଖିବାକୁ ଚାହୁଁଛ, ଆମେ ବାପମା ହେଇ ସେମାନଙ୍କର ମଙ୍ଗଳ ଚାହିଁବା, ଆଉ ସେମାନେ ଝିଅ ଜ୍ୱାଇଁ ହେଇ ଆମକୁ ସ୍ନେହ କରିବେ, ଶ୍ରଦ୍ଧା କରିବେ– ଯଦି ସତ ସତରେ ଏଇଆ ତୁମେ ଚାହୁଁଥାଅ, ତେବେ ଚାଲ ଆମେ ଆଜି ଗାଁକୁ ଚାଲିଯିବା। ଭଲରେ ଭଲରେ ତାଙ୍କଠୁ ଦୂରେଇ ଗଲେ ତାଙ୍କର ମଙ୍ଗଳ, ଆମ ମନରେ ଶାନ୍ତି।

ଅପ୍ପା- (ଉଠି ଠିଆହେଇ) ତୁମେ ଠିକ୍ କହିଛ ସର୍କାର– ମୁଁ ମନେ ମନେ ଯାହା ଭାବୁଥିଲି, ତମେ ମୁହଁ ଖୋଲି ସେସବୁ କହିଦେଇଛ। ଆମେ ସିଧା ଗାଁକୁ ଚାଲିଯିବା। କିଛି ଜଞ୍ଜାଳ ନାହିଁ, କିଛି ଝନ୍‌ଝଟ୍ ନାହିଁ। ଆମ ଝିଅ ନଲୁ, ସବୁଦିନ ପରି ହସି ଖେଳି, ଆମପାଖକୁ ଆସିବ। ତାର ସେଇ ମେମ୍ ସାହେବ ଝିଅ! ତାକୁ ମୁଁ ଆମ ଗାଁ, ନଈ ପାଣିରେ ବୁଡ଼େଇ ବୁଡ଼େଇ ଛାଡ଼ିଦେବି। ଆଉ...... ଆଉ ନନ୍ଦା, ଶାରଦା, ଆଉ ସେ ଭଦ୍ଦଣା ଟୋକି ସୁହାସ– ଏମାନେ ସମସ୍ତେ ଗାଁକୁ ଆସିବେ। ବୁଝିଲ ସର୍କାର, ସେ ଟୋକିଟାକୁ ମୁଁ ମୋଟେ ଭୁଲିପାରୁନି। ମୋ ମନ ପ୍ରାଣ ଭିତରେ ମୁଁ ଯେମିତି ଦିନ ରାତି ଡ଼ାକି ହଉଚି....... ନା, ଆଉ ନୁହେଁ, ଆଉ ରାଗନାହିଁ, କ୍ରୋଧ ନାହିଁ, ବେଢ଼ଙ୍ଗ ପଣ ନାହିଁ। ଯାହା ହବାର ଥିଲା ହେଇଗଲା। ଆମେ ଗାଁରେ ରହିବା। ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ସମସ୍ତେ ଆମ ପାଖକୁ ଆସିବେ। ପିଲାମାନେ ପ୍ରତିଦିନ ସନ୍ଧ୍ୟାରେ, ମହାଦେବ ମନ୍ଦିରକୁ ଯିବେ। ରାତିରେ ଜହ୍ନ ଆଲୁଅରେ ଅଗଣାରେ ବସି ସମସ୍ତେ ଆମେ ଖାଇବୁ...... ମୁଁ ରାଜି ସର୍କାର– ତମ କଥାରେ ମୁଁ ରାଜି। ନଲୁ ସୁଧାକର ଓ ତାଙ୍କର ପିଲାଦୁହେଁ ଯିବେ। କଥାରେ ଅଛି– ଝିଅଘରକୁ ଖାଲି ଦଉଥିବ– ଝିଅ ଘରୁ ପାଣିମଦେବି ପିଇବ ନାହିଁ। ଅତି ଉତ୍ତମ କଥା, ସେମାନେ ଗାଁକୁ ଗଲେ ଆମ ଶକ୍ତିମତେ ଆମ ଝିଅକୁ ଆମେ କିଛି ମନଖୁସୀରେ ଦେଇନେଇ ପାରିବା।........

Digitized by srujanika@gmail.com

ମୁଁ ଆଜି ପଛକୁ ଫେରିଚାହିଁ ଦେଖୁଚି— ଭୁଲ୍ ଆମେ ହିଁ କରିଛୁ..... ବାସ୍, ଏକଥା ଠିକ୍ ହେଲା ଆମେ ଗାଁକୁ ଯିବା। ରକ୍ଷା ହେଇଚି ଘରଟା ମୁଁ ଏପାଖ ସେପାଖ କରିନେଇଁ। କିନ୍ତୁ ବର୍ତ୍ତମାନ ଘରର ଅବସ୍ଥା ଯେ କଣ ହେଇଥିବ, ସେକଥା ଭଗବାନ ଜାଣନ୍ତି।

କାବେରୀ- ସେ ଚିନ୍ତା ତମେ କରନାଇଁ। ଆମେ ଯାଇ ଘରେ ପାଦ ଦେଲାକ୍ଷଣି, ମୋର ରୋଗ ବେମାର ସବୁ କୁଆଡ଼େ ଉଭେଇଯିବ। ମୋ ନିଜ ହାତରେ ମୁଁ ସବୁ କାମ କରିବି। ମାଟି କାନ୍ଥ ମାଟି ଅଗଣା ଲିପିବି। ପକ୍କା କାନ୍ଥ ଚୂନ ଧଉଳେଇବି। ଦେଖିବ, ମୁଁ ଅଣ୍ଟାରେ ଥରେ ପଣତ ଗୁଡ଼େଇବିତ ତମ ଘରଟା ଆଉ ଘର ନରହି ରାଜମହଲ ହେଇଯିବ। ଖାଲି ତମକୁ ଡ଼ର। ମୁଁ ତମକୁ ଏବେଠୁ କହି ରଖୁଚି— ମୁଁ କାମ କଲାବେଳେ ତମେ ମୋ ପଛେ ପଛେ ଗୋଡ଼େଇ, ମତେ ଏକଥା ସେକଥା ପଚାରି ହଇରାଣ କରିବନି। ତମକୁ ମୋର କିଏ ପାରିବ?

ଅପ୍ପା- ଭଲ ହେଲା। ସର୍କାର, ତମେ ଏବେଠୁ ମତେ ସତର୍କ କରେଇ ଦେଲ। ମୁଁ ତମ କଥା ମାନିବି। ତେବେ ଘରେ ପହଞ୍ଚିଲାପରେ କଥାଟା ମନେ ରହିଲେ ହେଲା।

କାବେରୀ- ହେ ପ୍ରିୟତମ........।

ଅପ୍ପା- ପ୍ରିୟତମ?

କାବେରୀ- ଛି ଛି! ମୁଁ ମରିଯାଆନ୍ତି ହେଲେ, କି କଥା ନାହିଁ କି କଥା ପାଟିରେ ପଶିଯାଉଛି।

ଅପ୍ପା- ହେଲା ଏବେ ଏଥିରେ ଏମିତି ବ୍ୟସ୍ତ ହେବାର କଣଅଛି? ଧରିନିଅ ତମେ ତପସ୍ୟା କରୁଥିଲ। ତମ ଉପରେ କେହି ସୁବାସିତ ଜଳଢ଼ାଳି, ତମ ତପସ୍ୟା ଭଙ୍ଗ କରିଚି।.... ହଁ, କଣ କହୁଥିଲ ତମେ?

କାବେରୀ- କହୁଥିଲି କି, ବାରିପଟ ଅଗଣାରେ ଗୋଟିଏ ଭଲ ଆଖିଦୃଶିଆ ତୁଳସୀ ଚଉରା କରେଇବା।

ଅପ୍ପା- ତଥାସ୍ତୁ।

କାବେରୀ- ଯୋଉ ହାରଟା ବିକିଥିଲି, ସେଥିରୁ ଦେଢ଼ ହଜାର ଯାଏ ଟଙ୍କା ମୋ ପାଖରେ ଅଛି।

ଅପ୍ପା- ସତେ ତ! ମୁଁ ଭୁଲିଯାଇଥିଲି। କୋଉଠି ରଖିଛ ସେ ଟଙ୍କା।?

କାବେରୀ- (ଖଟ ତଳକୁ ଦେଖାଇ) ଏଇ ଏ ଟ୍ରଙ୍କରେ। ତା'ଛଡ଼ା କେଇ ଖଣ୍ଡ ସୁନା ଜିନିଷ— ପଟେ କଡ଼ା, ଚାରିପଟ ଚୁଡ଼ି, ଦି'ଟିନିଟା ମୁଦି ଆଉ କିଛି ରେଜା ସୁନା। ମୁଁ ଭାବୁଛି ଗହଣାତକ ବିକିଦେଇ ମାଣେ ଦି'ମାଣ ଚାଷ ଜମି......।

Digitized by srujanika@gmail.com

ଅପ୍ପା- କାହିଁକି ? ଆମର ସବୁ ଜମି ତ ବିକ୍ରି ହେଇନି। ଏବେ ବି କିଛି ଚାଷ ଜମି ଆମ ହାତରେ ଅଛି।

କାବେରୀ- ସେଇ ଟଙ୍କାରେ ଆମେ ଚାଷ ସରଞ୍ଜାମ କିଣିବା- ହଳ ବଳଦ- ଆଉ ତୁମେ ହବ......।

ଅପ୍ପା- କଣ ମୁଁ ହେବି ?

କାବେରୀ- ଓ ହୋ କଣ ତାକୁ କହନ୍ତିଟି ? ଯିଏ ଚାଷ କାମ କରେମ ?....

ଅପ୍ପା- ଚାଷୀ— କୃଷକ— କିଷାନ।

କାବେରୀ- (ହସି) ହଁ ସେଇଆ।

ଅପ୍ପା- (ଖୁବ୍ ଖୁସୀ ହୋଇ) ସାବାସ୍! ସୁନ୍ଦର ଚମତ୍କାର କଳ୍ପନା! ଆଷାଢ଼ର ପ୍ରଥମ ବାରି ବର୍ଷଣରେ, ଉତପ୍ତ ଧରଣୀ ପୃଷ୍ଠରୁ ମନ ମତାଣିଆ ମାଟିର ବାସ୍ନା ଛୁଟି ଆସୁଥିବ, ମୁଁ ସେତେବେଳେ ଦେଖିବି ସୁନାର ଫସଲର ସ୍ୱପ୍ନ। ହଳ ଲଙ୍ଗଳ ନେଇ ମୁଁ ବିଲକୁ ଯିବି। ପଲ୍ଲୀ ଆକାଶର ମୁକ୍ତ ମଧୁ ମଦିରା ପାନକରିବି। ଜୀବନରେ କେବେ ମୁଁ ଷ୍ଟେଜରେ ଗୀତଗାଇନି। ଗାଁରେ ଚାଷ କାମ ପାଇଁ କୂଅରୁ ପାଣି ଉଠାଇଲା ବେଳେ ଗୀତ ଗାଇବି। ଯଦି ଗାଇ ନପାରିବି ତେବେ ମୋର ବହୁତ ଡ଼ାଏଲଗ୍ ମୁଖସ୍ଥ ଅଛି। ଗୋଟାଏ ପରେ ଗୋଟାଏ ନାଟକର ଡ଼ାଏଲଗ କହି କହି ହଳ କରିବି, ଧାନ ବୁଣିବି, ଆଉ ସୂର୍ଯ୍ୟ ଯେତେବେଳେ ମୁଣ୍ଡ ଉପରକୁ ଉଠିବେ, ତମେ ମୁହଁ ଉପରକୁ ଓଢ଼ଣା ଟାଣି ମଥା ଉପରେ ଠେକା ରଖି, ଠେକା ଉପରେ ମୋ ଖାଇବା ନେଇ ବିଲକୁ ଆସିବ। ଏମିତି ଚାହିଁଚ କଣ ? ଏବେଠୁ କହିଦଉଛି ତମେ ନିଜେ ଖାଇବା ନେଇ ବିଲକୁ ଆସିବ। ଚାକର ବାକର କାହାକୁ ପଠେଇବ ତ ସବୁ ଖାଇବା ଜିନିଷ ମୁଁ ମାଟିରେ ପୋତିଦେବି। ମୋ ବ୍ରହ୍ମ ଚଣ୍ଡାଳ ରାଗ କଥାତ ତମେ ଜାଣିଚ।

କାବେରୀ- (ହସି) ଯିବି ବାବା— ମୁଁ —ମୁଁ ଯିବି। ତମେ ବିଲରେ ହଳକରିବ, ତମ ପାଇଁ ମୁଁ ପାଣି ପଖାଳ ନେବି ନେଇଁ ? ମୁଁ ନେ'ବି।

ଅପ୍ପା- ଆଉ ଗୋଟିଏ କଥା— ତୁମର ଯେମିତି ତୁଳସୀ ଚଉରା ଦରକାର, ମୋର ସେମିତି ଥିଏଟର ମଞ୍ଚ ଦରକାର। ଆମ ଦାଣ୍ଡ ପିଣ୍ଡାକୁ ମୁଁ ଥିଏଟର ମଞ୍ଚ କରିବି। ସେଠି ମୋର ନାଟକ ବହିସବୁ ରହିବ। ଯେତେବେଳେ ମୋର ମନ ଚାହିଁବ ମୁଁ ନାଟକ ବହିପଢ଼ି ଅଭିନୟ କରିବି। ରାଜି ?

କାବେରୀ- ହଁ ରାଜି।

ଅପ୍ପା- ଦେଖ; ମୋ ଡ଼ାଏଲଗ୍ ଶୁଣିଶୁଣି ତମ କାନ ଅତଡ଼ା ପଡ଼ିଯାଉଚି ବୋଲି ଯେମିତି ତମଠୁ ମୁଁ ଆପତ୍ତି ନଶୁଣେ।

Digitized by srujanika@gmail.com

କାବେରୀ- (ହସି) ନାଇଁ ଶୁଣିବ ନାହିଁ।

ଅପ୍ପା- ମୋ ଥିଏଟରରେ ରାମଜୀ ଠାକୁର, ମାୟାଜୀ ଠାକୁର, ଗଙ୍ଗାରାମ ଜାଗ୍ରଲେ, ମହାଦେବ କୋଲି ଏମାନେ ସମସ୍ତେ ଖୁବ୍ ଖୁସୀ ହେବେ। ତାପରେ ମୁଁ ସଞ୍ଜବେଳେ ଗାଁ ଚଉତରାକୁ ଯାଇ ସେଠି ଆଉ ପାଞ୍ଚଜଣଙ୍କ ସାଙ୍ଗରେ ଆଡ୍ଡା ଦେବି। ସମସ୍ତଙ୍କ ସାଙ୍ଗରେ ହସଖୁସୀରେ ମନଖୋଲା କଥା କହିବି, ସେମାନଙ୍କ କଥା ଶୁଣିବି। ଏ ଯାଏଁ ମୋର ଦେହ ମନ ଯେମିତି ଗୋଟାଏ ଜଞ୍ଜିରରେ ବାନ୍ଧିହୋଇ କଣ୍ଢାପୋଡ଼ି ହୋଇଯାଉଥିଲା। ସେ ଜଞ୍ଜିର ମୁକୁଳିଯିବ। ଛିନ୍ନହୋଇଯିବ। ମୁଁ ସ୍ୱାଧୀନ ହେଇଯିବି କାବେରୀ...... ମୁଁ ମୁକ୍ତ ଶୃଙ୍ଖଳହୀନ ହୋଇଯିବି। କାବେରୀ- କାବେରୀ!

କାବେରୀ- ପିଲାଙ୍କପରି ଏତେ ଜୋର୍‌ରେ କାହିଁକି ପାଟି କରୁଚ? ଏମିତି ବଡ଼ ପାଟିରେ କାବେରୀ କାବେରୀ ଡ଼ାକିଲେ ଲୋକେ କଣ କହିବେ।

ଅପ୍ପା- କହିବେ କି ବୁଢ଼ା ଏ ବୟସରେ ବି ତାର ସ୍ତ୍ରୀ ନାଁଟିକୁ ଭୁଲିନାହିଁ। (କାବେରୀ ପାଖକୁ ଆସି କାବେରୀର ହାତ ଧରି) କାବେରୀ ଆମ ବାହାଘର ପଚାଶବର୍ଷରୁ ବେଶୀ ହୋଇଗଲା। କିନ୍ତୁ ଗୋଟାଏ କଥା ମୁଁ ତମକୁ କହିବାକୁ ଭୁଲିଯାଇଛି। ଆଜି କହିବି।

କାବେରୀ- କୁହ।

ଅପ୍ପା- ମୋ ଆଖିକୁ ତୁମେ ଖୁବ୍ ସୁନ୍ଦର ଦେଖାଯାଉଚ। ଭାରି ଭଲ ଦେଖାଯାଉଚ। ଭଲ ଦେଖାଯାଉଚ କାବେରୀ। ମୁଁ ତୁମକୁ ଖୁବ୍- ଖୁବ୍ ଭଲ ପାଏ।

କାବେରୀ- (ଆନନ୍ଦରେ ହସି ହସି) ଇଏ ଗୋଟେ ପୁଣି କହିବାର କଥା? ମୁଁ କଣ ଏକଥା ଜାଣି ନଥିଲି।

ଅପ୍ପା- ତଥାପି ଏଇ କଥାଟା ଆଜି ମୁଁ ମନଖୋଲି କହିବାକୁ ମୋର ପ୍ରାଣ ଚାହିଁଲା।

କାବେରୀ- ମୁଁ ଗୋଟାଏ କଥା ପଚାରିବି— ରାଗିବ ନାଇଁ?

ଅପ୍ପା- ନାଁ, ପଚାର।

କାବେରୀ- (ହସହସ ମୁହଁରେ) କେତୋଟି ପ୍ରେମିକା ତମର ଥିଲେ?

ଅପ୍ପା- (ହସିଉଠି) ଆରେ ବାବା! ଯୌବନ କୁଆଡ଼େ କୋଉଠି ହଜିଗଲାଣି, ଏ ବୟସରେ ଏ ହିସାବ ତମକୁ କିଏ ଦବ? ତେବେ ଗୋଟାଏ କଥା ମୁଁ କହି ରଖୁଛି କାବେରୀ, ମୋ ଜୀବନରେ ପ୍ରେମିକା କଣ ମୁଁ ଜାଣିନି, ହଁ ଜଣେ ଅଧେ ବାନ୍ଧବୀ ମୋର ଥିଲେ।

କାବେରୀ- ମୁଁ ତମର ବାନ୍ଧବୀ ନୁହେଁ?

ଅପ୍ପା- ତୁମେ ମୋ ସ୍ତ୍ରୀ।

Digitized by srujanika@gmail.com

କାବେରୀ- ସ୍ତ୍ରୀ କଣ ବାନ୍ଧବୀ ହୋଇ ପାରିବନି ?

ଅପ୍ପା- ହୋଇ ପାରିବ– ହେଉଛନ୍ତି ବି। କିନ୍ତୁ ସେମାନେ ବାନ୍ଧବୀ ଅପେକ୍ଷା ବେଶୀ ମା'ର ଆସନ ଗ୍ରହଣ କରିଛନ୍ତି। ମୁଖଶାଳା ଅପେକ୍ଷା ମନ୍ଦିର ବଡ଼! ଆକାଶ ଅପେକ୍ଷା ପୃଥିବୀ ବଡ଼। ମୁଁ ଏତିକି କହିବି କାବେରୀ ସ୍ୱାମୀ ହେଉଛି ଗୋଟିଏ ଜାହାଜ ଆଉ ସ୍ତ୍ରୀ ତାର ପୋତାଶ୍ରୟ।

କାବେରୀ- କଥାଟା ଟିକିଏ ଟିକିଏ ବୁଝିଚି ଯେ ପୁରା ବୁଝିବାଭଳି ବୁଦ୍ଧିଜ୍ଞାନ ମୋର ନାହିଁ।

ଅପ୍ପା- ଜାହାଜ ତାର ପାଲ ଟାଣି ସାତ ସମୁଦ୍ର ଯାତ୍ରାକରେ।

କାବେରୀ- ସାତ ସମୁଦ୍ର ?

ଅପ୍ପା- ସ୍ୱାମୀର ଏ ସାତ ସମୁଦ୍ର ହେଲା ତାର ପେଶା, ତାର ବ୍ୟବସାୟ, ବାଣିଜ୍ୟ, କଳା, ପ୍ରେମ, ପରିଣୟ, ହିଂସା ସବୁକିଛି। ଏଇ ସବୁ ସମୁଦ୍ର ଭିତରକୁ ଯାଅ ବର୍ଷାବତାସ ଝଡ଼ ତୋଫାନର ସମ୍ମୁଖୀନ ହୁଅ ନିର୍ମଳ ରାତିରେ ତାରାପୁଞ୍ଜକୁ ଚାହିଁ ଦେଖ– ଚନ୍ଦ୍ରାଲୋକରେ ସ୍ନାନ କର ସକାଳ ହେଲେ ଦୂରରୁ ସମୁଦ୍ର କୂଳ ତଟଭୂମି ଦେଖି ଆନନ୍ଦ ଉପଭୋଗ କର ଉତ୍ତାଳ ତରଙ୍ଗର ପ୍ରଖରତା ଅନୁଭବ କର.... ଜାଣିଚତ ଜୀବନଟା ତିଳତିଳ ହୋଇ ମୃତ୍ୟୁ ଆଡ଼କୁ ଆଗେଇ ଚାଲିଛି। ତଥାପି ଜାହାଜଟିର ଆଖି ସବୁବେଳେ ପଡ଼ି ରହିଛି ତାର ସେଇ ପ୍ରିୟ ପୋତାଶ୍ରୟଟି ଉପରେ। ତାର ଯାତ୍ରା ପଥରେ ହାରିଯାଉ କି ବିଜୟ ଲାଭ କରୁ ସିଏ ଫେରି ଆସିବ ସେଇ ବନ୍ଦର– ସେଇ ପୋତାଶ୍ରୟକୁ। କ୍ଷତବିକ୍ଷତ ହେଉଥାଉ କିମ୍ବା ସୁସ୍ଥ ସବଳ ରହିଥାଉ ପୋତାଶ୍ରୟ ଭିତର ଶାନ୍ତ, ସୁନ୍ଦର ନୀଳ, ଜଳରାଶି ହେଉଛି ଜାହାଜର ଆଶ୍ରୟସ୍ଥଳ। ବିଜୟର ଜୟଜୟକାର ଆଉ ପରାଜୟର ଗ୍ଲାନିପାଇଁ ସାନ୍ତ୍ୱନା ସବୁ ରହିଚି, ସେଇ ପୋତାଶ୍ରୟ ଭିତରେ। ଏତେ ମହାନ ଆଉ ଏତେ ସୁଖ ଶାନ୍ତିର ଭଣ୍ଡାର ହେଉଛି। ଜାହାଜର ଚିର ଆକାଂକ୍ଷିତ ପୋତାଶ୍ରୟ, ମାନେ ତାର ସ୍ତ୍ରୀ ମାନେ ତୁମେ।

କାବେରୀ- (ହସିହସି) ପୋତାଶ୍ରୟରେ ଏସବୁ ଭଲଗୁଣ କାନକୁ ଭଲ ଶୁଭୁଛି ଯେ। ତମେ ମତେ ସତ କୁହତ, ମେନକା କଥା ତମର.... ମନେ ପଡ଼େ ?

ଅପ୍ପା- ଜୀବନର ବହୁ ଆଘାତ ଭିତରେ, ଇଏ ବି ଏକ ଆଘାତ। ପୁଣି ଆଘାତକୁ ମୁଁ ମୋ ପୋତାଶ୍ରୟ ଭିତରକୁ ନେଇଆସିଥିଲି। ଏଇଠି ହିଁ ତାର ମୃତ୍ୟୁ ହେଲା।

କାବେରୀ- (ଖୋଲାହସ ହସି) ମୁଁ ଜାଣିଥିଲି ତମେ ଏଇକଥା କହିବ। ମନ ବୁଝିବାଲାଗି ଖାଲିଥରେ ତମକୁ ପଚାରିଦେଲି। ଏଣିକି ଆଉକିଛି ଅବଶୋଷ ରହିବ ନାହିଁ। ଗୋଟାଏ ବୋଝ ଯେମିତି ମୋ ମୁଣ୍ଡ ଉପରୁ ଓହ୍ଲେଇଗଲା। ଏବେ ହସିହସି ଯାଇ କୋକେଇରେ ଶୋଇ ପଡ଼ିବି।

Digitized by srujanika@gmail.com

ଅପ୍ପା- କଣ ମୋ ଆଗରୁ ?

କାବେରୀ- ହଁ, ତେବେ ଯାଇତ ମୋ ଜନ୍ମ ସାର୍ଥକ ହେବ।

ଅପ୍ପା- ଆଉ ମୋ ଅବସ୍ଥା କଣ ହେବ ? ବନ୍ଦର ନ ରହିଲେ ଜାହାଜ କୋଉଠି ରହିବ ?

କାବେରୀ- (ହସିହସି) ନାଇଁମ ମରୁଚି କିଏ ? ମୁଁ ଏତେ ଚଞ୍ଚଳ ମରିବି ନାହିଁ। ଆଉ ମୁଁ ବଞ୍ଚିଥିବା ଯାଏ ତମେ ମତେ ଛାଡ଼ି ଯାଇପାରିବ ନାହିଁ। ହେଲେ, ଆମର ମୋରବାଡ଼ି ଯିବା ନିଶ୍ଚଭି ଠିକ୍।

ଅପ୍ପା- ନିଶ୍ଚଭି ଠିକ୍—ଠିକ୍—ଠିକ୍।

(ହାତରେ ଔଷଦ ପାଣିଗ୍ଲାସ ପ୍ରଭୃତି ଆଣି ବିଠୋବା କହି କହି ଆସିଲା।)

ବିଠୋବା- ଶପଥ ନିଅ— ଶପଥ ନିଅ— ଶପଥ ନିଅ।

ଅପ୍ପା- ହଁ, ହଁ ଶପଥ ନେଲି, ମୁଁ ମୋରବାଡ଼ି ଯିବି।

ବିଠୋବା- ମୋରବାଡ଼ି ନା ଚୋର ବାଡ଼ି ?

ଅପ୍ପା- ନିର୍ବୋଧ।

ବିଠୋବା- ମତେ ବି ଟିକିଏ ମଉଜ ମଜ୍‌ଲିସ୍ ଜଣା ଅଛି— ପିଲାଦିନୁ ମୋ ଉପରେ ଗଡ଼କରଜୀଙ୍କ ଛାଇ ପଡ଼ିଚି। ସେଇଥିପାଇଁ ତ ଲୋକେ ମତେ ବିଠୋବା ନ କହି ବିଟୋବା କହୁଥିଲେ।

ଅପ୍ପା- ମୁଁ ପୁଣି କହୁଚି ତମେ ଏକ ନିର୍ବୋଧ। ଏଇଟା କଣ କୋଉ ନାଟକ କମ୍ପାନୀର ଆଡ୍‌ଡ଼ା ହେଇଛି ଯେ ତୁମେ ଏଠି ଏମିତି ବ୍ୟଙ୍ଗ ପରିହାସ କରିବ ?

ବିଠୋବା- ଅପ୍ପା ସାହେବ, ନାଟକ ବାଲାଙ୍କର ଦୁନିଆ ହଉଚି କଲନ୍ଦର ମାନଙ୍କ ଦୁନିଆ ଯୋଉମାନେ ସଂସାରର ସବୁ ଛାଡ଼ିଛୁଡ଼ି ଅଲଗା ହୋଇ ରହିଥାନ୍ତି। କିନ୍ତୁ ନାଟକ କମ୍ପାନୀର ଆଡ୍‌ଡ଼ା ଘରେ ଯେତେ ଭଦ୍ରଲୋକ ଜ୍ଞାନୀ ଲୋକ ରହିଥାନ୍ତି, ଆମ ବାବୁ ଭାୟା ଭଦ୍ରଲୋକ ବୈଠକଖାନାରେ ସେମିତି ଜ୍ଞାନୀ ଗୁଣିଲୋକ ପାଇବେନି। ଏଇ ନିଅନ୍ତୁ ଆଜ୍ଞା— ଏ ଔଷଦ— ଇଏ ମା'ଙ୍କର ଇଏ ଆପଣଙ୍କର..... ଅପ୍ପା ସାହେବ ମୁଁ ଚୋରି କରିନାଇଁ ବୋଲି କଣ ଏଠି ଥରେ ଶପଥ ନେବି ?

ଅପ୍ପା- ପାଗଳକା କ'ଣ ......

ବିଠୋବା- (ଯାଉଯାଉ) ମୁଁ ଯଦି ଅପ୍ପା ସାହେବ, ଜୀବନରେ କିଛି ଚୋରିକରିଥାଏ, ତାହା ହେଉଛି ନାଟ୍ୟକାରମାନଙ୍କ କଥା— ଯାହା ସେମାନେ କହିଯାଇଛନ୍ତି। ବାସ୍, ଏତିକି। ଏହାଛଡ଼ା ମୁଁ ଆଉ କେବେ କିଛି ......

ଅପ୍ପା- ଆରେ ବାବୁ ତୁମେ ଯେ ଚୋରି କରିଛ ସେ କଥା କହୁଚି କିଏ ?

ବିଠୋବା- ଚୋରି କରିଚି, ଏକଥା କେହି କହୁନାହାନ୍ତି ସତ। ମାତ୍ର ଚୋରି କରିନାହିଁ ଏକଥା ବି କେହି କହୁନାହାନ୍ତି...... ଯାଉଚି ଅଜ୍ଞା, ଏଇ ମେମ୍ ସହେବ

Digitized by srujanika@gmail.com

ଆସୁଛନ୍ତି। (ନଲୁ ଏବଂ ସୁଧାକର ଆସିଲେ)

ନଲୁ- କଣ ବିଠୋବା ? ଏଠି ଗପ ଚାଲିଚି ? ଶୁଣ, ଏଇ ସାଙ୍ଗେ ସାଙ୍ଗେ ଲଣ୍ଡ୍ରି ଯାଅ। ଆଉ ସାହେବଙ୍କ ଜାମାପଟା ଆଣି ସୁଟ୍‌କେସ୍‌ରେ ସଜାଇ ରଖ।

ବିଠୋବା- ଆଜ୍ଞା (ପ୍ରସ୍ଥାନ)

ଅପ୍ପା- କେତେଦିନ ପରେ ମୋ ମାଆଟା ଏପାଖକୁ ଆସିଲା..... ଆସିଚୁ ଯେତେବେଳେ ଗୋଟାଏ ଭଲକଥା ଶୁଣିଯା।

ନଲୁ- ତମେ ଆଜି ବୁଲିବାକୁ ଯାଇନ ବାପା ?

ଅପ୍ପା- ନା ଯାଇନି। ମୋ ମାଆକୁ ଆଜି ଟିକେ ବେଳ ମିଳିଚି ଦି'ପଦ ଭଲ କଥା- ହସଖୁସୀର କଥା କହିବା ପାଇଁ।

କାବେରୀ- ଏଇ ବାହାରିଲା ତମର ଯେତେ ଦୁନିଆ ବାହାର କଥା। (ସୁଧାକରକୁ ଦେଖି) ଆରେ ସାହେବବି ଆସିଛନ୍ତି। ମୋ ଆଖି ପଡ଼ିନେଇଁ। (ଉଠିବାକୁ ଚେଷ୍ଟାକଲେ)

ସୁଧାକର- ନା ନା ଉଠନ୍ତୁନି। ଏମିତି ଉଠାବସା କରିବା ପାଇଁ ଡ଼ାକ୍ତର ମନାକରିଛନ୍ତି।

କାବେରୀ- ନାଇଁ ମୁଁ ଉଠୁନେଇଁ। ଏଠି ଟିକିଏ ଏମିତି ତକିଆ ଭରାଦେଇ ବସିବି (ଅପ୍ପାଙ୍କୁ) ଟିକିଏ ମତେ ଧରିବଟି।

ନଲୁ- ରୁହ ବାପା ମୁଁ ଧରୁଚି (କାବେରୀକୁ ଧରି ବସାଇଲା)।

କାବେରୀ- ନଲୁ, ପାଞ୍ଚ ଛଅ ଦିନ ହେଇଗଲାଣି, ଏ ଆଡ଼େ ତୋର ଟିକିଏ ଆଖି ପଡ଼ିଲାନି। ଆଉ ସୁଧାକରତ......

ନଲୁ- ଆମର କେତେକାମ, ଆମେ କି ହଇରାଣ ହଉଚୁ ସେ କଥା ତୁ ବୁଝିପାରିବୁନି ବୋଉ। ଗଲା ଆଠ ଦିନରେ ଦଶ ଜଣ ଗେଷ୍ଟ ଆସିଛନ୍ତି। ତା ଉପରେ ଘର କାମ ତ ଅଛି। ଘର କାମ ବାହାର କାମ। ମଣିଷ ଆସି ଅଧାପ୍ରାଣ ହେଲାଣି।

ଅପ୍ପା- ଆଲୋମା ସ୍ୱାମୀ ତୋର ଏ ଦେଶର ଗୋଟେ ଖୁବ୍ ବଡ଼ ବନ୍ଧ ତିଆରି କରୁଚି। ସେଥିରେ ତୁ ତା'ହାତ ସାଙ୍ଗେରେ ତୋ ହାତ ମିଳେଇଚୁ। ତମକୁ ସମୟ ମିଳିବ କୋଉଠୁ ? ବୁଝିଲ ସୁଧାକର, ଯେତେବେଳେ ବନ୍ଧ ଦେହରେ ମାର୍ବଲ ଫଳକରେ ନାଁ ଲେଖାହବ, ସେତେବେଳେ ତମ ନାଁ ସାଙ୍ଗରେ ନଲୁ ନାଁ ଯେମିତି ବ୍ରାକେଟେଡ୍ ହେଇ ଲେଖାହେବ ସେକଥା ଦେଖିବ।

ନଲୁ- (ଆଲମାରୀ ଭିତରେ କ'ଣ ଖୋଜିବା ଅବସ୍ଥାରେ) ବାପା.....

ଅପ୍ପା- କିଛି ନାହିଁ ସେଥିରେ, ତୋ ଦେହ ସାରା ଖାଲି ଧୂଳି ହେବା ସାର..... କଣ କିଛି ହଜିଚି ?

Digitized by srujanika@gmail.com

ନଲୁ- ମୋ ବୁଣାବୁଣି ବାକ୍ସଟା କାହିଁକି ମିଳୁନି। ସାରା ଘରଟା ଖୋଜିଲିଣି ପାଉନି। କାଲି ଆମେ ନାସିକ ଯାଉଚୁ ଯେ, ବାଟରେ ସ୍କାର୍ଫଟା ବୁଣିବୁଣି ଯିବି ବୋଲି ଭାବୁଚି। ସେଇ ବାକ୍ସଟା ଖୋଜୁଥିଲି।

ଅପ୍ପା- ନାସିକ ଯାଉଚ ? ଫେରିବ କେବେ ?

ସୁଧାକର- ଦି'ଦିନ ପରେ। ଆମ ଡ଼ିଭିଜନାଲ ଇଞ୍ଜିନିୟରମାନଙ୍କର ମିଟିଙ୍ଗ୍ ସେଠି ହଉଚି।

ଅପ୍ପା- ଆଉ ଏଠି ଆମ ବୋଝ ?

ନଲୁ- ବିଠୋବା ସବୁ ଦେଖାଶୁଣା କରିବ। ମୁଁ ସବୁ ତାକୁ ବୁଝେଇଦେଇଚି।

ଅପ୍ପା- ଏଇ ଦି'ଦିନ ଭିତରେ ଆମେ ତମ କ୍ୱାଟର ଭିତରକୁ ଯିବା ଆସିବା କରିବୁତ ?

ନଲୁ- କଣ ଯେ ବାପା ତମେ କୁହ– ଯିବାକୁ କିଏ ତମକୁ ମନା କରିଚି ? ହଁ ବାପା ଆଜି ଖରାବେଳେ ତୁମେ ଯେତେବେଳେ ଖବର କାଗଜ ପଢୁଥିଲ......

ଅପ୍ପା- କଣ ଆଉ କରିବି ? ଦୁନିଆରେ କଣ ସବୁ ଘଟିଯାଉଚି, ଖବର କାଗଜ ଉପରେ ଟିକିଏ ଆଖି ପକେଇ ଦେଖୁଥିଲି।

ନଲୁ- ସେତେବେଳେ କିଏ ବାହାର ଲୋକ ଆସିଥିଲା କି? ୟା'ଙ୍କର ଜଣେ ଚପରାଶି କଣ ଖବର ନେଇ ଆସିବାର ଥିଲା।

ଅପ୍ପା- କେହି ଆସିନାହାନ୍ତି ତ ? ତମର ଏ ଷ୍ଟିଲ ଆଲମିରା ଭାଙ୍ଗି କେହି ଯଦି ତାକୁ କଣ ନେଇ ପଳେଇଥାଆନ୍ତା, ତେବେ ତାକୁ ଧରିବାର କିଛି ବାଟ ଏଠି ନାହିଁ।

ନଲୁ- ବୋଉ, ତୋ ଟ୍ରଙ୍କ କାଇଁ ? ଏଇ ଖଟତଳେ ? ସେଦିନ ମୁଁ ତୋ ଟ୍ରଙ୍କ ସଜାଡ଼ି ଲୁଗାପଟା ଭର୍ତ୍ତି କଲାବେଳେ, ମୋ ସିଲେଇ ବାକ୍ସଟା କାଳେ ଭୁଲରେ ରହିଯାଇଥିବ ? ଟ୍ରଙ୍କ ଚାବି ଟିକେ ଦେଲୁ।

ଅପ୍ପା- ଆଲୋମା' ଆମ ଟ୍ରଙ୍କ କୋଳପରେ ଚାବି ପଡ଼ିବା ଦରକାର ନାହିଁ। କୋଳପଟାକୁ ଟିକେ ଟାଣି ଦେଲେ କୁହୁଁଦା ସହିତ ଉପୁଡ଼ି ଆସିବ। ତୁ ରହ, ମୁଁ ଟ୍ରଙ୍କଟା ଖଟ ତଳୁ ବାହାର କରେ।

ନଲୁ- ଥାଉ ବାପା ମୁଁ ଦେଖୁଚି। (ଖଟ ପାଖରେ ବସି ଟ୍ରଙ୍କଟା ଟାଣି ଆଣି ଦେଖିବାକୁ ଲାଗିଲା)

ସୁଧାକର- (ବ୍ୟସ୍ତ ହେଇ) ଥାଉ ନଲୁ– ମୁଁ ଭାବୁଚି.....।

ନଲୁ- କାହିଁକି, ମୁଁ ଦେଖିଲେ କଣ ଦୋଷ ଅଛି ? ଥରେ ଦେଖିଦେଲେ.... ଟ୍ରଙ୍କ ଭିତରେ କଣ କଣ ସବୁ ରଖିଚୁ ବୋଉ ?

କାବେରୀ- ଆଲୋ ଏଇଟା ତ ମୋର ଗୋଟେ ପୁରୁଣା ବଜାର। ତୁ ପାଇଲୁକି ନାଇଁ କହିବୁଟି ? ତୋରତ ଯୋଉ ଭୁଲା ମନ, ଗୋଟାଏ ଜିନିଷ ଏଠି ରଖି ଆଉ ପାଞ୍ଚଠି ଖୋଜି ହଉଥିବୁ।

Digitized by srujanika@gmail.com

ଅପ୍ପା- ବୁଝିଲ ସୁଧାକର ବାବୁ ତମ ସ୍ତ୍ରୀ ଗନ୍ଧଟି ତା ସ୍ମୃତି ଜିନିଷଟିକୁ କୋଉଠି ହଜେଇ ଦେଇଛି। ପିଲାଦିନୁ ତାର ଏଇ ଢଙ୍ଗ। ଜିନିଷ ହଜଉଥିବ ଆଉ ତାକୁ ଖୋଜୁଥିବ। ଏଇଥିରେ ତାର ଅଧା ବେଳ ଯାଏ। କଣ ମା ସିଲେଇ ବାକ୍ସ ମିଳିଲା ?

ନଲୁ- (ଟ୍ରଙ୍କ ବନ୍ଦକରି) ନାଇଁ ବାପା ମିଳିଲାନି।

ଅପ୍ପା- ଆଉ କିଛି ହଜି ନାଇଁ ତ ?

ନଲୁ- ନାଇଁ ଖାଲି ସେଇ ସିଲେଇ ବାକ୍ସଟା। ଘରଭିତରେ କୋଉଠି ରହିଯାଇଥିବ। (ସୁଧାକରକୁ) ଚାଲ।

ଅପ୍ପା- ତା'ହେଲେ କାଲି ସକାଳେ ଯାଉଚ ?

ନଲୁ- ହଁ ବୋଉ, ଶୁଣିଲି ଏଥର ଖୁବ୍ ବେଶୀ ଥଣ୍ଡା ପଡ଼ିବ । ଗୋଟେ କମ୍ବଳ ମୁଁ ପଠେଇ ଦଉଚି। (ନଲୁ ଓ ସୁଧାକରର ପ୍ରସ୍ଥାନ)

ଅପ୍ପା- (ଆରାମ ଚଉକିରେ ବସି) ସିଲେଇ ବାକ୍ସଟା ମିଳୁନେଇଁ ବୋଲି ଝିଅଟା ମନ ମୋଟେ ସ୍ଥିର ରହୁନାହିଁ। କିନ୍ତୁ ସେ ଜିନିଷଟା ତମ ଟ୍ରଙ୍କ ଭିତରକୁ ଆସିବ କେମିତି ?

କାବେରୀ- ଜିନିଷଟା ହଜିଗଲେ ସ୍ତ୍ରୀଲୋକମାନଙ୍କର ମନ ଏମିତି ଅସ୍ଥିର ହୁଏ।... ତମେ ପରା ତମ ଗାଁକୁ ଯିବା କଥା ସେମାନଙ୍କୁ କହିଥାନ୍ତ ?

ଅପ୍ପା- ହଁ ତ! ଏଇ ସିଲେଇ ବାକ୍ସ ବିଭ୍ରାଟରୁ ସବୁ ଭୁଲିଗଲି।

କାବେରୀ- ଭଲ ହେଲା। ତାଙ୍କୁ କହିନ। ସେମାନେ ଘରଛାଡ଼ି ବାହାରକୁ ଯାଉଛନ୍ତି। ସେଥିରେ ଆମ କଥା ଭାବି ହେଇଥାନ୍ତେ— ନଲୁଟା ହଇରାଣ ହେଇଥା'ନ୍ତା। .... ସତେ ଏକା ଶୀତ ପଡ଼ିଆସିଲାଣି।

ଅପ୍ପା- ସାଲ୍‌ଟା ଘୋଡ଼େଇଦେବି ?

କାବେରୀ- ମୁଁ ମୋ କଥା କହୁନାହିଁ। ଟିକିଏ ଆସିବଟି— ମୁଁ ଉଠି ଆଲମାରିରୁ ତମ ସ୍ୱେଟରଟା ବାହାର କରେ।

ଅପ୍ପା- ତମକୁ ପରା ଡ଼ାକ୍ତର ମନା କରିଚି ହଲଚଲ ହବାକୁ। ତମେ ରୁହ ସ୍ୱେଟର ମୁଁ ଦେଖୁଚି।

କାବେରୀ- ଏମିତି ଡ଼ାକ୍ତରଙ୍କ ସବୁ କଥାମାନି କେହି ଚଳିପାରିବ ନାହିଁ। ଲୁଗା ଗଣ୍ଠିଲି ଭିତରେ କୋଉଠି ମୁଁ ସ୍ୱେଟରକୁ ବାନ୍ଧିକି ରଖିଛି। ତମେ ଖୋଜି ପାଇବ ନାହିଁ।

ଅପ୍ପା- ସ୍ୱେଟର ବିଚରା ମୋ ପାଖରେ ନିଶ୍ଚେ ଧରାଦେବ। କିନ୍ତୁ ସ୍ୱେଟର ଖୋଜିବାକୁ ଯାଇ, ମୁଁ କାଳେ ତମ ଲୁଗା ଗଣ୍ଠିଲିକୁ ଘାଣ୍ଟି ଚକଟି ପକେଇବି ତମର ଏଇ ଡ଼ର ହେଉଚି। ହଉ ହେଲା ମୁଁ ତମକୁ ଛାଡ଼ିଦେଲି।

କାବେରୀ- ଟିକିଏ ତମେ ଖାଲି ହାତ ବଢ଼େଇଲ, ମୁଁ ଉଠେ।(ଅପ୍ପା ସାହାଯ୍ୟ କଲେ— କାବେରୀ ଉଠି ଆଲମାରିରେ ସ୍ୱେଟର ଖୋଜିବାକୁ ଲାଗିଲେ।)

Digitized by srujanika@gmail.com

କାବେରୀ- ହଁ, ତମ ଔଷଦ ଆଗେ ନବଟି। ଏମିତି ଗୋଳଟୁଳ ନୀତି ଧରିଲେ ଚଳିବ ନାହିଁ। ନିଅ, ଔଷଦ ନିଅ।

ଅପ୍ପା- ନଉଛି ବାବା ନଉଛି। (ଔଷଦ ନେଲେ)

କାବେରୀ- (ଆଲମାରୀରୁ ସ୍ୱେଟର ବାହାରକରି) ଏଇ ନିଅ ତମ ସ୍ୱେଟର– ସାଙ୍ଗେ ସାଙ୍ଗେ ପିନ୍ଧ।

ଅପ୍ପା- (ସ୍ୱେଟର ନେଇ) ଆମେ ଯେ ଗାଁକୁ ଯାଇ ନୂଆ ଘରକରଣା କରିବା, ସେଥିପାଇଁ ତମ ହାତରେ ଏଇଟା ମୋର ଟ୍ରେନିଂ। କିନ୍ତୁ ସର୍କାର ମତେ ବର୍ତ୍ତମାନ ସ୍ୱେଟର ପିନ୍ଧିଲା ଭଳି ଶୀତ ତ ହଉନାହିଁ।

କାବେରୀ- ମୁଁ ପିନ୍ଧିବାକୁ କହୁଚି ପିନ୍ଧ। ହଁ ମତେ ଟିକେ ଧରିବଟି। (ଅପ୍ପାଙ୍କ ସାହାଯ୍ୟରେ ଖଟ ଉପରକୁ ଉଠିଲେ)

ଅପ୍ପା- ଏ ସ୍ୱେଟରଟା ତୁମେ କେବେ ବୁଣା ଶେଷ କରିଥିଲ, ତମର ମନେ ଅଛି କାବେରୀ ?

କାବେରୀ- ହଁ ।

ଅପ୍ପା- ଠିକ୍ ସେଇଦିନ ବମ୍ୱେରେ ମୋର ଅଭିନନ୍ଦନ ସଭା ହେଇଥିଲା। ନାଟ୍ୟପ୍ରେମୀ ରସିକ ବନ୍ଧୁମାନେ ମତେ ଟଙ୍କା ଥଳି ଉପହାର ଦେଇଥିଲେ– ନଟ ସମ୍ରାଟ ଉପାଧି ପ୍ରଦାନ କରିଥିଲେ– ଆଉ ସେଇ ଦିନ ରାତିରେ ତମେ ମତେ ସ୍ୱେଟର ପିନ୍ଧାଇ ଦେଇଥିଲ।.... ସେଦିନ ସେ ମଧୁର ମଧୁମୟ ରାତିକଥା ତମେ ତ ନିଶ୍ଚୟ ଭୁଲି ନଥିବ।

କାବେରୀ- (ହସି ମୁହଁ ବୁଲେଇନେଇ) କାହିଁକି ସେ କଥା ଦୋହରାଇ ହଉଚ– କଣ ମିଳୁଚି ସେଥିରୁ ?

ଅପ୍ପା- ସେତେବେଳେ ଆମେ ଦୁହେଁ ଅବଶ୍ୟ ବୁଢ଼ା ହେଇ ଆସିଲୁଣି, କିନ୍ତୁ ଏବଠୁଁ ଅବଶ୍ୟ କମ, ଯେମତି ଗୋଟେ ପାଚିଲା ପତ୍ରର ଚାରି ଧାରରେ ସବୁଜ ରଙ୍ଗ। ସେଦିନ ସେ ଟଙ୍କା ଥଳି ଆଉ ନଟ ସମ୍ରାଟ ଉପାଧିଠାରୁ ତମର ଏ ସ୍ୱେଟର ମୋ ପାଇଁ ବେଶୀ ପ୍ରୀତିପଦ ଥିଲା। ସବୁ ଆଡ଼କୁ ଆଖି ବୁଜିଦେଇ ମୁଁ ତୁମକୁ ମୋ ଛାତିଆଡ଼କୁ ଟାଣିନେଲି।

କାବେରୀ- ଆରେ! କଣ ଏସବୁ କହୁଚ ?

ଅପ୍ପା- ଜାଣେନା ସମାଧି ଗ୍ରସ୍ତ ହେଇ କେତେ ସମୟ ଆମର କଟିଗଲା। ଏତିକିବେଳେ ବାହାରୁ ଆମ ଡ଼ାକ୍ତରବାବୁଙ୍କ ସିଂହ ଗର୍ଜନ ଶୁଣାଗଲା – ଅପ୍ପା ସାହେବ, ମରାଠୀ ରଙ୍ଗଭୂମିର ରାଜା ମହାରାଜାମାନେ ଆପଣଙ୍କ ସାକ୍ଷାତ ପାଇଁ ଆସିଛନ୍ତି। ସେତେବେଳକୁ ମୋର ଏ ଅବସ୍ଥା, ଯାଇ ଦେଖିଲି କେଶବ ରାଓ, ନାନା ସାହେବ, ଗଣପତ ରାଓ ପ୍ରଭୃତି ରଙ୍ଗ ମଞ୍ଚର କୃତବିଦ୍ୟ ସନ୍ତାନମାନେ ହାତରେ ଫୁଲମାଳ ଧରି ଠିଆ ହେଇଛନ୍ତି। ସବୁକଥା ବୁଝିପାରି ସେମାନେ ହସୁଥାନ୍ତି। ମତେ ଥଟ୍ଟା ପରିହାସ କରୁଥାନ୍ତି।

Digitized by srujanika@gmail.com

କାବେରୀ- ଥାଉ ବନ୍ଦକର। ମୋରବାଡ଼ିବେ ପହଞ୍ଚ୍ ମୁଁ ତମ ପାଇଁ ଗୋଟେ ନୂଆ ସ୍ୱେଟର ବୁଣିବି।

ଅପ୍ପା- (ସ୍ୱେଟର ପିନ୍ଧି) ନିୟମ କରି କୁହ।

କାବେରୀ- କହୁଚି ପରା, ବୁଣିବି—ବୁଣିବି।

ଅପ୍ପା- (ନାଟକୀୟ ଭଙ୍ଗୀରେ) ଶପଥ ନିଅ– ଶପଥ ନିଅ– ଶପଥ ନିଅ। (ଦୁହେଁ ହସୁଥାନ୍ତି। ହାତରେ କିଛି ସଫା ଲୁଗାପଟାଧରି ବିଠୋବା ଆସିଲା।)

ବିଠୋବା- ବାଃ- ବାଃ ଏମିତି ଟ୍ରେନିଂ ପାଇଲେ ମୁଁ ବି ଦିନେ ନାଁ କରା ଅଭିନେତା ହେବି, ମତେ ବି ପୁରସ୍କାର ମିଳିବ..... ଅପ୍ପାହେବ, ଆପଣଙ୍କ ଲୁଗା। ଇସ୍ତ୍ରିବାଲା ସାହେବଙ୍କ ଲୁଗା ସାଙ୍ଗେ ଆପଣଙ୍କ ଲୁଗା ଦେଇଦେଇଚି। ମେମ୍ ସାହେବ ମତେ କହିଲେ, ମୁଁ ନିଜେ ଏ ଲୁଗା ନେଇ ଆଲମାରୀରେ ରଖିବି।

ଅପ୍ପା- ତା' ହେଲେ ଲୁଗା ଭାଙ୍ଗ ଫିଟିବ ନାହିଁ?

ବିଠୋବା- (ଆଲମାରୀରେ ଲୁଗା ରଖୁରଖୁ) ଯିଏ ମୋଟେ ଉପରକୁ ଚଢ଼ିନାହିଁ, ସିଏ ତଳକୁ ଓହ୍ଲେଇବ କଣ? ଅପ୍ପା ସାହେବ ହଜୁର, ଆଜିକା ଚୋରୀ ଘଟଣାରୁ ମୋ ମୁଣ୍ଡ ଖାଲି ବୁଲେଇ ଦଉଚି।

ଅପ୍ପା- ଚୋରୀ ଘଟଣା! କି ଚୋରୀ? କିଏ କଣ ଚୋରୀ କଲା?

ବିଠୋବା- ଆଜି ଚୋରୀ ଘଟଣା ଭିତରକୁ ମୋତେ ଟଣା ହେଇଛି। କାଲି ଆଉ କାହା ମୁଣ୍ଡରେ ଅଠା ବୋଳା ହେବ।

ଅପ୍ପା- ପାଗଳାମୀ ଛାଡ଼ି ଠିକ୍ ଠିକ୍ କହ କଣ ହେଇଚି?

କାବେରୀ- କାହାର କଣ ଚୋରି ହେଇଚି ବିଠୋବା?

ବିଠୋବା- କାହାକୁ କିଛି ନ କହିବା ପାଇଁ ମେମ୍ ସାହେବ କହିଛନ୍ତି। ମୁଁ ଖାଲି ଆପଣଙ୍କୁ କହୁଛି। ଭାରି ମନ୍ଦ କାମଟାଏ ହେଇଗଲା ଅପ୍ପା ସାହେବ।

ଅପ୍ପା- କଣ ହେଇଚି?

ବିଠୋବା- ଆମ ସାହେବଙ୍କର ଏ ମାସର ପୂରା ଦରମା ଟଙ୍କା ଚୋରି ହେଇଯାଇଛି।

ଅପ୍ପା- ଦରମା ଟଙ୍କା! ଚୋରି ହେଇଯାଇଛି?

କାବେରୀ- ଦରମାଟଙ୍କା! ଚୋରି ହେଇଯାଇଛି!

ବିଠୋବା- ସାହେବ ଯେତେବେଳେ ଲଞ୍ଚ ଖାଇବାକୁ ଆସିଲେ, ଗଡ୍‌ରେଜ୍ ଆଲମାରୀ ଭିତରେ ତାଙ୍କ ପର୍ସ ରଖିଥିଲେ। ସନ୍ଧ୍ୟାବେଳେ ଅଫିସରୁ ଫେରି ଦେଖନ୍ତି ତ ପର୍ସ ନାହିଁ।

ଅପ୍ପା- ନାହିଁ!

ବିଠୋବା- ପର୍ସ ନାହିଁ, ଟଙ୍କା ନାହିଁ। ମା ସବୁଆଡ଼ ଖୋଜି ଦେଖିଲେ, ସବୁ ଚାକର ବାକରଙ୍କୁ ପଚାରିଲେ, ବୁଝିଲେ, ସେମାନଙ୍କ ଜିନିଷପତ୍ର ସବୁ

Digitized by srujanika@gmail.com

ତନଖି ଦେଖିଲେ, କୋଉଠି କିଛି ମିଳିଲାନି। ସେଇଥିପାଇଁ ମୁଁ କହୁଚି ଆପଣମାନେ ତ ମୋରବାଡ଼ି ବାହାରିଛନ୍ତି– ମୋରବାଡ଼ି ଯାଗାରେ ଆପଣଙ୍କୁ ନେଇ ଚୋରବାଡ଼ିରେ ପହଞ୍ଚେଇ ଦବାକୁ କେତେବେଳ। ମୁଁ ଯାଉଚି ଆଜ୍ଞା।

(ବିଠୋବା ଚାଲିଗଲା, ଅପ୍ପା ଯେମିତି ବୁଦ୍ଧିଶୂନ୍ୟ ହୋଇ ଆରାମ ଚୌକିରେ ଥକ୍କାମାରି ବସିଲେ।)

କାବେରୀ- ଏମିତି ବେହୁସିଆରୀ ଏମାନେ! କ୍ବାଇଁ ଖରାବେଳେ ଟଙ୍କା ଆଣି ରଖିଦେଇଗଲେ। କବାଟ ଖୋଲାଥିବ, କିଏ ଆସି ଉଠେଇ ନେଇଚି।

ଅପ୍ପା- (ଚିତ୍କାର କରି) ଆଉ ସେଥିପାଇଁ ସେମାନେ ମତେ ଦାୟୀ କରିବେ? ମତେ ସନ୍ଦେହ କରିବେ? ମୋ ଟ୍ରଙ୍କ୍ ଆଲମାରୀ ଆସି ଖୋଜିବେ? ଚୋରୀ ମୁଁ କରିଚି; ମୁଁ? ଏମାନଙ୍କ ଆଖି ଆଗରେ ମୁଁ ଆଜି ଚୋର ହେଇଗଲି?

କାବେରୀ- ଶୁଣ୍, ଝୁଅ ଜୁଆଁଇଁଙ୍କି ଏମିତିକା ବେଢ଼ଙ୍ଗ କଥା ତମେ କୁହନି। ତମେ ଯା' ଭାବୁଚ ସେ କଥା କେବେ ହେଇ ନଥିବ। ଏଇଟା ଅସମ୍ଭବ।

(ନଲୁ କମ୍ବଳ ନେଇ ଆସିଲା। ଏ ଦୁହେଁ ଚୁପ୍‌ଚାପ୍। ନଲୁ କାବେରୀ ପାଖରେ କମ୍ବଳ ରଖିଲା)

ନଲୁ- ଘୋଡ଼େଇଦେବି?

କାବେରୀ- ନାଇଁ। (ନଲୁ ଯିବାକୁ ଲାଗିଲା)

ଅପ୍ପା- (ଉଠି ଠିଆହେଇ) ନଲୁ, ମୁଁ– ମୁଁ– ତୋର ବିଶ୍ବାସ ହଉଚି ନଲୁ, ମୁଁ ଚୋରୀ କରିଛି?

ନଲୁ- (ଶାନ୍ତ ଗଳାରେ) ହଁ।

କାବେରୀ- ନଲୁ!

ଅପ୍ପା- ଏଇଥି ପାଇଁ ତାହେଲେ ତୁ ଟ୍ରଙ୍କ ଆଲମାରୀ ସବୁ ଖୋଜି ଦେଖୁଥିଲୁ।

ନଲୁ- ହଁ, ଏଇଥିପାଇଁ।

ଅପ୍ପା- (ଏକାବେଳେକେ ଭାଙ୍ଗିପଡ଼ି) ନା– ନା, ଏ ହେଇପାରେନା। ନଲୁ ମୋ ସୁନାଟା– ମୋ ଲକ୍ଷ୍ମୀ, ତୋ ମୁହଁରୁ ମୁଁ ଏକଥା ସହି ପାରିବିନି। ତୁ କହିଦେ ମା ତୁ ଯାହା କହିଚୁ ସେ ସବୁ ମିଛ। ମିଛ ହଉକି ନହଉ– ମୋ ପାଇଁ ତୁ ପଛେ ମିଛ କହ- ତୁ ଖାଲି ଏଇ ପଦୁଟିଏ କଥା କହି ଦେ'ମା ଯେ ତୁ ଯାହା କହିଲୁ ସବୁ ମିଛ।

ନଲୁ- ତମେ ତ ଜାଣ ବାପା ମୁଁ ମିଛ କହି ପାରେନା।

ଅପ୍ପା- ତୁ ତା'ହେଲେ ଏଇଆ କହୁଚୁ ଯେ ମୁଁ ଚୋରି କରିଚି?

ନଲୁ- (ନିଜ କ୍ରୋଧ ସମ୍ଭାଳି) ବାପା, ମୁଁ ଆଉ ବେଲବଲକର୍ ବଂଶର ଝିଅ

Digitized by srujanika@gmail.com

ନୁହେଁ, ମୁଁ କାର୍ଲେକର। ଏ ଚୋରି ଟଙ୍କା ତାଙ୍କର। ଆଲମାରୀ ଭିତରୁ ସେ ଟଙ୍କା ନେଇଯିବାର କୌଣସି ଅଧିକାର ତମର ନାହିଁ? ତମର ଯଦି ଟଙ୍କା ଦରକାର ଥିଲା, ମତେ ମାଗିଲ ନାହିଁ କାହିଁକି? ମୁଁ ଦେଇଥାନ୍ତି। ଟଙ୍କା ଚୋରି କରି ତମେ ଖାଲି ତମ ମୁହଁ ନୁହେଁ, ମୋ ମୁହଁରେ ବି କାଳି ବୋଳି ଦେଇଚ।

ଅପ୍ପା- (ରାଗି) ତା'ହେଲେ— ତା'ହେଲେ ଏଇ ତୋର ଶେଷ କଥା, ଟଙ୍କା ମୁଁ ଚୋରି କରିଚି?

କାବେରୀ- ଶୁଣ, ଶୁଣ ମୋ କଥା, ତୁମେ ଏମିତି ରାଗନାଇଁ।

ଅପ୍ପା- ରାଗିବି ନାଇଁ! କାହିଁକି ରାଗିବି ନାହିଁ? ମଣିଷ ଆଉ କେତେବେଳେ ରାଗରେ, ଆଉ କ୍ରୋଧରେ ଫାଟିପଡ଼େ? ଏଇ ଝିଅଟା ଭଲଭାବେ ଜାଣେ ଯେ ମୁଁ ମହା ରାଗିଲୋକ। ମୋର ରାଗର, ମୋ କ୍ରୋଧର ହାତ ଗୋଡ଼ ନାହିଁ। ଅଥଚ ବିନା ଦୋଷରେ ସେ କହିବ ଟଙ୍କା ମୁଁ ଚୋରି କରିଚି? ଆଉ ତୁମେ ମତେ କହୁଚ ମୁଁ ରାଗିବି ନାହିଁ?

କାବେରୀ- ମୋ କଥା ଶୁଣିବ ନାହିଁ?

ଅପ୍ପା- ଏଁ। ତମ କଥା? ମାନିଲି ସର୍କାର ମୁଁ ରାଗିବିନି। ରାଗି ଲାଭ କଣ? ମୁଁ ରାଗିବି ନାହିଁ— କିନ୍ତୁ ଏକଥା ତୁମକୁ କହିରଖୁଚି ଯେ ମୋ ଛାତି ଫାଟିଗଲେ ବି ମୁଁ କାନ୍ଦିବି ନାହିଁ। ଆଖିରୁ ଲୁହ ବୋହି ଆସିଲେ ବି ତାକୁ ଚାପିରଖିବି। କାରଣ ତମ ପରି ଜଣେ ମା' ସମ୍ମୁଖରେ ମୁଁ କାନ୍ଦିପାରିବିନି।..... ଟଙ୍କା ମୁଁ ଚୋରି କରିଚି— ମୁଁ।

ନଲୁ- ହଁ ହଁ ତୁମେ —ତୁମେ —ତୁମେ —ତୁମେ ଚୋରି କରିଛ।

(କପାଳରେ ହାତ ପିଟି ପିଟି ନଲୁ ବାହାରିଗଲା। କାବେରୀ ନଲୁ ନଲୁ ଡ଼ାକି ଖଟରୁ ଉଠି ଯାଉଥିଲେ କିନ୍ତୁ ଯାଇ ନପାରି କାନ୍ଥକୁ ଆଉଜି ଠିଆହେଇ ରହିଗଲେ। ଅପ୍ପା ସାହେବ କିଛି କ୍ଷଣ ସ୍ତବ୍ଧହେଇ ରହିଗଲେ। ତା'ପରେ କଣ କରିବେ ଯେପରି କିଛି ବୁଝି ନପାରି ଚୌକି ଉପରେ ବସିପଡ଼ିଲେ।)

ଅପ୍ପା- ମୁଁ ଚୋର! (ଛାତିରେ ହାତପିଟି) ମୁଁ ଚୋରି କରିଛି! ମୁଁ ଅପ୍ପା ବେଲବଲକର— ନଟ ସମ୍ରାଟ— ହାତ ପାପୁଲିରେ ଅବିର ଉଡ଼େଇଲା ପରି ଲକ୍ଷ ଲକ୍ଷ ଟଙ୍କା ଉଡ଼େଇଦେଇଚି, ସେଇ ଗଣପତରାଓ ବେଲବଲକର ଆଜି ଚୋର ହେଇଗଲା? ଆଉ କୋଉଠି ନୁହେଁ, ନିଜ ଝିଅ ଘରେ। ହେ ଭଗବାନ୍! ମୁଁ ଆଉ ସବୁ କିଛି ସହିଯାଇ ପାରିବି କିନ୍ତୁ ଏ କଥା......।

କାବେରୀ- (କାନ୍ଥ, କବାଟ, ଆଉ ଖଟ ଉପରେ ଭରା ଦେଇ କାବେରୀ ସ୍ୱାମୀଙ୍କ ପାଖକୁ ଆସି, ତାଙ୍କ କାନ୍ଧରେ ହାତ ଦେଇ ଠିଆ ହେଲେ।) ମୋ କଥା ଶୁଣିବ ନାହିଁ?

Digitized by srujanika@gmail.com

ଅପ୍ପା- (କ୍ଷୀଣ ସ୍ୱରରେ) କଣ କହୁଚ ?

କାବେରୀ- ମୁଁ କହୁଚି ଆମପାଇଁ ଏ ସାରା ସଂସାରଟା ଆଜି ଲୋପ ପାଇଗଲା । ଆଉ କୋଉଠି କେହି ଜନପ୍ରାଣୀ ନାହିଁ— ଖାଲି ଆମେ ଦୁହେଁ । ଜଣେ ଆଉ ଜଣକ ପାଇଁ । ମୋ ରାଣ, ମୋ ମୁଣ୍ଡ ଖାଅଚି, ମୁଁ ଯା' କହିଲି, ତେମେ ମୋ କଥା ରଖିବ ।

ଅପ୍ପା- (ସ୍ଥିର ଦୃଷ୍ଟିରେ ଚାହିଁ) ମୁଁ କିଛି ଜାଣିପାରୁ ନାହିଁ ସର୍କାର, ମୁଁ କିଛି ବୁଝିପାରୁ ନାହିଁ ।

କାବେରୀ- ମୋ ଛାତି ଫାଟିଯାଉଛି । ହେଲେ ମୁଁ ମରିବି ନାହିଁ- ମୁଁ ବଞ୍ଚିବି, ବଞ୍ଚିବି ଖାଲି ତୁମରି ପାଇଁ । ମୋ ଦେହ ଯଦି ଭଲ ଥା'ନ୍ତା, ତାହେଲେ ତମେ ଯେମିତି ନଲୁକଥା ସହିପାରୁନ, ମୁଁ ବି ସେମିତି ତା କଥା ସହି ନଥାନ୍ତି । ହେଲେ ଏ ରୋଗ ବେମାରୀ ମତେ ଅଚଳ କରିଦେଇଛି । ମୋ ନିଜ ଉପରେ ମୋର ଯେମିତି ଭରସା ନାହିଁ । ସେଥିପାଇଁ ତ ମୁଁ କହୁଛି..... ଶୁଣୁଛଟି ମୋ କଥା ? ଶୁଣ— ଆଜି ରାତିଟା ଆମେ ଏଠି ରହିବା । କାହାକୁ ଜଣେ ସାଙ୍ଗରେ ନେଇ କାଲି ସକାଳୁ ମୋରବାଡ଼ି ଚାଲିଯିବା । ତମେ ଏଠି ବସିଥାଅକି । ମୁଁ କୋଠିକି ଯାଇ ନଲୁ ସାଙ୍ଗେ ଟିକେ କଥାବାର୍ତ୍ତା ହେଇ ଆସେ । ତା ମନରେ ଆମ ପାଇଁ କଣ ଅଛି ? ଖାଲି ଏଇ ପଦଟିଏ କଥା ତାକୁ ପଚାରିବି । ଆମେତ ଏ ଘର ଛାଡ଼ି ଚାଲି ଯାଉଛୁ, ହେଲେ ଆମ ମୁଣ୍ଡଉପରୁ ଏ କଳଙ୍କର ବୋଝ ସେ କାଢ଼ିନଉ । ତା ପାଦ ଧରି ଗୋଡ଼ତଳେ ପଡ଼ି ବିନତି କରି ତାକୁ କହିବି, ରାଣୀ ମୋର, ମହାରାଣୀ— ତୋତେ କେବେ କିଛି ମୁଁ ମାଗିନି— ଯେତେ ଦିନ ଆଉ ବଞ୍ଚିବି କିଛି ଆଉ ମାଗିବିନି । ଖାଲି ଆଜି ମୋର ଏ କାନି ପତେଇ ମାଗୁଚି— ଜଣେ କାହାକୁ ଆମ ସାଙ୍ଗରେ ଦେ' ସେ ଆମକୁ ନେଇ ମୋରବାଡ଼ିରେ ଛାଡ଼ିଦେଇ ଆସିବ । ଆମେ ଏକାଏକା ଯାଇ ପାରିବୁନାହିଁ । ତୁ ଏତିକି କାମ ଆମ ପାଇଁ କର । ଆମେ ବୁଢ଼ା ବୁଢ଼ୀ ଦି'ଟା ଆଉ କେବେ— କେବେ ତୋ ଦୁଆରେ ଆଉ ଆସି ମୁହଁ ଦେଖେଇବୁନି ।.... ଶୁଣୁଚଟି ମୋ କଥା ? ତମେ ଏଇଠି ଏମିତି ଚୁନିହୋଇ ବସିରହ । ପୁଣି ଥରେ ମୋ ରାଣ ପକେଇ କହୁଚି, ତମେ ରାଗ ନାହିଁ କି ମୁଣ୍ଡ ଖରାପ କର ନାହିଁ । ମୋରବାଡ଼ି ଯାଇ ମୋ ଦେହ ଟିକେ ଭଲ ହେଇଗଲେ, ତମେ ଦେଖିବ ମୁଁ ଘରର ସବୁ କାମଦାମ କରିବି । ମୋର ବାଡ଼ିରେତ ମୋ ଠାକୁରଙ୍କ ପାଇଁ ଗୋଟିଏ ଛୋଟ ଦେଉଳ ତିଆରି କରିବି । ଏଠି ଯାହାସବୁ ହେଇଗଲା ଦେଖିବ ଗୋଟିଏ ଅମଙ୍ଗଳିଆ ସ୍ୱପ୍ନପରି ତମେ ସେ ସବୁ ଭୁଲିଯିବ । ନନ୍ଦା ପରି

Digitized by srujanika@gmail.com

ପୁଅ ଆଉ ନଲୁ ପରି ଝିଅର ମା ହେବାର ଯୋଗ୍ୟ ମୁଁ ନୁହେଁ। ସେଥିପାଇଁ ମୁଁ ଜାଣୁଚି ମୁଁ କେବେ କାହାରି ମା' ହେଇନାଇଁ– ମୁଁ ବନ୍ଧ୍ୟା। ଯେତେଦିନ ମୁଁ ତମ ହାତଧରି ଚାଲୁଥିବି, ସେତେଦିନ ମୋର ଆଉ କୋଉକଥାକୁ କିଛି ଖାତିରି ନାହିଁ। ବେମାରରେ ଅଣ୍ଟା ଭାଙ୍ଗି ପଡ଼ିଚି, ହେଲେ ମୋ ମନ ଭାଙ୍ଗିନାହିଁ। ବାଟ, ଅବାଟ, ଆଲୁଅ ଅନ୍ଧାର, କିଛି ନମାନି ମୁଁ ତୁମ ହାତଧରି ତମକୁ ବାଟକଢ଼େଇ ଚାଲିଥିବି। ଖାଲି.... ଖାଲି ଏତିକି କଥା ମୋର ମାନିବ..... ଶୁଣୁଛଟି ମୋ କଥା ?.... ତମେ ଧୀରସ୍ଥିର ଶାନ୍ତ ରୁହ।..... ଏତିକି କଥା ମୋର ମାନିବନି ?

ଅପ୍ପା- ମାନିବି।

କାବେରୀ- ମୁଁ କ୍ୱାର୍ଟର ଭିତରୁ ଟିକିଏ ଆସୁଚି।

ଅପ୍ପା- କିନ୍ତୁ କାବେରୀ, ତୁମେ ଏ ଅବସ୍ଥାରେ....

କାବେରୀ- କିଛି ହବନାଇଁ। ମୁଁ ଏମିତି କାଛ ବାଡ଼ ଭରାଦେଇ ଯିବି ଆଉ ଆସିବି। ତମେ ଏଠି ବସିଥା। ମୁଁ ଖାଲି ଏତିକି ଡାଠୁ ବୁଝିବି......

(କାବେରୀ କାଛରେ ଭରାଦେଇ ଧୀରେ ଧୀରେ ବାହାରକୁ ଚାଲିଗଲେ। ଅପ୍ପା ସାହେବଙ୍କ ଦୃଷ୍ଟି ଏବେ ସୁଦ୍ଧା ଭୂମିରେ ନିବଦ୍ଧ।)

ଅପ୍ପା- କାହିଁକି ଆମେ ବଞ୍ଚି ରହିବୁ ?

(ମଞ୍ଚ ଅନ୍ଧକାର। ଗୋଟିଏ ଆଲୋକରେଖା ଅପ୍ପା ସାହେବଙ୍କ ଉପରେ ପଡ଼ିଛି।)

ଅପ୍ପା- (ଆଗେଇଯାଇ) To be or not to be that is the question.
ଜିଇଁବା ଆଉ ମରିବା
ଏକା କଥା
ଏ ସଂସାରର ଅଳିଆଗଦା,
ଘାସ ଗୋଛା ଆଉ ଛିଣ୍ଡା ଖଳିପତ୍ରର ବଣ ଭିତରେ,
ଲଜ୍ଜାହୀନ ଅସହାୟ ଆନନ୍ଦ ଭିତରେ ବଂଚିବି
ନା ଛିଣ୍ଡା କମ୍ବଳ ପରି, ଏ ଦେହଟାକୁ ଫିଙ୍ଗିଦେବି,
ଯେଉଁଥିରେ ଅନୁଭୂତିର ଯାତନାସବୁ
ମୃତ୍ୟୁର କାଳାକାଳିର ଗର୍ଭରେ ସବୁ ବେଢ଼ିରହିଛନ୍ତି ?
ନା ଗୋଟିଏ ପ୍ରହାରରେ,
ସମସ୍ତଙ୍କୁ ନିଃଶେଷ କରିଦେବି।
ମତେ, ତୋତେ, ତାକୁ ଆଉ ସେଠି ସେ ତାକୁ ବି।
ମୃତ୍ୟୁର କଳାନାଗ ଜୀବନକୁ ଏମିତି ଭାବେ ଦଂଶନ କରିବ
ଯେମିତିକି ବେହୋସ ଅବସ୍ଥାରୁ କେବେହେଲେ
ଜୀବନ ଉପକୂଳକୁ ଫେରିଆସିବ ନାହିଁ।
ନା କେବେନୁହେଁ-
କିନ୍ତୁ ସେ ବେହୋସ ଅବସ୍ଥାରେ ଯଦି ପୁଣି ସ୍ୱପ୍ନ ଦେଖାଦିଏ ?

Digitized by srujanika@gmail.com

ଯଦି...... ଯଦି
ନୂଆ ସ୍ୱପ୍ନର ଅପରିଚିତ ରାଜ୍ୟରେ ପ୍ରବେଶ କରିବାର ସାହସ ହେଉନାହିଁ
ସେଥିପାଇଁ ମତେ ସହିବାକୁ ପଡୁଛି ମୋର ପୁରାତନ ଜାଗୃତିକୁ।
ସହିବାକୁ ପଡୁଛି, ପ୍ରେତର ନିର୍ଜୀବତାର
ସ୍ୱାଭିମାନରୁ ଜନ୍ମ ଅତ୍ୟାଚାରକୁ
ଅସ୍ତିତ୍ୱର ଭିତରେ ବିଦ୍ୟମାନ ସତ୍ୟର ବିଡ଼ମ୍ବନା
ଆଉ ଶେଷରେ କରୁଣାର ପାତ୍ର ଧରି
ଦେବକଭାଙ୍ଗି ଠିଆ ହେଉଚି
ନିଜ ହତ୍ୟାକାରୀମାନଙ୍କ ଦ୍ୱାର ଦେଶରେ।

ହେ ଭଗବାନ୍ କାହିଁକି ତୁମେ ଏତେ ନିଷ୍ଠୁର? ଯେଉଁମାନଙ୍କୁ ଆମେ ଜନ୍ମ ଦେଉଛୁ, ସେମାନେ କାହିଁକି ଆମକୁ ଏମିତି ଭୁଲିଯାଉଛନ୍ତି? ପୁଣି ଆମେ ଯେଉଁମାନଙ୍କୁ ଜନ୍ମ ଦେଉଚୁ, ସେମାନଙ୍କୁ ତୁମେ ଭୁଲିଯାଉଚ। ହେ କରୁଣାକର। ଆମେ ବୃଦ୍ଧ ଲୋକମାନେ, କାହା ଚରଣ ତଳେ ମଥାପିଟି କାହାକୁ ପୂଜା କରିବୁ? କାହାକୁ? କାହାକୁ....

(ଚଉକି ଉପରେ ଯାଇ ବସିଲେ। ତାଙ୍କର କଥା ଶେଷ ଆଡ଼କୁ ମଂଚ ଆଲୋକିତ ହେଇଯାଇଛି। ଦେଖିଲେ ଜଣାଯାଏ ଅପ୍ପା ଯେମିତି ନିଜକୁ ସମ୍ପୂର୍ଣ୍ଣରୂପେ ହଜାଇ ଦେଇଛନ୍ତି। ନଲୁ ମୁହଁ ତଳକୁ କରି କବାଟ ପାଖରେ ଠିଆ ହୋଇଚି। କାବେରୀ ଖଟ ଧାରରେ ବସିଛନ୍ତି– କିପରି ଏକ ହତାଶ ଭାବ। ସୁଧାକର ଘର ସେମୁଣ୍ଡରେ ଝରକାବାଟେ ଯେପରି ଏକ ଶୂନ୍ୟ ଦୃଷ୍ଟିରେ ବାହାରକୁ ଚାହିଁରହିଛି। ମଂଚ ଆଲୋକିତ ହେଲାପରେ ଏହିପରି ଏକ ଦୃଶ୍ୟ ଦେଖିବାକୁ ମିଳିଲା...... ସମସ୍ତେ ନୀରବ। ସବୁ ନିସ୍ତବ୍ଧ। ବେଶ୍ କିଛିକ୍ଷଣ ଏଇ ଅବସ୍ଥାରେ କଟିଗଲା।)

କାବେରୀ- (ଅସ୍ଥିର ହୋଇ) ମୋ କଥା ଥରେ ଶୁଣ ଭଲା।

ଅପ୍ପା- କଣ କହୁଚ ତମେ?

କାବେରୀ- ଝୁଅଟାର ଭୁଲ୍ ହେଇଯାଇଚି। ଜ୍ୱାଇଁଙ୍କ ଦରମା ଟଙ୍କା ସେଇ ଆଲମିରାରେ ଥିଲା। ଏଇକ୍ଷିଣା ମିଳିଲା। ଲାଜରେ ଦୁଃଖରେ ଝିଅଟା ମାଟିରେ ମିଶିଗଲାଣି। ମୋର ହାର ବିକ୍ରି ଟଙ୍କା ଖଟତଳେ ଏଇ ଟ୍ରଙ୍କରେ ଅଛି। ଏ ଟଙ୍କା କଥା ନଲୁ ଜାଣିନି। ସେତେବେଳେ ଏ ଟ୍ରଙ୍କ ଖୋଲି, ଟ୍ରଙ୍କରେ ଟଙ୍କା ଦେଖି ନଲୁ ଭାବିଲା ଯେ.......

ଅପ୍ପା- (ରାଗିଉଠି) ତା'ବାପା ଟଙ୍କା ଚୋରି କରିଚି– ତା ବୋଉ ଟଙ୍କା ଚୋରି

Digitized by srujanika@gmail.com

କରିଚି। ବାପା ବୋଉ ଦୁହେଁ ବୁଢ଼ା ହେଇଗଲେଣି। ତାଙ୍କ ଗୋଡ଼ ହାତ ଅଚଳ ହେଇଗଲାଣି। ବୁଲା କୁକୁର ପରି ସବୁଥିରେ ମୁହଁ ମାରୁଚନ୍ତି। ତାଙ୍କୁ ଚୋର ତସ୍କର ଯାହା କହିଲେବି ତାଙ୍କର କିଛି ଯାଏଆସେ ନାହିଁ। ମୁଁ କହୁଚି ସର୍କାର ତମର ଏଇ କଉଡ଼ି ଦୁଇଟିକି ଦୁଇଟି କଣ୍ଢେଇପରି ଆସନରେ ବସେଇ ତାଙ୍କଠୁଁ ନ୍ୟାୟ ବିଚାର ଭିକ୍ଷା କରିବାତ ଦୂରର କଥା, ତାଙ୍କ ସାମ୍‌ନାରେ ଆମ ନିଜକୁ ନିର୍ଦ୍ଦୋଷ ବୋଲି କହିବାର ଇଚ୍ଛା ମୋର ନାହିଁ। କି ଦୁର୍ଭାଗ୍ୟ। ମରାଠୀ ରଙ୍ଗମଞ୍ଚର (ନିଜକୁ ଦେଖାଇ) ଏଇ ସାର୍ବଭୌମ ରାଜା ନଟ ସମ୍ରାଟ ବେଲବଲକର, ଯିଏ ଗଣପତରାଓ ଯୋଶୀଙ୍କ ପଟ୍ଟଶିଷ୍ୟ, ହାଡ୍ରେଲ୍‌କର– ଗଡ଼କରୀଙ୍କ ପରି ଦେବପ୍ରତିମ କଳାକାରମାନେ ଯାହା କାନ୍ଧ ଉପରେ ହାତ ରଖିଛନ୍ତି, ଯିଏ ଲକ୍ଷ ଲକ୍ଷ ଦର୍ଶକଙ୍କ ପ୍ରଶଂସା ଲାଭ କରି କୁବେର ପରି ଧନୀ ଆଉ ଇନ୍ଦ୍ରପରି ଭାଗ୍ୟବାନ ହୋଇପାରିଥିଲା– ଯିଏ ରଙ୍ଗଦେବତାଙ୍କ ଏକନିଷ୍ଠ ପୂଜାରୀ– ତୁ ତା ପ୍ରତି ଏଇ ବ୍ୟବହାର କରିବୁ? ଏଇ ବିଡ଼ମ୍ବନା ..... କାହିଁକିନା ସିଏ ତୋର ବାପ– ସେ ବୁଢ଼ା ଅସହାୟ ହେଇଗଲାଣି– ତା ପାଖରେ ଆଉ ଟଙ୍କା ପଇସା କିଛି ନାହିଁ।

ନଲୁ- (ଆଗେଇଯାଇ ଅପ୍ପାଙ୍କ ଗୋଡ଼ ତଳେ ପଡ଼ି) ବାପା ମୋର ଭୁଲ୍ ହେଇଚି, ମୁଁ ଭୁଲ କରିପକେଇଚି। ତମ ପାଦ ଧରୁଚି ବାପା ତମର ସେଇ ଗେହ୍ଲା ଝୁଅକୁ ତମେ କ୍ଷମା କର।

ଅପ୍ପା- (ପାଦେ ପଛକୁ ଘୁଞ୍ଚିଯାଇ) ତୋ ମୁହଁରେ ଲଜ୍ଜାଥିଲେ, ତୋ ପାଟିରୁ ଏକଥା ବାହାରନ୍ତା ନାହିଁ। ମାନୁଛି ଦିନେ ତୁ ମୋର ଆଦରିଣୀ ଗେହ୍ଲା ଝୁଅ ଥିଲୁ– ହଁ ଥିଲୁ। କିନ୍ତୁ ଆଜି ସେ କଥା ଆଉ ନାହିଁ।...... ଭୁଲ୍ ମୁଁ କରିଛି– ଏ ମୋରି ଭୁଲ୍। ଯାହାକୁ ମୁଁ କହୁଥିଲି ସଜଫୁଟା ଗୋଲାପ ପରି ଏ ସୁନ୍ଦର ଝୁଅଟି ମୋର- ଏ ସୁନ୍ଦର ପୁଅଟି ମୋର। କିନ୍ତୁ ପ୍ରକୃତପକ୍ଷେ ସେମାନେ ମୋର କେହି ନଥିଲେ। ଏ ଦୁନିଆରେ କେହି କାହାର ନୁହଁନ୍ତି। ହୁଏତ କାହାରି ଅତୃପ୍ତ ଆତ୍ମା ଗୋଟାଏ କକ୍ଷଚ୍ୟୁତ ଗ୍ରହ ପରି ଘୂରିବୁଲୁଥିଲା। ଆମ ପିତୃହୃଦୟର ଲାଳସା ପୂର୍ଣ୍ଣ କରିବା ପାଇଁ ଆମ କୋଳକୁ ଓହ୍ଲାଇଆସିଲା– ଆଉ ଆମେ ପରମ ସନ୍ତୋଷରେ ଭାସିଯାଇ କହିଉଠିଲୁ ଆମେ ବାପ ହେଇଗଲୁ ହଁ ଆମେ ମା ହେଇଗଲୁ! କିନ୍ତୁ ଏସବୁ ଭୁଲ୍ ସବୁ ଭ୍ରାନ୍ତି। ଆମେ କେବଳ ଲାଳସା ବାସନାର ଗୋଟାଏ ଗୋଟାଏ ସିଡ଼ି ଗୋଟାଏ ଗୋଟାଏ ପାହାଚ। (ଚଉକି ଉପରେ ଢଳିପଡ଼ିଲେ।)

ସୁଧାକର- ମୁଁ ଆପଣଙ୍କୁ ହାତଯୋଡ଼ି ପ୍ରାର୍ଥନା କରୁଛି, ଆପଣ.....

Digitized by srujanika@gmail.com

କାବେରୀ- (ଖଟରୁ ଉଠି ଅପ୍ପାଙ୍କ ପାଖକୁ ଯିବାରଚେଷ୍ଟା କରି) ମୁଁ କହୁଚି– ମୋ କଥା ଥରେ ତମେ ଶୁଣ ଏଠି ଏ ଯାହା ଯାହା ହେଉଯାଉଚି ମୁଁ ଆଉ ସହିପାରୁନି ମୋ ଛାତି ଭିତରେ ଫାଟିଗଲା ପରି ଜଣାପଡୁଚି। ହେଲେ, ମୁଁ କହୁଚି– ମୋ କଥା ମାନ ତମେ ଆଜି ରାତିଟା, ହଁ ଆଜି ରାତିଟା.... ଆମେ ଏଠି ରହିବା। କାଲି ସକାଳୁ ଆମେ (କହିବାକୁ କଷ୍ଟ ହେଉଥାଏ, କିନ୍ତୁ ସେ କହି ଚାଲିଛନ୍ତି।) ଆମେ ମୋରବାଡ଼ି ଚାଲିଯିବା..... ନାଁ, ମୁଁ ହାରିଯାଇ ନାହିଁ ମୁଁ ମୋରବାଡ଼ିରେ ତମ ପାଇଁ; ତମ ପାଇଁ; ହେ ପ୍ରଭୁ..... (ଛାତିରେ ଅସହ୍ୟ ଯନ୍ତ୍ରଣା ଯୋଗୁଁ ତଳେ ଢ଼ଳିପଡ଼ିଲେ।)

ନଲୁ- ବୋଉ ! ବୋଉ !

ଅପ୍ପା- ସର୍କାର– ସର୍କାର।

(ଦ୍ୱିତୀୟ ଅଙ୍କ ସମାପ୍ତ)

Digitized by srujanika@gmail.com

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ

(ନଲୁର ବୈଠକଖାନା। ସମୟ– ଦ୍ୱିପ୍ରହର। ଚିନ୍ତିତ ମନରେ ନଲୁ ଇଜି ଚେୟାର ଉପରେ ବସିଚି। ସୁଧାକର ଫୋନ୍‌ରେ କଥାବାର୍ତ୍ତା କରୁଚି।)

ସୁଧାକର- (ଫୋନରେ) ହାଲୋ- ଏକ୍ସଚେଞ୍ଜ! ହାଲୋ ଏକ୍ସଚେଞ୍ଜ, ମୁଁ କାର୍ଲେକାର କହୁଛି। ଦେଖନ୍ତୁ, ଯୋଶୀ ସାହେବ, ମୁଁ ବମ୍ବେ କଲ୍ ବୁକ୍ କରିଚି ହଁ ଆଜ୍ଞା ଅର୍ଜେଣ୍ଟ। ଅଧ ଘଣ୍ଟାଏ ହେଇଗଲାଣି। ଏତେବେଳଯାଏ ପାଉନାହିଁ ହଁ ନନ୍ଦା ବେଲବଲକର ନ ହେଲେ ମିସେସ୍ ବେଲବଲକର। ଯେ କେହି ହଉ କଣକହିଲେ? ଦଶ ପନ୍ଦର ମିନିଟ୍‌ରେ ପାଇଯିବି? ଥ୍ୟାଙ୍କ୍ ୟୁ। ଆପଣ କାଇଣ୍ଡ଼ଲି ନିଜେ ଟିକେ ଚେଷ୍ଟା କରନ୍ତୁ ଇଟ୍‌ସ୍ ଭେରି ଭେରି ଅର୍ଜେଣ୍ଟ– ଓ'କେ। (ରିସିଭର ରଖିଦେଲେ)

ନଲୁ- କଣ ହେଲା?

ସୁଧାକର- କହୁଛନ୍ତି ଲାଇନ୍ ଖରାପ ଥିଲା, ଏବେ ଠିକ୍ ହେଇଚି। ଦଶପନ୍ଦର ମିନିଟ୍‌ରେ ମିଳିବ।

ନଲୁ- ଯେତେବେଳେ ଆମର ଠିକ୍ ଦର୍କାର, ସେତେବେଳେ ତାଙ୍କ ଲାଇନ୍ ଖରାପ ହେଇଯିବ। ପୁଲିସକୁ ଆଉଥରେ ପଚାରି ଦେଖ?

ସୁଧାକର- (ଫୋନ୍‌ରେ) ପୋଲିସ୍ ଷ୍ଟେସନ? ଯାଦବ ସାହେବ ଅଛନ୍ତି?..... ହାଲୋ– ଇନସ୍‌ପେକ୍ଟର ସାହେବ ମୁଁ କାର୍ଲେକାର କହୁଛି। କିଛି ଖବର ପାଇଲେ? ....ଓ ପାଇ ନାହାନ୍ତି? ହଁ ହଁ ମୁଁ ଜାଣେ ନା ଆମେ ଦୁହେଁ ଟିକେ ସହର ବାହାରକୁ ଚାଲି ଯାଇଥିଲୁ। ବୋଧେ କାଲି ରାତିରେ ଚାଲିଯାଇଛନ୍ତି– ଆଜ୍ଞା,.... ଆଜ୍ଞା,– ଆଜ୍ଞା। ଥ୍ୟାଙ୍କ ୟୁ। (ଚଉକି ଉପରେ ବସିପଡ଼ି) ପୋଲିସ୍ ସବୁଆଡ଼େ ଖବର ପଠେଇଛନ୍ତି। ଏସ୍. ଟି. କୁ ବି ପଚାରିଛନ୍ତି। କିନ୍ତୁ ସବୁଆଡୁ ଖବର ଆସିବା ପାଇଁ କିଛି ସମୟ ଲାଗିବ।

ନଲୁ- ଟ୍ରେନ୍‌ରେ ବି କୁଆଡ଼େ ଯାଇ ନାହାନ୍ତି। ଆମେ ତ ନିଜେ ଷ୍ଟେସନ୍ ଯାଇ ସବୁ ବୁଝାବୁଝି କରି ଆସିଲୁ। ଷ୍ଟେସନ୍ ମାଷ୍ଟର ତାଙ୍କୁ ଭଲ କରି ଜାଣିଛନ୍ତି। ତାଙ୍କ ଆଖିରେ ପଡ଼ିଥିଲେ ସେ ଆମକୁ କହିଥାଆନ୍ତେ।

(ଫୋନ୍ ବାଜିଉଠିଲା)

Digitized by srujanika@gmail.com

ସୁଧାକର- (ଫୋନ୍‌ରେ) ହାଲୋ। ଟ୍ରଙ୍କକଲ ବମ୍ବେ?..... ସ୍ପିକିଙ୍ଗ୍– କିଏ? ନନ୍ଦା– (ନଲୁକୁ) ତମେ କଥାବାର୍ତ୍ତା କରିବ?

ନଲୁ- ନାଇଁ ମୁଁ ପାରିବିନି। (ଆଖି ପୋଛିଲା)

ସୁଧାକର- (ଫୋନ୍‌ରେ) ହାଲୋ– ନନ୍ଦା, ମୁଁ ସୁଧାକର କହୁଛି– ରାହୀ ନଗରରୁ..... ଗୋଟାଏ ଅସୁବିଧା ହେଇଯାଇଛି..... ଆଜି ସକାଳୁ ବାପା କାହାକୁ କିଛି ନକହି କୁଆଡ଼େ ଚାଲିଯାଇଛନ୍ତି– ନାଇଁ ଆମେ ଦୁହେଁ କେହି ଘରେ ନଥିଲୁ, ଘରକୁ ଫେରି ଜାଣିଲୁ। ବିଠୋବା ଆମକୁ କହିଲା, ନାଇଁ କାହାକୁ କିଛି କହି ନାହାନ୍ତି, ହଁ ପୁଲିସକୁ ତ ଖବର ଦେଇ ଦେଇଛୁ, ଆମେ ନିଜେ ଯେତେ ପାରୁ ଖୋଜାଖୋଜି କରୁଛୁ।.... ହଁ, କଥାବାର୍ତ୍ତାରେ ତ ଭ୍ରମ ଏମିତି ରହୁଥିଲା, ସେତେବେଳେ ତୁ ନିଜେ ଆସି ଦେଖିଯାଇଛୁ। ଏକଥା ଘଟିବ ବୋଲି ଆମେ କେବେହେଲେ ଭାବି ନଥିଲୁ।..... ଏଁ....ଆଚ୍ଛା.... ଆଚ୍ଛା– ହଁ ତମର ସେଠିକି ଗଲେ ଫୋନ୍‌କରି ଜଣେଇଦେବ।..... ଆମେ ତ ସାଙ୍ଗେ ସାଙ୍ଗେ ଖବର ଦେବୁ..... ନାଇଁ ତମମାନଙ୍କର ଆସିବା ଦରକାର ନାଇଁ, ଆମେ ଯିବୁ– ହଁ, ହଁ ରହିଲି।

(ରିସିଭର ରଖିଦେଲେ)

ନଲୁ- ଏଇ ଦିନେ ଦି'ଦିନରେ କିଛି ଖବର ନମିଳିଲେ, ମୁଁ ଭାବୁଛି ଆମେ ବମ୍ବେ ଚାଲିଯିବା।..... ଏଇ ଗାଡ଼ି ଆସିଗଲା। (ଡ଼ାକିଲା) ବିଠୋବା!

ବିଠୋବା- (ଭିତରୁ) ଯାଉଚି ଆଜ୍ଞା।

(ଡ୍ରାଇଭର ଆସିଲା)

ସୁଧାକର- କ'ଣ ହେଲା?

ଡ୍ରାଇଭର– ସାହେବ କୋଉଠି କିଛି ଖବର ମିଳିଲାନି।

ସୁଧାକର- କୋଉ ପର୍ଯ୍ୟନ୍ତ ଯାଇଥିଲ?

ଡ୍ରାଇଭର- ଏପାଖ ସେପାଖ ଦି' ସଡ଼କରେ କୋଡ଼ିଏ ପଚିଶ ମାଇଲ ପର୍ଯ୍ୟନ୍ତ ଯାଇଚୁ– ଆଖପାଖରେ ଯାହା ଗାଁଗଣ୍ଡା ଥିଲା ପଚାରି ବୁଝିଛୁ। କେହି ତାଙ୍କୁ ଦେଖି ନାହାନ୍ତି ବୋଲି କହିଲେ।

ସୁଧାକର- ଆଚ୍ଛା ତୁମେ ଯାଅ। (ଡ଼ାକିଲେ) ବିଠୋବା....

(ଡ୍ରାଇଭର ଗଲା, ବିଠୋବା ଆସିଲା।)

ନଲୁ- ଇଏ କଣ ବିଠୋବା! ଏ ଜିନିଷପତ୍ର! .....

ସୁଧାକର- ମୁଁ ତୁମକୁ କହିବାକୁ ଭୁଲିଯାଇଚି ନଲୁ– ବିଠୋବା ଆମ ଏଠୁ ଚାକିରି ଛାଡ଼ି ଦଉଚି। ତା ହିସାବ ପତ୍ର ମୁଁ ସବୁ କରିଦେଇଚି।

ନଲୁ- ଚାକିରି ଛାଡ଼ି ଦଉଚି!

ବିଠୋବା- ଛାଡ଼ି ଦେଲିଣି ମେମ୍ ସାହେବ। ଏ ବେଗ୍ ଆଉ ଏ ବେଗ୍ ଭିତରେ କେଇ ଖଣ୍ଡ ଲୁଗାପଟାସବୁ ମୋର। କହିବେତ ସବୁ ଖୋଲି ଦେଖେଇଦେବି।

Digitized by srujanika@gmail.com

ନଲୁ- ତୁମେ ହୋସ୍‌ରେ ଥାଇ ଏକଥା କହୁଚ ?

ବିଠୋବା- ମାଫ୍ କରିବେ ମେମ୍ ସାହେବ– ମୁଁ.....

ନଲୁ- କୁଆଡ଼େ ଯିବ ତୁମେ ?

ବିଠୋବା- ଏବେ ତ ଏ ଅଂଚଳର ସବୁ ଗାଁ ବୁଲିବୁଲି ଅପ୍ପା ସାହେବଙ୍କ ଖୋଜ ନେବି ।

ନଲୁ- ଦେଖୁଚି ତମକୁ ଅପ୍ପାସାହେବଙ୍କ ଚିନ୍ତା ଆମଠୁ ଅଧିକ ଲାଗିଛି । ତମେ କଣ ଭାବୁଛ ପୁଲିସଠାରୁ ତମର ବୁଦ୍ଧି ବେଶୀ ?

ବିଠୋବା- ମୋ ଦୋଷ ଧରିବେ ନାହିଁ ମେମ୍ ସାହେବ । ଅପ୍ପା ସାହେବ ଆପଣଙ୍କର ବାପା । ଆପଣ ତାଙ୍କୁ ସେଇ ବାପା ଭଳି ଦେଖନ୍ତି– ମୁଁ ତାଙ୍କୁ ଦେଖେ ଏ ମହାରାଷ୍ଟ୍ର ରାଜ୍ୟର ସମ୍ରାଟ ରୂପେ । ଶିବାଜୀ ମହାରାଜା ମରିଗଲା ପରେ– ତାଙ୍କ ପୋଷା କୁକୁର ଶ୍ମଶାନରେ ତାଙ୍କ ଚିତା ଭିତରକୁ ଡେଇଁପଡ଼ିଥିଲା । ତାଙ୍କ ପୁଅ କି ତାଙ୍କ କୁଟୁମ୍ବର କେହି ସେ ଚିତା ଭିତରକୁ ଡେଇଁ ନଥିଲେ । ଏଇଟା ଏକାବେଳେକେ ଅଲଗା ଜିନିଷ ମେମ୍ ସାହେବ । ଆଉ ପୋଲିସ କଥା ଯାହା କହିଲେ ଯୋଉ କାମଟା ପୁଲିସ କରିନପାରିବ, ସେ କାମଟା ମୁଁ କରିବା ଅସମ୍ଭବ ନୁହେଁ ?

ସୁଧାକର- ଚାକିରି ଛାଡ଼ି ତୁମେ ଯାଉଛ ବିଠୋବା, ଯାଅ– କିନ୍ତୁ ମୁଁ ଭାବୁଚି ଏଇଟା ତମର ଠିକ୍ ବିଚାର ହେଲାନି ।

ବିଠୋବା- ମୁଁ କିଛି ଅଧିକ ବିଚାର କରିନାହିଁ ସାହେବ । ଯିଏ ଦର୍କାରରୁ ଅଧିକ ବିଚାର କରେ, ସିଏ ନଟ୍‌ପରି ଗୋଟାଏ ଜାଗାରେ ଘୂରୁଥାଏ । ଘୁରିଘୁରି ସେଇଠି ତଳେ ପଡ଼ିଯାଏ । ଆଗକୁ ମାଡ଼ି ଯିବାର ବାଟ ନାଇଁ । ଜାଣନ୍ତି ତ ମୁଁ ଏଠୁ ସେଠୁ ଚୋରେଇ ଆଣି କଥାକୁହେ । ଏଇ ଯାହା କହିଲି ଏଇଟା ସେମିତିକା ଗୋଟେ କଥା ।.... ଅପ୍ପା ସାହେବ ଖୁବ୍ ସକାଳୁ ଚାଲିଗଲେଣି । ମୁଁ ଏ ଖରାବେଳଯାଏ ଏଠି ରହିଲି । ଦେଖୁଚି ଆଉ ରହି କିଛି ଲାଭନାହିଁ । କଲବଣକର ସାହେବଙ୍କୁ ଫୋନ୍ କରି କହିଦେଲି– ମୁଁ ଆଉ ତାଙ୍କ ନାଟକରେ କାମ କରିପାରିବି ନାହିଁ । ଶୁଣି, ସିଏ ବି ଭାରି ଖୁସୀ ହେଇଗଲେ । କାହିଁକି ନା ସେଇ ରୋଲ୍‌ଟା କରିବା ପାଇଁ ତାଙ୍କ ଶଳା ସାହେବଙ୍କର ଭାରି ଲୋଭ ଅଛି । ଆଉ ମୋର ଏଠି କିଛି ବାଧା ବନ୍ଧନ ନାହିଁ । ଆପଣଙ୍କ ଦୟାରୁ କିଛ ଟଙ୍କା ପଇସା ପାଖରେ ଅଛି । ସେତକ ଟଙ୍କା ଖର୍ଚ୍ଚ ହେବାଯାଏଁ ଗାଁ ଗାଁ ବୁଲି ଅପ୍ପା ସାହେବଙ୍କୁ ଖୋଜିବି । ତାଙ୍କ ଠିକଣା ପାଇଲେ ସାଙ୍ଗେ ସାଙ୍ଗେ ଆପଣଙ୍କ ପାଖକୁ ଖବର ପଠେଇବି । ନନ୍ଦା ସାହେବଙ୍କ ପାଖକୁ ଖବର ପଠେଇବି । ଯାଉଛି ହଜୁର୍, ଯାଉଛି ମେମ୍ ସାହେବ– ସାଢ଼େ ଚାରିଟା ବସ୍ ଧରିବି । ଆପଣମାନେ ମତେ ଛାଡ଼ିଦେଇଚନ୍ତି, ମୁଁ ଋଣୀ । ଯାଉଚି, ପ୍ରଣାମ !

(ବିଠୋବାର ପ୍ରସ୍ଥାନ । ଫୋନ୍ ବାଜିଲା । ସୁଧାକର ଫୋନ୍ ଉଠେଇଲେ ।)

Digitized by srujanika@gmail.com

ସୁଧାକର- ହ୍ୟାଲୋ– ଯାଦବ ସାହେବ? ବାପାଙ୍କ ଫଟୋ ଦର୍କାର? ଆଚ୍ଛା, ଶୁଣନ୍ତୁ ମୁଁ ବର୍ତ୍ତମାନ ଆପଣଙ୍କ ପାଖକୁ ଯାଉଚି। ହଁ, ଏଇ ସାଙ୍ଗେ ସାଙ୍ଗେ। (ରିସିଭର ରଖିଦେଇ) ନଲୁ! ମୁଁ ଥାନାକୁ ଯାଉଚି। ଯାଦବ ସାହେବ ଅପେକ୍ଷା କରିଛନ୍ତି।

(କୋଟ୍ ଉଠାଇ ନେଇ ସୁଧାକର ଚାଲିଗଲା। ନଲୁ ନିର୍ଜିବ ଭଳି ବସି ରହିଥାଏ। ବାହାରେ ଭୟଙ୍କର ମେଘ ଗର୍ଜନ ଶୁଣାଗଲା। ନଲୁ ଚମକିଉଠି ଦରଜା ପାଖକୁ ଚାଲିଗଲା ଏବଂ ଚିତ୍କାର କରି ଉଠିଲା।)

ନଲୁ- ସୁଧାକର– ବୁଝିସୁଝି ହୁସିଆରରେ ଯାଅ। ଖୁବ୍ ଜୋର୍‌ରେ ବର୍ଷା ତୋଫାନ୍ ମାଡ଼ିଆସୁଛି। ତମେ ସମ୍ଭାଳି ପାରିବ ନାହିଁ ହୁସିଆର୍‌ରେ ଯାଅ।

(ପାଟି କରିକରି ନଲୁ ବାହାରକୁ ଚାଲିଗଲା। ଘଡ଼ଘଡ଼ି ଚଡ଼ଚଡ଼ି ଯୋଗୁ ସବୁ ଅନ୍ଧାର ହେଇଗଲା। ପରବର୍ତ୍ତୀ ଦୃଶ୍ୟର ଆରମ୍ଭ ପର୍ଯ୍ୟନ୍ତ ଏମିତି ଶବ୍ଦ ଶୁଣାଯାଉଥାଏ।)

(ପରଦା)

Digitized by srujanika@gmail.com

ଦ୍ୱିତୀୟ ଦୃଶ୍ୟ

(କୌଣସି ଏକ ଗ୍ରାମ ନିକଟସ୍ଥ ଜଙ୍ଗଲ। ସେଇ ପାଖ ଦେଇ ଗୋଟିଏ ଅଙ୍କାବଙ୍କା ଲାଲ ଗୋଡ଼ି ରାସ୍ତା। ଗୋଟିଏ ଗଛତଳେ ଏକ ଚଟାଣ ଦୃଶ୍ୟମାନ। ଆକାଶରେ ମେଘ ଢ଼ାଙ୍କିଛି– ଅଳ୍ପ ଅଳ୍ପ ବର୍ଷା ହେଉଛି। ବିଜୁଳି ଚମକୁଚି। ସମୟ ମଧ୍ୟାହ୍ନ। କିନ୍ତୁ ଆକାଶରେ କୋଉଠି ସୂର୍ଯ୍ୟ ଦେଖାଯାଉନାହାନ୍ତି। ଅସ୍ତା, କେତେବେଳେ ବେସୁରା କେତେବେଳେ ଦ୍ରୁତ ସ୍ୱରରେ ଗୋଟିଏ ଗୀତ ଗାଇ ଗାଇ ଆସିଲେ। ତାଙ୍କର ପରିଧାନ– ଧୋତି କାମିଜ୍, ଲମ୍ବା କୋଟ– ସବୁ ଏକାବେଳେକେ ମଇଳା ଅପରିଚ୍ଛନ୍ନ ହେଇଯାଇଛି। ମଥାରେ ଟୋପି ନାହିଁ।)

ଅସ୍ତା- (ଗୀତ) ମୋ କୁନା ମୁନା
ମୋ ବଗଲା ବଗୁଲୀ
ମୋ ରାଜା ରାଣୀ
ଶୁଣ କାହାଣୀ
ଠୁକୁ ଠୁକୁ ଠୁକୁ ଯାଉଚ ଚାଲି
ଦରୋଟି ହସ ମାରୁଚ ତାଳି
ମେଘ ଗର୍ଜନ
ବିଜୁଳି ଚମକ
ମୋ ସୁନା ରାଜା,
ମୋ ସୁନେଇଁ ରାଣୀ
ଯାଅନା କୁଆଡ଼େ
ମାଡ଼ି ଆସିଲାଣି ବରଷା ପାଣି।

(ଏତିକିରେ ଗୀତ ବନ୍ଦ ହେଲା। ଆଖପାଖରେ ଥିବା ବଣବୁଦା ଆଉ ଗଛସବୁକୁ ଅସ୍ତା କିଛିକ୍ଷଣ ବୁଲି ବୁଲି ଦେଖିଲେ। ତା'ପରେ ଆକାଶକୁ ଚାହିଁ ଜଣେ ଫେରିବାଲା ଡ଼ାକିବା ଭଙ୍ଗୀରେ ଚିତ୍କାର କରି କହିବାକୁ ଲାଗିଲେ।)

ଅସ୍ତା- କିଏ ଘରଦବ ଘର
ଗୋଟାଏ ଝଡ଼ ତୋଫାନକୁ

Digitized by srujanika@gmail.com

ଏ ତୋଫାନ ଯିଏ ଚାଳଛପର ଆଉ ପାଚେରୀ କାନ୍ଥରୁ ହୀନ
ଯିଏ ମଣିଷର ସ୍ନେହ ପ୍ରୀତି, ଆଉ ଈଶ୍ୱରଙ୍କ ଦୟାଳାଭରୁ ବିଚ୍ଛିନ୍ନ
ଯିଏ ବଣ ଜଙ୍ଗଲ ଘୁରି ବୁଲୁଚି
ତାକୁ ଟିକେ ଜାଗା ଦବ ଜାଗା
ଯୋଉ ଜାଗାରୁ ତାକୁ କେହି ଉଠେଇ ଦେଇ ପାରିବେ ନାହିଁ।
ଏମିତି ଗୋଟେ ଥାନ ବୁଲୁଚି
ଏ ତୋଫାନକୁ କେହି ଘର ଦବ ଘର ?
ଭାଇମାନେ ମୁଁ ସତ କହୁଚି
ଏ ତୋଫାନ ଥକି ପଡ଼ିଲାଣି
ଗଛ ବୃକ୍ଷ ଆଉ ପାହାଡ଼ ଘାଟିରେ
ଅଧେ ଭାଙ୍ଗି ପଡ଼ିଛି।
ସାଗରର ଲହରୀ ଉପରେ
ଦାବାନଳର ଶିଖା ଉପରେ
ଧୋକା ଖାଇ ଖାଇ
ଏ ତୋଫାନ ହାରି ଯାଇଛି।
କେହି ଘରଦବ ଘର
ତୋଫାନର ମହଲ ଲୋଡ଼ାନାହିଁ
ଲୋଡ଼ାନାହିଁ ରାଜବାଟୀର ସେଟ୍
ଉପାଧି ନୁହେଁ, ଜହରବି ନୁହେଁ
ଟଙ୍କା ଥଳିର ଭେଟି ନୁହେଁ
ଚାହେଁ, କେବଳ୍ ଛୋଟ ଘର ବଖରାଏ
ଖଣ୍ଡେ ପୁରୁଣା ଆରାମ ଚଉକି ତୋଫାନ ବସିବା ପାଇଁ।
ଆଉ ଏକଥା ବି ଭୁଲିବନାହିଁ ଭାଇମାନେ
ପଛପଟ ଅଗଣାରେ
ଗୋଟିଏ ଛୋଟ ତୁଳସୀ ଚଉରା ଦରକାର
ସର୍କାର ପାଇଁ (କାନ୍ଦି)
ସର୍କାର
ସର୍କାର।

(ପଥର ଉପରେ ବସିପଡ଼ିଲେ। ହଠାତ୍ କାନ୍ଦ ବନ୍ଦ ହେଇଗଲା। ପକେଟ୍ରୁ ଗୋଟିଏ ଠୁଙ୍ଗା ବାହାର କରି, ସେଥିରୁ କଣ ଆଣି ଖାଇବାକୁ ଲାଗିଲେ। ଏ ଭିତରେ ଦୁଇତିନିଜଣ ଗ୍ରାମବାସୀ ଅପ୍ପାଙ୍କ ଆଡ଼କୁ ଚାହିଁ ଚାହିଁ ଯେଇ

Digitized by srujanika@gmail.com

ବାଟଦେଇ ଗଲେ। ଟିକିଏ ପରେ ଜଣେ କୃଷକ ଶ୍ରେଣୀର ଲୋକ ଓ ତା'ସ୍ତ୍ରୀ ମୁଣ୍ଡରେ ଟୋକେଇ ମୁଣ୍ଡେଇ ଆସିଲେ। ସେମାନେ ଟିକିଏ ଆଗେଇ ଯାଇ ନିଜ ନିଜ ଭିତରେ କଣ ଫୁସ୍‌ଫାସ୍ କଥାବାର୍ତ୍ତା ହେଲେ ଓ ଅପ୍ପାଙ୍କ ନିକଟକୁ ଫେରି ଆସିଲେ।)

କୃଷକ- ବୁଢ଼ାବାବୁ, ଝିପି ଝିପି ମେଘ ବରଷୁଛି– ଏଠିଟାରେ ବସିପଡ଼ିଲ କାଇଁକି? କଣ ବାଟବଣା ହେଇଗଲକି?

ଅପ୍ପା- (ଯେମିତି ଚୈତନ୍ୟ ଲାଭ କରି) ମତେ କଣ କିଛି କହିଲ?

କୃଷକ- ହଁ, ମୁଁ କହିଲି କି ତେମେ କଣ କୋଉଠିକି ଯିବ ବାଟ ପାଉନ?

ଅପ୍ପା- ନାଇଁ ନାଇଁ ମୁଁ ବାଟ ଭୁଲିନେଇଁ, ମୁଁ ବାଟ ଚାହିଁ ବସିଛି।

ସ୍ତ୍ରୀ- କାହାବାଟ ଚାହିଁ ବସିଛ ମଉସା?

ଅପ୍ପା- ମୋ ସ୍ତ୍ରୀର। ମୁଁ ତାଙ୍କୁ ସର୍କାର ବୋଲି କହେ।

ସ୍ତ୍ରୀ- ସେ କଣ ପଛରେ ଆସୁଛନ୍ତି?

ଅପ୍ପା- ନା, ସେ ପଛରେ ଆସୁନାହାନ୍ତି ଯେ, ମୁଁ ପଛରେ ପଡ଼ିଯାଇଚି। ହେଲେ ସେ ମୋ ଆଗେ ଆଗେ ଯାଇଛନ୍ତି ସତ, କିନ୍ତୁ ମୋ ପଛକୁ ନ ଆସି ରହିପାରିବେନି। କାହିଁକି ନା ତୁଳସୀ ଚଉରା ପରା ତିଆରି କରିବାର ଅଛି।

(ସ୍ୱାମୀ ସ୍ତ୍ରୀ ଦୁହେଁ ପୁଣି ନିଜ ନିଜ ଭିତରେ ଫୁସ୍‌ଫାସ୍ କଥାବାର୍ତ୍ତା ହେଲେ।)

କୃଷକ- ହେଇତି ଶୁଣ। ଏଇ ଗାଁ ମୁଣ୍ଡରେ ଆମର ଚାଳିଖଣ୍ଡକ ଅଛି। ଚାଲ ସେଇଠି ଟିକିଏ ବସିପଡ଼ିବ। ହାତଗୋଡ଼ କୋଳ ମାରି ଯିବଣି, ଉଷୁମ ହେଇଯିବ।

ସ୍ତ୍ରୀ- ଦେଖୁଚ ମଉସା, ମେଘ କେମିତି ହୁ ହୁ ବର୍ଷି ଆସିଲାଣି। ଏଇ ସେ ବଣ ସେ ମୁଣ୍ଡରୁ ମେଘ କେମିତି ବର୍ଷି ଆସିଲାଣି। ତୁମେ ବସିବ କୋଉଠି? ପୁଣି ଏପାଖରୁ କେମିତି କଳାକଳା ପୁନେଇଁ ମେଘ ଉଠେଇ ଆସିଲାଣି। ଏଇନେ ହୁ ହୁ କାଟିଦେଇଯିବ। ଚାଲ, ଆମ ଘରକୁ ଚାଲ ମୁଁ ଉହ୍ଲେଇରେ ନିଆଁ ସଜାଡ଼ି ଦେବି, ତେମେ ଗୋଡ଼ ହାତ ସେକିବ, ତେଣିକି ତମ ବୁଢ଼ୀ ଆସିଲେ ତମର ଯୁଆଡ଼େ ଯିବାରକଥା ଯିବ।

ଅପ୍ପା- ମୋ ସ୍ତ୍ରୀ ଆସିବେ? ନାଇଁ ଲୋ ମାଆ, ସେ ଆଉ ଆସିବନି। ସିଏ ସ୍ୱର୍ଗରେ ଯାଇ ଭଗବାନ୍‌ଙ୍କ ଘରେ ରହିଲାଣି, ସିଏ କଣ ଆଉ ଏ ପୃଥିବୀକୁ ଫେରିବ? ଆଉ ଫେରିବ ବା କାହିଁକି– କାହାପାଇଁ। ଏଠି ଆଉ କଣ ରହିଲା ଯେ ସିଏ ଏଠିକି ଫେରିବ। ଶୁଣ ଭାଇ, ଆକାଶରେ

Digitized by srujanika@gmail.com

ଥରେ ତାରାମାନଙ୍କ ସଭାରେ ପୃଥିବୀକୁ ପଚରା ହେଲା– ହେ ପୃଥିବୀ ମାତା ତୋ ଜଗତରେ ସବୁଠୁ ବଳି ମୂଲ୍ୟବାନ୍ ଜିନିଷ କଣ ଅଛି? ସେ ଅତି ଆନନ୍ଦରେ ଆଉ ଗର୍ବରେ ନିଜ ପଣତ କାନି ଭିତରୁ, ଗୋଟିଏ ମଣିଷକୁ ବାହାର କରି ଦେଖେଇ ଦେଲା। ସେ ମଣିଷକୁ ଦେଖି ତାରାମାନେ ଖିଲିଖିଲି ହୋଇ ହସିଉଠିଲେ। ପାଞ୍ଚ ହାତ ଝିଂକାରୀଟାଏ– ଦେହସାରା ଗନ୍ଧ ବାହାରୁଚି। ମଣିଷ କେତେବେଳେ ଯେ ଝିଂକାରୀ ହେଇଗଲାଣି ଏକଥା ବିଚାରୀ ପୃଥିବୀ ଜାଣିନି। ମଣିଷ ଯଦି ଝିଂକାରୀ ହେଇଗଲା, ପୃଥିବୀ ପାଖରେ ଆଉ ରହିଲା କଣ?

ସ୍ତ୍ରୀ- (ସ୍ୱାମୀ କାନପାଖରେ) ମୁଁ କହୁଚି ଏ ବୁଢ଼ା ମଉସା ବାଇଆ ହେଇଗଲାଣି।

କୃଷକ- କଣ କହୁଚ ମଉସା, ଆମ ସାଙ୍ଗରେ ଯିବନି? ଏଇ ଦେଖ ପୁଣି ପାଣି ବର୍ଷିଆସିଲାଣି। (ସ୍ତ୍ରୀକୁ) ଏଇ ଦେଖ୍ ଏଡ଼େ ଖଣ୍ଡେ ତଉଲିଆରେ ମୁଣ୍ଡ ଘୋଡ଼େଇଲିଣି। (ଅପ୍ପାକୁ) ତେମେ ଆମ ଘରକୁ ଚାଲ। ଦି'ନେ ଦି'ଦିନି ଆମ ଘରେ ରହିବ, ଶୁଖାରୁଖା ଯାହାଥିବ ଆମ ସାଙ୍ଗରେ ଖାଇବ। ଆଉ ତମ ଛୁଆପିଲା ଆସିଲେ ତମର ଯୁଆଡ଼େ ଯିବାର କଥା ଯିବ।

ଅପ୍ପା- ମୁଁ ଦେଖୁଚି ତମେମାନେ ଭାରି ଭଲ ମଣିଷ। ହେଲେ ମୋ ଛୁଆ ପିଲାଙ୍କ ନାଁ କାହିଁକି ଧରୁଛ? ତମେ ଯାଅ ବାବୁ ତମ ଘରକୁ ଯାଅ। ଚଞ୍ଚଳ ଯାଅ। ତା' ନହେଲେ ଏ ବଣ ଜଙ୍ଗଲର ଭୂତ.... ଜାଣିଚଟି, ଭୂତ। ଯେମିତି ସଞ୍ଜ ହେଇଯିବ- ଏ ରାସ୍ତାକୁ ଗୋଟେଇ ପୋଟେଇ ନେଇ କୋଉଠି ଲୁଚେଇ ଦବ। କେହି କୁଆଡ଼େ ଯାଇପାରିବେ ନାହିଁ। ତୁମେ ଯାଅ।

କୃଷକ- ହଁ ବାବା ଆମେ ଯାଉଚୁ।

ଅପ୍ପା- ହଁ ଶୁଣ ସେ ମାଙ୍କଡ଼ଟାକୁ କହିବ– ସିଏ ତା ଖେଳ ଏତିକିରେ ବନ୍ଦ କରୁ।

କୃଷକ- ମାଙ୍କଡ଼! କୋଉ ମାଙ୍କଡ଼?

ସ୍ତ୍ରୀ- ଏଁ! ମାଙ୍କଡ଼, ମାଙ୍କଡ଼ ଏଠି କାହୁଁ ଆଇଲା?

ଅପ୍ପା- ଓ! ଶୁଣି ଆଶ୍ଚର୍ଯ୍ୟଲାଗୁଚି? ଏପର୍ଯ୍ୟନ୍ତ ଶୁଣିନଥିଲ ତୁମେ? ଏଇ ଉପରକୁ ଚାହଁ, ସେଇ ବିରାଟ ଆକାଶ ସାମ୍ନାରେ ଗୋଟାଏ କିମ୍ଭୁତ କିମ୍ବାକାର ମାଙ୍କଡ଼ ତା ଖେଳ ଦେଖାଉଛି। ଏକଥା ସେକ୍ସପିୟର ନିଜେ ମତେ କହିଛନ୍ତି। ଏମିତିକା ଅପରିଷ୍କାର ଅସଭ୍ୟ ବେହିଆ ଖେଳାଳୀ ଯେ ଗୋଟାଏ ବ୍ରହ୍ମରାକ୍ଷସ ତାକୁ ଦେଖି ହସି ହସି ନୟାନ୍ତ ହେଇଗଲା। ଆଉ ନିଜେ ଭଗବାନଙ୍କ ଆଖିରୁ ଲୁହ ବୋହି ଆସିଲା। ଭଗବାନ୍‌ଙ୍କ ଆଖିରୁ ଲୁହ

Digitized by srujanika@gmail.com

ବୋହିବା କିଛି ସହଜ କଥା ନୁହେଁ। ଭଗବାନ୍‌ଙ୍କ ଆଖିରୁ ଯଦି ଥରେ ଲୁହ ବୋହିବା ଆରମ୍ଭ କରିବନା ତା'ହେଲେ ଏ ସାରା ପୃଥିବୀଟା ସେ ଲୁହ ବନ୍ୟାରେ ଭାସିଯିବ। ସେଥିପାଇଁ ତୁମେ ଦୁହେଁ ସେ ମାଙ୍କଡ଼ଟାକୁ ଯାଇ କୁହ, ସେ ଯାହା କରୁଚି କରୁ, ହେଲେ ଭଗବାନଙ୍କୁ ନ କନ୍ଦାଉ। କ'ଣ ମନେ ରହିଲା ?

କୃଷକ- ମନେ ରହିଲା ଯେ, ତେମେତ ଆମ ସାଙ୍ଗରେ ଯିବାକୁ ରାଜି ହେଲାନେଇଁ..... ସତରେ ଯିବନି ?

ଅପ୍ପା- ନା, ତୁମେ ଯାଅ। (ସେ ଦି'ଜଣ ଚାଲିଗଲେ। ଅପ୍ପା ଉଠି ଠିଆହେଇ ଖୁବ୍ ଜୋର୍‌ରେ ପାଟି କରି କହିଲେ) ହେ.... ବୁଝି ସୁଝି ହୁସିଆରରେ ଯାଅ, ପଶୁ ଜାନୁଆରଗୁଡ଼ାକ ଚାରିଦିଗରୁ ଛୁଟି ଆସୁଛନ୍ତି।
ପଶୁ ଗୁଡ଼ାକ ମାଡ଼ି ଆସୁଛନ୍ତି
ହୁସିଆର ରହ।
ପିଞ୍ଜରା ଭିତର ପଶୁ,
ଗୁମ୍ଫାର ପଶୁ
ବଣର ପଶୁ, ମନର ପଶୁ
ମନ୍ଦିର କମ୍ପି ଉଠୁଚି, ଅଟ୍ଟାଳିକା ଭାଙ୍ଗି ପଡୁଚି
ପୃଥିବୀକୁ କବଳିତ କରିବା ପାଇଁ
ପ୍ରଜ୍ୱଳିତ କ୍ରୋଧରେ ସେଗୁଡ଼ାକ ଧାଇଁ ବୁଲୁଛନ୍ତି।
ସାବଧାନ ରୁହ
ଅତି ଭୟାନକ ପଶୁପଲ
ଭାଇମାନେ ଭୟାନକ ପଶୁପଲ
ଝଡ଼ ବତାସ ପରି ଏଣେ ତେଣେ ଧାଇଁ ବୁଲୁଛନ୍ତି।
ସାବଧାନ ସାବଧାନ
ମନ୍ଦିର ଭାଙ୍ଗୁ, ଅଟ୍ଟାଳିକା ଭାଙ୍ଗୁ
ଜନବସତି ନଷ୍ଟ ହେଇଯାଉ
ବାରିବଗିଚା, ପୋଡ଼ି ପାଉଁଶ ହେଇଯାଉ
ସେଠି ଟାଙ୍ଗରା ଭୂଇଁ ଉପରେ ପଡ଼ିଚି
ଗୋଟାଏ ମଣିଷ ଶିଶୁ
ଡ଼ଉଳ ଡ଼ାଉଳ ଛବି ପରି, ଗୋଟେ ସୁନ୍ଦର ଶିଶୁ
ଆକାଶକୁ ଦେଖି ହସୁଚି
ସୂର୍ଯ୍ୟ କିରଣକୁ ଧରିବା ପାଇଁ ହାତ ବଢ଼ଉଚି।
ସେ ଶିଶୁକୁ ହୁସିଆରରେ ରଖ।
କେବଳ, ଏଇ ଶିଶୁଟି ନିରାପଦରେ ରହୁ।
(ଶେଷ ଆଡ଼କୁ ଖୁବ୍ ଜୋର୍‌ରେ କହିକହି ଜଙ୍ଗଲ ଭିତରକୁ ଚାଲିଗଲେ।)

Digitized by srujanika@gmail.com

ଦ୍ବିତୀୟ ଦୃଶ୍ୟ

(ବମ୍ୱେ.... ଏକ ନାଟ୍ୟଗୃହ ବା ନାଟ୍ୟ ଶାଳାର ପରିବେଶ। ଯେଉଁ ଦିଗରେ ଲୋକମାନଙ୍କର କିଛି କାରବାର ନାହିଁ, ସେହିପରି ଏକ ନିରୋଳା ଅଂଶ। ସେଠୁ ପଛପଟରେ ଥିବା ମୁଖ୍ୟ ନାଟ୍ୟଗୃହର କିଛି ବହିଁଭାଗ ତଥା ବୋର୍ଡ୍ ଓ ସାଜସଜ୍ଜାର ସୂଚନା ମିଳେ। ସମ୍ମୁଖ ଭାଗରେ ଏକ ଚଉତରା ଓ ଚଉତରାକୁ ଲାଗି ସବୁଜ ଘାସ ପଡ଼ିଆ।

ଚଉତରାର ଏକ ଦିଗକୁ ବିଜୁଳି ବତୀର ଏକ ଖମ୍ବ।.... ସମୟ– ସଂଧ୍ୟାକାଳ।

ପ୍ରାୟ ଷୋଳ ସତର ବର୍ଷ ବୟସର ଏକ ବୁଟ୍ ପାଲିସ ବାଳକ ପଦେ ସିନେମାଗୀତ ଗାଇଗାଇ ଆସିଲା। ତା'ହାତରେ ହଳେ ଯୋତା। ସେ ଚଉତରା ପାଖକୁ ଆସିଲା। ପଛକୁ ଅନେଇ ଦେଖୁଥାଏ, ଆଉ ତଳେ ବସିପଡ଼ି ଯୋତା ପଲିସ କରୁଥାଏ..... ପଛକୁ ଫେରିଚାହିଁ ଦେଖି, ହଠାତ୍ ଉଠି ଠିଆହେଲା ଓ ଜୋର୍‌ରେ ପାଟି କରି କହିଲା।)

ପିଲା- (ବଡ଼ ପାଟିରେ) ପାଣି ପିଇଲ ବାବା.... ହେ ଟୋକା, ବାବାଙ୍କ ଆଗେ ଆଗେ ଏମିତି ହାତ ହଲେଇ ଚାଲିଚୁ କଣ? ବୁଝିଆର କହିଦଉଚି– ବାବାଙ୍କୁ ହଇରାଣ କରିବୁତ ତୋ ହାତଭାଙ୍ଗି ଚୂନା କରିଦେବି।.... ଅନେଇଚୁ କ'ଣ ବେ! ଯା ଭାଗ ଏଠୁ। ରୁହ ବାବା, ମୁଁ ଯାଉଛି।

(ଭିତରକୁ ଗଲା– ଟିକିଏ ପରେ ଅପ୍ପାଙ୍କ ହାତଧରି ତାଙ୍କୁ ନେଇ ପୁଣି ଆସିଲା। ଦେଖାଗଲା ଅପ୍ପାଙ୍କ କୋଟ୍ ଆଉ ନାହିଁ। ଅତି ମଇଳା ଧୋତିଟିକୁ ଲୁଙ୍ଗିପରି ପିନ୍ଧିଛନ୍ତି। ସାର୍ଟଟା କେତେଯାଗାରେ ଚିରିଯାଇଚି। ଦାଢ଼ି ବାଳ ସବୁ ଅବିନ୍ୟସ୍ତ ଭାବେ ବଢ଼ିଯାଇଚି। ହାତରେ ଗଛର ଖଣ୍ଡେ ଛାଟ। ଅଣ୍ଟା ପିଠି ଝୁଙ୍କିଗଲାଣି– ଦୃଷ୍ଟିଶକ୍ତି କମି ଗଲାଣି।)

ପିଲା- (ଚଉତରା ଝାଡ଼ିଦେଇ) ଏ ଚଉତରା ଉପରେ ବସ ବାବା। ମିଛଟାରେ ଏଣେତେଣେ ବୁଲି କିଛି ଲାଭନାହିଁ। ତେମେ ବସ ଏଇଠି।

ଅପ୍ପା- (ବସି) ହଁ ଏଇଠି ବସୁଚି। ଆରେ ରାଜା ମୁଁ ଏଠି ବସିଲେ କେହି କିଛି କହିବେ ନାହିଁତ?

ରାଜା- ଏଇଟା ସରକାରୀ ରାସ୍ତା- କା ବୋପାର ଘର ନୁହେଁ। ଏଇଟା ମୋ ଇଲାକା। ତମକୁ କେହି କିଛି କହିଲେ ସେ ଶଳା ଦାନ୍ତ ଝାଡ଼ି ଦେବି।

Digitized by srujanika@gmail.com

ଅପ୍ପା- ନାଇଁ ନାଇଁ ରାଜା ତୁ ଏମିତି ଗାଳି ମନ୍ଦ କରନି।

ରାଜା- ଶୁଣ ବାବା, ସେ ଶଳାଏ କେଡ଼େ ସୁନ୍ଦର ଶର୍ଙ୍ଖ ମଲମଲ ଘରେ ଯୋଡ଼ି ଯୋଡ଼ି ପାରାଭଳି ଆରାମରେ ରହିବେ, ଆଉ ଆମେ ଟିକେ ରାସ୍ତା ଝାଡ଼ି ଶୋଇ ପଡ଼ିଲେ ଆମକୁ ମାରଧର କରିବେ ? ଏଥିରେ ଆମର ରାଗ ହବନି ?..... ହଉ ହେଲାବାବା- ତମରି କଥା ମାନିଲି। ସେ ସବୁ ବାଜେ କଥା ଗାଧୋଇଗଲା।..... ତମେ ସିଗ୍ରେଟ୍ ଟାଣିବ ?

ଅପ୍ପା- ହଁ ଟାଣିବି।

ରାଜା- ବଢ଼ିଆ ସିଗ୍ରେଟ୍ ଅଛି– ଚାରମିନାର (ଅପ୍ପାଙ୍କୁ ସିଗ୍ରେଟ୍ ଦେଲା ଓ ନିଜେ ଗୋଟେ ନେଲା। ଦୁହେଁ ବସି ସିଗ୍ରେଟ୍ ଟାଣିଲେ।) ଭଲ କରି ଦି'ଚାରି ଦମ ଟାଣ ବାବା, ମୁଁ ଏ ଯୋତା ଜୋଡ଼ାକ ପଲିସ କରିଦିଏ। ଡେରି ହେଇଗଲେ ପୁଣି ସେ ପକୁଡ଼ି ଦୋକାନୀ ମୋ ଉପରେ ବିଗିଡ଼ିବ। ତେମେ ଚୁପ୍‌ଚାପ୍ ବସି ସିଗ୍ରେଟ୍ ଟାଣ– କୁଆଡ଼େ ଯିବନାହିଁ ତ ?

ଅପ୍ପା- ନାହିଁ, କୁଆଡ଼େ ଯିବି ନାହିଁ।..... ଦେଖିଲୁରେ ରାଜା, ଏ ପଛପଟକୁ ଏ ବଡ଼ କୋଠାଘରଟା କାହାର ?

ରାଜା- (ପଲିସ୍ କରୁକରୁ) ସେଇଟାବାବା ଥିଏଟର– ସେଠି ନାଟକ ହୁଏ। ବହୁତ ଲୋକ ନାଟକ ଦେଖିବାକୁ ଆସନ୍ତି। ହେଲେ ସେ ସମସ୍ତେ ବଡ଼ ଲୋକ, ସମସ୍ତେ ଗାଡ଼ିରେ ଆସନ୍ତି। ଟିକେଟ୍ ବି ସେମିତି ମହଙ୍ଗା। ମନ ଡ଼ାକୁଚି ଯେମିତି ହେଉ ଥରେ ଟିକେଟ୍ କାଟି ତା ଭିତରେ ପଶି ଦେଖିବି କେମିତିକା ନାଟକ ହଉଚି। ଶୁଣିଚି ଏ କମ୍ପାନୀରେ ଭାରି ଟପ୍ ନାଟକ ହୁଏ। ତମେ କେବେ ନାଟକ ଦେଖିଛ ବାବା ?

ଅପ୍ପା- ମୁଁ ତ ଆଉ କିଛି ଦେଖି ନାହିଁରେ ରାଜା! ସେଇଥିପାଇଁ ମୋର ସବୁ ଗୋଳମାଳ ହେଇଗଲା।..... ହଁ, ଏବେ ଏଠି କି ନାଟକ ଚାଲୁଚି ?

ରାଜା- ଏ ନାଟକର ନାଁ– ଏଇ ଦେଖବାବା ସେଠି ବଡ଼ ସାଇନ୍‌ବୋର୍ଡ଼ ଲାଗିଚି। (ଉଠି ଠିଆ ହେଇପଡ଼ିଲା) ଅ-ଥେ-ଲ୍ଲୋ (ହସି) ଶଳା ଡ଼ବଲ ଲ ଲେଖିଛନ୍ତି। ଶଳା ତମ ବୋପା ଅମଳରେ ଡ଼ବଲ ଲ କ'ଣ ପଢ଼ିଥିଲ ? ଆଉ କାଲି ଯୋଉ ନାଟକ ତା ନାଁ ହେଲା (ପଢ଼ିଲା) ଜୁ–ଲି– ୟସ୍– ସି– ଜର– ଏ ନାଁ ଲେଖିବାରେ ବି ଶଳା ଭୁଲ୍ କରିଛନ୍ତି। (ବସି) ଶ୍ରୀଧର ଲେଖିବା କଥା ଶଳା ଲେଖିଛନ୍ତି ସିଜର୍। ଆହାରେ କି ବିଚିତ୍ର ନାଁ! ପରଦିନ ଏଠି ଗୋଟାଏ ନାଟକ ହେଉଥିଲା, ବଢ଼ିଆ ନାଁ– ବିବି ହାରିଗଲା, ମିଆଁ ଜିତିଗଲା! ଏମିତି ଟାଇଟଲ୍ ହବା ଦର୍କାର। ଆଜି ଯୋଉ ନାଟକ ହଉଚି ତା ଷ୍ଟୋରି ଜାଣିଚ ବାବା ?

ଅପ୍ପା- ଜାଣିଚି ବହୁତ ବଢ଼ିଆ ଷ୍ଟୋରି। ଗୋଟାଏ ଜଙ୍ଗଲୀ ଲୋକ ଥିଲା ତା ନାଁ ଅଥେଲ୍ଲୋ ?

Digitized by srujanika@gmail.com

ରାଜା- ଡ଼ବଲ ଲ ?

ଅପ୍ପା- ହଁ ଡ଼ବଲ ଲ। ଭାରି ବାହାଦୁର ଲୋକ– ସଚ୍ଚା ଆଉ ବିଚାରବନ୍ତ। ସେ ରୋମର୍ ରାଜା ହେଲା, ନା ନା ସେ ଗୋଟେ ଛୋଟ ରାଜ୍ୟର ସେନାପତି ହେଲା। ରୋମର ରାଜା ହେଉଛନ୍ତି ସିଜର୍।

ରାଜା- ଶ୍ରୀଧର ନୁହେଁ ?

ଅପ୍ପା- ନାଇଁ ବାବୁ ସିଜର୍।

ରାଜା- ତା' ହେଲେ ମୁଁ ବୋକା ବନିଗଲି ?.... ହଁ ସେଇଠୁ ?

ଅପ୍ପା- ଅଥେଲ୍ଲୋ ଗୋଟେ ଖୁବ୍ ଧନୀ ସର୍ଦ୍ଦାରର ଝିଅକୁ ବାହାହେଲା– ଲୁଚା ଛପାରେ–
ତା ବାପ ବି ଜାଣିନି।

ରାଜା- ଏମିତି ବାହାରେ ଲାଇନ୍ ପାର୍, ନାଇଁ ?

ଅପ୍ପା- ବାହା ହେଲା ସିନା, ତା' ନିଜର ସ୍ତ୍ରୀକୁ ସେ ସନ୍ଦେହ କଲା।

ରାଜା- କାହିଁକି ? ତା'ସ୍ତ୍ରୀ କଣ କଲା ?

ଅପ୍ପା- ସିଏ ବିଚାରି ସୀତା ସାବିତ୍ରୀଙ୍କ ପରି ସତୀ ସ୍ତ୍ରୀ ଥିଲା। କିନ୍ତୁ ଅଥେଲ୍ଲୋର ଚାକର ତା ମନରେ ବିଷ ଭରିଦେଲା। ସେ ଚାକର ଏଇ ଫନ୍ଦି କରୁଥିଲା ଯେ, ମାଲିକ କାନରେ ଏମିତି ମିଛକହି ସେ ତା ଚାକିରିରେ ଦି'ପାହାଚ ଉପରକୁ ଉଠିବ। ଆଉ ଏଣେ ବୋହୂଟାକୁ ବଦ୍‌ନାମ କରି ନିଜ ଅକ୍ତିଆରକୁ ନେଇଯିବ।

ରାଜା- ଶଳା ! ଶଳା ଏ ଭିଲିଆନଗୁରାଙ୍କୁ ମାରିମାରି ତାଙ୍କ ନାକଦଣ୍ଡା ଫଟେଇଦବା କଥା। ଯୋଉକଥା ତୁଣ୍ଡରେ ଧରିଲେ ପାପ, ତେମେ ନିଜ ହାତରେ ସେଇ କାମ କରୁଚ। (ପଲିସ୍ କାମ ଶେଷ ହେଲା। ରାଜା ହାତରେ ଯୋତା ହଳକ ଧରି ଠିଆହେଲା।) ମୁଁ ଯାଉଚି ବାବା, ସେ ପକୁଡ଼ି ବାଲାର ଯୋତା ହଳକ ଦେଇଆସେ। ତୁମେ ଏଇଠି ଥାଅ। ଏଇ ନାଟକର ଇଣ୍ଟରଭାଲ ଘଣ୍ଟି ବାଜିଲାଣି। ଆଉ ଗୋଟେ ଦି'ଟା ଗ୍ରାହକ ମିଳିଯାଇପାରନ୍ତି। ତୁମେ ଥା'ମୁଁ ସାଙ୍ଗେ ସାଙ୍ଗେ ଆସୁଚି..... ପାଲିସ୍– ବୁଟ୍‌ପାଲିସ୍।

(ପାଟି କରି କରି ରାଜା ଅନ୍ୟଦିଗକୁ ଚାଲିଗଲା। ଏଣେ ଥିଏଟର ସାମ୍ନାରେ କିଛି ଭିଡ଼ ଜମିଗଲାଣି। ଅପ୍ପା ସିଗ୍ରେଟ୍ ଟାଣୁଟାଣୁ ଏଣେ ତେଣେ ଚାହିଁ ଦେଖୁଛନ୍ତି। ଦି' ଜଣ ଦର୍ଶକ ନିଜ ନିଜ ଭିତରେ କଥାବାର୍ତ୍ତା ହୋଇ ଚଉତରାପାଖକୁ ଆସି ଠିଆହେଲେ। ଠୁଙ୍ଗାରୁ ବାହାର କରି କଣ ଖାଉଥାନ୍ତି।)

ପ୍ର.ଦର୍ଶକ- (ବୟସ୍କଲୋକ) ଛାଡ଼ ଛାଡ଼ ଇଏ କି ଅଥେଲ୍ଲୋ ? ଇଏ ତ ଦି'ଚାରି ଟଙ୍କା ନେଲାବାଲା କୋଉନାଟକର ହିରୋ। ଇଏକଣ ଅଥେଲ୍ଲୋ ରୋଲ୍ କରିବ ! ହେୟାର କଟିଂ ସେଲୁନ୍‌ର ସାବୁନ୍ ସେଣ୍ଟବାସ୍ନାନେଇ ଇଏତ ଷ୍ଟେଜ୍‌କୁ ଆସିବା ଲୋକ। ତମେ କେବେ ଗଣପତରାଓଙ୍କ ଆକ୍ଟିଙ୍ଗ୍ ଦେଖିଚ ?

Digitized by srujanika@gmail.com

ଦ୍ୱି.ଦର୍ଶକ- କୋଉ ଗଣପତରାଓ ? ଯୋଶୀ ?

ପ୍ର.ଦର୍ଶକ- ଆରେ ଯୋଶୀଙ୍କୁ କିଏ ପଚାରେ ମ ! ମୁଁ ଗଣପତରାଓ ବେଲବଲକରଙ୍କ କଥା କହୁଚି। ବେଲବଲକର୍‌ ଷ୍ଟେଜ୍‌ ଉପରେ ପାଦ ଦେଉ ଦେଉ ଦର୍ଶକ ମନରେ ଆଫ୍ରିକା ଜଙ୍ଗଲର ଘନଘୋର ଅନ୍ଧାର ଜମିଯାଉଥିଲା। ସେ ଯଦି ମଞ୍ଚରେ ରାଗିବେ, କ୍ରୋଧରସ ଅଭିନୟ କରିବେ, ତେବେ ଜାଣିବ ଯେ ଷ୍ଟେଜ୍‌ ଉପରେ ସତେ ଯେମିତି ଗୋଟେ ପେଟ୍ରୋଲ ଖଣିରେ ନିଆଁ ଲାଗିଚି। ଇସ୍‌ ! କି ସ୍ୱର କି ଭଏସ୍‌ କି ଗୁରୁଗମ୍ଭୀର ଗଳା ! ଡାଏଲଗ୍‌ର ପ୍ରତ୍ୟେକଟି ଶବ୍ଦ ଯେମିତି ଆପଣା ଛାଏଁ ଗଳାରୁ ବାହାରି ଆସୁଚି। ଫାଣ୍ଟାଷ୍ଟିକ ହିନ୍ଦିରେ ଯାହାକୁ କହନ୍ତି— ଲା ଜବାବ୍‌ ! କଲିଜା ଭିତରେ ଲାଖିରହିଲା— ଭଳି ଅଭିନୟ। ଜାଣିଚ, ବେଲ୍‌ବଲକର ଯେତେବେଳେ ଷ୍ଟେଜ୍‌ ଉପରେ ଅଭିନୟ କରୁ କରୁ ହାତମୁଠା କରନ୍ତି, ସେତେବେଳେ ଦର୍ଶକର ମନେ ହୁଏ ଯେ ସେ ତାଙ୍କର ମନପ୍ରାଣ ଶରୀରର ସବୁ ଶକ୍ତି ସେଇ ହାତମୁଠାରେ ବାନ୍ଧି ରଖିଥାନ୍ତି। ତାଙ୍କୁ ସେଇଥି ପାଇଁ ମହାରାଷ୍ଟ୍ର ରାଜ୍ୟ ନଟ ସମ୍ରାଟ ଉପାଧିରେ ସମ୍ମାନୀତ କରିଥିଲା। ହୁଃ, କାହିଁ ରାଜା ରାମଚନ୍ଦ୍ର ଆଉ କାହିଁ ରାମିଆ ଭଣ୍ଡାରୀ।

ଦ୍ୱି.ଦର୍ଶକ- ଏଥିରେ ବୟସର ବି ହାତ ଅଛି ସାହେବ। ପଚାଶବର୍ଷ ହେଇଗଲା ପରେ ଲୋକ ରାଜା ରାମଚନ୍ଦ୍ର ଆଉ ରାମିଆକୁ ଦି ଆଖିରେ ଠିକ୍‌ ଦେଖିପାରେ— ବୁଝିପାରେ।

ପ୍ର.ଦର୍ଶକ- ତୁମେ ବେଲ୍‌ବଲକରଙ୍କ ଅଭିନୟ ଦେଖିଚ ?

ଦ୍ୱି.ଦର୍ଶକ- ନା, ତାଙ୍କ ଅଭିନୟ ଜୀବନର ପରୀରାଇଜ କାହାଣୀ ଖାଲି ଶୁଣିଚି। ଏଇ ସେକେଣ୍ଡ ବେଲ ବାଜିଲାଣି ଚାଲନ୍ତୁ।

ପ୍ର. ଦର୍ଶକ- ଏଇ ଦେଖ ଦେଖ, ସେଠି ଯୋଉ ବୁଢ଼ାଟି ବସିଚି, ବେଲବଲକରଙ୍କର ଚେହେରା ମୋଟାମୋଟି ଠିକ୍‌ ଏମିତି। ଦେହ ଗଢ଼ଣ ବି ଠିକ୍‌ ଏମିତି।

ଦ୍ୱି. ଦର୍ଶକ- ଅଥଚ ସିଏ ଥିଲେ ନଟ ସମ୍ରାଟ।

ପ୍ର. ଦର୍ଶକ- ହଁ, ଯେ ଏ ଯୋଉ ବୁଢ଼ାଟି ଇଏତ ହଉଚି ରାସ୍ତାର ଭିକାରୀ। ଆଉ ସିଏ ଥିଲେ ରଂଗମଞ୍ଚର ରାଜା। ସାଧାରଣ ଚେହେରାଟା ଟିକିଏ ମିଶିଯାଇଚି ବୋଲି ମୁଁ ଏ କଥା କହିଲି।

ଦ୍ୱି.ଦର୍ଶକ- ହଉ ଆଜ୍ଞା ଚାଲନ୍ତୁ। ନାଟକର ଏଇଟା ଶେଷ ଅଙ୍କ।

(ଦୁହେଁ ଯିବାକୁ ଲାଗିଲେ, ଅପ୍ପାଙ୍କ ପାଖରେ ପହଞ୍ଚିଲା ବେଳକୁ ଟିକିଏ ଅଟକି ଯାଇ ହାତର ଠୁଙ୍ଗାଟା ତାଙ୍କ ହାତକୁ ବଢ଼େଇଦେଲେ।)

ପ୍ର. ଦର୍ଶକ- ଏଇ ନିଅ ବାବା !

ଅପ୍ପା- ଆପଣଙ୍କ ଦୟା (ସେମାନେ ଯିବାକୁ ଲାଗିଲେ।) ଟିକେ ଶୁଣନ୍ତୁ ତ। ଆପଣମାନେ ମୋରିକଥା କହୁଥିଲେ ?

ପ୍ର.ଦର୍ଶକ- ନା, ନା, ଆମେ ବେଳବଲକରଙ୍କ କଥା କହୁଥିଲୁ।

Digitized by srujanika@gmail.com

ଅପ୍ପା- ଗଣପତରାଓ ବେଲବଲକର ?

ପ୍ର. ଦର୍ଶକ- ଆପଣ ଜାଣନ୍ତି ତାଙ୍କୁ ?

ଅପ୍ପା- ଗୋଟାଏ କମ୍ପାନୀରେ ଆମେ ଦିହେଁ କାମ କରୁଥିଲୁ। ବିଚାରା ଏବେ ମରିଗଲେ।

ପ୍ର.ଦର୍ଶକ- (ଆଶ୍ଚର୍ଯ୍ୟ) ଗଣପତରାଓ ମରିଗଲେ! କାହିଁ, ଖବର କାଗଜରେ ତ କୋଉଠି କିଛି ବାହାରି ନାହିଁ।

ଅପ୍ପା- ବାହାରିବ କେମିତି ? ମରିବା ଆଗରୁ ସେ ଖବର କାଗଜ ବାଲାଙ୍କୁ ଡ଼ାକିବାକୁ ଭୁଲିଗଲେ। ଛାଡ଼ନ୍ତୁ— ଏତ ଗୋଟେ ସାଧାରଣ ଘଟଣା।.... ତା'ଛଡ଼ା ମୃତ୍ୟୁଟା କଣ ? ସତ କଥା ମିଛ କଥା— ଏ ଦୁଇ କଥାରୁ ଆଞ୍ଜୁଳାଏ ଲୁହ। ପଇସାବାଲା ଲୋକ ହୋଇଥିବତ ସମସ୍ତେ, ଧନ୍ୟ ଧନ୍ୟ କହିବେ, ତା ନହେଲେ ଦୁନିଆ ଯାକର ନିନ୍ଦା। ଖବର କାଗଜରେ କଣ ବା ବାହାରିବ ? ଚାରି ପାଖରେ ଗୋଟାଏ କଳାଗାର। ଖୁବ୍ ବେଶୀହେଲେ ଦି'ଧାଡ଼ି ଅଗ୍ରଲେଖା— ଏଡ଼ିଟୋରିଆଲ। ନାହିଁ ତ ଶହେ ପଚାଶଲୋକ ଏକାଠି ଠିଆହୋଇ ଦୁଇ ମିନିଟ୍ ମୌନତା ଅବଲମ୍ବନ। ମୁଁ ଆପଣଙ୍କୁ କହୁଚି ଯଦି କେହି ଜୀବିତ ଲୋକ ଜାଣିପାରନ୍ତା ଯେ ମରିଗଲା ପରେ ସେ କେତେ ପରିମାଣରେ ମରୁଚି, ତା ହେଲେ କେହି ମରିବାକୁ ରାଜି ହୁଅନ୍ତେ ନାହିଁ।.... ଗଣପତରାଓ ବେଲବଲକର ମରିଯାଇଛନ୍ତି, ଭଲ ହୋଇଚି।

ଦ୍ୱି. ଦର୍ଶକ- ନିଜର କିଛି ଠିକ୍ ଠିକଣା ନଥିଲେ ବି ଏ ବୁଢ଼ାଟି ଭାବିଚି ମୁଁ ବେଶ୍ ଉଚିତ୍ କଥା କହୁଚି। (ପ୍ରଥମକୁ) ଆସନ୍ତୁ- ଶେଷ ଅଙ୍କଟା, ଆରମ୍ଭ ହୋଇଯିବଣି, ଆସନ୍ତୁ। (ଦୁହିଁଙ୍କ ପ୍ରସ୍ଥାନ। ଅନ୍ୟଦିଗରୁ ରାଜା ଆସିଲା।)

ରାଜା- ସେ ଦି'ଟା କଣ କହୁଥିଲେ ?

ଅପ୍ପା- (ହସି) ସେ ଦୁହିଁଙ୍କୁ ପାଠ ପଢ଼େଇ ଦେଇଚି- କହିଛି ଯେ ବେଲବଲକର ମରିଗଲାଣି।

ରାଜା- କିଏ ସେ ଶଳା ବେଲବଲକର ?

ଅପ୍ପା- ସେ ଜଣେ ଥିଏଟର ଅଭିନେତା ଥିଲା।

ରାଜା- ସେ ମରିନି ?

ଅପ୍ପା- ମୁଁ କେମିତି କହିବି ? ମୁଁ କଣ ଜାଣେ ? କିଏ ମଲା, କିଏ ଜନ୍ମ ହେଲା, ସେ ହିସାବତ ମୁନିସିପାଲିଟି ଜନ୍ମମୃତ୍ୟୁ ଅଫିସରେ ଅଛି। ହେଲେ ଭଲ ଲୋକଟାଏ ଥିଲା। (ଠୁଙ୍ଗା ଦେଖାଇ) ମତେ ଖାଇବାକୁ ସେମାନେ ଦେଇ ଯାଇଛନ୍ତି।

ରାଜା- ସେଇଟାକୁ ଫିଙ୍ଗିଦିଅ ବାବା, ଏମିତି ଅଇଁଠା ଜିନିଷ କାହାଠୁ ଭିକମାଗି ନବନାହିଁ। ତମକୁ ଭୋକ କରୁଚି, ନାଇଁ ବାବା ?

ଅପ୍ପା- ନା, ଭୋକ ନାହିଁ .... କଥା କ'ଣ କି ରାଜା ମତେ ଭୋକ କରୁଚିକି ନାଇଁ ମୁଁ କିଛି ଜାଣିପାରୁ ନାହିଁ।

Digitized by srujanika@gmail.com

ରାଜା- ଏଇ ନିଅ, ତମ ପାଇଁ ଏ ନରମ ବଢ଼ିଆ ସୋନପାପଡ଼ି ଆଣିଛି, ନିଅ-ନିଅ।

(ଠୁଙ୍ଗା ବଢ଼େଇଦେଇ ନିଜେ ତଳେ ବସିପଡ଼ିଲା।)

ରାଜା- ବାବା, ମୋ କଥା ତମେ ମାନିବ ବାବା ?

ଅପ୍ପା- ମାନିବିରେ ରାଜା– ମାନିବି।

ରାଜା- ବାସ୍ ! ରାଜା ! ଏମିତି ଗେହ୍ଲାରେ ଆଦର କରି କେହିମତେ ଆଜିଯାଏ ରାଜା ବୋଲି ଡ଼ାକି ନଥିଲା। ଆଜି ସବୁ ଠିକଣା ହେଇଗଲା– ବାବା !.... ମୁଁ ଆଜି ତମକୁ ଆମଘରକୁ ନେଇଯିବି।

ଅପ୍ପା- (କୌତୁହଳ ତଥା, ସ୍ନେହରେ) ତମର ଘର ଅଛି ରାଜା ?

ରାଜା- ଘର କଣ କି ବାବା, ଆମ ଘର ହଉଚି ଖାସ୍ ବମ୍ବେ ବାଲାଙ୍କ ଆକାଶ ମହଲ। ସେଇ ଆକାଶ ହେଲା ଆମ ଘରଛାତ। ଏଇ ଦେଖ ବାବା ସେଇ ଯୋଉ ରେଲ୍‌ପୋଲ୍ ଦେଖାଯାଉଚି, ସେଇ ପୋଲ ପାହିଆ ତଳେ ଆମ ବସ୍ତି। ବଢ଼ିଆ ଯାଗା। ରହିବାକୁ ଭାରି ଆରାମ। ବେଶୀ ବଡ଼ ବସ୍ତିନୁହେଁ ଦଶପଚିଶ ଘର। ମୁଁ ହଉଚି.......

ଅପ୍ପା- କଣ ?

ରାଜା- ମୋ ନାଁ ଖାଲି ରାଜା ନୁହେଁ– ମୁଁ ଆମ ବସ୍ତିର ରାଜା। ମତେ ସମସ୍ତେ ମାନନ୍ତି। ମୁଁ ବି ସେମିତି ସେମାନଙ୍କ ପାଇଁ ଢ଼େଲି କିଛି କିଛି ପଇସା ଉଡ଼େଇଦିଏ। କାହାକୁ ଅଧାକପ୍ ଚାହା, କାହାକୁ ଦି'ଖଣ୍ଡ ପାଉଁରୁଟି– ସମସ୍ତେ ଖୁସୀ। ଆମର ଆକାଶ ମହଲ ବସ୍ତିରେ ଗୋଟିଏ ବୁଢ଼ୀମାଉସୀ ଅଛି ସେ ମୋ ପାଇଁ ରୁଟି ତିଆରି କରିଦିଏ– ଗରମାଗରମ। ତା' ସାଙ୍ଗେ ତର୍କାରୀ– ବଢ଼ିଆ ରାନ୍ଧେ– ଫାଷ୍ଟକ୍ଲାସ। ଆଜି ରାତିରେ ତେମେ ଦେଖିବ ତାକୁ। ରୁଟି ପଇସା ମୁଁ ତାକୁ ଦିଏ, ଆଉ ତା ହାନି ଲାଭ ସବୁ ବୁଝେ। ତା'ପେଇଁ ଔଷଦ ପତ୍ର ସବୁ କରେ। ପଇସାର କଣ ହିସାବ ଅଛି– ପଇସା ତ ଆସୁଛି ଯାଉଛି। ଅକର୍ମ କୁକର୍ମ କରି ମରଦ ମାଇକିନିଆ ପଇସା ରୋଜଗାର କରୁଛନ୍ତି। ହେଲେ, ମଣିଷ ହେଉଛନ୍ତି କେତେଜଣ ? ମୁଁ କହୁଚି ବାବା ମଣିଷ ହବା ଦର୍କାର– ହଁ, ମଣିଷ ହବା ଦର୍କାର।

ଅପ୍ପା- (ରାଜା ମୁଣ୍ଡରେ ହାତ ବୁଲେଇ) ତୁ କେତେ ଭଲପିଲାରେ ରାଜା। କେତେ ସୁନା ପୁଅ। ହଁ ମତେ କହିବୁଟି– ତୋ ବାପାମାଙ୍କ କଥା ମତେ କହ।

ରାଜା- ତମ ପୁଅ ଝିଅ ତମକୁ ଘରୁ ବାହାର କରିଦେଲେ, ଆଉ ମୋ ବାପ ମା ମତେ ଘରୁ ବାହାର କରିଦେଲେ।

ଅପ୍ପା- (ଟିକିଏ ରାଗି) ତୋତେ ଘରୁ ବାହାର କରିଦେଲେ ? କହ ମତେ

Digitized by srujanika@gmail.com

କାହାନ୍ତି ସେମାନେ ? ଡ଼ାକି ଆଣେ ତାଙ୍କୁ। ତାଙ୍କ ପିଠିରୁ ଚମଡ଼ା ଉତାରି ଦେବି। ବଦ୍‌ମାସ.....

ରାଜା- ସେମାନେ ତ ବାବା ବି'ଶ ମାଇଲ ଦୂରରେ ଅଛନ୍ତି। ଡ଼ାକିବି କାହାକୁ ? ଆଉ ସେମାନଙ୍କୁ କଣ କରିଥାନ୍ତି। ଘରେ ଆମର ଚାରିଟା ହାତ ରୋଜଗାର କରିବ ଆଉ ଆଠଟା ମୁହଁ ଗିଳିବ, ଆସିବ କୋଉଠୁ ? ମୁଁ ପଢ଼ା ଛାଡ଼ି ଏସ୍.ଟି.ରେ କୁଲିଗିରି କଲି। ହେଲେ ଶଳା ସେଥିରେ ବି ଗୁଜୁରାଣ ମେଣ୍ଟିଲା ନାହିଁ। ବାପା ମୋର ସେଥିରେ ରାଗି, ମୋ ମୁହଁରେ ଥାପଡ଼ ମାରି ମାରି ଘରୁ ବାହାର କରିଦେଲା। ମୁଁ ସିଧା ଆସି ବମ୍ବେରେ ପହଞ୍ଚିଲି। ଏଠି ଦିନକୁ ଯାହା ରୋଜଗାର କରୁଚି— ସେଥିରେ ମୁଁ ଖାଇପିଇ ଯା'କୁ ଦେଇ ତାକୁ ଦେଇ ଆରାମରେ ଚଳିଯାଉଚି।

ଅପ୍ପା- ତୋ ଘର, ତୋ ପରିବାର କଥା ତୋର ମନେପଡୁନାହିଁ ?

ରାଜା- ମନେପଡ଼ିବାକୁ ଶଳା ବେଳ କାହିଁ। ମୁଁ ତ ଏବେ ଘରଠାରୁ ସେପ୍ରେଟ୍ ହୋଇଗଲିଣି। ପଛକୁ ଚାହିଁ ଲାଭ କଣ ? ଏଣିକି ଆଗକୁ ମାଡ଼ି ଚାଲିବା କଥା।

ଅପ୍ପା- ସାବାସ୍ ! ହେଲେ ଏଇ ସେପ୍ରେଟ୍ ହୋଇଯିବା ଲୋକର ସାଧନା ରହିବା ଦରକାର।

ରାଜା- ତମେତ ବାବା ପଢ଼ାଶୁଣା ଲୋକ, ତମକୁ ମୁଁ କଣ ବୁଝେଇବି। ମତେ ଭଗବାନ ଯୋଉବାଟରେ ଚଳାଇଛନ୍ତି ମୁଁ ଚାଲୁଚି। ତେମେତ ଜାଣିଚ, ଭଗବାନ କାହା ପିଠିରେ ମାର୍କା ମାରି ପଠେଇ ନାହାନ୍ତି। ଯେ ଇଏ ହଉଚି ତା'ବାପ ଆଉ ସିଏ ହଉଚି ତା ପୁଅ। ମୁଁ ଯୋଉ ମନନେଇ ଯୋଉ ବାଟରେ ବମ୍ବେ ଆସିଥିଲି, ଆଜି ଦେଖୁଚି ସେସବୁ ଠିକ୍। ଆଉ ଶଳା ସବୁ ଭୁଲ୍।.... ହଁ ବାବା ତମକୁ ଏବେ କେମିତି ଲାଗୁଛି ? ସବୁ ଭଲତ ? ସବୁ ଠିକ୍ ତ ?

ଅପ୍ପା- ହଁରେ ରାଜା ସବୁ ଠିକ୍— ସବୁଭଲ। ମତେ ଲାଗୁଚି, ମୁଁ ଯେମିତି ଗୋଟେ ଗୁମ୍ଫାରୁ ବାହାରି ପଦାକୁ ଚାଲିଆସିଚି।

(କ୍ରମେ ଚାରିଆଡୁ ଆଲୋକ କମି ଆସିଲା। କେବଳ ଥିଏଟର ଗୃହ ସାମ୍ନାରେ ଓ ଚଉତରା ପାଖରେ କିଛି ବତୀ ଜଳୁଥାଏ।)

ଅପ୍ପା- ଆଲୁଅ କମିଆସିଲାଣି ରାଜା, ନା ମତେ ଏମିତି.............

ରାଜା- ଥିଏଟର୍ ବନ୍ଦ ହେଇଗଲାଣି ତ, ସେଥିପାଇଁ ଆଲୁଅ କମିଗଲା। ରାତି ହେଇଗଲାଣି ଚାଲ ଘରକୁ ଯିବା। (ଉଠି ଠିଆହେଲା) ମୁଁ ମୋ ମନକୁ ପଚାରି ଠିକ୍ କରିଚି ଯେ ତୁମେ ଆଉ ଏଥର ଏଣେତେଣେ କୁଆଡ଼େ ବୁଲିବ ନାହିଁ, ଯାହାପାଉ ତାହା ଖାଇବ ନାହିଁ, ଏଣୁ ତେଣୁ କିଛି

Digitized by srujanika@gmail.com

ବଳିବ ନାହିଁ। ଆମ ବସ୍ତିଭିତରେ ଆରାମରେ ରହିବା। ଆଉ ମୁରବୀ ସାଜି ବସ୍ତିର ଭଲ ମନ୍ଦ ବୁଝିବା। କଣ, ରାଜି ?

ଅପ୍ପା- ହଁ, ରାଜି। ତୁ ମତେ ଯାହା କହିବୁ ରାଜା, ମୁଁ କରିବି। ତୁ ମତେ ଯାହା ବତେଇବୁ ମୁଁ କରିବି।

(ବିଠୋବା ଆସିଲା। ଆଗେଇଯାଇ ଅପ୍ପାଙ୍କ ପାଦ ଛୁଇଁ ପ୍ରଣାମ କଲା।)

ବିଠୋବା- ଅପ୍ପା ସାହେବ......

ଅପ୍ପା- (ଚମକିପଡ଼ି) କିଏ ? କିଏ ତୁମେ ? ମୁଁ କିଛି ଜାଣିପାରୁନାହିଁ– କୁହ ତମେ କିଏ ?

ବିଠୋବା- (ଟିକିଏ ପଛକୁ ଘୁଞ୍ଚିଯାଇ) ଅପ୍ପା ସାହେବ ମତେ ଆପଣ ଚିହ୍ନି ପାରିଲେ ନାହିଁ ? ମୁଁ ପରା ଆପଣଙ୍କର ବିଠୋବା।

ଅପ୍ପା- ବିଠୋବା ! ତା'ମାନେ ତୁମେ ହାମଲେଟ୍‌ର ବାପାଙ୍କ ଭୂତ ?

ରାଜା- ଏ ଲୋକଟାକୁ ତମେ ଚିହ୍ନିଚ ବାବା ?

ଅପ୍ପା- ହଁ ଚିହ୍ନିଚି। ଇଏ ଜଣେ ମଣିଷ– ଭୂତ କାମକରେ। ହେଲେ, ସେ ଜଣେ ମଣିଷ। କେତେ ଭୂତ ଅଛନ୍ତି ସେମାନେ ମଣିଷଙ୍କ କାମ କରନ୍ତି। କିନ୍ତୁ ଇଏ ଜଣେ ଠିକ୍ ମଣିଷ। ବିଠୋବା, ତୁମେ ଏଠିକି ଆସିଲ କେମିତି- କାହିଁକି ଆସିଲ ?

ବିଠୋବା- ଭଗବାନ ମୋ ଡାକ ଶୁଣିଲେ ଅପ୍ପା ସାହେବ। ଆପଣତ ଚାଲିଆସିଲେ। ଆପଣଙ୍କ ପଛେପଛେ ମୁଁ ବମ୍ବେ ପର୍ଯ୍ୟନ୍ତ ଆସିଲି। ନନ୍ଦା ସାହେବଙ୍କ ଘରକୁ ଯାଇ ଆପଣଙ୍କ କଥାସବୁ ତାଙ୍କୁ କହିଲି। ଦି'ଦିନ କାଳ ସେମାନେ ସାରା ବମ୍ବେ ସହର ଖୋଜିଲେ। ଆଜି ମୁଁ ଥିଏଟର ଦେଖିବାକୁ ଆସିଲି। ଭାବିଲି ନିଶ୍ଚେ କୋଉ ଥିଏଟର ପାଖ ଆଖରେ ଆପଣଙ୍କୁ ଭେଟିବି। ସେଇ କଥା ହେଲା। ଆପଣଙ୍କୁ ଏଠି ଦେଖିଲି। ଅଧଘଣ୍ଟାଏ ହେବ ମୁଁ ଆସିଲିଣି। ଟିକିଏ ଦୂରରେ ସେଠି ବସି ଆପଣଙ୍କୁ ଦେଖୁଥାଏ। ମନେମନେ ଭାବିଲି– ମୁଁ ଏକା ଆସି ଆପଣଙ୍କୁ ଦେଖାକଲେ କିଛି ଲାଭ ହେବନାହିଁ। ମୋ କଥା ଆପଣ ଶୁଣିବେ ନାହିଁ। ସାଙ୍ଗେ ସାଙ୍ଗେ ନନ୍ଦା ସାହେବଙ୍କ ଘରକୁ ଯାଇ ସମସ୍ତଙ୍କୁ ଏଠିକି ଡାକିଆଣିଚି। ମୁଁ ଆଗେ ଟ୍ୟାକ୍ସିରେ ଚାଲିଆସିଲି। ସାହେବଙ୍କ କାର୍‌ରେ ସେମାନେ ପଛରେ ଆସୁଛନ୍ତି।

ଅପ୍ପା- (ଯେପରି କିଛି ଚିନ୍ତାରେ ହଜିଯାଇ) ସମସ୍ତେ ଆସୁଛନ୍ତି !

ବିଠୋବା- ଆଜ୍ଞା ହଁ, ସମସ୍ତେ।

ଅପ୍ପା- ମୋ ମା'ଲକ୍ଷ୍ମୀ ସୁହାସିନୀ ?

ବିଠୋବା- ଆଜ୍ଞା କାହାରି କଥା ଶୁଣିଲେ ନାହିଁ। ସେଇ ଜାମାପଟା ପିନ୍ଧି ଆଗେଯାଇ ଗାଡ଼ିରେ ବସିପଡ଼ିଲେ।

Digitized by srujanika@gmail.com

ଅପ୍ପା- ଆଉ— ଆଉ ସତ କହ ବିଠୋବା, ମୋ ସର୍କାର— ମୋ କାବେରୀ ବି ସେମାନଙ୍କ ସଙ୍ଗରେ ଆସୁଚି ?

ବିଠୋବା- (ଆଖି ପୋଛି) ଅପ୍ପା ସାହେବ!

ଅପ୍ପା- ତମେ କାନ୍ଦୁଛ ବିଠୋବା ! ହଁ, ମୁଁ ଭୁଲିଯାଇଥିଲି— ମୋର ମନେ ନଥିଲା କାବେରୀ ଆଉ ବଞ୍ଚିନାହିଁ। କାଡ଼ିଲିୟା ପରି ସେ ମରିଯାଇଚି। ହେ ଭଗବାନ୍ ! ପଶୁପକ୍ଷୀ ସମସ୍ତେ ବଂଚି ରହିପାରିଲେ, ଏକା ମୋ କାବେରୀ ନାଇଁ।...... ନା, ସେ ଆଉ ଆସିବନି। ଆଉ କେବେ— କେବେ— କେବେ ଫେରିଆସିବନି।

ରାଜା- ହୁସିଆର୍ ବାବା, ତମର ସେ ପଛଦିନ ପଛକଥା ସବୁ ତୁଟିଯାଇଚି। ତମେ ପୁଣି ସେ ଗୁମ୍ଫାଭିତରେ ପଶିବାକୁ ବାହାରିଲଣି। ଏମାନେ ତମକୁ ପୁଣି ଘରକୁ ନେଇଯିବେ। ଶସ୍ତା ଜରିପକା ଫଟା ଲୁଗାପରି ତମକୁ ସଫାକନାରେ ଗୁଡ଼େଇ ରଖିବେ। ଆଉ ପୁଣି ତମ ମଥା ଝାପ କରିଦେବେ। ତେମେ ପବନ ପରି ତମ ମନଖୁସୀରେ ବୁଲିପାରିବ ନାହିଁ। ତମେ ସୁଖରେ ରହିବ— ଆନନ୍ଦରେ ରହିବ। ନାଇଁ ବାବା ତମେ ଆଉ କୁଆଡ଼େ ଯାଅ ନାହିଁ।

ଅପ୍ପା- ମୁଁ କୁଆଡ଼େ ଯିବିନାହିଁ ରାଜା— ଆଉ କୁଆଡ଼େ ଯିବି ନାହିଁ।

(ବାହାରେ ଗାଡ଼ି ହର୍ଣ୍ଣ ଶୁଭିଲା।)

ବିଠୋବା- ଗାଡ଼ି ଆସିଗଲା ଅପ୍ପା ସାହେବ, ସେମାନେ ସମସ୍ତେ ଆସିଗଲେଣି। (ସେ ଆଡ଼କୁ ଚାହିଁ) ଏଇଠିକି- ଆସନ୍ତୁ ମେମ୍ ସାହେବ, ଏଠିକି ଆସନ୍ତୁ ସାହେବା।

ଅପ୍ପା- ମତେ ଧର ରାଜା ମୋ ପାଦ ଟଳମଳ ହଉଚି। ମୁଁ କାଳେ ପଡ଼ିଯିବି, ମତେ ଧର।

ରାଜା- ତମେ ବସ ଏଇଠି (ଚଉତରା ଉପରେ ତାଙ୍କୁ ବସେଇଦେଇ) ମୁଁ ଦେଖିବି, କିଏ ତମକୁ ଏଠୁ ନେଇଯିବ ? ମୁଁ ଦେଖିବି।

(ନଲୁ, ଶାରଦା, ନନ୍ଦା, ସୁଧାକର, ସୁହାସ ଆସିଲେ। ସେମାନେ ଆସି ଚଉତରା ପାଖରେ ଠିଆହେଲେ। ସମସ୍ତେ ଯେତେବେଳେ ଭଲକରି ଅପ୍ପାଙ୍କର ଚେହେରା ଓ ବେଶପୋଷାକ ଦେଖିଲେ, ସେମାନେ ପଛକୁ ଘୁଞ୍ଚିଆସିଲେ। ଭିତରେ ଭିତରେ ପ୍ରାୟ ଆତଙ୍କ ଖେଳିଗଲା। ସୁହାସ ନଇଁପଡ଼ି ଅପ୍ପାଙ୍କୁ ଦେଖି ପ୍ରାୟ ଡ଼ରିଗଲା। ଚିତ୍କାରକରି ନିଜ ମା'କୁ ଆସି କୁଣ୍ଢାଇ ପକାଇଲା...... ନଲୁ ଥରୁଚି— ଆକୁଳ ବ୍ୟାକୁଳରେ ସୁଧାକର ହାତକୁ ଧରି ଠିଆ ହୋଇଚି। ଶାରଦା ନିଜ କାନିରେ ମୁହଁ ଲୁଚାଇଚି। ନନ୍ଦା କହିପାରୁନାହିଁ ସେ କଣ କହିବ, କଣ କରିବ। ବିଠୋବା ଟିକିଏ ଦୂରରେ ଠିଆହୋଇ ଆଖିରୁ ଲୁହ

Digitized by srujanika@gmail.com

ପୋଛୁଚି।.... ରାଜା ଏ ସମସ୍ତଙ୍କୁ ଆଶଙ୍କାପୂର୍ଣ୍ଣ ଦୃଷ୍ଟିରେ ଦେଖି, ଅପ୍ପାଙ୍କୁ ଏ କ୍ଷେତ୍ରରେ କିଛି ଭରସା ଦେବା ଭଙ୍ଗୀରେ ତାଙ୍କ ପାଖରେ ଠିଆ ହୋଇଛି। ଧୀରେ ଧୀରେ ଅପ୍ପା ସାଧାରଣ ଅବସ୍ଥାକୁ ଆସିଲେ। ତାଙ୍କର କ୍ଷୋଭ ଓ କ୍ରୋଧ କମିଯାଇଚି। ସୁହାସ ତାଙ୍କ ପାଖକୁ ଆସିଲା।)

ସୁହାସ- ଜେଜେ! ତେମେ ଏମିତି.... ନାଇଁ, ସତରେ ଏକା ତମେ ଭାରି ଇଏ..... ନାଇଁ ଜେଜେ ତମେ ମୋଟେ ଭଲଲୋକ ନୁହଁ।

ଅପ୍ପା- (ସୁହାସକୁ ଗେହ୍ଲାକରି) ଆଲୋ ଚଣ୍ଡୀ, ଆଲୋ ଲକ୍ଷ୍ମୀ। ତୁ ଏଡ଼େ ବଦମାସ୍ ତୁ କୋଉଠି ଯାଇ ଲୁଚିଥିଲୁ ?

ସୁହାସ- ମିଛ କହନାଇଁ– ମିଛ କହନାଇଁ ଜେଜେ। ମୁଁ ଲୁଚିନାହିଁ। ତମେ ଲୁଚିଥିଲ। ତମେ ଏକାବେଳେକେ କୁଆଡ଼େ ହଜିଯାଇଥିଲ। କହିଦଉଚି ଆଉ କେବେ ଲୁଚିବ ନାହିଁକି କୁଆଡ଼େ ହଜିବ ନାହିଁ।

ଶାରଦା- ସୁହାସ !

ଅପ୍ପା- ନାଇଁ, ଆଉ କୁଆଡ଼େ ହଜିବି ନାହିଁ। ଆଉ ହଜିଗଲେ ତ ଆଉ ଏମିତି ଅବସ୍ଥା ହେଇ ଫେରିବିନି। ଲକ୍ଷ୍ମୀଟା, ମୋ ପାଖରେ ଠିଆ ହ'ନା– ତୋ ମା ପାଖକୁ ଯା। ମ୍ୟୁନିସ୍‌ପାଲିଟି ମଇଳା ଖାତ ପରି ମୋ ଅବସ୍ଥା ହେଇଚି। ତୁ ସଫା କରିବୁ– ସଫା କରିବାକୁ ତତେ ପୂରା ଆଠଦିନ ଲାଗିବ।

(ସୁହାସ ଶାରଦା ପାଖକୁ ଗଲା)

ରାଜା- ଢେ଼ରି ହେଇଗଲାଣି ବାବା,– ଆସ ଘରକୁ ଯିବା।

ନଲୁ- (କ୍ରୋଧ ସ୍ୱରରେ) ନା ନା ବାପା ଆଉ କୁଆଡ଼େ ଯିବେନି। ତମେ ଆମ ସାଙ୍ଗରେ ଯିବ ବାପା।

ନନ୍ଦା- ବାପା ! ଆମକୁ ତମେ କ୍ଷମାକର ବାପା। ଆମର ବହୁତ ଭୁଲ୍ ହେଇଚି। ଏହା ପରେ ତମେ ଆମ ପାଖରେ ରୁହ କି ନଲୁ ପାଖରେ ରୁହ କି ଯୋଉଠି ରୁହ, ତମର କିଛି ଅସୁବିଧା ହବନି। (ଆଗେଇଯାଇ) ଆସ ବାପା।

ରାଜା- (ଅପ୍ପାଙ୍କ ସାମ୍ନାରେ ଠିଆହେଇ) ସାହେବ, ଏ ବୁଢ଼ା ବାବାଙ୍କୁ ମୁଁ ମୋ ଘରକୁ ନେଇଯିବି। ଆପଣମାନେ ତାଙ୍କୁ ଛାଡ଼ି ଦେଇଥିଲେ, ମୁଁ ତାଙ୍କୁ ପାଇଚି। ସିଏ ଆଉ ଆପଣମାନଙ୍କର କାହାରି ନୁହନ୍ତି। ମୁଁ ଦେଖିବି, ତାଙ୍କ ମୁଣ୍ଡ ବିଗାଡ଼ି ଦେବା ପାଇଁ କିଏ ତାଙ୍କୁ ଏଠୁ ନବ! ଆସ ବାବା।

ସୁଧାକର- ବଦ୍‌ମାସ୍, ତୁ କିଏ ? ତୋର ତାଙ୍କ ସାଙ୍ଗରେ କଣ ସଂପର୍କ ? ଘରକୁ ଡାକିନେଇ ତାଙ୍କୁ ବ୍ଲାକ୍‌ମେଲ କରିବାକୁ ବସିଚୁ ? ଯାଉଚୁନା ନାହିଁ ?......

Digitized by srujanika@gmail.com

ବିଠୋବା, ବାହାରେ ଗାଡ଼ି ପାଖରେ ପୋଲିସ ଇନ୍ସପେକ୍ଟର ସାହେବ ଅଛନ୍ତି। ତାଙ୍କୁ ଡ଼ାକିଆଣ। (ନିଜେ ଜୋର୍ ଗଳାରେ ଡ଼ାକିଲେ) ମାଧବ ରାଓ ସାହେବ..... ଇନ୍ସପେକ୍ଟର ସାହେବ!

ରାଜା- କାହା ବାପକୁ ମୁଁ ଡ଼ରିନି। ମୁଁ ଏଠୁ ମୋ ବାବାଙ୍କୁ ଛାଡ଼ିବି ନାହିଁ।

(ପୁଲିସ୍ ପୋଷାକରେ ଯାଦବ ରାଓ ଆସିଲେ।)

ଯାଦବ- କଥା କଣ ମିଷ୍ଟର ସୁଧାକର?

ସୁଧାକର- ଏ ବଦ୍‌ମାସ ଟୋକା ବାପାଙ୍କୁ ଆମ ସାଙ୍ଗରେ ଛାଡୁ ନାହିଁ। କହୁଚି ତା ସାଙ୍ଗରେ ତା ଘରକୁ ନେଇଯିବ।

ଯାଧବ- (ରାଜାଙ୍କୁ) କିରେ! ଯା ଏଠୁ।

ରାଜା- ଯିବିନେଇଁ। ଇଏ ମୋ ବାବା, ତାଙ୍କୁ ଛାଡ଼ି ମୁଁ ଯିବିନେଇଁ, ତାଙ୍କର କେହି ନାହାନ୍ତି। ମୁଁ ଯିବିନାହିଁ।

ଯାଦବ- (ରାଜା ମୁହଁରେ ଖୁବ୍ ଜୋର୍‌ରେ ଓଲଟ ଥାପଡ଼ ମାରି) ବଦମାସ୍! (ତଣ୍ଟିଆ ମାରି ଗୋଟାଏ ପାଖକୁ ବାହାର କରିଦେଲେ)

ରାଜା- (ନାକ ମୁହଁରୁ ରକ୍ତ କାମିଜ୍ କନାରେ ପୋଛି) ତମକୁ ମୋ ରାଣ ଅଛି ବାବା ତମେ କୁଆଡ଼େ ଯାଅ ନାହିଁ।

ଯାଦବ- (ରାଜାର ଜିନିଷପତ୍ର ତା ଆଡ଼କୁ ଫିଙ୍ଗିଦେଇ) ଚାଲି ଯା ଏଠୁ। ଆଉ ଏଠି ନଡ଼ବଡ଼ ହେବୁତ.... (ମାରିବାକୁ ଉହୁଁକି ଗଲେ।)

ଅପ୍ପା- (ବେଶ୍ ଦର୍ପରେ ଉଠି ଠିଆହେଇ) ବାସ୍ ବାସ୍ ଖୁବ୍ ହେଇଚି। ଆଉ ନୁହେଁ। ଏଇଟା ଥିଏଟର ଏରିଆ, ମୋ ରାଜ୍ୟ, ମୁଁ ଅପ୍ପା ବେଲବଲକର ନିଜେ କହିବାକୁ ବାଧ ହଉଚି ଯେ, 'ମୁଁ' ନଟ ସମ୍ରାଟ! ଆପଣ ଏଠୁ ଚାଲିଯାଆନ୍ତୁ। ଏ ଯୋଉ ଥିଏଟର ସଂସାର, ଏଠି ସବୁ ମିଛର କାରବାର ଚାଲିଛି। ସେଇଥିପାଇଁ ଦେଖିବାକୁ ଶୁଣିବାକୁ ସବୁ ଭଲ ଲାଗୁଚି। ଆପଣ ସେଇ ଦୁନିଆକୁ ଯାଆନ୍ତୁ, ଯେଉଁଠି ଅସଲି ସାର୍ବିଲକ୍ ଅସଲ ଚୋରି କରୁଚି। ଅସଲି ବୃନ୍ଦାବନ ଅସଲ ବସୁନ୍ଧରା ଉପରେ ଅତ୍ୟାଚାର କରୁଚି। ଅସଲି ମ୍ୟାକ୍‌ବେଥ୍ ନିଜର ପ୍ରିୟତମ ବନ୍ଧୁମାନଙ୍କୁ ହତ୍ୟା କରୁଛି। ଇନ୍ସପେକ୍ଟର ସାହେବ ସେଇ ସବୁଯାଗାକୁ ଆପଣଙ୍କର ଯିବା ଉଚିଦ୍ (ପାଟିକରି) ଯାଆନ୍ତୁ ଆପଣ- ଚାଲିଯାଆନ୍ତୁ।

ସୁଧାକର- ମିଷ୍ଟର ଯାଦବ ରାଓ ଦୟାକରି ଆପଣ ଗାଡ଼ି ପାଖରେ ଅପେକ୍ଷା କରନ୍ତୁ। (ଯାଦବ ରାଓ ବାହାରକୁ ଚାଲିଗଲେ। ଅପ୍ପା ରାଜା ପାଖରେ ଠିଆହୋଇ ତା ଦେହ ମୁଣ୍ଡରେ ହାତ ବୁଲାଇଲେ।)

ଅପ୍ପା- ମୋ ରାଜାକୁ ଆପଣ ମାରିଲେ। ରାଜାକୁ ନୁହେଁତ ମତେ ମାରିଛନ୍ତି। ଏ ରକ୍ତ ରାଜା ଦେହର ରକ୍ତ ନୁହେଁ– ମୋ ରକ୍ତ।

Digitized by srujanika@gmail.com

ନଳୁ- ବାପା ମୋ କଥା ତମେ ଶୁଣିବ ନାହିଁ ବାପା ? ମୋ ଉପରୁ ତମରାଗ ଏତେବେଳଯାଏ ଯାଇନି ବାପା ?

ଅପ୍ପା- ନଳୁ ! ମୋ ସୁନା ଝିଅ, ରାଗ ଆଉ ଲୋଭର କଳୁଷ ମୋ ମନରେ ଆଉ କିଛି ନାହିଁ। ନାଇଁଲୋ ମା, ମୁଁ ଆଉ କାହାରି ଉପରେ ରାଗ ରଖିନି। ଚୈତ୍ର ମାସର ସୁନେଲି ସକାଳ ମୋ ଦେହରେ ଧୋଇ ହେଇ ଯାଉଚି ଥିଏଟରରେ ଏଇ ସମୟରେ ନୂଆ ନାଟକ ଅଭିନୟର ପରଦା ଉଠେ। ଏଇ ଥାର୍ଡ ବେଲ ବାଜିଲାଣି– ଅଗରବତୀ ଧୂପକାଠିର ବାସ୍ନା ଚାରିଆଡ଼ ଖେଳିଯାଉଛି। ହାରମୋନିୟମରେ ନାନ୍ଦିର ସ୍ୱର ଶୁଣାଗଲାଣି। ଆଉ ମୋର ନଟୀ ମୋର ନାୟିକା ତ ମଞ୍ଚ ଉପରେ ଯାଇ ପହଞ୍ଚିଗଲାଣି। ସେଠି ସେ ମତେ ଅପେକ୍ଷା କରିଚି। ଏ ରାଜା ମତେ କହିଚି, ଏଇଟା ହେଉଚି ଥିଏଟର। ବାସ୍ ! ମୋର ଆଉ କଣ ଦରକାର ? ରାଜା ! ମୋ ପାଖକୁ ଆସିଲୁ ପୁଅ (ସୁହାସକୁ) ଆଲୋଚଣ୍ଡୀ ! ତୁ ଏପାଖକୁ ଆ। (ଦୁହିଁଙ୍କୁ ଦୁଇପାଖରେ ଠିଆ କରାଇ) ନଟ ପାଖରେ– ଅଭିନେତା ପାଖରେ ନାଟକର ଶେଷ ଅବସ୍ଥାରେ ଯାହା ବଂଚିଯାଏ, ତାହାହିଁ କେବଳ ନାଟକ। କର୍ଣ୍ଣ ମୃତ୍ୟୁ ବେଳକୁ ତାଙ୍କର ସୁନାରଦାନ୍ତକୁ ଦାନ କରିଦେଇଥିଲେ। ମୁଁ ନାଟକ ଛଡ଼ା ତମକୁ କଣ ବା ଦେଇପାରିବି ?

ନନ୍ଦା- ବାପା, ଏଇଟା ବଡ଼େ ସହର, ଏବେ ଯଦି ଏଠି ଆସି ଲୋକ ରୁଣ୍ଡ ହେଇଯାଆନ୍ତି, ତେବେ ଆମେ ସମସ୍ତେ ଅପମାନିତ ହେବୁ– ତମେ– ମୁଁ– ସୁଧାକର ସମସ୍ତେ। ତମେ ଆସ- ଆମେ ଯିବା।

ଅପ୍ପା- (ଚଉତରା ପାଖକୁ ଫେରିଯାଇ) ଚାଲିଯାଅ– ମୁଁ କହୁଚି ଏଠୁ ଚାଲିଯାଅ। ତୋର ଏ ପ୍ରାର୍ଥନାର ମୂଲ୍ୟନାହିଁ କିଛି ମୋ ପାଖରେ। ତମକୁ ଦୟା ଦେଖାଇବା ପାଇଁ, (ନିଜକୁ ଦେଖାଇ) ଏ ଜୁଲିୟସ୍ ସିଜର୍ କାହାକୁ ହାତ ଯୋଡ଼ି ପ୍ରାର୍ଥନା କରେ ନାହିଁ। କେହି ପ୍ରାର୍ଥନା କଲେ ତାକୁ ବି ଦୟା ଦେଖାଏ ନାହିଁ। ଧ୍ରୁବ ତାରା ପରି ସିଜର ସ୍ଥିର– ଅଟଳ– ଏପରି ସ୍ଥିରତା ସାରା ସୌର ଜଗତରେ କେବଳ ଧ୍ରୁବତାରା ଛଡ଼ା ଆଉ କାହାର ନାହିଁ। ଆକାଶରେ ଅସଂଖ୍ୟ ଅଙ୍ଗାର ଜଳୁଛନ୍ତି– ଝଟକୁଛନ୍ତି, କିନ୍ତୁ ନିଜ ଜାଗାରେ ସ୍ଥିର ଓ ଅଟଳ ହେଇ ରହିଛି କେବଳ ଧ୍ରୁବତାରା। ଏ ସଂସାରରେ ଅସଂଖ୍ୟ ଅସୁମାରୀ ଲୋକଙ୍କ ଭିତରେ ମୁଁ କେବଳ ଗୋଟିଏ ଲୋକକୁ ଜାଣେ, ଯିଏ ସବୁବେଳେ ଗୋଟିଏ ଯାଗାରେ ଦୃଢ଼ ଅଟଳ ହେଇ ରହିଛି, ଆଉ ସେ ଲୋକଟି ହଉଚି ମୁଁ। ମୁଁ ହଉଚି ସେଇ ଜୁଲିୟସ ସିଜର୍– ମୁଁ ହଉଚି ଅଥେଲ୍ଲୋ– ମୁଁ ପ୍ରତାପ ରାଓ, ସୁଧାକର ଆଉ ହାମ୍‌ଲେଟ୍। ଆଉ ମୁହିଁ ହଉଚି ଗଣପତରାଓ ବେଲବଲକର–

Digitized by srujanika@gmail.com

ନଟ ସମ୍ରାଟ। ଏସବୁ ମହାପୁରୁଷମାନେ ମୋ ଦେହର ଚନ୍ଦ୍ରାତପରେ ମିଶି ଯାଉଛନ୍ତି। ଆଉ ସେଇ ମହାପୁରୁଷ ମାନଙ୍କର ବକ୍ଷ ହଉଛି, ହତ୍ୟାକାରୀମାନଙ୍କ ଅସ୍ତ୍ରପାଇଁ ଏକ ଚିରନ୍ତନ ଆହ୍ବାନ। ..... ଏଇ ଦେଖ– ଦେଖ ହତ୍ୟାକାରୀମାନେ ସେମାନଙ୍କର ଅସ୍ତ୍ରସବୁ ବାହାର କଲେଣି, ମତେ– ଏଇ ଜୁଲିୟସ ସିଜରକୁ ମାରିବା ପାଇଁ ସେମାନେ ଅସ୍ତ୍ର ବାହାର କଲେଣି। ମୋ ଚାରିପାଖରୁ ସେମାନେ ଘେରି ଆସିଲେଣି। ଏଇ ଶୁଣ, ସେମାନେ ପାଟି କରୁଛନ୍ତି– ମାର– ମାର– ଛୁରୀ ଭୁଷିଦିଅ। (ନିଜ ବକ୍ଷରେ ଛୁରୀ ଭୁଷିଦେବାର ମିଛ ଅଭିନୟ ସେ କରି) ଛୁରୀ ଭୁଷିଦିଅ। (ଛଟପଟ ହେଲାଭଳି ଟିକିଏ ଆଗେଇଯାଇ) କିଏ? କିଏ? ବ୍ରୁଟସ୍– ତୁମେବି!! ହୁଁ ମର ସିଜର ମର। (ତଳେ ଗଡ଼ିପଡ଼ିଲେ। ସମସ୍ତେ ଚମକି ତାଙ୍କ ପାଖକୁ ଧାଇଁ ଆସିଲେ।)

ରାଜା- (ଧାଇଁ ଆସି ଅପ୍ପାଙ୍କ ପାଖରେ ବସିପଡ଼ିଲା) ବାବା!

ଅପ୍ପା- ଏଇ ହଉଚି ନାଟକ- ରାଜା, ଏଇ............

Digitized by srujanika@gmail.com

ନଟ ସମ୍ରାଟ ଶିରବାଡ଼କରଙ୍କର ଏକ ସୁପ୍ରସିଦ୍ଧ ନାଟକ ଯାହାକି ରଙ୍ଗମଞ୍ଚ ତଥା ସାହିତ୍ୟ ଉଭୟ କ୍ଷେତ୍ରରେ ବିଶେଷ ମହତ୍ତ୍ୱପୂର୍ଣ୍ଣ। ଏହି ନାଟକର ଭୂମିକାରୁ ଏହା ସ୍ପଷ୍ଟ ଯେ, ମରାଠୀ ଭାଷାରେ ଏହି ନାଟକକୁ ସଫଳତା ସହ ବହୁବାର ମଞ୍ଚସ୍ଥ କରାଯାଇଛି। ହିନ୍ଦୀ ଭାଷାରେ ମଧ୍ୟ ଏହି ନାଟକ ଅନେକଥର ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ।

ବି.ବା. ଶିରବାଡ଼କର ମରାଠୀ ରଙ୍ଗମଞ୍ଚର ଜଣେ ପ୍ରମୁଖ ନାଟ୍ୟକାର ଅଟନ୍ତି। ତାଙ୍କର ସମସ୍ତ ସାହିତ୍ୟିକ କୃତୀ ଲାଗି ଦେଶର ସର୍ବୋଚ୍ଚ ସାହିତ୍ୟିକ ସମ୍ମାନ, ଜ୍ଞାନପୀଠ ଦ୍ୱାରା ସେ ପୁରସ୍କୃତ।

ଟ 25.00

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com